# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ମେ ୧୪/୨୦୨୧ (୧୨ ପୃଷ୍ଠା) | Sambalpur, Friday, May 14/2021 | ★★

୧୭ଶ ଭାଗ ୧୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ପାୱାର ହେଲେ ମହିଳା କ୍ରିକେଟ କୋଚ୍**
ପୂର୍ବତନ ଟିମ୍ ଇଣ୍ଡିଆ ସ୍ପିନର ରମେଶ ପାୱାର ଭାରତୀୟ ମହିଳା କ୍ରିକେଟ ଦଳର ମୁଖ୍ୟ କୋଚ୍ ପଦକୁ ଫେରିଛନ୍ତି।

୧୨

୧୦

**୧୯ ବର୍ଷରେ ହୋଇଥିଲେ ପର୍ନଷ୍ଟାର**
୪୦ ବର୍ଷରେ ପାଦ ଥାପିଥିବା ବଲିଉଡ୍ ବେବି ଗର୍ଲ ସନି ଲିଓନି ମାତ୍ର ୧୯ ବର୍ଷ ବୟସରେ ପର୍ନ ଇଣ୍ଡଷ୍ଟ୍ରୀରେ କାମ କରିଥିଲେ।






# ମୂଳମୂଲ୍ୟ ଧୀମା, ଖୁଚୁରା ବଢ଼ୁଛି

**ନୂଆଦିଲ୍ଲୀ,୧୩।୫**

- ମହାମାରୀରେ ବଢ଼ାଇଛନ୍ତି ୨୦ ଟଙ୍କା
- ବେସ୍ ପ୍ରାଇସ ୩ରୁ ୪ ଟଙ୍କା ବୃଦ୍ଧି
- କେନ୍ଦ୍ର-ରାଜ୍ୟର ଉଚ୍ଚ ଟିକସରୁ ତେଲ ଊର୍ଦ୍ଧ୍ୱଗାମୀ
- ଲଗାତର ବଢ଼ି ଚାଲିଛି ତେଲ ଦର



କରୋନା ମହାମାରୀ ସମୟରେ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ଲୋକଙ୍କ ଚିନ୍ତା ବଢ଼ାଇଛି। ଗତ ୩ ଦିନ ଧରି ତେଲ ଦର ବଢିଥିବା ବେଳେ ଗୁରୁବାର ଏହା ଅପରିବର୍ତ୍ତିତ ରହିଛି। ଗତ ବର୍ଷ ମେ ମାସଠାରୁ ଚଳିତ ବର୍ଷ ଅଦ୍ୟାବଧି ତେଲର ରିଟେଲ ବା ଖୁଚୁରା ମୂଲ୍ୟ ପ୍ରାୟ ୨୦ ଟଙ୍କାରୁ ଊର୍ଦ୍ଧ୍ୱ ବଢିଥିବା ଜଣାପଡିଛି। ଏହି ସମୟରେ ଇନ୍ଧନର ମୂଳ ମୂଲ୍ୟ (ବେସ୍ ପ୍ରାଇସ୍) ଉପରେ ମାତ୍ର ୩ରୁ ୪ ଟଙ୍କା ବୃଦ୍ଧିପାଇଥିବା ତୈଳ ବିପଣନ କମ୍ପାନୀଗୁଡିକ ପକ୍ଷରୁ ସୂଚନା ମିଳିଛି। ଆଲୋଚନା ହେଉଛି ଯେ, ମୂଳ ମୂଲ୍ୟ ସେଭଳି ବଢୁ ନ ଥିବା ବେଳେ ଖୁଚୁରା ଦର ଯଥେଷ୍ଟ ବଢିଛି। ସାଧାରଣତଃ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢିଲେ ମୂଳ ମୂଲ୍ୟ ଉପରେ ଏହାର ପ୍ରଭାବ ପଡ଼ିଥାଏ। ହେଲେ ଭାରତରେ ଏହି ମୂଲ୍ୟ ଧୀମା ରହୁଥିବା ବେଳେ କେନ୍ଦ୍ର ଏବଂ ରାଜ୍ୟ ସରକାରଗୁଡିକ ପର୍ଯ୍ୟାପ୍ତ ଟିକସ ବଢାଉଥିବାରୁ ଖୁଚୁରା ଦର ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି।

୨୦୨୦ ମେ ପହିଲାରେ ନୂଆଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ଦର ୬୯.୫୯ ଟଙ୍କା ରହିଥିଲା। ଏହି ସମୟରେ ମୂଳ ମୂଲ୍ୟ ୨୭.୯୫ ଟଙ୍କା ରହିଥିଲା। ସେହିଭଳି ଡିଜେଲର ମୂଳ ମୂଲ୍ୟ ୨୪.୮୫ ଟଙ୍କା ଥିବା ବେଳେ ରିଟେଲ ଦର ୬୨.୨୯ ଟଙ୍କାରେ ବିକ୍ରି ହେଉଥିଲା। ଚଳିତ ବର୍ଷ ମେ ପହିଲା ସୁଦ୍ଧା ପେଟ୍ରୋଲ ମୂଳ ମୂଲ୍ୟ ଉପରେ ଦର ୩.୫୩ ଟଙ୍କା ବଢି ଏହା ୩୧.୪୮ ଟଙ୍କା ଛୁଇଁଛି। ମାତ୍ର ରିଟେଲ ଦରରେ ୨୦.୮୧ ଟଙ୍କା ବୃଦ୍ଧି ହେବା ଯୋଗୁ ଲିଟର ପିଛା ପେଟ୍ରୋଲ ୯୦.୪୦ ଟଙ୍କାରେ ବିକ୍ରି ହେଉଛି। ଅପରପକ୍ଷରେ ଡିଜେଲ ମୂଳ ଦାମରେ ୪.୧୭ ଟଙ୍କା ବୃଦ୍ଧି ହୋଇଥିବା ବେଳେ ରିଟେଲ ଦର କିନ୍ତୁ ୨୦.୩୨ ଟଙ୍କା ବୃଦ୍ଧି ପାଇ ୮୨.୬୧ ଟଙ୍କା ଛୁଇଁଛି।

ଅନେକେ ଯୁକ୍ତି ବାଢନ୍ତି ଯେ, ଗତ ବର୍ଷ ମେ ମାସରେ ଅଶୋଧିତ ତୈଳ ବ୍ୟାରେଲ ପିଛା ୩୦ ଡଲାରକୁ ଖସିଥିଲା। ଏହା ବର୍ତ୍ତମାନ ୬୬ ଡଲାର ଛୁଇଁଛି। ଦର ବୃଦ୍ଧିରେ ଅନ୍ତର୍ଜାତୀୟ ବଜାରର ଅଶୋଧିତ ତେଲକୁ ବିଚାରକୁ ନିଆଯାଇଥାଏ। ଟଙ୍କା-ଡଲାର ବିନିମୟ ମୂଲ୍ୟ ଏବଂ ଅନ୍ତର୍ଜାତୀୟ ବୁଝାମଣାକୁ ଧ୍ୟାନରେ ରଖାଯାଇଥାଏ। ଅଶୋଧିତ ତେଲ ଦର ୨ ଗୁଣ ହୋଇଥିବା ବେଳେ ଇନ୍ଧନର ମୂଳ ଦର କିନ୍ତୁ ସେଭଳି ବଢ଼ିନାହିଁ। ପ୍ରକୃତ କଥା ଏହା ଯେ, ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଇନ୍ଧନ ଉପରେ ମାତ୍ରାଧିକ ଟିକସ ଲଦି ଦେଇ କରୋନା କାଳରେ ଖାଉଟିଙ୍କଠାରୁ ଉଚ୍ଚ ହାରରେ ଟିକସ ଆଦାୟ କରିବାରେ ସକ୍ଷମ ହୋଇଥିବା କୁହାଯାଉଛି। କେନ୍ଦ୍ର ସରକାର ପେଟ୍ରୋଲ ଉପରେ ୧୩ ଟଙ୍କା ଏବଂ ଡିଜେଲ ଉପରେ ୧୬ ଟଙ୍କାର ଉତ୍ପାଦ ଟିକସ ବଢ଼ାଇଛନ୍ତି। ମହାମାରୀ ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଖସିବା ଯୋଗୁ ଗତ ବର୍ଷ ମାର୍ଚ୍ଚ ରୁ ମେ ମଧ୍ୟରେ ଏଭଳି ଟିକସ ସରକାର ବଢାଇଥିଲେ।

ଦୁଇଥରରେ ପେଟ୍ରୋଲ ଉପରେ ଉତ୍ପାଦ ଟିକସ ପ୍ରାୟ ୬୫% ବଢିଛି। ପୂର୍ବରୁ ଏହି ବର୍ଗରେ ୧୯.୯୮ ଟଙ୍କା ଟିକସ ଥିବା ବେଳେ ଏହା ବର୍ତ୍ତମାନ ୩୨.୯୮ ଟଙ୍କା ରହିଛି। ସେହିଭଳି ଡିଜେଲରେ ପ୍ରାୟ ୭୯% ଉତ୍ପାଦ ଟିକସ ବୃଦ୍ଧି ପାଇଛି। ଗତ ବର୍ଷ ମେ ବେଳକୁ ଏହା ୧୫.୮୩ ଥିବା ବେଳେ ବର୍ତ୍ତମାନ ୨୮.୩୫ ଟଙ୍କା ରହିଛି। ପେଟ୍ରୋଲ ଏବଂ ଡିଜେଲର ମୋଟ ମୂଲ୍ୟ ଉପରେ ଏବେ ଲୋକମାନେ ଯଥାକ୍ରମେ ୩୬% ଓ ୩୪% ଉତ୍ପାଦ ଟିକସ ଦେଉଛନ୍ତି। ନୂଆଦିଲ୍ଲୀରେ ୨୨% ଭାଟ୍ ଲାଗୁଥିବା ବେଳେ ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ଭଳି ରାଜ୍ୟଗୁଡିକରେ ଟିକସ ଅଧିକ ରହିଛି। ଅର୍ଥାତ୍ ରାଜ୍ୟ ରାଜ୍ୟ ମଧ୍ୟରେ ଟିକସର ତଫାତ୍ ପରିଲକ୍ଷିତ ହେଉଛି। ଟିକସ ଯୋଗୁ ଖାଉଟିଙ୍କୁ ଦର ବୃଦ୍ଧିର ବୋଝ ମୁଣ୍ଡାଇବାକୁ ପଡୁଛି। ଚଳିତ ବର୍ଷ ଜାନୁୟାରୀରେ ଅନ୍ତର୍ଜାତୀୟ ବଜାରରେ ଦର ବଢିବାରୁ ତୈଳ ବିପଣନ କମ୍ପାନୀ ପୁଣି ଥରେ ଫେବୃୟାରୀ ୧୭ରୁ ଦର ବଢାଇବା ଆରମ୍ଭ କରିଥିଲେ। ଫଳରେ ଦେଶ ଭିତରେ ☞ପୃଷ୍ଠା-୪

## ସାରାରାଜ୍ୟରେ ଝଡ଼ବର୍ଷା

**ଭୁବନେଶ୍ୱର,୧୩।୫(ବ୍ୟୁରୋ)**

ରାଜ୍ୟରେ ଗତ କିଛିଦିନ ଧରି ଝଡ଼ବର୍ଷା ଲାଗି ରହିଛି। ଗୁରୁବାର ପାରାଦୀପରେ ୨୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୩୨.୮, ଚାନ୍ଦବାଲି ୨୭, ଗୋପାଳପୁର ୧୯, ବାଲେଶ୍ୱର ୪, ପୁରୀ ୪, ଅନୁଗୋଳ ୭, ବାରିପଦା ୨.୪, ଝାରସୁଗୁଡା ୪, ତାଳଚେର ୫, ଫୁଲବାଣୀ ୪.୨, ଦାରିଙ୍ଗବାଡି ୧୨, ନୟାଗଡ଼ ୫.୧, ଛତ୍ରପୁରରେ ୧୮.୭ ଡିଗ୍ରୀ ରେକର୍ଡ କରାଯାଇଛି। ଲଗାତର ଝଡ଼ବର୍ଷା ଲାଗି ରହୁଥିବାରୁ ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ନାହିଁ। ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ତଳେ ରହୁଛି। ୧୫ ତାରିଖ ଯାଏ ରାଜ୍ୟର କେତେକ ସ୍ଥାନରେ ଝଡ଼ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, କନ୍ଧମାଳ, ରାୟଗଡ଼ା ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ୧୪ ତାରିଖରେ ସୁନ୍ଦରଗଡ଼, ☞ପୃଷ୍ଠା-୪

## ୟୁପିଏସ୍‌ସି ସିଭିଲ୍ ପ୍ରିଲିମ୍ ପରୀକ୍ଷା ଘୁଞ୍ଚିଲା




**ନୂଆଦିଲ୍ଲୀ, ୧୩।୫(ପି.ଟି.):** ଦେଶରେ କରୋନା ସଂକ୍ରମଣ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ଚଳିତ ବର୍ଷ ଜୁନ୍‌ରେ ହେବାକୁ ଥିବା ସିଭିଲ୍ ସର୍ଭିସ ପ୍ରିଲିମିନାରି ପରୀକ୍ଷାକୁ ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍) ଏବଂ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସର ଚୟନ ଲାଗି କମିଶନ ସିଭିଲ୍ ସର୍ଭିସ ପରୀକ୍ଷା ତିନି ପର୍ଯ୍ୟାୟରେ (ପ୍ରିଲିମିନାରି, ମୁଖ୍ୟ ପରୀକ୍ଷା ଓ ସାକ୍ଷାତ୍‌କାର) କରିଥାଏ। ତେବେ ସଂକ୍ରମଣ ଅତ୍ୟଧିକ ବଢ଼ିଥିବାରୁ ଜୁନ୍ ୨୭ରେ ଅନୁଷ୍ଠିତ ହେବାକୁ ଥିବା ସିଭିଲ୍ ସର୍ଭିସ ପ୍ରିଲିମ୍ ପରୀକ୍ଷାକୁ ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଅକ୍ଟୋବର ୧୦ରେ ଉକ୍ତ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ୟୁପିଏସ୍‌ସି ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଗତବର୍ଷ ମହାମାରୀ ପାଇଁ ସିଭିଲ୍ ସର୍ଭିସ ପରୀକ୍ଷାକୁ ମେ’ ୩୧ରୁ ଅକ୍ଟୋବର ୪କୁ ଘୁଞ୍ଚାଇ ଦିଆଯାଇଥିଲା। ଏପର୍ଯ୍ୟନ୍ତ ମୁଖ୍ୟ ଲିଖିତ ପରୀକ୍ଷା ଶେଷ ହୋଇଥିଲେ ମଧ ସାକ୍ଷାତ୍‌କାର ହୋଇପାରି ନାହିଁ। ମହାମାରୀ କାରଣରୁ ୟୁପିଏସ୍‌ସି ଅନ୍ୟାନ୍ୟ ପରୀକ୍ଷାକୁ ମଧ ସ୍ଥଗିତ ରଖିଥିଲା।

**ଆଜିର ସମ୍ପାଦକୀୟ**

ନୀତି ମଡେଲକୁ ସାବଧାନ

## ପ୍ରାତଃଭ୍ରମଣ ମନା

**ଭୁବନେଶ୍ୱର,୧୩।୫(ବ୍ୟୁରୋ)**

**କଠୋର ହେଲା କମିଶନରେଟ ପୋଲିସ**
- ଆଇଟି କର୍ମଚାରୀଙ୍କ ପାଇଁ ହେବ ପାସ୍ ବ୍ୟବସ୍ଥା
- ଔଷଧ କଳାବଜାର, ରୋଗୀଙ୍କୁ ଶୋଷଣ କଲେ କାର୍ଯ୍ୟାନୁଷ୍ଠାନ
- ୨ କୋଟିରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ, ୨୬୯ ଗିରଫ

ରାଜ୍ୟରେ ଲକ୍‌ଡାଉନ୍, ଶଟ୍‌ଡାଉନ୍ ସତ୍ତ୍ୱେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତିଦିନ ବଢ଼ି ଚାଲିଛି। ବିଶେଷକରି କଟକ ଓ ଭୁବନେଶ୍ୱର ଦ୍ୱୈତନଗରୀରେ ସଂକ୍ରମଣ ଅଧିକ ବଢୁଛି। ତେଣୁ କମିଶନରେଟ୍ ପୋଲିସ କଠୋର ଆଭିମୁଖ୍ୟ ଆପଣାଇଛି। ପୂର୍ବରୁ ଜାରି କଟକଣାକୁ ଅଧିକ କଡ଼ାକଡ଼ି କରାଯାଇଛି। ଲକ୍‌ଡାଉନ ସମୟରେ ଲୋକଙ୍କ ପ୍ରାତଃ-ସାନ୍ଧ୍ୟା ଭ୍ରମଣ ଓ ସାଇକ୍ଲିଂରେ ସାମାନ୍ୟ କୋହଳ କରାଯାଇଥିଲା। ଏହାକୁ ଏବେ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ଗୁରୁବାର ଏନେଇ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ। ସେ କହିଛନ୍ତି, ଲକ୍‌ଡାଉନ୍‌ର ମୂଳ ଲକ୍ଷ୍ୟ ହେଉଛି ଲୋକମାନେ ବାହାରକୁ ନ ଆସି ଘରେ ରହିବେ। ହେଲେ କିଛି ଲୋକ ଭ୍ରମଣ ଓ ସାଇକ୍ଲିଂ ବାହାନାରେ ଘରୁ ☞ପୃଷ୍ଠା-୪

## ବଜ୍ରାଘାତରେ ୧୮ ହାତୀ ମୃତ

**ଗୁଆହାଟୀ,୧୩।୫**

ଆସାମର ନଗାଁଓ ଜିଲା ପାର୍ବତ୍ୟାଞ୍ଚଳରେ ଯାଇଛି ୧୮ ହାତୀଙ୍କ ଜୀବନ। କୁଣ୍ଡୋଲି ପ୍ରପୋଜ୍‌ଡ ରିଜର୍ଭ ଫରେଷ୍ଟ (ପିଆର୍‌ଏଫ୍)ରେ ବୁଧବାର ରାତିରେ ଘଟିଛି ଏହି ଦୁଃଖଦ ଘଟଣା। ଏତେ ସଂଖ୍ୟକ ହାତୀଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ବଜ୍ରାଘାତରେ ହାତୀ ପଲର ଜୀବନ ଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ପ୍ରକୃତ କାରଣ ସ୍ପଷ୍ଟ କରିବା ଲାଗି ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ଗୁରୁବାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

କୁଣ୍ଡୋଲି ଜଙ୍ଗଲରେ ହାତୀ ପଲ ବୁଲୁଥିବାବେଳେ ବୁଧବାର ରାତିରେ ହଠାତ୍ ବଜ୍ରପାତ ☞ପୃଷ୍ଠା-୪



ଆସାମର କୁଣ୍ଡୋଲି ଜଙ୍ଗଲରେ ହାତୀଙ୍କ ମୃତଦେହ ପଡ଼ିଛି।

## କୋଭିଶିଲ୍ଡର ଦ୍ୱିତୀୟ ଡୋଜ୍ ଅବଧି ବଢ଼ିଲା

**୧୨ରୁ ୧୬ ସପ୍ତାହ**

**ନୂଆଦିଲ୍ଲୀ, ୧୩।୫**

ସିରମ୍ ଇନ୍‌ଷ୍ଟିଚ୍ୟୁଟ ପ୍ରସ୍ତୁତ କୋଭିଶିଲ୍ଡ ଟିକା ପ୍ରଥମ ଡୋଜ୍ ନେବାର ୧୨ରୁ ୧୬ ସପ୍ତାହ ପରେ ଦ୍ୱିତୀୟ ଡୋଜ୍ ନେବାକୁ ସରକାରୀ କମିଟି ନ୍ୟାଶନାଲ ଟେକ୍ନିକାଲ ଆଡଭାଇଜରି ଗ୍ରୁପ୍ ଅନ୍ ଇମ୍ୟୁନାଇଜେଶନ (ଏନ୍‌ଟିଏଜିଆଇ) ଗୁରୁବାର ସୁପାରିସ କରିଥିଲା। କେନ୍ଦ୍ର ସରକାର ଉକ୍ତ ସୁପାରିସ୍‌କୁ ଗ୍ରହଣ କରିଛନ୍ତି। ପୂର୍ବରୁ ଦୁଇଟି ଡୋଜ୍ ମଧ୍ୟରେ ବ୍ୟବଧାନ ୬ରୁ ୮ ସପ୍ତାହ ରଖିବା ଲାଗି କୁହାଯାଇଥିଲା। ଏବେ ତାହାକୁ ୧୨ରୁ ୧୬ ସପ୍ତାହ ପର୍ଯ୍ୟନ୍ତ ବଢ଼ାଇବାକୁ ପରାମର୍ଶ ଦିଆଯାଇଛି। ତେବେ କୋଭାକ୍ସିନ ଟିକାର ଦୁଇଟି ଡୋଜ୍ ମଧ୍ୟରେ ବ୍ୟବଧାନରେ କୌଣସି ପରିବର୍ତ୍ତନ ହୋଇନାହିଁ। ☞ପୃଷ୍ଠା-୪





DADLS-06

ପବିତ୍ର ଇଦ୍-ଉଲ୍ ଫିତ୍ର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

‘କରୋନା’ ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା କରିବା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR-15001/13/0008/2122




DADLS-06

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ମୁଁ ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

କୋଭିଡର ଦ୍ୱିତୀୟ ଲହରୀର ଭୟାବହତା ଦୃଷ୍ଟିରୁ ମାସ୍କ ପିନ୍ଧିବା, ହାତ ଧୋଇବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ଆଦି କୋଭିଡର ସମସ୍ତ ନିୟମ ପାଳନ ସହିତ ପର୍ବ ପାଳନ ପାଇଁ ମୋର ନିବେଦନ ।

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0008/2122




DADLS-06

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଅବସରରେ ମୁଁ ରାଜ୍ୟବାସୀ ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ସଂପ୍ରତି କରୋନା ମହାମାରୀର ଦ୍ୱିତୀୟ ଲହର ସଂକ୍ରମଣ ବିରୁଦ୍ଧରେ ଆମର ଲଢ଼େଇ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଲାଗୁ କରାଯାଇଥିବା କଟକଣା କଡ଼ାକଡ଼ି ଭାବେ ଅନୁପାଳନ କରିବା ସହିତ ସମସ୍ତେ ଧୈର୍ଯ୍ୟ, ସାହସ ଓ ଆତ୍ମବିଶ୍ୱାସର ସହ ମହାମାରୀର ମୁକାବିଲା ଦିଗରେ ସକ୍ରିୟ ସହଯୋଗ ବଜାୟ ରଖିବାକୁ ମୁଁ ନିବେଦନ କରୁଛି ।

(ରଘୁନନ୍ଦନ ଦାସ)
ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR-15001/13/0008/2122

## ସଂକ୍ଷେପରେ

### ଆଜି ପିଏମ୍-କିଷାନର ଅଷ୍ଟମ କିସ୍ତି

**ନୂଆଦିଲ୍ଲୀ, ୧୩।୫(ପି.ଟି.):** ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାରେ ମିଳୁଥିବା ଆର୍ଥିକ ସହାୟତାର ଅଷ୍ଟମ କିସ୍ତି ଶୁକ୍ରବାର ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍ଫରେନ୍ସ ଜରିଆରେ ଏହି ଅର୍ଥ ଛାଡ଼ିବେ। ୯.୫ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀ କୃଷକ ପରିବାର ଏଥିରେ ଉପକୃତ ହେବେ। ଏ ବାବଦରେ ୧୯,୦୦୦ କୋଟିରୁ ଅଧିକ ଟଙ୍କା ସେମାନଙ୍କ ଆକାଉଣ୍ଟକୁ ପଠାଯିବ ବୋଲି ପିଏମ୍‌ଓ ପକ୍ଷରୁ କୁହାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ କେତେଜଣ ହିତାଧିକାରୀଙ୍କ ସହ କଥା ହେବେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ମଧ ଉପସ୍ଥିତ ରହିବେ। ପିଏମ୍-କିଷାନ ଯୋଜନାରେ ହିତାଧିକାରୀମାନଙ୍କୁ ବର୍ଷକୁ ୬୦୦୦ ଟଙ୍କା ତିନୋଟି କିସ୍ତିରେ ଯୋଗାଇ ଦିଆଯାଉଛି।

### ଗୋଟିଏ ଫୁସ୍‌ଫୁସ୍‌ରେ କରୋନାକୁ ହରାଇଲେ



**ଭୋପାଳ, ୧୩।୫:** ଶରୀରରେ ଗୋଟିଏ ଫୁସ୍‌ଫୁସ୍ ଥାଇ କରୋନାରୁ ସୁସ୍ଥ ହୋଇଛନ୍ତି ମଧ୍ୟପ୍ରଦେଶର ଜଣେ ନର୍ସ ପ୍ରଫୁଲ୍ଲିତ୍ ପିଟର। ୩୯ ବର୍ଷୀୟ ନର୍ସ ଜଣକ ସଂକ୍ରମିତ ହେବାର ୧୪ ଦିନ ପରେ ତାଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ପିଲାବେଳେ ଏକ ଦୁର୍ଘଟଣା ଯୋଗୁ ତାଙ୍କର ଗୋଟିଏ ଫୁସ୍‌ଫୁସ୍ ହରାଇଥିଲେ। ଘରୋଇ ଚିକିତ୍ସା, ଯୋଗ ପ୍ରାଣାୟମ କରି ସେ କରୋନାରୁ ସୁସ୍ଥ ହୋଇପାରିଥିବା କହିଛନ୍ତି। କୋଭିଡ୍ ଟିକାର ୨ ଡୋଜ୍ ନେଇ ମଧ ସଂକ୍ରମିତ ହୋଇଥିଲେ।

### କୋଭିଡ୍ କ୍ଷତିଗ୍ରସ୍ତ ପରିବାରଙ୍କୁ ମାସିକ ୫୦୦୦ ଟଙ୍କା ଭତ୍ତା ଦେବେ ଏମ୍‌ପି ସରକାର

**ଭୋପାଳ, ୧୩।୫(ଆଇଏଏନ୍‌ଏସ୍):** କୋଭିଡ୍ ମହାମାରୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଗରିବ ପରିବାର ଏବଂ ଯେଉଁ ପରିବାରରେ ପିଲାମାନେ ସେମାନଙ୍କ ମାଆବାପା କିମ୍ବା ଅଭିଭାବକଙ୍କୁ ହରାଇଛନ୍ତି, ସେମାନଙ୍କୁ ମଧ୍ୟପ୍ରଦେଶ ସରକାର ମାସିକ ୫ ହଜାର ଟଙ୍କା ଭତ୍ତା ଯୋଗାଇଦେବାକୁ ଘୋଷଣା କରିଛନ୍ତି। କରୋନା ମହାମାରୀ ଅନେକ ପରିବାରକୁ ତଳିତଳାନ୍ତ କରିଦେଇଛି। ପରିବାରରୁ ରୋଜଗାରକ୍ଷମ ସଦସ୍ୟଙ୍କୁ ଛଡ଼ାଇ ନେଇଛି ମହାମାରୀ। ଉକ୍ତ ପରିବାରରେ ରହିଥିବା ବୃଦ୍ଧାବୃଦ୍ଧଙ୍କ ଦେଖାଶୁଣା କରିବାକୁ କେହିନାହାଁନ୍ତି। କେତେକ ପରିବାରରେ ପିଲାମାନେ କରୋନାରେ ମାଆବାପାଙ୍କୁ ହରାଇ ଅନାଥ ହୋଇଯାଇଛନ୍ତି। ଉକ୍ତ ପରିବାରଗୁଡ଼ିକୁ ମାସିକ ୫,୦୦୦ ଟଙ୍କା ଭତ୍ତା ଯୋଗାଇ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଥିବା ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି। ଏହାଦ୍ୱାରା ସେମାନେ ଅନ୍ୟର ସହାୟତା ବିନା ବଞ୍ଚିପାରିବେ। ଏଥିସହିତ ଉକ୍ତ ପିଲାମାନଙ୍କୁ ମାଗଣାରେ ଶିକ୍ଷା ଯୋଗାଇ ଦିଆଯିବା ସହ ପରିବାରକୁ ରାଶନ ସାମଗ୍ରୀ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଚୌହାନ କହିଛନ୍ତି। ସେହିପରି କରୋନାରେ କ୍ଷତିଗ୍ରସ୍ତ ହୋଇଥିବା ମହିଳାମାନଙ୍କୁ ବିନା ସୁଧରେ ଋଣ ଯୋଗାଇ ଦେବା ଲାଗି ମଧ୍ୟପ୍ରଦେଶ ସରକାର ନିଷ୍ପତ୍ତି ନେଇଛନ୍ତି।



## ଗଲ୍ ଗ୍ୟାଡଟ୍‌ଙ୍କ ଟୁଇଟ୍‌କୁ ବିରୋଧ

ଇସ୍ରାଏଲ-ପାଲେଷ୍ଟାଇନ୍ ସଂଘର୍ଷକୁ ନେଇ ହଲିଉଡ୍ ଷ୍ଟାର ତଥା ଇସ୍ରାଏଲ ଅଭିନେତ୍ରୀ ଗଲ୍ ଗ୍ୟାଡଟ୍‌ଙ୍କ ଟୁଇଟ କରିବା ପରେ ଏହାକୁ ଇସ୍ରାଏଲ ବିରୋଧୀଙ୍କ ସମେତ ଅନେକ ତାଙ୍କ ଉପରେ ବର୍ଷିଛନ୍ତି। 'ମୋ ଦେଶରେ ଏବେ ଯୁଦ୍ଧ ପରିସ୍ଥିତି ଯୋଗୁ ମୁଁ ମର୍ମାହତ। ଆମ ନେତା ଏସବୁର ସମାଧାନ ବାହାର କରିବେ ବୋଲି ବିଶ୍ୱାସ, ଯାହା ଦ୍ୱାରା ଆମେ ସମସ୍ତେ ଶାନ୍ତିରେ ରହିପାରିବା' ବୋଲି 'ଓ୍ୱଣ୍ଡର ଓମ୍ୟାନ' ଅଭିନେତ୍ରୀ ଟୁଇଟ୍ କରିଥିଲେ। ଟୁଇଟ୍‌ରେ ପାଲେଷ୍ଟାଇନ ନାମ ନ ଥିବାରୁ ତାଙ୍କୁ ଅନେକେ ସମାଲୋଚନା କରିଥିଲେ। ଏପରିକି ସେ ପୂର୍ବରୁ ଇସ୍ରାଏଲ ସୈନ୍ୟବାହିନୀରେ କାମ କରିଥିବାରୁ ପ୍ରଚାର ପାଇଁ ଏପରି କରୁଥିବା କେତେଜଣ କହିଥିଲେ। ପରେ ଗଲ୍ ଗ୍ୟାଡଟ୍ ତାଙ୍କ କମେଣ୍ଟ ସେକ୍ସନକୁ ଅଫ୍ କରିଦେଇଥିଲେ।

## ଭାରତ ହିଁ ବିଶ୍ୱକୁ ଟିକା ଯୋଗାଇପାରିବ



ଅନେକ ଦେଶରେ ଟିକା ଉତ୍ପାଦନକାରୀ କମ୍ପାନୀ ରହିଛି। କିନ୍ତୁ ସମଗ୍ର ବିଶ୍ୱକୁ ଟିକା ଯୋଗାଇଦେବାର କ୍ଷମତା କେବଳ ଭାରତ ପାଖରେ ଅଛି ବୋଲି କହିଛନ୍ତି ଭାରତରେ ଅବସ୍ଥାପିତ ଅଷ୍ଟ୍ରେଲିଆ ରାଷ୍ଟ୍ରଦୂତ ବାରୀ ଓ' ଫରେଲ୍। ଏଥିସହ ଅଷ୍ଟ୍ରେଲିଆରୁ ପଠାଯାଇଥିବା ୧୦୫୬ ଭେଣ୍ଟିଲେଟର, ୪୩ ଅକ୍ସିଜେନ କନ୍‌ସେନଟ୍ରେଟର ଭାରତ ସରକାରଙ୍କ ନିକଟରେ ପହଞ୍ଚିଥିବା ଏବଂ ତାହା ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆସାମ ଓ ବିହାର ରାଜ୍ୟକୁ କୋଭିଡ୍ ରୋଗୀଙ୍କ ଚିକିତ୍ସା ନିମନ୍ତେ ପଠାଯାଇଥିବା ନେଇ କେନ୍ଦ୍ର ସରକାର ଜଣାଇଥିବା ସେ ପ୍ରକାଶ କରିଛନ୍ତି। ଭାରତର ବିପଦ ସମୟରେ ଅଷ୍ଟ୍ରେଲିଆ ସହଯୋଗ କରିଥିବାରୁ ସେ ଗର୍ବିତ ବୋଲି କହିଛନ୍ତି।

## ହାତରେ ଟଙ୍କା କି କାମ ନାହିଁ
# କେମିତି ବଞ୍ଚିବେ ପ୍ରବାସୀ
### ୧୦ ଦିନରେ ଜବାବ ଦାଖଲ ପାଇଁ ଓଡ଼ିଶା ସମେତ ୭ ରାଜ୍ୟକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୩।୫**

କୋଭିଡ୍-୧୯ର ଦ୍ୱିତୀୟ ଲହର ମୁକାବିଲା ପାଇଁ ବିଭିନ୍ନ ରାଜ୍ୟରେ ସରକାରମାନେ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏଥିଯୋଗୁ ପ୍ରବାସୀ ଶ୍ରମିକମାନଙ୍କ ହାତରେ ଟଙ୍କା ନାହିଁ କି କାମ ମଧ ନାହିଁ। ଏଭଳି ସ୍ଥିତିରେ ସେମାନେ କେମିତି ବଞ୍ଚିବେ ବୋଲି ଗୁରୁବାର ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ଏହାସହ ପ୍ରବାସୀଙ୍କ ନିଷ୍ଠୁର ବାସ୍ତବତାକୁ ହୃଦୟଙ୍ଗମ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ନିଜ ଘରକୁ ଫେରିଯିବା ପାଇଁ ଚାହୁଁଥିବା ପ୍ରବାସୀମାନଙ୍କ ଯିବା ସୁବିଧା କରିବା ଲାଗି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି। ପ୍ରବାସୀ ସଙ୍କଟର ପରିଚାଳନାରେ ବିଳମ୍ବକୁ ନେଇ ସର୍ବୋଚ୍ଚ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରବାସୀ ଶ୍ରମିକଙ୍କ ଦୁର୍ଦ୍ଦଶା ଦୂର କରିବା ଲାଗି କ'ଣ ପଦକ୍ଷେପ ନେଇଛ, ୧୦ ଦିନ ମଧ୍ୟରେ ଜବାବ ଦାଖଲ କରିବା ପାଇଁ ଅଦାଲତ ଓଡ଼ିଶା, ଦିଲ୍ଲୀ ସମେତ ୭ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସେମାନଙ୍କୁ ଜବାବ ଦାଖଲ ପାଇଁ ଶେଷ ସୁଯୋଗ ବୋଲି ଖଣ୍ଡପୀଠ କହିଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକ ହେଲେ ଉତ୍ତରପ୍ରଦେଶ, ଗୁଜରାଟ, ମହାରାଷ୍ଟ୍ର, ବିହାର ଓ ହରିୟାଣା।



ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଏମ୍.ଆର୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ରାଜ୍ୟଗୁଡ଼ିକୁ ଗୋଷ୍ଠୀ ରୋଷେଇ ବ୍ୟବସ୍ଥା ସହ ଘରକୁ ଫେରିବାକୁ ଆଗ୍ରହୀ ପ୍ରବାସୀ ଶ୍ରମିକମାନଙ୍କ ଯାତାୟାତ ସୁବିଧା କରିବାକୁ ନିର୍ଦ୍ଦେଶ ଦିଆଯିବ। ବିନା କାମ ଓ ଟଙ୍କାରେ ପ୍ରବାସୀମାନେ କେମିତି ବଞ୍ଚିବେ ବୋଲି କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ସ୍ଥିତିରେ ସେମାନଙ୍କୁ କିଛି ସହାୟତା ଦିଆଯିବା ଜରୁରୀ ହୋଇପଡ଼ିଛି। ସରକାର ଏହି ନିଷ୍ଠୁର ବାସ୍ତବତାକୁ ବୁଝନ୍ତୁ ବୋଲି କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ଖଣ୍ଡପୀଠ କହିଛନ୍ତି।

ମହାମାରୀର ଦ୍ୱିତୀୟ ଲହର ସମୟରେ କଳକାରଖାନା ବନ୍ଦ ହୋଇଯିବା ପରେ କେତେଜଣ ପ୍ରବାସୀ ଶ୍ରମିକ ଜୀବିକା ହରାଇଛନ୍ତି ଏବଂ ସେମାନଙ୍କୁ ସହାୟତା ପ୍ରଦାନ ପାଇଁ କି ପଦକ୍ଷେପ ନିଆଯାଇଛି ସେନେଇ ଉତ୍ତରପ୍ରଦେଶ, ହରିୟାଣା ଓ ଦିଲ୍ଲୀ ସରକାରଙ୍କୁ ଖଣ୍ଡପୀଠ ବିସ୍ତୃତ ରିପୋର୍ଟ ମାଗିଛନ୍ତି। ଯେଉଁ ପ୍ରବାସୀ ଶ୍ରମିକମାନେ ଘରକୁ ଫେରୁଛନ୍ତି ସେମାନଙ୍କଠାରୁ ଘରୋଇ ବସ୍ ଅପରେଟମାନେ ଅତ୍ୟଧିକ ଭଡ଼ା ମାଗନ୍ତୁ ନାହିଁ। ସେମାନଙ୍କୁ ଘରେ ପହଞ୍ଚାଇବା ପାଇଁ କେନ୍ଦ୍ର ସରକାର ଟ୍ରେନ୍ ଚଳାଇବା ନେଇ ବିଚାର କରନ୍ତୁ।

ପ୍ରବାସୀ ଶ୍ରମିକଙ୍କୁ ଖାଦ୍ୟ ନିରାପତ୍ତା, ଅର୍ଥ ହସ୍ତାନ୍ତର, ପରିବହନ ସୁବିଧା ଓ ଅନ୍ୟ କଲ୍ୟାଣକାରୀ ଯୋଜନାର ଲାଭ ପ୍ରଦାନ ସୁନିଶ୍ଚିତ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେବା ଲାଗି ୩ ଜଣ ଅଧିକାର କର୍ମୀ ସୁପ୍ରିମକୋର୍ଟରେ ପିଟିଶନ ଦାଖଲ କରିଥିଲେ। ସେମାନଙ୍କ ଆବେଦନର ଶୁଣାଣି କରି ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି।

## ୩୧୬ ଜିଲାରେ ବଢୁଛି ସଂକ୍ରମଣ

- କୋଭିଡ୍ ପଜିଟିଭ୍ ହାର ୨୦%କୁ ହ୍ରାସ
- ଦିନକରେ ୩.୬୨ ଲକ୍ଷ ସଂକ୍ରମିତ, ୪,୧୨୦ ମୃତ

**ନୂଆଦିଲ୍ଲୀ, ୧୩।୫**

ଭାରତରେ ଗତ ୨୪ ଘଣ୍ଟା ମଧ୍ୟରେ ୩,୬୨,୭୨୭ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ କରୋନା ୪,୧୨୦ ଜଣଙ୍କ ଜୀବନ ନେଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୩୭,୦୩,୬୬୫ରେ ପହଞ୍ଚିଥିବାବେଳେ ୨,୫୮,୩୧୮ରେ ପହଞ୍ଚିଛି ମୃତ୍ୟୁସଂଖ୍ୟା। ସେହିପରି ସକ୍ରିୟ ମାମଲା ସଂଖ୍ୟା ୩୭,୧୦,୫୨୫କୁ ବୃଦ୍ଧି ପାଇଛି, ଯାହା ମୋଟ ସଂକ୍ରମଣର ୧୫.୬୫ ପ୍ରତିଶତ।

୧୨ ରାଜ୍ୟରେ ସକ୍ରିୟ ମାମଲା ସଂଖ୍ୟା ୧ ଲକ୍ଷରୁ ଅଧିକ ରହିଥିବାବେଳେ ୮ ରାଜ୍ୟରେ ୫୦ ହଜାରରୁ ଅଧିକ ରହିଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯୁଗ୍ମ ସଚିବ ଲବ ଅଗ୍ରୱାଲ କହିଛନ୍ତି। ୪ଟି ରାଜ୍ୟରେ ସକ୍ରିୟ ମାମଲା ସଂଖ୍ୟା ୫୦ ହଜାରରୁ କମ୍ ଥିବା ଜଣାପଡ଼ିଛି। ୨୪ଟି ରାଜ୍ୟରେ ପଜିଟିଭ୍ ହାର ୧୫ ପ୍ରତିଶତରୁ ଅଧିକ ରହିଛି। ସେହିପରି ୮ ରାଜ୍ୟରେ ପଜିଟିଭ୍ ହାର ୫ରୁ ୧୫ ପ୍ରତିଶତ ଏବଂ ୪ ରାଜ୍ୟରେ ୫ ପ୍ରତିଶତରୁ କମ୍ ରହିଛି। ଜାତୀୟ ସ୍ତରରେ ପଜିଟିଭ୍ ହାର ୨୦ ପ୍ରତିଶତ ତଳକୁ ଖସିଛି, ଅର୍ଥାତ୍ କୋଭିଡ୍ ପରୀକ୍ଷା କରାଉଥିବା ପ୍ରତି ୫ ଜଣରେ ଜଣେ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଦେଶର ୩୧୬ ଜିଲାରେ ସଂକ୍ରମଣ ବଢୁଥିବାବେଳେ ୧୮୭ ଜିଲାରେ ଏହା କ୍ରମାଗତ ଭାବେ ହ୍ରାସ ପାଉଥିବା ଦେଖାଯାଇଛି।



## ୧୦୬ ହାଇକୋର୍ଟ ବିଚାରପତି ପଜିଟିଭ୍



ସିଜେଆଇ ଏନ୍.ଭି. ରମନା

**ନୂଆଦିଲ୍ଲୀ, ୧୩।୫**

କୋଭିଡ୍-୧୯ ମହାମାରୀ କାହାକୁ ଛାଡ଼ିନାହିଁ। ସୁପ୍ରିମକୋର୍ଟ ବିଚାରପତି ଓ ରେଜେଷ୍ଟ୍ରି ଅଫିସର ମଧ ଏଥିରେ ପ୍ରଭାବିତ ହୋଇଛନ୍ତି। ଶତାଧିକ ହାଇକୋର୍ଟ ବିଚାରପତି ଓ ୨,୭୦୦ରୁ ଊର୍ଦ୍ଧ୍ୱ ଅଧିକାରୀ କରୋନା ସଂକ୍ରମିତ ହୋଇଛନ୍ତି। ଭାରତୀୟ ନ୍ୟାୟପାଳିକାର ଏହି ଅବସ୍ଥାକୁ ନେଇ ପ୍ରଧାନ ବିଚାରପତି ଏନ୍.ଭି. ରମନା ଗୁରୁବାର ଚିନ୍ତାବ୍ୟକ୍ତ କରିଛନ୍ତି।

ସୁପ୍ରିମକୋର୍ଟରେ ସର୍ବୋଚ୍ଚ ଅଦାଲତର ଭର୍ଚୁଆଲ ଶୁଣାଣି ସୁବିଧା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଉପଲବ୍ଧ କରାଇବା ପାଇଁ ଗୁରୁବାର ଏକ ଆପ୍ ଲଞ୍ଚ କରାଯାଇଛି। ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ସିଜେଆଇ ରମନା କହିଛନ୍ତି, ଭୂତାଣୁରେ ଆକ୍ରାନ୍ତ ହୋଇ ୩ ହାଇକୋର୍ଟ ବିଚାରପତି ଓ ୩୪ ଜୁଡିସିଆଲ ଅଫିସର ପ୍ରାଣ ହରାଇଲେଣି। ଅଦ୍ୟାବଧି ସୁପ୍ରିମକୋର୍ଟର ପ୍ରାୟ ୮୦୦ ରେଜେଷ୍ଟ୍ରି ଷ୍ଟାଫ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ୬ ରେଜିଷ୍ଟ୍ରାର୍ ଓ ୧୦ ଆଡିଶନାଲ ରେଜିଷ୍ଟ୍ରାର ମଧ ସଂକ୍ରମିତ ହେଲେଣି। ଏହି ମହାମାରୀ ସମସ୍ତଙ୍କୁ ପ୍ରଭାବିତ କରିଛି। ଅତି ଦୁଃଖର ସହ କେତେକ ନିର୍ଦ୍ଦିଷ୍ଟ ତଥ୍ୟର ଅବତାରଣା କରିବାକୁପଡୁଛି। ସୁପ୍ରିମକୋର୍ଟ ରେଜେଷ୍ଟ୍ରିର ପ୍ରଥମ କର୍ମଚାରୀ ୨୦୨୦ ଏପ୍ରିଲ ୨୭ରେ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଦୁର୍ଭାଗ୍ୟବଶତଃ ଆମେ ଆମର ୩ ଜଣ ଅଧିକାରୀଙ୍କୁ ହରାଇଛୁ। ଏହା ଭୟର ପରିବେଶ ସୃଷ୍ଟି କରି ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ପ୍ରଭାବିତ କରିଛି। ମହାମାରୀ ସମୟରେ ପୂର୍ବର ବ୍ୟବସ୍ଥାକୁ ନେଇ କାର୍ଯ୍ୟ କରିହେବ ନାହିଁ। ଦେଶରେ ନ୍ୟାୟ ବ୍ୟବସ୍ଥା ଯେପରି ବନ୍ଦ ହୋଇ ନ ଯିବ ସେଥିଲାଗି ନୂଆ ସିଷ୍ଟମ୍ ସହ ଖାପ ଖୁଆଇ ଚଳିବାକୁ ପଡ଼ିବ ବୋଲି ମୋବାଇଲ୍ ଆପ୍ଲିକେଶନର ଶୁଭାରମ୍ଭ କରି ସିଜେଆଇ କହିଛନ୍ତି। ବୈଷୟିକ ଟିମ୍ ଅନେକ ଚ୍ୟାଲେଞ୍ଜକୁ ସାମ୍ନା କରି ମାତ୍ର ୭ ଦିନ ମଧ୍ୟରେ ଏହାକୁ ପ୍ରସ୍ତୁତ କରିବାରେ ସଫଳ ହୋଇଥିବାରୁ ସିଜେଆଇ ପ୍ରଶଂସା କରିଛନ୍ତି।

### ନ୍ୟାୟପାଳିକାକୁ ବହୁଳ ପ୍ରଭାବିତ କରିଛି ମହାମାରୀ: ସିଜେଆଇ

ସୁପ୍ରିମକୋର୍ଟ ଶୁଣାଣିର ସିଧା ପ୍ରସାରଣ ପାଇଁ ତତ୍ପରତା ସହ ବିଚାର କରାଯାଉଛି। ଏନେଇ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବା ପୂର୍ବରୁ ଉକ୍ତ ପ୍ରସ୍ତାବ ଉପରେ ଅନ୍ୟ ବିଚାରପତିମାନଙ୍କ ସହମତି ନିଆଯିବ। ସେ ମଧ ଜଣେ ଖବରଦାତା ଥିଲେ ବୋଲି ସିଜେଆଇ ଏନ୍.ଭି. ରମନା କହିଛନ୍ତି। ରିପୋର୍ଟିଂ ବେଳେ ମିଡିଆ କିପରି ଅନେକ ଚ୍ୟାଲେଞ୍ଜକୁ ସାମ୍ନା କରିଥାଏ ତାହା ଏହି ଅବସରରେ ସିଜେଆଇ ସ୍ମରଣ କରିଛନ୍ତି।

# ମହାରାଷ୍ଟ୍ର, ବିହାରରେ ବଢ଼ିଲା ଲକ୍‌ଡାଉନ

**ମୁମ୍ବାଇ/ପାଟନା, ୧୩।୫:** ଦେଶରେ କରୋନା ସଂକ୍ରମଣ ଥମୁ ନ ଥିବାବେଳେ ମହାରାଷ୍ଟ୍ର ଓ ବିହାରରେ ଲକ୍‌ଡାଉନ ଅବଧି ବଢ଼ାଯାଇଛି। ମହାରାଷ୍ଟ୍ରରେ ଜୁନ୍ ୧ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିବାବେଳେ ବାହାର ରାଜ୍ୟରୁ ଆସୁଥିବା ଲୋକେ ଆର୍‌ଟି-ପିସିଆର୍ ନେଗେଟିଭ୍ ରିପୋର୍ଟ ଦେଖାଇବା ବାଧ୍ୟତାମୂଳକ କରାଯାଇଛି। ପୂର୍ବରୁ ମେ ୧୫ ପର୍ଯ୍ୟନ୍ତ ଲକ୍‌ଡାଉନ ଲାଗୁ ହୋଇଥିଲା। ଗତ ୨୪ ଘଣ୍ଟାରେ ମହାରାଷ୍ଟ୍ରରେ ୪୬,୭୮୧ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୮୧୬ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ବିହାର ସରକାର ଲକ୍‌ଡାଉନ୍ ସମୟ ଆଉ ୧୦ ଦିନ ବଢ଼ାଇଛନ୍ତି। ମେ ୧୬ ପରିବର୍ତ୍ତେ ମେ ୨୫ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ। ଦିନକରେ ବିହାରରେ ୯,୮୬୩ ନୂଆ ମାମଲା ସାମ୍ନାକୁ ଆସିଥିବାବେଳେ ୭୪ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି।

ଏହା ପୂର୍ବରୁ ଅନ୍ୟ ରାଜ୍ୟଗୁଡ଼ିକ ମଧ ସଂକ୍ରମଣ ରୋକିବାକୁ ଲକ୍‌ଡାଉନ୍, କର୍ଫ୍ୟୁ ଅବଧି ବଢ଼ାଇଛନ୍ତି। ସେଗୁଡ଼ିକ ହେଲା:

❖ **ଦିଲ୍ଲୀ:** ଦିଲ୍ଲୀ ସରକାର ପ୍ରଥମେ ଏପ୍ରିଲ ୨୬ରେ ୬ ଦିନିଆ ଲକ୍‌ଡାଉନ ଘୋଷଣା କରିଥିଲେ। ପରେ ତାହାକୁ ମେ ୧୭ ପର୍ଯ୍ୟନ୍ତ ବଢ଼ାଯାଇଛି। ଗତ ୨୪ ଘଣ୍ଟାରେ ଏଠାରେ ୧୦,୪୯୮ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ଯାହା କି ଏପ୍ରିଲ ୧୩ ପରଠାରୁ ସର୍ବନିମ୍ନ। ଦିନକରେ ୩୦୮ ଜଣଙ୍କ ମୃତ୍ୟୁ ଘଟିଛି।

❖ **ଉତ୍ତରପ୍ରଦେଶ:** ଉତ୍ତରପ୍ରଦେଶ ସରକାର ରାଜ୍ୟରେ କର୍ଫ୍ୟୁ ଜାରି କରିଥିବାବେଳେ ମେ ୧୭ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଘୋଷଣା କରିଛନ୍ତି। ଏହି କଟକଣା ମେ ୧୦ରେ ଶେଷ ହେବାର ଥିଲା। ୨୪ ଘଣ୍ଟାରେ ଏଠାରେ ୧୭,୭୭୫ ନୂଆ ମାମଲା ଆସିଥିବାବେଳେ ୨୮୧ ଜଣଙ୍କ ମୃତ୍ୟୁ ଘଟିଛି।



ଲକ୍‌ଡାଉନ୍ ବେଳେ ମୁମ୍ବାଇ ରାସ୍ତା ଜନଶୂନ୍ୟ।

❖ ତାମିଲନାଡୁ, ରାଜସ୍ଥାନ, ପଣ୍ଡିଚେରୀରେ ଗତ ୧୦ ତାରିଖରୁ ୨ ସପ୍ତାହ ପର୍ଯ୍ୟନ୍ତ ଶଟ୍‌ଡାଉନ କଟକଣା ଲାଗୁ ହୋଇଛି। ତାମିଲନାଡୁରେ ସଂକ୍ରମଣ ଦ୍ରୁତ ଗତିରେ ମାଡ଼ି ଚାଲିଥିବାବେଳେ ଗତ ୨୪ ଘଣ୍ଟାରେ ୩୦,୩୫୫ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ଏବଂ ୨୯୩ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ରାଜସ୍ଥାନରେ ଦିନକରେ ୧୬,୩୮୪ ନମୁନା ପଜିଟିଭ ଆସିଥିବାବେଳେ ୧୬୪ ଆକ୍ରାନ୍ତଙ୍କ ଜୀବନ ଯାଇଛି। ପଣ୍ଡିଚେରୀରେ ଗତ ୨୪ ଘଣ୍ଟାରେ ୧୯୪୨ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

❖ କର୍ଣ୍ଣାଟକରେ ହୁ ହୁ ହୋଇ କରୋନା ସଂକ୍ରମଣ ବଢ଼ିଚାଲିଥିବାବେଳେ ସରକାର ମେ ୧୦ରୁ ମେ ୨୪ ପର୍ଯ୍ୟନ୍ତ ରାଜ୍ୟରେ ଲକ୍‌ଡାଉନ ଜାରି କରିଛନ୍ତି। ଦିନକରେ ଏଠାରେ ୩୯,୯୯୮ କେସ୍ ସାମ୍ନାକୁ ଆସିଥିବାବେଳେ ୫୧୭ ଜଣଙ୍କ ଜୀବନ ଯାଇଛି।

❖ କେରଳ ସରକାର ଗତ ୮ ତାରିଖରୁ ରାଜ୍ୟରେ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଗତ ୨୪ ଘଣ୍ଟାରେ ୩୯,୯୫୫ ନୂଆ ସଂକ୍ରମିତ ବାହାରି ଥିବାବେଳେ ୯୭ ଜଣଙ୍କ ମୃତ୍ୟୁ ଘଟିଛି।

❖ ଉତ୍ତରପୂର୍ବ ରାଜ୍ୟ ମିଜୋରାମରେ ମେ ୧୦ରୁ ୭ ଦିନିଆ ସମ୍ପୂର୍ଣ୍ଣ ଲକ୍‌ଡାଉନ ଜାରି ହୋଇଥିବାବେଳେ ସିକିମ୍‌ରେ ମେ ୧୬ ପର୍ଯ୍ୟନ୍ତ ଏହି କଟକଣା ଲାଗୁ ହୋଇଛି। ମିଜୋରାମରେ ଗତ ୨୪ ଘଣ୍ଟାରେ ୧୪୧ ସଂକ୍ରମିତ ହେଉଥିବାବେଳେ ସିକିମ୍‌ରେ ଦିନକରେ ୨୨୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

❖ ଗୋଆରେ ଏପ୍ରିଲ ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଜାରି କରାଯାଇଥିଲା। ସଂକ୍ରମଣ ବଢ଼ିବାରୁ ମେ ୯ରୁ ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ କର୍ଫ୍ୟୁ ଘୋଷଣା କରାଯାଇଛି। ରାଜ୍ୟରେ ଦୈନିକ ୨୫ଶହରୁ ଊର୍ଦ୍ଧ୍ୱ ପଜିଟିଭ୍ ଚିହ୍ନଟ ହେଉଛନ୍ତି।

## ଏଏମ୍‌ୟୁରେ ପୁରୁଣା କବର ଖୋଳି ମୃତକଙ୍କୁ ସମାଧି ଦିଆଯାଉଛି

**ଲକ୍ଷ୍ନୌ, ୧୩।୫**

ଆଲିଗଡ଼ ମୁସ୍‌ଲିମ ୟୁନିଭର୍ସିଟି (ଏଏମ୍‌ୟୁ)ରେ କରୋନା ମହାମାରୀରେ ଗତ କିଛିଦିନ ମଧ୍ୟରେ ଅନ୍ୟୂନ ୩୫ ଜଣ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷକଙ୍କର ମୃତ୍ୟୁ ଘଟିଲାଣି। ସେମାନଙ୍କୁ କବର ଦେବା ଲାଗି କ୍ୟାମ୍ପସ୍‌ରେ ଜାଗା ମିଳୁନାହିଁ। ତେଣୁ ପୁରୁଣା କବରକୁ ଖୋଳାଯାଇ ସେଠାରେ କୋଭିଡ୍ ମୃତକଙ୍କୁ ସମାଧି ଦିଆଯାଉଥିବା ଦେଖାଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଅସ୍ୱାଭାବିକ ଶାନ୍ତ ଓ ଖାଁଖାଁ ପରିବେଶ। କେବଳ କବରସ୍ଥାନରେ କେତେଜଣ ଲୋକ କାର୍ଯ୍ୟବ୍ୟସ୍ତ ଥିବା ଦେଖିବାକୁ ମିଳିଛି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗୁରୁବାର ଏଏମ୍‌ୟୁ ଯାଇ କରୋନା ସ୍ଥିତି ଅନୁଧ୍ୟାନ କରିଛନ୍ତି। କରୋନାରେ ଏତେ ସଂଖ୍ୟାରେ ଶିକ୍ଷାବିତ୍‌ଙ୍କ ମୃତ୍ୟୁକୁ ନେଇ ସେ ଶୋକବ୍ୟକ୍ତ କରିଛନ୍ତି। କ୍ୟାମ୍ପସ୍ ପରିସରରେ ଟିକାକରଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସେ କହିଛନ୍ତି। ଗତ ୩ ସପ୍ତାହ ମଧ୍ୟରେ ଏଏମ୍‌ୟୁର ୩୫ ଜଣ ପ୍ରଫେସର, ଅବସରପ୍ରାପ୍ତ ପ୍ରଫେସର ଏବଂ ଅନ୍ୟ କର୍ମଚାରୀ କରୋନା ଏବଂ କରୋନା ଭଳି ଲକ୍ଷଣରେ ପ୍ରାଣ ହରାଇଛନ୍ତି। ତେବେ ଅକ୍ସିଜେନ ଅଭାବରୁ କାହାର ମୃତ୍ୟୁ ହୋଇ ନ ଥିବା ୟୁନିଭର୍ସିଟି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଏତେସଂଖ୍ୟାରେ କର୍ମଚାରୀଙ୍କ ମୃତ୍ୟୁରେ ବିବ୍ରତ ଏଏମ୍‌ୟୁ କୁଳପତି ତାରିକ୍ ମନସୁର ଗତ ୯ ତାରିଖରେ ଇଣ୍ଡିଆନ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର୍)କୁ ପତ୍ର ଲେଖି କ୍ୟାମ୍ପସ୍‌ରେ କରୋନାର ନିର୍ଦ୍ଦିଷ୍ଟ ଭାରିଆଣ୍ଟ ବ୍ୟାପୁଥିବା ଆଶଙ୍କାର ଅନୁଧ୍ୟାନ କରିବା ପାଇଁ ଅନୁରୋଧ କରିଥିଲେ।

# ଗାଜା ଆକ୍ରମଣ: ନିହତ ହେଲେଣି ୯୦

**ଗାଜା ସିଟି, ୧୩।୫**

ଇସ୍ରାଏଲ୍ ଓ ହମାସ ଚରମପନ୍ଥୀଙ୍କ ମଧ୍ୟରେ ଚାଲିଥିବା ସଂଘର୍ଷ ଉଗ୍ରରୂପ ଧାରଣ କରିଛି। ଇସ୍ରାଏଲ୍ ଆକ୍ରମଣରେ ପାଲେଷ୍ଟାଇନ୍‌ର ୧୭ ଶିଶୁ ଓ ୭ ମହିଳାଙ୍କ ସମେତ ୮୩ ଜଣଙ୍କ ମୃତ୍ୟୁ ଘଟିଲାଣି। ଏଥିସହ ୪୮୭ ଜଣ ଆହତ ହୋଇଥିବା ଗାଜାସ୍ଥିତ ହମାସ୍ ନିୟନ୍ତ୍ରଣାଧୀନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଇସ୍ରାଏଲ୍ ସେନା ପକ୍ଷରୁ କୁହାଯାଇଛି ଯେ, ସୋମବାର ସନ୍ଧ୍ୟା ପରଠାରୁ ଗାଜା ଉପରେ ଆକାଶମାର୍ଗରୁ ୬୦୦ରୁ ଅଧିକ ଥର ରକେଟ ମାଡ଼ କରାଯାଇଛି। ଅନ୍ୟପକ୍ଷେ ହମାସ୍ ଚରମପନ୍ଥୀମାନେ ଇସ୍ରାଏଲ୍‌କୁ ଟାର୍ଗେଟ କରି ୧,୬୦୦ ରକେଟ ଆକ୍ରମଣ କରିଛନ୍ତି। ଫଳରେ ଗାଜା ଷ୍ଟ୍ରିପ୍ ଏକ ଯୁଦ୍ଧଭୂଇଁରେ ପରିଣତ ହୋଇଛି। ଉଭୟ ପକ୍ଷଙ୍କ ଆକ୍ରମଣ ଓ ପ୍ରତିଆକ୍ରମଣ ଏହି ସଂଘର୍ଷକୁ ଏକ ସମ୍ପୂର୍ଣ୍ଣ ଯୁଦ୍ଧ ଆଡ଼କୁ ଟାଣିନେଇଛି ବୋଲି ଜାତିସଂଘ ପକ୍ଷରୁ ସତର୍କ କରାଯାଇଛି। ଉଭୟ ପକ୍ଷଙ୍କୁ ନେଇ ଇଜିପ୍ଟ ପକ୍ଷରୁ ଶାନ୍ତି ପାଇଁ ଆଲୋଚନା ଆରମ୍ଭ ହୋଇଥିଲେ ହେଁ ତାହାର ସୁଫଳ ମିଳିନାହିଁ। ପୂର୍ବରୁ ଇସ୍ରାଏଲ୍ ଓ ଗାଜାର ହମାସ୍ ଶାସକଙ୍କ ମଧ୍ୟରେ ହୋଇଥିବା ସଂଘର୍ଷ ଓ ୨୦୧୪ର ଯୁଦ୍ଧ ପାଲେଷ୍ଟାଇନ୍ ଭୂଖଣ୍ଡ ଏବଂ ଇସ୍ରାଏଲ୍ ସୀମାନ୍ତରେ ସୀମିତ ଥିଲା। କିନ୍ତୁ ଏଥର ଯୁଦ୍ଧ ଅଧିକ ବ୍ୟାପକ ହେବାରେ ଲାଗିଛି। ଜାତିସଂଘରେ ମଧ୍ୟପ୍ରାଚ୍ୟ ପାଇଁ ସ୍ୱତନ୍ତ୍ର କୋ-ଅର୍ଡିନେଟର ଥିବା ଟୋର ୱେନେସ୍‌ଲାଣ୍ଡ ଦୁଇ ପକ୍ଷଙ୍କୁ ଉତ୍ତେଜନା ହ୍ରାସ ପାଇଁ ଆହ୍ୱାନ ଦେଇଛନ୍ତି। ଗୁଳିବର୍ଷା ଓ ରକେଟ ମାଡ଼ ତୁରନ୍ତ ବନ୍ଦ କର। ଉତ୍ତେଜନା ହ୍ରାସ ଲାଗି ସମସ୍ତ ପକ୍ଷର ନେତାମାନେ ଦାୟିତ୍ୱବାନ ହୁଅନ୍ତୁ। ଗାଜାରେ ବିଧ୍ୱଂସକାରୀ ଯୁଦ୍ଧର ମୂଲ୍ୟ ସାଧାରଣ ଲୋକଙ୍କୁ ଦେବାକୁ ପଡୁଛି। ଶାନ୍ତି ପାଇଁ ଜାତିସଂଘ ଉଦ୍ୟମ ଚଳାଇଛି ବୋଲି ୱେନେସ୍‌ଲାଣ୍ଡ ଟୁଇଟ୍ କରିଛନ୍ତି।



ଗାଜା ସିଟିର ଏକ କୋଠା ଉପରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍ ପରେ ଧୂଆଁ ଉଠୁଛି।

- ଇସ୍ରାଏଲ୍ ଓ ଗାଜା ମଧ୍ୟରେ ଶତ୍ରୁତା ବଢ଼ିବାରେ ଲାଗିଥିବାରୁ ଅନେକ ଏୟାରଲାଇନ୍ସ ବିମାନ ଚଳାଚଳ ବନ୍ଦ କରିଦେଇଛନ୍ତି।
- ସବୁ ପରିସ୍ଥିତିର ମୁକାବିଲା ଲାଗି ପ୍ରସ୍ତୁତ ହେବା ପାଇଁ ଗାଜା ସୀମାକୁ ଇସ୍ରାଏଲ୍ ସୈନ୍ୟ ଅଗ୍ରସର ହୋଇଛନ୍ତି।
- ଇହୁଦୀ ଓ ଇସ୍ରାଏଲୀ ଆରବୀୟଙ୍କ ମଧ୍ୟରେ ଲାଗିରହିଥିବା ଉତ୍ତେଜନାର ହିଂସା ରାସ୍ତାରେ ଦେଖିବାକୁ ମିଳିଛି।
- ୨୦୧୪ ଯୁଦ୍ଧ ପରେ ଗାଜା ଭୂଖଣ୍ଡ ସବୁଠୁ ବଡ଼ ସଂଘର୍ଷକୁ ସାମ୍ନା କରୁଛି।
- ଗାଜାରେ ଥିବା ଇଣ୍ଟେଲିଜେନ୍ସ ବିଲ୍ଡିଂ, ବ୍ୟାଙ୍କ ଓ ହମାସ୍ ନୌସେନା ସ୍କ୍ୱାଡ୍‌କୁ ଟାର୍ଗେଟ କରିଥିବା ଇସ୍ରାଏଲ୍ କହିଛି।
- ଇସ୍ରାଏଲ୍‌ର ହଜାର ହଜାର ନାଗରିକ ତେଲ୍ ଆଭିଭ୍‌ରେ ଆଶ୍ରୟ ନେଇଛନ୍ତି।
- ସୋମବାରଠାରୁ ଚାଲିଥିବା ସଂଘର୍ଷରେ ଅନ୍ୟୂନ ୮୩ ପାଲେଷ୍ଟାଇନ୍ ନାଗରିକ ଏବଂ ଇସ୍ରାଏଲ୍‌ର ୭ ଜଣ ନିହତ ହେଲେଣି।

**କରୋନା ସଂକ୍ରମଣ ସ୍ଥିତି**



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୬,୧୫,୧୮,୨୧୫ | ୩୩,୫୧,୭୫୭ | ୧୩,୯୩,୭୪,୧୩୮ |
| ଭାରତ | ୨,୩୯,୭୭,୫୭୮ | ୨,୬୧,୩୬୨ | ୨,୦୦,୦୩,୬୪୨ |
| ଓଡ଼ିଶା | ୫,୭୬,୨୯୭ | ୨୨୫୧(+୫୩) | ୪,୮୨,୩୪୫ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ୩ ଜେଲ୍, ମୁକ୍ତାକାଶ ଆଶ୍ରମ ଅଧୀକ୍ଷକ ବଦଳିଲେ

ଭୁବନେଶ୍ୱର,୧୩ା୫(ବ୍ୟୁରୋ): ଜେଲ ଅଧୀକ୍ଷକ ସ୍ତରରେ ଅଦଳବଦଳ ହୋଇଛି। ଭୁବନେଶ୍ୱରର ଝାରପଡ଼ା ସ୍ୱତନ୍ତ୍ର ଜେଲ୍, ପୁରୀ ଓ ବଲାଙ୍ଗୀର ଜେଲ୍ ଅଧୀକ୍ଷଙ୍କ ସମେତ ଭୁବନେଶ୍ୱର ଜାମୁଝରୀସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ ଅଧୀକ୍ଷକଙ୍କୁ ରାଜ୍ୟ ସରକାର ବଦଳି କରିଛନ୍ତି। ଏନେଇ ଜେଲ୍ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁସାରେ, ଝାରପଡା ସ୍ୱତନ୍ତ୍ର ଜେଲ୍‌ର ଅଧୀକ୍ଷକ ଧୀରେନ୍ଦ୍ର ନାଥ ବାରିକଙ୍କୁ ବଲାଙ୍ଗୀର ଜିଲା ଜେଲ୍‌କୁ ବଦଳି କରାଯାଇଛି। ବଲାଙ୍ଗୀର ଜେଲ୍ ଅଧୀକ୍ଷକ ଉର୍ମିଳା ମିଞ୍ଜ୍‌ଙ୍କୁ ପୁରୀକୁ ବଦଳି କରାଯାଇଥିବାବେଳେ ପୁରୀ ଜେଲ୍ ଅଧୀକ୍ଷକ ସରୋଜ କୁମାର ବିଶ୍ୱାଳଙ୍କୁ ଝାରପଡ଼ା ଜେଲ୍ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଜାମୁଝରୀସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମର ଅଧୀକ୍ଷକ ସତ୍ୟପ୍ରକାଶ ସ୍ୱାଇଁଙ୍କୁ ବଦଳି କରାଯାଇ ଚୌଦ୍ୱାର ସର୍କଲ ଜେଲର ବରିଷ୍ଠ ଅଧୀକ୍ଷକଭାବେ ନିଯୁକ୍ତି ଦିଆଯାଇଛି। ମୁକ୍ତାକାଶ ଆଶ୍ରମର ଜେଲର ସ୍ମିତା ମହାନ୍ତି ବର୍ତ୍ତମାନ ଅଧୀକ୍ଷକ ଦାୟିତ୍ୱ ସମ୍ଭାଳିବେ ବୋଲି ଜେଲ ବିଭାଗୀୟ ପ୍ରଶାସନିକ ଅଧିକାରୀ ଏକ ସ୍ୱତନ୍ତ୍ର ନୋଟିଫିକେଶନ ଜରିଆରେ ଜଣାଇଛନ୍ତି।

### କୋଭିଡ୍-୧୯ ମୁକାବିଲା: ବଲାଙ୍ଗୀର ଜିଲାକୁ ୨ କୋଟି

ଭୁବନେଶ୍ୱର,୧୩ା୫(ବ୍ୟୁରୋ)-କୋଭିଡ୍ ଦ୍ୱିତୀୟ ଲହରିର ମୁକାବିଲା ପାଇଁ ବଲାଙ୍ଗୀର ଜିଲାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଏହି ଟଙ୍କା ମଞ୍ଜୁର କରାଯାଇଛି। ସୂଚନାଯୋଗ୍ୟ ଯେ କୋଭିଡ୍‌ର ପ୍ରଥମ ଲହରରେ ଗତ ବର୍ଷ ବିଭିନ୍ନ ପର୍ଯ୍ୟାୟରେ ବଲାଙ୍ଗୀର ଜିଲାକୁ ମୁଖ୍ୟମନ୍ତ୍ରୀ ୧୨ କୋଟି ଟଙ୍କା ମଞ୍ଜୁର କରିଥିଲେ।

### ଭିମ୍‌ସାରରେ ଅକ୍ସିଜେନ୍ ପ୍ଲାଣ୍ଟ ପାଇଁ ଜମି ଚିହ୍ନଟ

**ସମ୍ବଲପୁର, ୧୩ା୫ (ବ୍ୟୁରୋ):** ସମ୍ବଲପୁରର ବୁର୍ଲାସ୍ଥିତ ଭିମ୍‌ସାରରେ ଅକ୍ସିଜେନ୍ ପ୍ଲାଣ୍ଟ ନିର୍ମାଣ ହେବ। ଏ ନେଇ ଗୁରୁବାର ପ୍ରଶାସନିକ ଅଧିକାରୀ ଓ ଭିମ୍‌ସାର କର୍ତ୍ତୃପକ୍ଷ ମିଳିତ ଭାବେ ଜମି ଚିହ୍ନଟ କରିଛନ୍ତି। ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର, ଅଧୀକ୍ଷକ ଲାଲମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୧୩ ହଜାର ଲିଟର କ୍ଷମତା ବିଶିଷ୍ଟ ଏହି ପ୍ଲାଣ୍ଟ ସ୍ଥାପନ କରାଯିବ। ଓଡ଼ିଶା ଷ୍ଟେଟ ମେଡିକାଲ କର୍ପୋରେଶନ ଅନୁଦାନ ଦେବା ସହ କାର୍ଯ୍ୟ ତଦାରଖ କରିବ। କଲିକତାର ଏକ କମ୍ପାନୀ ପ୍ଲାଣ୍ଟ ନିର୍ମାଣ ପାଇଁ ସରକାରଙ୍କ ସହ ଚୁକ୍ତି କରିଛି। ଭିମ୍‌ସାରରେ ୨ଟି କୋଭିଡ୍ ମେଡିକାଲ ରହିଛି। ପ୍ରଥମ ମେଡିକାଲ ୨୨୫ ଶଯ୍ୟା ବିଶିଷ୍ଟ ରହିଛି। ଦ୍ୱିତୀୟ କୋଭିଡ୍ ମେଡିକାଲ ୩୦୦ ଶଯ୍ୟା ବିଶିଷ୍ଟ ଲକ୍ଷ୍ୟ ରହିଥିବାବେଳେ ଏବେ ୧୦୦ ଶଯ୍ୟା କାର୍ଯ୍ୟକ୍ଷମ ହୋଇଛି। ଏହାସହ ଅଣକୋଭିଡ୍ ରୋଗୀଙ୍କୁ ମଧ୍ୟ ଅକ୍ସିଜେନ୍ ଆବଶ୍ୟକ ପଡୁଛି। ପ୍ରତିଦିନ ପ୍ରାୟ ୭୦୦ରୁ ୮୦୦ ସିଲିଣ୍ଡର ଦରକାର ହେଉଛି। ଏହି ଅକ୍ସିଜେନ୍ ପ୍ଲାଣ୍ଟ ନିର୍ମାଣ ହେଲେ ଭିମ୍‌ସାରରେ ଅକ୍ସିଜେନ୍ ଅଭାବ ଦୂର ହେବ। ଆଖପାଖ ଜିଲାକୁ ମଧ୍ୟ ଅକ୍ସିଜେନ୍ ଯୋଗାଇଦେବା ଲକ୍ଷ୍ୟ ରହିଛି।

### କରୋନା ଆକ୍ରାନ୍ତ ମାଓବାଦୀ ଦମ୍ପତିଙ୍କ ଆତ୍ମସମର୍ପଣ

ମାଲକାନଗିରି/ଏମ୍‌ଭି୭୯, ୧୩ା୫ (ଡି.ଏନ୍.ଏ.): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲାରେ ଥିବା ବିଏସ୍‌ଏଫ୍ କ୍ୟାମ୍ପରେ ଗୁରୁବାର କରୋନାରେ ପୀଡ଼ିତ ମାଓବାଦୀ ଦମ୍ପତି ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଅର୍ଜୁନ ତାତି ଓ ଲକ୍ଷ୍ମୀ ତାତି। ଆତ୍ମ ସମର୍ପଣ ପରେ ଏହି ଦମ୍ପତିଙ୍କ ଚିକିତ୍ସା ବ୍ୟବସ୍ଥା କାଙ୍କେର ଚିକିତ୍ସାଳୟରେ କରାଯାଇଛି। ସେଠାରେ ପରୀକ୍ଷା ପରେ ଉଭୟେ କରୋନାରେ ଆକ୍ରାନ୍ତ ହୋଇଥିବା ସ୍ପଷ୍ଟ ହୋଇଛି। ବହୁ ବର୍ଷ ଧରି ଦୁହେଁ ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରୁଥିଲେ। ଉତ୍ତର ବସ୍ତରରେ ଏରିଆ କମିଟି ମେମ୍ବର ଭାବେ ସକ୍ରିୟ କାର୍ଯ୍ୟ ସମ୍ପାଦନ କରୁଥିବା ବସ୍ତର ଆଇଜି ଟି. ସୁନ୍ଦରରାଜ କହିଛନ୍ତି। ସେ କହିଛନ୍ତି ଯେ, ମାଓବାଦୀ ଦମ୍ପତିଙ୍କ ବିରୋଧରେ ପୂର୍ବରୁ ବିଭିନ୍ନ ଥାନାରେ ଅନେକ ଅପରାଧିକ ମାମଲା ରହିଛି। ତଥାପି ସେମାନେ ସମାଜର ମୁଖ୍ୟସ୍ରୋତକୁ ଫେରିବାକୁ ଆତ୍ମ ସମର୍ପଣ କରିଥିବାରୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ଉଭୟଙ୍କୁ ସମସ୍ତ ପ୍ରକାର ସୁବିଧା ମିଳିବ ବୋଲି ସେ ପ୍ରକାଶ କରିଛନ୍ତି।

# ଖସୁନି ସଂକ୍ରମଣ

- ୨୪ ଘଣ୍ଟାରେ ୧୦,୬୪୯ ସଂକ୍ରମିତ ୧୯ ମୃତ
- ଆଜି ଜଗତ୍‌ସିଂହପୁର, ସୋନପୁରରେ ଟିକାକରଣ ବନ୍ଦ
- ଫ୍ଲାଟ ସ୍ଥିତିରେ କରୋନା: କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ

**ଭୁବନେଶ୍ୱର,୧୩ା୫(ବ୍ୟୁରୋ)**

ରାଜ୍ୟରେ କୋଭିଡ୍ ସଂକ୍ରମଣ ଗତ କିଛିଦିନ ହେବ ୧୦ ହଜାର ଉପରେ ରହୁଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୧୦, ୬୪୯ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ କ୍ୱାରାଣ୍ଟାଇନରୁ ୫, ୯୬୫ ଜଣ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ଅଞ୍ଚଳରୁ ୪, ୬୮୪ ଜଣ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୫ ଲକ୍ଷ ୭୬ ହଜାର ୨୯୭ ରେ ପହଞ୍ଚିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୧୯ ଆକ୍ରାନ୍ତଙ୍କ ମଧ୍ୟ ମୃତ୍ୟୁ ହୋଇଛି। ଏହାକୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁସଂଖ୍ୟା ୨,୨୫୧କୁ ବୃଦ୍ଧିପାଇଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ୮, ୫୪୭ ଜଣ ସୁସ୍ଥ ହୋଇଛନ୍ତି।

ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୫୫୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କଟକ ୯୩୦, ଅନୁଗୋଳ ୫୫୭, ବାଲେଶ୍ୱର ୫୦୩, ବରଗଡ଼ ୩୯୧, ଭଦ୍ରକ ୨୧୬, ବଲାଙ୍ଗୀର ୧୯୮, ବୌଦ୍ଧ ୨୩୨, ଢେଙ୍କାନାଳ ୨୨୦, ଗଜପତି ୧୦୪, ଗଞ୍ଜାମ ୨୪୫, ଜଗତ୍‌ସିଂହପୁର ୨୬୮, ଝାରସୁଗୁଡ଼ା ୩୬୮, କେନ୍ଦୁଝର ୧୭୫, ମୟୂରଭଞ୍ଜ ୪୦୪, ନୂଆପଡ଼ା ୩୩୧, ସମ୍ବଲପୁର ୪୯୪ ଏବଂ ସୋନପୁରରେ ୧୯୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ସେହିପରି ମେ' ୧୩ ତାରିଖରେ ରାଜ୍ୟରେ ୪୮,୨୫୭ ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୮ରୁ ୪୪ ବର୍ଷର ୨୧,୩୬୮ ଜଣଙ୍କୁ ପ୍ରଥମ ଡୋଜ୍ ପ୍ରଦାନ କରାଯାଇଥିବା ବେଳେ ୪୫ ବର୍ଷରୁ ଊର୍ଦ୍ଧ୍ୱ ୪, ୭୧୫ ଜଣଙ୍କୁ ପ୍ରଥମ ଓ ୧୯,୯୧୨ ଜଣଙ୍କୁ ଦ୍ୱିତୀୟ ଡୋଜ୍ ଟିକା ପ୍ରଦାନ କରାଯାଇଛି। ଏଥି ସହିତ ବିଭିନ୍ନ ବର୍ଗର ୨,୨୬୨ ଜଣଙ୍କୁ ମଧ୍ୟ ଟିକାକରଣ କରାଯାଇଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ୬୪,୮୯,୨୪୦ ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। ୧୪ ତାରିଖରେ ୩୧୫ କେନ୍ଦ୍ରରେ ଟିକା ପ୍ରଦାନ କରାଯିବା ବେଳେ ଜଗତ୍‌ସିଂହପୁର ଏବଂ ସୋନପୁର ଜିଲାରେ ଟିକାକରଣ ବନ୍ଦ ରହିବ।



ରାଜ୍ୟରେ କରୋନା ସଂକ୍ରମଣ ଯେଉଁ ଗତିରେ ବଢୁଥିଲା ସେଥିରେ ସାମାନ୍ୟ ବ୍ରେକ୍ ଲାଗିଛି। ପୂର୍ବ ଅପେକ୍ଷା କରୋନା ସଂକ୍ରମଣ ସ୍ପିଡ୍ ହ୍ରାସ ପାଇ ଫ୍ଲାଟ୍ ସ୍ଥିତିରେ ରହିଛି। ପୂର୍ବରୁ ଦୈନିକ ସଂକ୍ରମଣ ୧୨ ହଜାର ରହୁଥିବା ବେଳେ ଏବେ କିଛିଦିନ ହେବ ୧୦ ହଜାର ମଧ୍ୟରେ ରହୁଛି ବୋଲି କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି।

ଗାଁ ଲୋକମାନେ ସହରକୁ ଯିବା ଆସିବା କରୁଛନ୍ତି। କୋଭିଡ୍ ଗାଇଡ୍‌ଲାଇନ ନ ମାନି ଛୋଟ ଛୋଟ ମେଳା ମହୋତ୍ସବ କରୁଥିବାରୁ ସଂକ୍ରମିତଙ୍କ ସଂଖ୍ୟା ବଢୁଛି। ଯଦି ମେ' ୧୯ ତାରିଖ ଭିତରେ ସ୍ଥିତି ନିୟନ୍ତ୍ରଣକୁ ନ ଆସିବ, ତେବେ ସରକାର ଲକ୍‌ଡାଉନକୁ ବଢ଼ାଇବାକୁ ବାଧ୍ୟ ହେବେ ବୋଲି ସେ କହିଛନ୍ତି ।

## ସାମାଜିକ ଦୂରତ୍ୱକୁ ଫୁଁ



୧୦ଦିନିଆ ଲକ୍‌ଡାଉନ୍‌ର ୯ମ ଦିନ ଗୁରୁବାର ପୁରୁଣା ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ନିକଟ ପରିବା ହାଟରେ ପ୍ରବଳ ଗହଳି।

# ଘରେ ପହଞ୍ଚିବ ମଦ

### ଜିଲାପାଳଙ୍କୁ କ୍ଷମତା ଦେଲେ ସରକାର



**ଭୁବନେଶ୍ୱର,୧୩ା୫(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଲକ୍‌ଡାଉନ ଜାରି ରହିଛି। ଏହି ସମୟରେ ଦୋକାନବଜାର ସହ ମଦ ଦୋକାନ ମଧ୍ୟ ବନ୍ଦ ରହିଛି। ତେବେ ଲକ୍‌ଡାଉନ ବେଳେ ମଦ ହୋମ୍ ଡେଲିଭରି କରିବାକୁ ରାଜ୍ୟ ସରକାର ଜିଲାପାଳଙ୍କୁ କ୍ଷମତା ଦେଇଛନ୍ତି। ଉଭୟ ଅଫ୍, ଅନ୍, ଦେଶୀମଦ ଦୋକାନୀ ହୋମ୍ ଡେଲିଭରି ଦେଇପାରିବେ। ଖାଦ୍ୟ ଯୋଗାଣକାରୀ ସଂସ୍ଥା ମଧ୍ୟ ହୋମ୍‌ଡେଲିଭରି କରିପାରିବେ। ଏନେଇ ଅବକାରୀ ସଚିବ ସୁଶୀଲ କୁମାର ଲୋହାନୀ ଅବକାରୀ କମିଶନର ଆଶିଷ ସିଂଙ୍କୁ ଜଣାଇଛନ୍ତି। ଜିଲାପାଳମାନଙ୍କୁ ନିଜ ନିଜ ଜିଲାରେ ମଦ ହୋମ୍ ଡେଲିଭରି ବ୍ୟବସ୍ଥା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲାପାଳମାନେ ହୋମ୍‌ଡେଲିଭରି କରିବାକୁ ଅନୁମତି ଦେଇପାରିବେ। ଏଥିସହିତ ରାଜ୍ୟ ସରକାର ଓଡ଼ିଶା ପାନୀୟ ନିଗମର ସମସ୍ତ ଗୋଡାଉନରେ ହୋଲ୍‌ସେଲ କରିବା ପାଇଁ ସକାଳ ୬ରୁ ଅପରାହ୍ନ ୨ଟା ଯାଏ ଅନୁମତି ଦେଇଛନ୍ତି। ରାଜ୍ୟରେ ମେ' ୫ରୁ ମେ' ୧୯ ତାରିଖ ଯାଏ ଲକ୍‌ଡାଉନ ଘୋଷଣା କରାଯାଇଛି। ଗତ କିଛିଦିନ ତଳେ ଅବକାରୀ ସଚିବ ମଦ ହୋମ୍ ଡେଲିଭରି ଦେବା ନେଇ ଏକ ପ୍ରସ୍ତାବ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନାଙ୍କୁ ଦେଇଥିଲେ। ଗତବର୍ଷ ଲକ୍‌ଡାଉନ ସମୟରେ ମଦର ବ୍ୟାପକ ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ହୋମ୍ ଡେଲିଭରି ପାଇଁ ଅନୁମତି ଦେଇଥିଲେ। ଖାଦ୍ୟ ଯୋଗାଣ କରୁଥିବା ସଂସ୍ଥା ଅବା ମଦ ବିକ୍ରି ଲାଇସେନ୍ସ ଥିବା ଦୋକାନୀମାନେ ଅନ୍‌ଲାଇନ୍ ବୁକିଂ ବା ଟେକ୍ନୋଲୋଜି ମାଧ୍ୟମରେ ହୋମ୍ ଡେଲିଭରି କରିପାରିବେ। ଗତବର୍ଷ ଲକ୍‌ଡାଉନବେଳେ ଟେକ୍ନୋଲୋଜି ଉପଯୋଗ କରି ମଦର ହୋମ୍ ଡେଲିଭରି କରାଯାଉଥିଲା। ମଦ ଯୋଗାଣକୁ ସୁନିଶ୍ଚିତ ଓ ସୁବ୍ୟବସ୍ଥିତ କରିବା ନିମନ୍ତେ କୋଭିଡ୍ ଗାଇଡ୍‌ଲାଇନ୍ ଅନୁସାରେ ମଦ ନିଗମର ଗୋଦାମଗୁଡ଼ିକ କାର୍ଯ୍ୟ କରିବ।

# ଆଜି ଚାଷୀଙ୍କ ପାଇଁ ସହାୟତା ଘୋଷଣା

**ଭୁବନେଶ୍ୱର, ୧୨ା୫(ବ୍ୟୁରୋ)**

ଅକ୍ଷୟ ତୃତୀୟା ଏବଂ କୃଷକ ଦିବସ ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସନ୍ଧ୍ୟାରେ କୃଷକମାନଙ୍କ ଲାଗି ସହାୟତା ରାଶି ପ୍ରଦାନ କରିବେ। କାଳିଆ ଯୋଜନାରେ ଚଳିତ ବର୍ଷର ଦ୍ୱିତୀୟ କିସ୍ତି ମୁଖ୍ୟମନ୍ତ୍ରୀ ପ୍ରଦାନ କରିବେ। ଶନିବାର ଅକ୍ଷୟ ତୃତୀୟା ପାଳନ ହେବ। ଏହିଦିନ ଚାଷୀକୁଳ ଅଖିମୁଠି ଅନୁକୂଳ କରିଥାଆନ୍ତି। ସେଥିଲାଗି ଅକ୍ଷୟ ତୃତୀୟାର ଦିନକ ପୂର୍ବରୁ ଚାଷୀଙ୍କ ଆକାଉଣ୍ଟକୁ ସରକାର ଆର୍ଥିକ ସହାୟତା ପ୍ରଦାନ କରିବେ। କରୋନା ମହାମାରୀ ଯୋଗୁ ରାଜ୍ୟ ସାରା ଲୋକ ଅସୁବିଧା ଦେଇ ଗତି କରୁଥିବାବେଳେ ଚାଷୀକୁଳ ପାଇଁ ଏହି ସହାୟତା ରାଶି ବିଶେଷ ସହାୟକ ହେବ। ଗତ ଫେବୃୟାରୀ ୧୩ରେ ମୁଖ୍ୟମନ୍ତ୍ରୀ ୫୩ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୧,୨୭୨ କୋଟି ଟଙ୍କା ଦେବା ନେଇ ଘୋଷଣା କରିଥିଲେ।

# ବୌଦ୍ଧ: ପୁଣି ୨୩୨ପିଜିଟିଭ ଚିହ୍ନଟ

### ଜିଲାର ୧୫ଗୋଟି ସ୍ଥାନକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା

**ବୌଦ୍ଧ,୧୩ା୫(ସ୍ୱ.ପ୍ର.)**

ବୌଦ୍ଧ ଜିଲାରେ ଗୁରୁବାର ୨୩୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ଜିଲାରେ ପଜିଟିଭ୍‌ଙ୍କ ସଂଖ୍ୟା ୫୪୮୨ରେ ପହଞ୍ଚିଛି । ଚିହ୍ନଟ ହୋଇଥିବା ପଜିଟିଭଙ୍କ ମଧ୍ୟରେ ହରଭଙ୍ଗା ବ୍ଲକ ବହୁ ଶୀର୍ଷରେ ରହିଛି। ଉକ୍ତ ବ୍ଲକର ସାମ୍ପୋଚ ପଞ୍ଚାୟତ ଅଧୀନ ଶ୍ୟାମସୁନ୍ଦରପୁର ଓ ସାମ୍ପୋଚ ଗାଁରେ ଗୋଷ୍ଠୀ ସଂକ୍ରମଣ ହୋଇଥିବା କୁହାଯାଉଛି । ଜିଲାରେ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଗୁରୁବାର ଜିଲାପାଳ ବିଭିନ୍ନ ବ୍ଲକ ଓ ସହରାଞ୍ଚଳର ୧୫ ଗୋଟି ଅଞ୍ଚଳକୁ ନୂତନ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଭାବରେ ଘୋଷଣା କରିଥିବା ଜଣାପଡିଛି। ସେଗୁଡିକ ହେଲା ହରଭଙ୍ଗା ବ୍ଲକର ଭେଜିଗୋରା, କରଞ୍ଜକଟା, ଡୁକୁଲୁଣ୍ଡା, ସାମ୍ପୋଚ, ଶ୍ୟାମସୁନ୍ଦରପୁର, ମଲିକପଡା, ଚାରିଛକ, ପୁରୁଣାକଟକ, ବୌଦ୍ଧ ସହରର ରାଜନପାଲି, ଖଲିଆବଗିଚା, ରାଜବାଟି ଓ କଣ୍ଟମାଳ ବ୍ଲକର ଦପଲା, କଣ୍ଟାମାଳ, ଚାରପଲି ଓ ଲୋକାପଡା । ଏହିସବୁ ଅଞ୍ଚଳକୁ ଗୁରୁବାରଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଭାବରେ ଘୋଷଣା କରାଯାଇଛି ।

# ସୂଚନା ଓ ଲୋକସମ୍ପର୍କ ବିଭାଗ ଦାୟିତ୍ୱ ନେଲେ ବିଷ୍ଣୁପଦ



**ଭୁବନେଶ୍ୱର,୧୩ା୫(ବ୍ୟୁରୋ)**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଗୁରୁବାର ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ବିଭାଗୀୟ ଅଧିକାରୀମାନଙ୍କ ସହ କୋଭିଡ୍ ସଚେତନତା କାର୍ଯ୍ୟ ତଥା ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ବିଭାଗର କାର୍ଯ୍ୟଧାରା ତଥା ମହାମାରୀ କରୋନା ପରିପ୍ରେକ୍ଷୀରେ ବିଭାଗ ତରଫରୁ ଜାରି ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସଚିବଙ୍କୁ ଅବଗତ କରାଇଥିଲେ । ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ ବିଭାଗ ଦ୍ୱାରା କାର୍ଯ୍ୟକାରୀହେଉଥିବା ଡିଜିଟାଲ୍ ଅର୍କାଇଭ୍ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରମୁଖ ଶାସନ ସଚିବଙ୍କ କାର୍ଯ୍ୟଭାର ଗ୍ରହଣ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମସଚିବ ବିଷ୍ଣୁପ୍ରିୟା ସାହୁ, ଯୁଗ୍ମ ନିର୍ଦ୍ଦେଶକ ପ୍ରମୋଦ କୁମାର ମଲ୍ଲିକ, ଯୁଗ୍ମ ନିର୍ଦ୍ଦେଶକ ସୁରେନ୍ଦ୍ର ପରିଡ଼ା ଏବଂ ବହୁ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସୂଚନା ଓ ଲୋକସମ୍ପର୍କ ବିଭାଗର ଦାୟିତ୍ୱ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତ ବିଭାଗର ମଧ୍ୟ ପ୍ରମୁଖ ଶାସନ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି।

# ୨ ବର୍ଷରୁ ଊର୍ଦ୍ଧ୍ୱ ପିଲାଙ୍କୁ ମାସ୍କ ବାଧ୍ୟତାମୂଳକ

### ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ହେଲା ଗାଇଡ୍‌ଲାଇନ

**ଭୁବନେଶ୍ୱର,୧୩ା୫(ବ୍ୟୁରୋ)**

କୋଭିଡ୍-୧୯ ଦ୍ୱିତୀୟ ଲହର ଭୟାବହତାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଶିଶୁ, କିଶୋରୀ କିଶୋର, ଗର୍ଭବତୀ ଓ ପ୍ରସବ କରିଥିବା ମହିଳାମାନଙ୍କ ପାଇଁ ଗାଇଡ୍‌ଲାଇନ ଜାରି କରାଯାଇଛି। ଘରୁ ପଦାକୁ ଆସିଲେ ୨ ବର୍ଷରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଏ ନେଇ ପିଲାମାନଙ୍କର ମାତାପିତା ନିଶ୍ଚିତ କରିବେ। ତରଳ ଝାଡ଼ା, ବାନ୍ତି କରିବା କିମ୍ବା ପାକସ୍ଥଳୀ ଦରଜ ହେବା ସହ ଥଣ୍ଡା, ଜ୍ୱର, ସ୍ୱାଦ ବାରି ନ ପାରିବା, ଶିଶୁମାନଙ୍କର ଖାଇବା କମିଯିବା ଇତ୍ୟାଦିକୁ ସନ୍ଦିଗ୍ଧ କୋଭିଡ୍ ସଂକ୍ରମିତ ଭାବେ ବିଚାର କରାଯିବ। ଏ ସବୁ ଲକ୍ଷଣ ଥିଲେ ତୁରନ୍ତ ପରୀକ୍ଷା କରିବା ସହ ସଙ୍ଗରୋଧ କରିବା ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଗାଇଡ୍‌ଲାଇନକୁ ପାଳନ କରିବାକୁ କୁହାଯାଇଛି। ଏଥିସହିତ ୪୦ ସେକେଣ୍ଡ ପର୍ଯ୍ୟନ୍ତ ସାବୁନରେ ହାତ ଧୋଇବା ଏବଂ ମୁହଁ, ନାକ ଏବଂ ଆଖିକୁ ଅଯଥାରେ ନ ଛୁଇଁବାକୁ କୁହାଯାଇଛି। ୧୮ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟିକା ନେବାକୁ ପ୍ରୋତ୍ସାହିତ କରିବା ସହ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଗାଇଡ୍‌ଲାଇନ ଅନୁସରଣ କରିବାକୁ କୁହାଯାଇଛି।

# ଜଙ୍ଗଲ ବିଭାଗ, ବ୍ୟାଙ୍କ, ବୀମା କର୍ମଚାରୀ ସମ୍ମୁଖ ଯୋଦ୍ଧା

### ପ୍ରାଥମିକତା ଭିତ୍ତିରେ ଟିକା ଦେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୩ା୫(ବ୍ୟୁରୋ)**

କରୋନା ମହାମାରୀ ସମୟରେ ଜଙ୍ଗଲ ବିଭାଗ ଅଧିକାରୀ ଓ ଫରେଷ୍ଟ ଗାର୍ଡ, ବ୍ୟାଙ୍କ, ବୀମା କର୍ମଚାରୀ, ଏନ୍‌ସିପିଆଇ, ପେମେଣ୍ଟ ସିଷ୍ଟମ୍ ପ୍ରୋଭାଇଡର, ଭେଣ୍ଡର, କ୍ୟାଶ ଇନ୍ ଟ୍ରାନ୍‌ଜିଶନ କମ୍ପାନୀ, ଏଟିଏମ୍ ରକ୍ଷଣାବେକ୍ଷଣ କରୁଥିବା କର୍ମଚାରୀ, ବ୍ୟାଙ୍କିଙ୍ଗ୍ କରେସ୍‌ପଣ୍ଡେନ୍ସ ଏବଂ କଷ୍ଟମର କେୟାର ଇତ୍ୟାଦିରେ ନିୟୋଜିତ କର୍ମଚାରୀମାନେ ନିୟମିତ ଭାବେ ସେବା ଯୋଗାଇ ଆସୁଛନ୍ତି। ଏବେ ରାଜ୍ୟରେ କୋଭିଡ୍-୧୯ ଟିକାକରଣ କାର୍ଯ୍ୟକ୍ରମ ଜାରି ରହିଛି। ତେଣୁ ଉପରୋକ୍ତ ସେବାରେ ନିୟୋଜିତ ବ୍ୟକ୍ତିଙ୍କୁ ଆଗ ଧାଡ଼ିର କର୍ମୀ ଭାବେ ଗ୍ରହଣ କରିବା ସହ ସେମାନଙ୍କୁ ପ୍ରାଥମିକତା ଭିତ୍ତିରେ ଟିକା ଦେବାକୁ ଜିଲାପାଳ, ସମସ୍ତ ମହାନଗର ନିଗମ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଗୁରୁବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାଇ ଦିଆଯାଇଛି। ସେହିପରି ରେଲୱେ କର୍ମଚାରୀ, ଚାଇଲ୍ଡଲାଇନ ଷ୍ଟାଫ୍, ସମସ୍ତ ଶିଶୁ ଯତ୍ନକାରୀ ସଂସ୍ଥାର କର୍ମଚାରୀ, ପ୍ରାଣୀ ଚିକିତ୍ସକ, ଲାଇଭଷ୍ଟକ୍ ଇନ୍ସପେକ୍ଟର, ଅକ୍ସିଜେନ ପ୍ଲାଣ୍ଟ କର୍ମଚାରୀ, ପେଟ୍ରୋଲ ପମ୍ପ କର୍ମଚାରୀ ଏବଂ କଲ୍ ସେଣ୍ଟର କର୍ମଚାରୀଙ୍କୁ ମଧ୍ୟ ଆଗଧାଡ଼ିର କର୍ମୀଭାବେ ଗ୍ରହଣ କରି ଟିକା ଦେବାକୁ ପରାମର୍ଶ ଦିଆଯାଇଛି। ତେବେ ଟିକାକରଣ ସମୟରେ ଦ୍ୱିତୀୟ ଡୋଜ୍ ଟିକାକୁ ପ୍ରାଥମିକତା ଭିତ୍ତିରେ ଦେବାକୁ ପରାମର୍ଶ ଦିଆଯାଇଛି।

# ବାଇକ୍ ଅକ୍ସିଜେନ୍ ଏକ୍ସପ୍ରେସ୍ ଶୁଭାରମ୍ଭ

**କଟକ ଅଫିସ,୧୩ା୫**

କରୋନା ସଂକ୍ରମଣ ଦିନକୁ ଦିନ ବଢୁଛି। କେତେଜଣ ଲୋକ ଡାକ୍ତରଖାନା ଯିବା ପୂର୍ବରୁ ସେମାନଙ୍କ ଶରୀରରେ ଅମ୍ଳଜାନ ମାତ୍ରା କମି ଯାଇ ଗୁରୁତର ହୋଇ ପଡୁଛନ୍ତି। ଠିକ୍ ସମୟରେ ରୋଗୀମାନଙ୍କୁ ଅମ୍ଳଜାନ ଯୋଗାଇବା ନିମନ୍ତେ ଓଡ଼ିଶା ରକ୍ତଦାତା ମହାସଂଘ ପକ୍ଷରୁ ଗୁରୁବାର ବାଇକ୍ ଅକ୍ସିଜେନ୍ ଏକ୍ସପ୍ରେସ୍ କଟକ ଖାନ୍‌ନଗର କାଳୀମନ୍ଦିର ନିକଟରେ ଶୁଭାରମ୍ଭ ହୋଇଛି। ମହାସଂଘର ସାଧାରଣ ସମ୍ପାଦକ ଅକ୍ଷୟ ରାଉତ ଏହାକୁ ଶୁଭାରମ୍ଭ କରିଥିଲେ। ଯଦି କୌଣସି କରୋନା ରୋଗୀଙ୍କ ଅମ୍ଳଜାନ ଆବଶ୍ୟକ ପଡେ ତେବେ ସେ ମୋବାଇଲ ନମ୍ବର (୯୪୩୯୭୨୫୭୩୭, ୭୦୦୮୬୭୪୦୬୫, ୯୦୪୦୭୦୦୦୦୨)ରେ ଯୋଗାଯୋଗ କରିପାରିବେ। ଖୁବ୍ କମ୍ ସମୟ ମଧ୍ୟରେ ତାଙ୍କ ନିକଟରେ ଅମ୍ଳଜାନ ସିଲିଣ୍ଡର ପହଞ୍ଚିବ। ଦ୍ୱୈତନଗରୀ ବ୍ୟତୀତ ଅନ୍ୟ ଜିଲାରେ ଏହି ସୁବିଧା ଯୋଗାଇଦେବା ନେଇ ଆମେ ତତ୍ପର ବୋଲି ମହାସଂଘର ସାଧାରଣ ସମ୍ପାଦକ ରାଉତ କହିଛନ୍ତି। ବର୍ତ୍ତମାନ ଭୁବନେଶ୍ୱର ଓ କଟକରେ ୪ଟି ମୋଟରସାଇକେଲରେ ଅମ୍ଳଜାନ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟରେ ରାଜେଶ ନାୟକ, ସନ୍ତୋଷ କୁମାର ମହାନ୍ତି, ଅରୁଣ କୁମାର ରାଉତ ଓ ଶିଶିର ରଥ ନିୟୋଜିତ ହୋଇଛନ୍ତି।



ଖାନ୍‌ନଗର କାଳୀମନ୍ଦିର ନିକଟରେ ବାଇକ୍ ଅକ୍ସିଜେନ୍ ଏକ୍ସପ୍ରେସ୍ ଶୁଭାରମ୍ଭ।

# ସୁନାବେଡ଼ା ହାଲ୍ କାରଖାନା ସାମୟିକ ବନ୍ଦ

**କୋରାପୁଟ/ସୁନାବେଡ଼ା, ୧୩ା୫(ସ୍ୱ.ପ୍ର.)**

କରୋନା ସଂକ୍ରମଣ ହାର କୋରାପୁଟ ଜିଲାରେ ଦିନକୁ ଦିନ ବଢ଼ିଚାଲିଛି। ଏହାର ମୁକାବିଲା ନେଇ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି। ଏହା ସତ୍ତ୍ୱେ ଏହି ସଂକ୍ରମଣ କମିବା ନାଁ ନେଉନି। ସୁନାବେଡ଼ା ହାଲ୍ ଟାଉନଶିପ ଅଞ୍ଚଳରେ ମଧ୍ୟ କରୋନା ସଂକ୍ରମଣର ହାର ବଢ଼ିଚାଲିଛି। ଗତ କିଛି ଦିନ ହେବ ହାଲ୍ ସହରାଞ୍ଚଳରେ ପ୍ରତ୍ୟହ ୮ରୁ ୧୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହେଉଛନ୍ତି। ହାଲ୍ ପ୍ରଶାସନ ଏହାର ମୁକାବିଲା ଜାରି ରଖିଛି। କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଗୁରୁବାର ବେଙ୍ଗାଲୁରୁସ୍ଥିତ ହାଲ୍ କର୍ପୋରେଟ ଅଫିସ ପକ୍ଷରୁ ହାଲ୍ ମିଗ୍ କାରଖାନାକୁ ଚଳିତ ମାସ ୧୫ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ କରିବା ଲାଗି ବିଜ୍ଞପ୍ତି ଜାରି ହୋଇଛି।

**ଆଜିର ମନ୍ତବ୍ୟ**

"କରୋନା ମହାମାରୀବେଳେ ଅକ୍ସିଜେନ, ମେଡିସିନ୍, ଟିକା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବି ଗାଏବ ହୋଇଯାଇଛନ୍ତି। ବାକି ଅଛି କେବଳ ସେଣ୍ଟ୍ରାଲ ଭିଷ୍ଟା ପ୍ରୋଜେକ୍ଟ ଏବଂ ମୋଦିଙ୍କ ଫଟୋ।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ...............................



ଆଦ୍ୟାଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# 'ରାଜସ୍ୱ ରଥ' ମାଧ୍ୟମରେ ଲୋକଙ୍କୁ ସେବା ଯୋଗାଅ

ଭୁବନେଶ୍ୱର, ୧୩।୫(ବ୍ୟୁରୋ): ସରକାରୀ କାର୍ଯ୍ୟାଳୟ ସହିତ ଲୋକଙ୍କ ପ୍ରତ୍ୟକ୍ଷ ଯୋଗାଯୋଗ କମାଇବା ପାଇଁ ତହସିଲ ଅଫିସରେ ଦିଆଯାଉଥିବା ଦାଖଲ ଖାରଜ ଏବଂ ପ୍ରମାଣ ପତ୍ର ସେବାଗୁଡ଼ିକୁ ସମ୍ପୂର୍ଣ୍ଣଭାବେ ଅନ୍‌ଲାଇନ୍‌ରେ କରାଯାଉଛି। କିନ୍ତୁ ଇଣ୍ଟରନେଟ୍ ସୁବିଧା ନ ଥିବା କିମ୍ବା ଡିଜିଟାଲ୍ ସାକ୍ଷରତା ଅଭାବ ଥିବା ବ୍ୟକ୍ତିମାନେ ସହାୟତା ପାଇଁ ରାଜସ୍ୱ କାର୍ଯ୍ୟାଳୟ କିମ୍ବା 'ମୋ ସେବା କେନ୍ଦ୍ର' ପରିଦର୍ଶନ କରୁଛନ୍ତି। କୋଭିଡ୍ ସଂକ୍ରମଣ ବୃଦ୍ଧି ଦୃଷ୍ଟିରୁ ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି ପ୍ରୋଟୋକଲ ଅନୁଯାୟୀ ରାଜସ୍ୱ କାର୍ଯ୍ୟାଳୟରେ ଜନସାଧାରଣଙ୍କ ପ୍ରବେଶକୁ ବାରଣ କରାଯାଇଛି। ମହାମାରୀ ସମୟରେ ନାଗରିକଙ୍କୁ ନିରବଚ୍ଛିନ୍ନ ଭାବେ ରାଜସ୍ୱ ସେବା ଯୋଗାଇବା ପାଇଁ ଗଞ୍ଜାମ ତହସିଲ କାର୍ଯ୍ୟାଳୟ 'ରାଜସ୍ୱ ରଥ' ମାଧ୍ୟମରେ ସେବା ପ୍ରଦାନର ଏକ ଅଭିନବ ଉପାୟ ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠି ସମସ୍ତ ଜିଲାପାଳଙ୍କୁ କୋଭିଡ୍ ସମୟରେ ସେମାନଙ୍କ ଜିଲାରେ 'ରାଜସ୍ୱ ରଥ' ମାଧ୍ୟମରେ ସେବା ବିତରଣ କରିବାକୁ ପରାମର୍ଶ ଦେଇଛନ୍ତି।

# ଆସନ୍ତା ସପ୍ତାହରୁ ବଜାରରେ ଉପଲବ୍ଧ ହେବ ସ୍ପୁଟ୍‌ନିକ ଭି

## ଅଗଷ୍ଟ-ଡିସେମ୍ବର ମଧ୍ୟରେ ଦେଶରେ ଉତ୍ପାଦନ ହେବ ୨୧୬ କୋଟି ଟିକା

ନୂଆଦିଲ୍ଲୀ, ୧୩।୫

ରୁଷିଆ ପ୍ରସ୍ତୁତ ସ୍ପୁଟ୍‌ନିକ ଭି ଟିକା ଭାରତରେ ପହଞ୍ଚି ସାରିଛି ଏବଂ ଆସନ୍ତା ସପ୍ତାହରୁ ଏହା ବଜାରରେ ଉପଲବ୍ଧ ହେବ ବୋଲି ନୀତି ଆୟୋଗ ସଦସ୍ୟ ଡ. ଭି.କେ. ପଲ୍ ସୂଚନା ଦେଇଛନ୍ତି। ପ୍ରଥମ ବ୍ୟାଚ୍ ଟିକା ପହଞ୍ଚିଥିବାବେଳେ ଖୁବ୍‌ଶୀଘ୍ର ଅଧିକ ଭାକ୍ସିନ ପହଞ୍ଚିବ ବୋଲି ପଲ୍ କହିଛନ୍ତି। ଏହାବ୍ୟତୀତ ଆଗାମୀ ଜୁଲାଇରୁ ଭାରତରେ ସ୍ପୁଟ୍‌ନିକ ଭି ତିଆରି ହେବ। ଭାରତରେ ଉକ୍ତ ଭାକ୍ସିନ୍‌ର ୧୫.୬ କୋଟି ଡୋଜ୍ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଆଗାମୀ ୫ ଅଗଷ୍ଟରୁ ଡିସେମ୍ବର ମଧ୍ୟରେ ଦେଶରେ ୨୧୬ କୋଟି ଡୋଜ୍ ଟିକା ପ୍ରସ୍ତୁତ ହେବ ବୋଲି ସେ ସୂଚନା ଦେଇଛନ୍ତି। ସମସ୍ତଙ୍କ ପାଇଁ ଟିକା ଉପଲବ୍ଧ ହେବ। ଏଥିପାଇଁ କେନ୍ଦ୍ର ସରକାର ଫାଇଜର, ମଡର୍ନା ଏବଂ ଜନ୍‌ସନ ଆଣ୍ଡ ଜନ୍‌ସନ କମ୍ପାନୀ ସହ ଆଲୋଚନା ଚଳାଇଛନ୍ତି। ସେମାନେ ଭାରତକୁ ଟିକା ଯୋଗାଇବା ସହ ଏଠାରେ ଉତ୍ପାଦନ କରିବେ ବୋଲି ଆଶା କରାଯାଉଥିବା ନୀତି ଆୟୋଗ ସଦସ୍ୟ କହିଛନ୍ତି। ଏହାବ୍ୟତୀତ ଅନ୍ୟ କମ୍ପାନୀକୁ ମଧ୍ୟ ଏଠାରେ ଟିକା ଉତ୍ପାଦନ ପାଇଁ ଆମନ୍ତ୍ରଣ କରିବାକୁ ସରକାର ଚାହୁଁଛନ୍ତି। ସୂଚନାଯୋଗ୍ୟ ଭାରତରେ ଜାନୁୟାରୀ ୧୬ରୁ ଟିକାକରଣ ଆରମ୍ଭ ହୋଇଥିଲା ଏବଂ ବର୍ତ୍ତମାନ ସୁଦ୍ଧା ପାଖାପାଖି ୧୮ କୋଟି ଡୋଜ୍ ଦିଆଗଲାଣି। ଦୁଇଟି କମ୍ପାନୀ ଭାରତ ବାୟୋଟେକ୍ ଏବଂ ସିରମ୍ ଇନ୍‌ଷ୍ଟିଚ୍ୟୁଟ ପର୍ଯ୍ୟାପ୍ତ ଟିକା ଯୋଗାଇବାରେ ବିଫଳ ହୋଇଥିବାରୁ ଟିକାକରଣ ପ୍ରକ୍ରିୟା ଆଶାନୁରୂପ ଅଗ୍ରଗତି କରିପାରୁନାହିଁ।

# ଉନ୍ନାଓ: ବାଲିରେ କୁଢ଼କୁଢ଼ ମୃତଦେହ

ଲକ୍ଷ୍ନୌ, ୧୩।୫



ବିହାର ଏବଂ ପୂର୍ବ ଉତ୍ତରପ୍ରଦେଶରେ ଗଙ୍ଗାନଦୀରେ ଶତାଧିକ କରୋନା ରୋଗୀଙ୍କ ମୃତଦେହ ଭାସୁଥିବା ଦେଖାଯାଇଥିଲା। ଏହାର ଦୁଇଦିନ ପରେ ଏବେ ଉତ୍ତରପ୍ରଦେଶର ଉନ୍ନାଓ ଜିଲାରେ ଗଙ୍ଗାନଦୀ କୂଳ ବାଲିରେ କୁଢ଼କୁଢ଼ ମୃତଦେହ ପୋତାଯାଇଥିବା ଦେଖିବାକୁ ମିଳିଛି। ଅଧିକାଂଶ ଶବକୁ ଗୈରିକ କପଡ଼ାରେ ଗୁଡ଼ାଯାଇଥିବା ଦେଖାଯାଇଛି। ଶ୍ମଶାନରେ ଶବଦାହ କରିବାକୁ ଜାଗା ମିଳୁ ନ ଥିବାରୁ ଏବଂ କରୋନା ରୋଗୀଙ୍କ ମୃତଦେହ ସତ୍କାର କରିବାକୁ ଲୋକେ ରାଜି ହେଉ ନ ଥିବାରୁ ସେଗୁଡ଼ିକୁ ନଈକୁ ଫିଙ୍ଗିଦେଉଛନ୍ତି ଏବଂ ନଦୀକୂଳ ବାଲିରେ ପୋତିଦେଉଛନ୍ତି। ଚିକିତ୍ସା ସୁବିଧା ନ ପାଇ ରୋଗୀ ମରୁଥିବାବେଳେ ମୃତ୍ୟୁସଂଖ୍ୟା ଲୁଚାଇବା ପାଇଁ ଯୋଜନା ହେଉଛି। ବିଭିନ୍ନ ଶ୍ମଶାନ ଘାଟରେ ଶହ ଶହ ମୃତଦେହ ଦାହ ହେଉଥିବାବେଳେ ଗତ ଦୁଇତିନି ଦିନ ମଧ୍ୟରେ ଗଙ୍ଗା ଓ ଯମୁନା ନଦୀରୁ ବହୁସଂଖ୍ୟାରେ ମୃତଦେହ ଠାବ କରାଗଲାଣି। କରୋନାଜନିତ ମୃତ୍ୟୁସଂଖ୍ୟା ସରକାରୀ ଭାବେ ଯାହା ଦେଖାଯାଉଛି, ତାହାଠାରୁ ଯେ ଢ଼େର୍ ଅଧିକ ପ୍ରାଣ ହରାଉଛନ୍ତି, ଏହା ଜଳଜଳ ହୋଇ ଦେଖାଯାଉଛି।

ଉନ୍ନାଓ ଜିଲାର ଗଙ୍ଗାନଦୀ କୂଳ ବାଲିରେ ଦୁଇଟି ଜାଗାରୁ ଏଭଳି କୁଢ଼କୁଢ଼ ମୃତଦେହ ପୋତାଯାଇଥିବା ଦେଖିବାକୁ ମିଳିଛି। ମିଳିଥିବା ଶବଗୁଡ଼ିକ କରୋନା ରୋଗୀଙ୍କର କି ନୁହେଁ, ତାହା ସ୍ପଷ୍ଟ ହୋଇ ନ ଥିଲେ ହେଁ କୋଭିଡ୍‌ରେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। କେତେକ ଲୋକ ମୃତଦେହ ନ ପୋଡ଼ି ତାକୁ ନଦୀଶଯ୍ୟା ବାଲିରେ ପୋତି ଦେଉଥିବା ଉନ୍ନାଓ ଜିଲାପାଳ ରବୀନ୍ଦ୍ର କୁମାର କହିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅଧିକାରୀମାନଙ୍କୁ ସେଠାକୁ ପଠାଇଥିବା ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଖାଇ ନାନୀ, ସରୁ କାଟେଣୀ**
**ବସିଥାଏ ଚୁଲି ମୁଣ୍ଡେ**
**ଘଇତା ଆଗରେ ବାକେଇ କହେ**
**କିଛି ଦେଇ ନାହିଁ ତୁଣ୍ଡେ।**

କେତେଜଣ ନାରୀ ଲୁଚେଇ ଛପେଇ ଖାଉଥିଲେ ମଧ୍ୟ କିଛି ନ ଖାଇଥିବାର ମିଛ ଅଭିନୟ କରିଥାନ୍ତି। ସବୁ ଖାଇ ସ୍ୱାମୀ ଆଗରେ କିଛି ଖାଇ ନ ଥିବାର ତୁଚ୍ଛା ବାହାନା କରୁଥିବା ଚତୁରୀ ନାରୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଣ୍ଟିରେ ଖଇ ଥିଲେ**
**କେତେ କୁଆ ଆସିବେ।**

ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ହାତରେ ଧନ ଥିଲେ ଅନେକ ଲୋକ ପଛେ ପଛେ ଛାଇ ପରି ଘେରି ରହିଥାନ୍ତି। ଖଇ ବିଞ୍ଚିଦେଲେ କୁଆ ମେଳି କରିବା ଭଳି ଧନ ଥିଲେ କାମିକା ଲୋକର ଅଭାବ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୪ ଜିଲାରେ ୫୫୦ ଶଯ୍ୟା ଲାଗି ଏମ୍‌ସିଏଲ୍‌କୁ ନିର୍ଦ୍ଦେଶ

## ଧର୍ମେନ୍ଦ୍ରଙ୍କ ଚିଠିର ଉତ୍ତର ଦେଲେ କେନ୍ଦ୍ର କୋଇଲା ମନ୍ତ୍ରୀ

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

କରୋନା ମହାମାରୀ ସମୟରେ ରାଜ୍ୟରେ ମେଡିକାଲ ଭିତ୍ତିଭୂମିର ନିର୍ମାଣ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କରିଥିବା ଅନୁରୋଧକୁ ପ୍ରାଥମିକତା ଦେଇ ସକାରାତ୍ମକ ପଦକ୍ଷେପ ନେବାକୁ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ମହାନଦୀ କୋଲ ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍)କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ୭ ତାରିଖରେ ଜୋଶୀଙ୍କୁ ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ୫୫୦ଟି ବେଡ୍ ସହ ଅକ୍ସିଜେନ୍ ସଂଯୁକ୍ତ ବେଡ୍, ଆଇସିୟୁ, ଭେଣ୍ଟିଲେଟର ତଥା ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। କେନ୍ଦ୍ରମନ୍ତ୍ରୀ ଜୋଷୀ ଏହି ଚିଠିର ପ୍ରତ୍ୟୁତ୍ତରରେ ଧର୍ମେନ୍ଦ୍ରଙ୍କ ଅନୁରୋଧକୁ ପ୍ରାଥମିକତା ଦେଇ ପଦକ୍ଷେପ ନେବାକୁ ଏମ୍‌ସିଏଲ୍‌କୁ ନିର୍ଦ୍ଦେଶ ଦେଇଥିବା ଉଲ୍ଲେଖ କରିଛନ୍ତି। ଏହି ସଙ୍କଟ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ଜୋଷୀଙ୍କୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ର ଖଣିମନ୍ତ୍ରୀଙ୍କୁ ଚିଠି ଲେଖି ଧର୍ମେନ୍ଦ୍ର ସମ୍ବଲପୁର ଠାରେ ୧୫୦ଟି ଅକ୍ସିଜେନ୍ ସଂଯୁକ୍ତ ବେଡ୍, ଆଇସିୟୁ ଏବଂ ଭେଣ୍ଟିଲେଟର ସୁବିଧା ସହ ଅସ୍ଥାୟୀ ଭାବେ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା, ସୁନ୍ଦରଗଡ଼ ଜିଲାର ଏମ୍‌ସିଏଲ୍‌ର ବସୁନ୍ଧରା ଏବଂ ଝାରସୁଗୁଡ଼ା ଜିଲାର ବ୍ରଜରାଜନଗର ଅଞ୍ଚଳରେ ଥିବା କୋଭିଡ୍ ହସ୍ପିଟାଲରେ ୫୦ଟି ଲେଖାଏ ଅକ୍ସିଜେନ୍ ସଂଯୁକ୍ତ ବେଡ୍ ସହ ଆଇସିୟୁ ଏବଂ ଭେଣ୍ଟିଲେଟର ସୁବିଧା ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଅନୁରୂପ ଭାବେ ଝାରସୁଗୁଡ଼ା ଜିଲା ଲଖନପୁର ଏବଂ ଅନୁଗୋଳ ଜିଲା ତାଳଚେର ସ୍ଥିତ ଏମ୍‌ସିଏଲ୍‌ର କୋଭିଡ୍ ହସ୍ପିଟାଲଠାରେ ୧୫୦ ଲେଖାଏ ଅକ୍ସିଜେନ୍ ସଂଯୁକ୍ତ ବେଡ୍, ଆଇସିୟୁ ଏବଂ ଭେଣ୍ଟିଲେଟରର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ଧର୍ମେନ୍ଦ୍ରଙ୍କ ଅନୁରୋଧ ପରେ ଏବେ ଝାରସୁଗୁଡା ଜିଲାର ଲଖନପୁର ହସ୍ପିଟାଲରେ ଏମ୍‌ସିଏଲ୍ ଦ୍ୱାରା ୨୦ଟି ଆଇସିୟୁ ସମେତ ୧୨୦ଟି ବେଡ୍ ବ୍ୟବସ୍ଥା କରାଯାଉଛି। ସେହିପରି ପୂର୍ବରୁ ତାଳଚେର ଏମ୍‌ସିଏଲ୍ ହସ୍ପିଟାଲରେ ୧୨୦ଟି ବେଡ୍ ସହ ଭେଣ୍ଟିଲେଟର ଓ ଆଇସିୟୁର ବ୍ୟବସ୍ଥା ହୋଇସାରିଛି।

ପ୍ରଥମ ପୃଷ୍ଠାରୁ...

### ମୂଲ୍ୟମୂଲ୍ୟ ଧିମା...

ପେଟ୍ରୋଲ ୧୦୦ ଟଙ୍କା ଟପିଛି। ନିର୍ବାଚନ ପୂର୍ବରୁ ଉତ୍ପାଦ ଟିକସ କମାଇବା ଲାଗି ଦାବି ଉଠିଥିଲେ ମଧ୍ୟ ସରକାର ଟିକସ କମାଇବା ଦିଗରେ କୌଣସି ପଦକ୍ଷେପ ନେଇନାହାନ୍ତି। ଅପରପକ୍ଷରେ ସବୁ ଦୋଷକୁ ସରକାର ସାଉଦି ଆରବ ନେତୃତ୍ୱାଧୀନ ଓପେକ ଦେଶ ସମୂହ ଉପରେ ଲଦିଦେଇଛନ୍ତି। ଯୁକ୍ତିରେ ସରକାର କହିଥିଲେ, ସେହି ଦେଶଗୁଡିକ ତେଲ ଉତ୍ପାଦନ କମାଇବା ଯୋଗୁ ଦରରେ ନିୟନ୍ତ୍ରଣ ଆସିପାରୁନାହିଁ।

ଦେଶ ମଧ୍ୟରେ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକ ୯୦% ବଜାର ଅଂଶ ହାସଲ କରିଛନ୍ତି। ଚଳିତବର୍ଷ ଫେବୃୟାରୀ ୨୮ଠାରୁ ମାର୍ଚ୍ଚ ୨୩ ମଧ୍ୟରେ କମ୍ପାନୀ ଦରରେ କୌଣସି ବୃଦ୍ଧି କରି ନ ଥିଲେ। ବିଦେଶୀ ବଜାରରେ ଅଶୋଧିତ ତେଲ ବ୍ୟାରେଲ ପିଛା ୬୮ ଡଲାର ଛୁଇଁଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ନ ଥିବାରୁ ରିଟେଲ ଦର ବୃଦ୍ଧି ହୋଇ ନ ଥିଲା। କାରଣ ଦେଶର ପ୍ରାୟ ୫ ରାଜ୍ୟରେ ନିର୍ବାଚନ ଥିଲା। ଏବେ ନିର୍ବାଚନ ଶେଷ ହୋଇଥିବାରୁ କମ୍ପାନୀ ପୁଣି ଥରେ ଲଗାତର ଦର ବଢାଇବା ଦେଖାଯାଉଛି। ଫଳରେ ଦେଶର ବିଭିନ୍ନ ସହରରେ ପେଟ୍ରୋଲ ୧୦୦ ଟପିଥିବା ନଜରକୁ ଆସିଛି। ସରକାର ଯେତେବେଳେ ଗତ ବର୍ଷ ଉତ୍ପାଦ ଟିକସ ବଢ଼ାଇଥିଲେ ତେଲ କମ୍ପାନୀ ଅତିରିକ୍ତ ଟିକସକୁ ନିଜ ମଧ୍ୟରେ ବ୍ୟବସ୍ଥିତ କରିଥିଲେ। କାରଣ ଅଶୋଧିତ ତେଲ ଦର କମିଥିବାରୁ କମ୍ପାନୀ ରିଟେଲ ଦର ନ ବଢ଼ାଇ ଦରକୁ ଆଡଜଷ୍ଟ କରିଥିଲେ। ମାତ୍ର ରାଜ୍ୟ ଭାଟ୍ ବଢାଇବା ପରେ କମ୍ପାନୀଙ୍କ ଉପରେ ବୋଝ ପଡିବା ଯୋଗୁ ସେମାନେ ପମ୍ପ ପ୍ରାଇସ ବଢାଇ ନିଜ ବୋଝ ହାଲକା କରିବାକୁ ଚାହିଁଲେ। ଲକ୍‌ଡାଉନ ଯୋଗୁ ସେଭଳି ଯାନବାହନ ଚଳାଚଳ ନ କରିବାରୁ ପ୍ରାଥମିକ ପର୍ଯ୍ୟାୟରେ ଲୋକଙ୍କ ପକେଟ ଉପରେ ଏହାର ପ୍ରଭାବ ଦେଖିବାକୁ ମିଳି ନ ଥିଲା। ହେଲେ ପରେ ଏହା ଅନେକ ସମସ୍ୟା ସୃଷ୍ଟି କରିଛି। କେନ୍ଦ୍ର ସରକାରଙ୍କ ଟିକସ ବୃଦ୍ଧି ଏତିକିରେ ସୀମିତ ନ ଥିଲା। ୨୦୨୧-୨୨ ବଜେଟରେ ସରକାର ପୁଣିଥରେ ପେଟ୍ରୋଲ ଏବଂ ଡିଜେଲ ଉପରେ କୃଷି ଭିତ୍ତିଭୂମି ଉନ୍ନତୀକରଣ ଟିକସ ବାବଦ ଲିଟର ପିଛା ୨.୫୦ ଟଙ୍କା ଓ ୪ ଟଙ୍କା ସେସ୍ ବଢ଼ାଇଛନ୍ତି। ଏପଟେ ଲୋକଙ୍କ କଷ୍ଟ କମାଇବା ଲାଗି ସରକାର ଟିକସ କମାଇବାକୁ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ଦରବୃଦ୍ଧି ଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାକୁ ସାମ୍ନା କରୁଛନ୍ତି।

### ପ୍ରାତଃଭ୍ରମଣ...

ବାହାରି ବୁଲୁଛନ୍ତି। ଯାହାଦ୍ୱାରା ସଂକ୍ରମଣ ବ୍ୟାପିବାର ଭୟ ରହୁଛି। ତେଣୁ ଲକ୍‌ଡାଉନ ସମୟରେ ଟୁଇନ୍‌ସିଟିରେ ଭ୍ରମଣ ଓ ସାଇକ୍ଲିଂ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବା ସହ ଏନେଇ କେହି ବାହାରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର କହିଛନ୍ତି।

ସେହିପରି ଔଷଧ କଳାବଜାର ରୋକିବା ପାଇଁ ରାଜ୍ୟବ୍ୟାପୀ ଚଢାଉ ଜୋର୍‌ଦାର କରାଯାଉଛି ବୋଲି ଆଇନଶୃଙ୍ଖଳା ଏଡିଜି ଯଶୋବନ୍ତ ଜେଠୱା କହିଛନ୍ତି। କଳାବଜାର କରୁଥିବା ନେଇ କୌଣସି ଅସାଧୁ ବ୍ୟବସାୟୀ ଧରାପଡ଼ିଲେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାଛଡ଼ା କୌଣସି ଘରୋଇ ଡାକ୍ତରଖାନା ରୋଗୀଙ୍କୁ ଶୋଷଣ କରୁଥିଲେ ବା ଲୋକଙ୍କଠାରୁ ବେଆଇନ ଭାବେ ଅଧିକ ଅର୍ଥ ନେଉଥିଲେ ପଦକ୍ଷେପ ନିଆଯିବ। ଏଭଳି ଘଟଣା ଜନସାଧାରଣଙ୍କ ନଜରକୁ ଆସିଲେ




ଆମକୁ ଜଣାନ୍ତୁ ବୋଲି ଏଡିଜି ଜେଠୱା କହିଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ କହିଛନ୍ତି, ଲକ୍‌ଡାଉନରେ ଖୋଲାରହିଥିବା ଆଇଟି, ଶିଳ୍ପ ଓ ଅନ୍ୟ ଘରୋଇ ସଂସ୍ଥାର କର୍ମଚାରୀମାନେ କମ୍ପାନୀ ପକ୍ଷରୁ ମିଳିଥିବା ପରିଚୟପତ୍ର ବା ଅନୁମତି ପତ୍ର ବ୍ୟବହାର କରି ଯାତାୟାତ କରୁଛନ୍ତି। ତେବେ ଆଗକୁ ମୁଖ୍ୟତଃ ଆଇଟି କର୍ମଚାରୀଙ୍କ ପାଇଁ ବ୍ୟକ୍ତିଗତ ପାସ୍ ବ୍ୟବସ୍ଥା ଲାଗୁ କରାଯିବ ବୋଲି ଡିସିପି ଦାଶ କହିଛନ୍ତି। କଟକ ଡିସିପି ପ୍ରତୀକ ସିଂ ଲୋକଙ୍କ ସହଯୋଗ ଲୋଡ଼ିଛନ୍ତି। ସେ କହିଛନ୍ତି, ପୋଲିସ ନିଜ କାର୍ଯ୍ୟ କରୁଛି। ପୋଲିସର କିଛି ଭୁଲ୍‌ଭଟ୍‌କା ଦେଖିଲେ ଆମକୁ ଜଣାନ୍ତୁ। ଏଥିସହିତ ଆଖପାଖ ଅଞ୍ଚଳରେ କରୋନା ଆକ୍ରାନ୍ତ ବ୍ୟକ୍ତି ନିୟମ ଉଲ୍ଲଂଘନ କରୁଥିଲେ ଆମ ନଜରକୁ ଆଣିଲେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସିଂ କହିଛନ୍ତି।

ସାରା ରାଜ୍ୟରୁ ଏପର୍ଯ୍ୟନ୍ତ ଅମାନିଆଙ୍କଠାରୁ ୨ କୋଟି ୮୦ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ଲକ୍‌ଡାଉନ ନିୟମ ଉଲ୍ଲଂଘନ ନେଇ ୭୧ଟି ମାମଲା ରୁଜୁ କରାଯାଇଥିବାବେଳେ ୨୬୯ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୮୩୦୦ ଗାଡି ଜବତ ହୋଇଥିବା ନେଇ ସୂଚନା ଦିଆଯାଇଛି।

### ବଜ୍ରାଘାତରେ ୧୮...

ହୋଇଥିଲା। ଏଥିରେ ୧୮ ହାତୀଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବନ ବିଭାଗ ଓ ଜିଲା ପ୍ରଶାସନ ଟିମ୍ ସେଠାକୁ ଯିବା ପାଇଁ ବାହାରିଥିଲା। ଏହା ଘଞ୍ଚ ଜଙ୍ଗଲ ହୋଇଥିବାରୁ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଗୁରୁବାର ଅପରାହ୍ଣରେ ବନ ଅଧିକାରୀମାନେ ସେଠାରେ ପହଞ୍ଚି ହାତୀଙ୍କ ମୃତଦେହଗୁଡ଼ିକୁ ଜବତ କରିଛନ୍ତି। ୧୪ ହାତୀ ପର୍ବତ ଉପରେ ମରିପଡ଼ିଥିବାବେଳେ ଆଉ ୪ ହାତୀଙ୍କ ମୃତଦେହ ତଳେ ଠାବ କରାଯାଇଥିଲା। ବ୍ୟବଚ୍ଛେଦ ଓ ଅଧିକ ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆସାମର ବଣ୍ୟପ୍ରାଣୀ ୱାର୍ଡେନ୍ ଏମ୍.କେ. ଯାଦବ କହିଛନ୍ତି।

### କୋଭିଶିଲ୍ଡର ଦ୍ୱିତୀୟ...

ସେହିପରି ଯେଉଁମାନେ କରୋନା ସଂକ୍ରମିତ ହୋଇଥିଲେ ଏବଂ ଟିକା ନେବା ପାଇଁ ଅପେକ୍ଷା କରିଛନ୍ତି, ସେମାନଙ୍କୁ ଆରୋଗ୍ୟ ହେବାର ୬ ମାସ ପରେ ଟିକା ନେବାକୁ ଏନ୍‌ଟିଏଜିଆଇ ପରାମର୍ଶ ଦେଇଛି। ଗର୍ଭବତୀ ମହିଳା ଯେକୌଣସି କୋଭିଡ୍ ଟିକା ନେଇପାରିବେ ଏବଂ ସ୍ତନ୍ୟପାନ କରାଉଥିବା ମହିଳା ଯେକୌଣସି ସମୟରେ ଟିକା ନେଇପାରିବେ ବୋଲି କୁହାଯାଇଛି।

### ସାରାରାଜ୍ୟରେ...

ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ୧୫ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କୋରାପୁଟ, ମାଲକାନଗିରି, ଗଜପତି, ରାୟଗଡ଼ା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ସାମାଜିକ ସ୍ତରରେ ଦୂରଦର୍ଶିତା ଅଭାବରୁ କେତେକ ଭୁଲ୍‌କୁ ପ୍ରଶ୍ରୟ ଦେଇପାରନ୍ତି। ବନ୍ଧୁଙ୍କ ଭୁଲ୍ ବୁଝାମଣା କାରଣରୁ ମାନସିକ ଅଶାନ୍ତିର ସମ୍ମୁଖୀନ ହୋଇପାରନ୍ତି। ପ୍ରତିଯୋଗିତାରେ ଆଂଶିକ ସଫଳତା ପାଇବେ। ଅଫିସ୍ କାମରେ ଏପରି କି ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ।

**ବୃଷ**
ସନ୍ତାନ ହେତୁକ ମାନସିକ ଅଶାନ୍ତି ଅନୁଭବ କରିପାରନ୍ତି। ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ସମସ୍ୟା ମଧ୍ୟରେ ମନରେ ସବୁବେଳେ ଟେନ୍ସନ ଲାଗି ରହିବ। ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚାନ୍ତ ଚିନ୍ତାକୁ ବଢାଇ ଦେବ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ।

**ମିଥୁନ**
ଋଣ ପରିଶୋଧ ସକାଶେ ବ୍ୟଗ୍ରତା ପ୍ରକାଶ ପାଇବ। ଜଣେ ବନ୍ଧୁ ଆଜି ଆପଣଙ୍କର ମାର୍ଗଦର୍ଶକ ସାଜି ପାରନ୍ତି, ଯାହା କି ଆପଣଙ୍କ ସକାଶେ ହିତକର ହେବ। କର୍ମକ୍ଷେତ୍ରରେ, ବ୍ୟବସାୟରେ, ପାରିବାରିକ ସମସ୍ୟା ସମାଧାନରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ।

**କର୍କଟ**
କାର୍ଯ୍ୟବ୍ୟସ୍ତତାରୁ କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବେ ରହି ପାରିବେ ନାହିଁ। ଘର କଥା ଓ ଆର୍ଥିକ ସମସ୍ୟା ନେଇ ମନରେ ଦୁର୍ଭାବନା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ କରି ସହକର୍ମୀମାନେ କଳହର ମାତ୍ରାକୁ ବଢାଇଦେଇପାରେ। ଅନ୍ୟକୁ ଆପଣାର କରିବାରେ ପ୍ରଲୋଭନ ଓ କୌଶଳ ସାହାଯ୍ୟ କରିବ।

**ସିଂହ**
ସମସ୍ୟା ଲାଗି ରହିଥିଲେ ମଧ୍ୟ ସାହସ ବାନ୍ଧି କୌଣସି କାମ ଆରମ୍ଭ କରି ସଫଳତା ପାଇବେ। ଯେତେ ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। କର୍ମକ୍ଷେତ୍ରରେ ତଥାପି ଏକା ସଙ୍ଗରେ ବହୁତ କାମ ହାତକୁ ନେଇ ବ୍ୟସ୍ତ ହୋଇପାରନ୍ତି।

**କନ୍ୟା**
ଅଫିସରେ ସାଧାରଣ କଥାରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ଆଶଙ୍କା ରହିଛି। ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନକୁ ଭାରାକ୍ରାନ୍ତ କରିବ। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଗୃହ ସଜ୍ଜା, ଗାଡି ମରାମତି, ପୁରୁଣା ଘରକୁ ସଜାଡିବାରେ ମନୋନିବେଶ କରିପାରନ୍ତି।

**ତୁଳା**
ମନ ଅସ୍ଥିର ରହିବା କାରଣରୁ ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ ଉଠିପାରେ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଘରର ବରାଦ ଅନୁସାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି। ରାଜନୀତିରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ବିଛା**
ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବାରୁ ବିବ୍ରତ ହେବେ। ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ଅଭାବ ଦୂରେଇବାର ପ୍ରୟାସ କଲେ ମଧ୍ୟ ଧାରକରଜ କରି ଆବଶ୍ୟକତା ଚଳାଇ ନେବେ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେଲେ ମଧ୍ୟ ଅସୁବିଧା ହେବନି।

**ଧନୁ**
ବିଭିନ୍ନ ପ୍ରକାରର ସମସ୍ୟା ଓ ପ୍ରତିବନ୍ଧକ ଭିତର ଦେଇ ଚଳିବା ପାଇଁ ବାଧ ହେବେ। ମନ ଭଲ ନ ଥିବା କାରଣରୁ କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ, ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ନିଜ ନିଜର ସ୍ଥାନରେ ବେଶ୍ ଖୁସୀ ରହିବେ। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର**
ଆଜି ଦିନରେ ଯାହା କରିବା ସକାଶେ ମନସ୍ଥ କରିଛନ୍ତି ସେଥିପାଇଁ ବନ୍ଧୁଙ୍କ କଥା ମାନି କାମ କଲେ ଭଲ ହେବ। ଅସମର୍ଥିତ ସୂତ୍ରରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିପାରନ୍ତି, ଏଣୁ ସତର୍କ ରହିବା ଭଲ।

**କୁମ୍ଭ**
ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସବୁ କାମଗୁଡିକ ଘାତପ୍ରତିଘାତ ମଧ୍ୟ ଦେଇ ସମ୍ପନ୍ନ ହେବାର ସମ୍ଭାବନା ରହିଛି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବହନ ଓ ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ।

**ମୀନ**
ଆଜିର କର୍ମକ୍ଷେତ୍ରରେ ସହକର୍ମୀଟି ସହ ବିବାଦ ବୃଦ୍ଧି ହୋଇପାରେ। ଆତ୍ମୀୟମାନେ ବିଶ୍ୱାସଘାତକତା କରି ସମସ୍ୟାକୁ ବଢାଇ ଦେଇପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମା, ସଂଗଠନ, ଲେଖାପଢା ଓ ଜମିଜମା କାରବାରରେ କିଛିଟା ସାମୟିକ ସମସ୍ୟା ଲାଗି ରହିବ। ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ।

ଆଜି ବୈଶାଖ ଶୁକ୍ଳ ତୃତୀୟା ଶୁକ୍ରବାର, ମାସାନ୍ତ, ମେ ୧୪ ତାରିଖ, ରାଶି ନକ୍ଷତ୍ର-ମୃଗଶିରା/ବୃଷ, ବିଛା ରାଶିର ଘାତଚନ୍ଦ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୧୫ମି ଗତେ ଘ.୦୬.୦୬ମି. ମଧ୍ୟେ, ଘ.୦୬.୫୮ମି. ଗତେ ଘ.୦୯.୩୩ମି. ମଧ୍ୟେ, ଘ.୧୨.୦୮ମି. ଗତେ ଘ.୦୨.୪୪ମି. ମଧ୍ୟେ, ଘ.୦୪.୨୭ମି. ଗତେ ଘ. ୦୬.୧୧ମି. ମଧ୍ୟେ ଅମୃତବେଳା। ରାତ୍ରି ଘ.୦୯.୦୮ମି. ଗତେ ଘ.୦୯.୫୨ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୦.୦୬ମି. ଗତେ ଘ.୧୧.୪୩ମି. ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302




**SALE**

2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989. D-70836

Residential Cum commercial plots at Nakhara to Adaspur road. 8249851363, 8118078023. D-70450




1200sft 1st Floor prime location Sahid Nagar for Office, Clinic purpose. Contact - 9337048070, 9437353662. D- 69986




Ayurvedic full body massage by experienced (M/F) therapist. 8018656899, 7008773793. D-59989

**LOST**

Original WESCO (now TPWODL) money receipts No: 9196 dated 16.01.2014 and No: 6613 dated 29.03.2012 issued in favour of Hindalco Industries Ltd, Hirakud FRP plant are lost. NCR is lodged at Hirakud Police Station Vide NCR NO:18 dated:07.05.2021. D-20705

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସବଡେଗା ବ୍ଲକର ବିଭିନ୍ନ ଅଞ୍ଚଳ ବିଶୋଧନ

**ସୁନ୍ଦରଗଡ,(ଡି.ଏନ.ଏ):** କରୋନା ଦ୍ୱିତୀୟ ଲହରର ପ୍ରକୋପ ଦିନକୁ ଦିନ ବୃଦ୍ଧି ଲାଗି ଥିବାବେଳେ ସୁନ୍ଦରଗଡ଼ ଜିଲାର ପ୍ରତ୍ୟେକ ଗ୍ରାମରେ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଛି। ତତ୍ ସଙ୍ଗେ ମୃତ୍ୟୁହାର ବଢ଼ିବାରେ ଲାଗିଛି। ଏଣୁ ଯୁଦ୍ଧକାଳୀନ ଭିତ୍ତିରେ ତଲସରା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ସଂକ୍ରମଣରୁ ମୁକ୍ତ ରଖିବା ପାଇଁ ଗୁରୁବାର ଭାଜପା ଜିଲା ସଭାପତି ତଥା ତଲସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ପ୍ରୟାସ କ୍ରମେ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ସହଯୋଗରେ ସବଡେଗା ବ୍ଲକ ଅନ୍ତର୍ଗତ ଗଏଲୋ, ଯାଇସର ଏବଂ ଯମୁନା ଗ୍ରାମର ମୁଖ୍ୟ ରାସ୍ତା ସହ ବସ୍ତି ଓ ପଡ଼ା ଅଞ୍ଚଳକୁ ବିଶୋଧନ କରାଯାଇଛି।

# ସଂକ୍ଷେପରେ

## ଯୁବକଙ୍କ ଆକସ୍ମିକ ମୃତ୍ୟୁ

**କୁତ୍ରା, ୧୩।୫(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା କଟଙ୍ଗ ଗ୍ରାମର ଯୁବକ ଅର୍ଜୁନ ଅମାତଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କଟଙ୍ଗ ଗ୍ରାମର ଅର୍ଜୁନ ଜଣେ ମେଳାପି ଓ ପରୋପକାରୀ ଯୁବକ ଥିଲେ। ସେ ରାଜିରୋଡସ୍ଥିତ ଏକ ଚୁନାଭାଟାରେ ସୁପରଭାଇଜର ଭାବେ କାମ କରୁଥିଲେ। ଗୁରୁବାର ସକାଳେ ଚୁନାଭାଟାକୁ କାମ ପାଇଁ ଆସି ଦେହ ଖରାପ ଥିବାରୁ ପୁଣି ଘରକୁ ଫେରିଯାଇଥିଲେ। ସେ ଘରକୁ ଗଲାପରେ ଘରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କିଛି ଦିନରୁ ତାଙ୍କୁ ଜ୍ୱର ହେଉଥିବାର ତାଙ୍କ ସହଯୋଗୀ କର୍ମିଙ୍କଠାରୁ ଜାଣିବାକୁ ମିଳିଛି।ତାଙ୍କୁ କରୋନା ହୋଇଥିବ କି ନାହିଁ ଜଣାପଡି ନ ଥିବା ବେଳେ ତାଙ୍କ କାର୍ଯ୍ୟରତ ସ୍ଥାନରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ କରୋନା ପରୀକ୍ଷା କରାଯିବା କଥା ବୋଲି ମତ ପ୍ରକାଶ ପାଇଛି। ତା' ଛଡା କାର୍ଯ୍ୟ କରୁଥିବା କମ୍ପାନୀ ତାଙ୍କ ପରିବାରକୁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶୈଳେଶ ହେଲେ ଛାତ୍ର ବିଜେଡି ଡିଜିଟାଲ ସମ୍ପାଦକ

**ସୁନ୍ଦରଗଡ଼,୧୩।୫(ଡି.ଏନ.ଏ):** ଜିଲା ବିଜୁ ଛାତ୍ର ଜନତା ଦଳର ଜିଲା ମିଡ଼ିଆ ଇନ୍‌ଚାର୍ଜ ଶୈଳେଶ କୁମାର ନାଏକଙ୍କୁ ନୂତନ ଭାବରେ ଜିଲା ବିଜୁ ଛାତ୍ର ଜନତା ଦଳର ଡିଜିଟାଲ ସମ୍ପାଦକ ଦାୟିତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ। ଶୈଳେଶଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ନୂତନ ଦାୟିତ୍ୱ ଦେଇ ଥିବାରୁ ଶୈଳେଶ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବାଙ୍ଗୀ ବିଧାୟକ ତଥା ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀରଞ୍ଜନ ତ୍ରିପାଠି, ବିଜେଡି ଜିଲା ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡାଇ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଯୋଗେଶ ସିଂ, ସୁନ୍ଦରଗଡ଼ ବିଜୁ ଛାତ୍ର ଜନତା ଦଳର ସଭାପତି ସୟଦ ସେହବାଜ ହୁସେନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।



## କୋଭିଡ୍‌ରେ ଭିଡିଓ ସାମ୍ବାଦିକଙ୍କ ବିୟୋଗରେ ଶୋକ

**କୁତ୍ରା,୧୩।୫(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ରାଉରକେଲାର ଭିଡିଓ ସାମ୍ବାଦିକ ସୁମନ୍ତ ମହାନ୍ତିଙ୍କ କୋଭିଡ୍‌ରେ ମୃତ୍ୟୁକୁ ନେଇ ସୁନ୍ଦରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ସଂଘର ସଭାପତି ପଙ୍କଜ କୁମାର ସାହୁ, ସମ୍ପାଦକ ଉପେନ୍ଦ୍ର ବଖାର, ସହସମ୍ପାଦକ ଅନନ୍ତ ପଟେଲ ଓ ପ୍ରଦୀପ ନନ୍ଦ ଭିଡିଓ ସାମ୍ବାଦିକଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ତାଙ୍କ ଶୋକାକୁଳ ପରିବାରକୁ ସମବେଦନା ଜଣାଇଛନ୍ତି। ସଂଘର ସଭ୍ୟ କାହ୍ନୁ ଚରଣ ସାହୁ, ଦେବାଶିଷ ସାହୁ, ପ୍ରଫୁଲ୍ଲ ସାହୁ, ମନୋଜ ଭଳ, ବିକାଶ ରଞ୍ଜନ ନାୟକ, ମନୋଜ ଗୌଡ, ମନୋଜ ଗଡତିଆ, ଲବଣି ପୃଷେଠ, ଅନୁପ ବିସି ପ୍ରମୁଖ ଦୁଃଖ ପ୍ରକାଶ କରିବା ସହିତ ପ୍ରଶାସନ ଯଥାଶୀଘ୍ର ସାମ୍ବାଦିକଙ୍କ ପରିବାରକୁ ସରକାରଙ୍କ ତରଫରୁ ଘୋଷିତ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ନିବେଦନ କରିଛନ୍ତି।

## ପାଖ ମାଡିଲେନି ସମ୍ପର୍କୀୟ, ମୃତଦେହ ସତ୍କାର କଲେ ଛାତ୍ରବିଜେଡି କର୍ମକର୍ତ୍ତା

**ବେଦବ୍ୟାସ, ୧୩।୫ (ଡି.ଏନ.ଏ)**

କରୋନା ମହାମାରୀ ସଂକ୍ରମଣ ଭୟରେ ମୃତଦେହକୁ କାନ୍ଧ ଦେଲେନି ଗାଁ ଲୋକେ। ଏପରିକି ପାଖକୁ ଆସିଲେନି ସମ୍ପର୍କୀୟ। ବହୁ ସମୟ ଧରି ଗାଁରେ ପଡି ରହିଥିଲା ମୃତଦେହ। ଏହି ଘଟଣା ଘଟିଛି ବେଦବ୍ୟାସ ଅଞ୍ଚଳରେ। ଶେଷରେ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ଛାତ୍ର ବିଜୁ ଜନତା ଦଳର କର୍ମକର୍ତ୍ତାମାନେ ବେଦବ୍ୟାସ ବାସିନ୍ଦାଙ୍କ ମୃତଶରୀର ଦାହ ସତ୍କାର ବୁଧବାର ବେଦବ୍ୟାସ ସ୍ୱର୍ଗଦ୍ୱାରରେ କରିଛନ୍ତି। ଏହି ଦାହ ସତ୍କାର କାର୍ଯ୍ୟକ୍ରମରେ ଛାତ୍ର ବିଜୁ ଜନତା ଦଳର କର୍ମୀ ସୁଧିର ସାହ, ସବିର ହୁସେନ, ସନ୍ତୋଷ ପ୍ରସାଦ, ଓମ ପ୍ରକାଶ ମଲ୍ଲିକ, ନିରଞ୍ଜନ ସେଠୀ, ଅଜୟ ନାୟକ, ବିଶ୍ୱ ପ୍ରକାଶ ବେହେରା ଓ ଛାତ୍ର ଯୁବ ନେତା ରବିନ୍ଦ୍ର କୁମାର ପ୍ରଧାନଙ୍କ ନେତୃତ୍ୱରେ ଅନ୍ତିମ ସତ୍କାର କରିଥିଲେ।

# ଖଣିର ଦୂଷିତ ପାଣି ନାଳରେ ପ୍ରବାହିତ

**ଲହୁଣୀପଡା, ୧୩।୫ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଶସ୍ୟକଳା ପଞ୍ଚାୟତ ସ୍ଥିତ ନାଳରେ ଖରାଦିନେ ଗୋଳିଆ ପାଣି ବୋହିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହା ବିରୋଧରେ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ପାଇଁ ଲୋକେ ଦାବି କରିଛନ୍ତି। ଶସ୍ୟକଳା ପଞ୍ଚାୟତ ବରସୁଆଁଠାରେ ବରସୁଆଁ ଲୌହ ଖଣି ରହିଛି। ଉକ୍ତ ଖଣିରୁ ଉତ୍ତୋଳନ ହେଉଥିବା ଲୁହାପଥର କଞ୍ଚାମାଲକୁ ଧୋଇବା ପାଇଁ ଖଣି କର୍ତ୍ତୃପକ୍ଷ ଏକ ଡ୍ୟାମ ତିଆରି କରିଛନ୍ତି। ସେହି ଡ୍ୟାମର ଦୂଷିତ ପାଣିକୁ ସ୍ଥାନୀୟ ନାଳରେ ଛାଡି ଦେଇ ଥିବାରୁ ସ୍ଥାନୀୟ ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଉକ୍ତ ନାଳ ଉପରେ ବରସୁଆଁ ଅଞ୍ଚଳର ଲୋକମାନେ ଗାଧୋଇବା, ଲୁଗା ସଫା କରିବା ପାଇଁ ବିଭିନ୍ନ ସମୟରେ ନିର୍ଭର କରିଥାନ୍ତି । ଗୁରୁବାର ସେଲ ପକ୍ଷରୁ ଦୂଷିତ ପାଣିକୁ ନାଳରେ ଛାଡିଦେବା ଦ୍ୱାରା ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହା ପୂର୍ବରୁ ମଧ୍ୟ ଉକ୍ତ ନାଳରେ ଦୂଷିତ ପାଣି ଛାଡି ଦେବା ଦ୍ୱାରା ସ୍ଥାନୀୟ ସରପଞ୍ଚ ସୁଶିଳା ଟପ୍ପୋ ବିରୋଧ କରିବା ସହିତ ପୁନର୍ବାର ଏଭଳି କାମ ନ କରିବା ପାଇଁ ଚେତାବନୀ ଦେଇଥିଲେ। କିନ୍ତୁ ଗୁରୁବାର ସେହି ନାଳରେ ଦୂଷିତ ନାଲି ପାଣି ଛାଡିଦେବା ଦ୍ୱାରା ବର୍ଷା ଦିନ ଭଳି ନାଲିକାଦୁଅ ପାଣି ନାଳରେ ବୋହିବା ଦେଖି ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧିପାଇଛି।



ନାଳରେ ଦୂଷିତ ନାଲି ପାଣି ବୋହୁଛି।

**ଦୂଷିତ ପାଣି ଯୋଗୁ ବଢୁଛି ଜନଅସନ୍ତୋଷ**

## ବିଜୁ ଯୁବ ଜନତା ଦଳର ଡିଜିଟାଲ ସମ୍ପାଦକ ନିଯୁକ୍ତ

**ସୁନ୍ଦରଗଡ଼,୧୩।୫(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବିଜୁ ଯୁବ ଜନତା ଦଳର ଡିଜିଟାଲ ସମ୍ପାଦକ ଭାବେ ରୋଶନ ସାହୁଙ୍କୁ ନିଯୁକ୍ତ କରାଯାଇଛି। ପୂର୍ବରୁ ବିଜୁ ଯୁବ ଜନତା ଦଳର ଆଇଟି କୋଅର୍ଡିନେଟର ଥିବା ରୋସନଙ୍କ କାର୍ଯ୍ୟ ଦକ୍ଷତାକୁ ଦୃଷ୍ଟିରେ ରଖି ତାଙ୍କୁ ଡିଜିଟାଲ ସମ୍ପାଦକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ତାଙ୍କ ଉପରେ ପୁଣି ଥରେ ବିଶ୍ୱାସ ରଖି ନୂତନ ଦାୟିତ୍ୱ ପ୍ରଦାନ କରିଥିବାରୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସମସ୍ତ କର୍ମକର୍ତ୍ତାଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

# ଆବଶ୍ୟକ ସ୍ଥାନରେ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ କରାଯାଉଛି : କମିଶନର

**ରାଉରକେଲା ଅଫିସ, ୧୩।୫**

**ରାଉରକେଲାକୁ କୋଭିଡ୍‌ମୁକ୍ତ କରିବା ପାଇଁ ପଦକ୍ଷେପ**

ରାଉରକେଲା ସହରରେ କୋଭିଡ୍ ସଂକ୍ରମଣର ଚେନ ଭାଙ୍ଗିବାକୁ ଆବଶ୍ୟକ ସ୍ଥାନରେ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ କରାଯାଉଛି। ମୁଖ୍ୟତଃ ଯେଉଁସବୁ ଅଞ୍ଚଳରେ ଟେଷ୍ଟିଂ ବେଳେ ଅଧିକ ସଂଖ୍ୟାରେ ପଜିଟିଭ କେସ ଆସୁଛି ସେହି ସ୍ଥାନରେ ସଂକ୍ରମଣକୁ ରୋକିବାକୁ ରାଉରକେଲା ମହାନଗର ନିଗମ ପକ୍ଷରୁ ଏହି ପଦକ୍ଷେପ ନିଆଯାଉଛି ବୋଲି କମିଶନର ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି।

ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଲୋକଙ୍କୁ ଭୟଭୀତ କରିବାକୁ କରାଯାଉ ନାହିଁ। ଏହାର ମୂଳ ଲକ୍ଷ୍ୟ ହେଉଛି ବ୍ୟାପୁଥିବା କୋଭିଡ ସଂକ୍ରମଣକୁ ସେହି ସ୍ଥାନରେ ସୀମିତ କରି ରଖିବା। ଘରଘର ବୁଲି ଟେଷ୍ଟିଂ କରିବା ସହ ଯେଉଁ ଜାଗାରେ ପଜିଟିଭ ମାମଲା ଆସୁଛି ସେମାନଙ୍କୁ ଗୃହସଙ୍ଗରୋଧରେ ରଖିବା। ଏହି ସମୟରେ ମହାନଗର ନିଗମ ପକ୍ଷରୁ ରାପିଡ଼ ରେସପନ୍ସ ଟିମ ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନିୟୋଜିତ କରି ଲୋକଙ୍କୁ ଆବଶ୍ୟକ ଔଷଧ ଏବଂ ପରାମର୍ଶ ଦିଆଯାଉଛି। ତେଣୁ ମାଇକ୍ରୋ କଣ୍ଟେନମେଣ୍ଟର ମୂଳ ଲକ୍ଷ୍ୟ ହେଉଛି ସମ୍ପୃକ୍ତ ଅଞ୍ଚଳକୁ ଏକ ପ୍ରକାର ଆବଦ୍ଧ କରି କିଛିଦିନ ମଧ୍ୟରେ ସମ୍ପୂର୍ଣ୍ଣ କୋଭିଡ ମୁକ୍ତ କରିବା ବୋଲି କମିଶନର କହିଛନ୍ତି।

ରାଉରକେଲା ସହରକୁ କୋଭିଡ୍ ମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ 'ବ୍ରେକ ଦ ଚେନ' ଅଭିଯାନ ଆରମ୍ଭ କରାଯାଇଛି। ଏଥିପାଇଁ ଭ୍ରାମ୍ୟମାଣ ଟେଷ୍ଟିଂ ବ୍ୟବସ୍ଥା କରାଯାଉଛି। କୋଭିଡ ପଜିଟିଭ ବାହାରୁଥିବା କିମ୍ବା ସଂକ୍ରମଣର ଆଶଙ୍କା ରହିଥିବା ବ୍ୟକ୍ତିଙ୍କୁ ହୋମ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖାଯାଉଛି। ତେଣୁ କଣ୍ଟେନମେଣ୍ଟ ଜୋନ ଭଳି ଅତି ଜରୁରୀ ପ୍ରଶାସନିକ ପଦକ୍ଷେପକୁ ସ୍ୱାଗତ କରିବାକୁ ରାଉରକେଲା ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡ଼ା ନଗରବାସୀଙ୍କୁ ଅପିଲ କରିଛନ୍ତି।

## ବଡ଼ଗାଁର ୨ ପ୍ରତିଭାଙ୍କ ଜୀବନ ନେଲା କରୋନା

**ବଡ଼ଗାଁ, ୧୩।୫ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳର ୨୫ଜଣଙ୍କୁ କରୋନା ତାର ମୃତ୍ୟୁ ଗର୍ଭକୁ ଟାଣି ନେଲାଣି। ତନ୍ମଧ୍ୟରୁ ବଡ଼ଗାଁର ୨ ପ୍ରତିଭାଙ୍କୁ ଗ୍ରାମବାସୀ, ପରିବାର, ସମ୍ପର୍କୀୟଙ୍କ ଠାରୁ ଛଡାଇନେଇଛି। କିଛିଦିନ ପୂର୍ବେ ଗ୍ରାମର କୃତୀ, ମେଧାବୀ, ମେଳାପୀ ବ୍ୟକ୍ତି ଭାବେ ପରିଚିତ ପ୍ରଫେସର ରମଣୀରଞ୍ଜନ ପାଣିଗ୍ରାହୀଙ୍କ କରୋନାରେ ମୃତ୍ୟୁ ହୋଇଥିଲା ବେଳେ ବୁଧବାର ବଡ଼ଗାଁର ଗୌଡିଆ ପ୍ରକାଶ ପାଣିଗ୍ରାହୀଙ୍କ ଏକମାତ୍ର ଝିଅ ଅନାମିକା (ମିକା-୪୫)ଙ୍କ ସଂକ୍ରମଣରେ ମୃତ୍ୟୁ ଘଟିଛି। ସଫ୍ଟୱେୟର୍ ଇଞ୍ଜିନିୟର ମିକା ହାଇଦ୍ରାବାଦରେ ଚାକିରି କରୁଥିଲେ। କିଛି ମାସ ହେଲା ସେ ବଡଗାଁରେ ରହୁଥିଲେ। ୧୧ ଦିନ ପୂର୍ବେ ସେ ସଂକ୍ରମିତ ହୋଇଥିବା ଜଣାପଡିବା ପରେ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। କରୋନା ମହାମାରୀ ସମୟରେ ଏଭଳି ବ୍ୟକ୍ତିତ୍ୱଙ୍କ ପ୍ରତି ଶେଷ ଶ୍ରଦ୍ଧା, ସମ୍ମାନ ଜଣାଇ ନ ପାରିବାରୁ ଅନେକ ମର୍ମାହତ ହୋଇଛନ୍ତି । ତଥାପି ସମସ୍ତଙ୍କୁ ଧୈର୍ଯ୍ୟରଖି ପରିସ୍ଥିତିର ମୁକାବିଲା କରିବା ହିଁ ଶେଷ ବିକଳ୍ପ ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.03-SBP-TRD-OT-2021-22, ତା.10.05.2021ରିଖ

**କାର୍ଯ୍ୟର ନାମ:** 26 ମାସ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ / TRD / ସମ୍ବଲପୁରଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ବ୍ୟବହାର ପାଇଁ ଚୁକ୍ତି ଭିତ୍ତିରେ ଗୋଟିଏ ନନ୍-ଏସି ଗାଡ଼ି (ଟାଟା ସୁମୋ / ମହିନ୍ଦ୍ରା ବୋଲେରୋ / ସ୍କୋର୍ପିଓ କିମ୍ବା ଅନୁରୂପ) ଭଡ଼ା ସୂତ୍ରରେ ନେବା।

**ଆନୁମାନିକ ମୂଲ୍ୟ (ଟଙ୍କାରେ):** 9,44,408.35,ଶେଷ ହେବା ଅବଧି : 26 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.01.06.2021 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ:** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-91/M/21-22


# ଲହୁଣୀପଡା: ୩୧ରୁ ୧୭ ପଜିଟିଭ ଚିହ୍ନଟ

**ଲହୁଣୀପଡା, ୧୩।୫ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଗୁରୁବାର କରୋନା ଆଣ୍ଟିଜେନ୍ ପରୀକ୍ଷା କରାଯାଇଥିଲା । ଏଥିରେ ୩୧ ଜଣଙ୍କ ମଧ୍ୟରୁ ୧୭ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡିଛି ।

# ଦ୍ୱିତୀୟ ଦିନରେ ଟିକା ନେଲେ ୩୨୬୩ ଜଣ

**ରାଉରକେଲା ଅଫିସ, ୧୩।୫**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଉରକେଲା ମହାନଗର ନିଗମରେ ୧୮ରୁ ୪୪ ବର୍ଷ ବର୍ଗଙ୍କୁ କୋଭିଡ୍ ଟିକା ଦିଆଯାଉଛି। ଗୁରୁବାର ମୋଟ ୩୨୬୩ ଜଣ ଟିକା ନେଇଛନ୍ତି। ଟିକାକରଣ ପାଇଁ ରାଉରକେଲା ସହରରେ ୮ଟି କେନ୍ଦ୍ର କରାଯାଇଛି। ଯେଉଁମାନେ ଅନ୍‌ଲାଇନ ପଞ୍ଜିକରଣ କରି ସ୍ଲଟ୍ ପାଇଥିଲେ ସେମାନେ ନିର୍ଦ୍ଧାରିତ କେନ୍ଦ୍ରକୁ ଆସି ଟିକା ନେଇଛନ୍ତି। ଏହି ଟିକାଦାନକୁ ନେଇ ଯୁବପିଢ଼ିଙ୍କ ମନରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ୧୮-୪୪ ବର୍ଷ ବର୍ଗଙ୍କ ପାଇଁ ଟିକା ଆସିବା ସୂଚନା ମିଳିବା ପରେ ଜିଲା ପ୍ରଶାସନ ପକ୍ଷରୁ ଟିକାଦାନ ଲାଗି ୨୨ ତାରିଖ ଯାଏଁ ନୂତନ ସୂଚୀ ପ୍ରସ୍ତୁତ କରାଯାଇଛି। ବର୍ତ୍ତମାନ ଏହି ବର୍ଗର ବ୍ୟକ୍ତିଙ୍କୁ ମଙ୍ଗଳବାର, ଗୁରୁବାର ଓ ଶନିବାର ଟିକା ଦିଆଯାଉଛି। ଗତ ମଙ୍ଗଳବାର ଦିନ ୩୮୦୮ ଜଣ ଯୁବପିଢ଼ି ଟିକା ନେଇଥିଲେ। ସେହିପରି ୪୫ ବର୍ଷରୁ ଅଧିକ ବର୍ଗଙ୍କୁ ଟିକାଦାନ ପାଇଁ ବୁଧବାର, ଶୁକ୍ରବାର ଓ ସୋମବାର ଧାର୍ଯ୍ୟ କରାଯାଇଛି। ସେମାନଙ୍କୁ କେବଳ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଉଛି। ଏହି ବର୍ଗ ପାଇଁ ଆଗୁଆ ପଞ୍ଜିକରଣର ଆବଶ୍ୟକତା ନାହିଁ। ସେମାନେ ସିଧାସଳଖ ନିକଟସ୍ଥ ଟିକାକରଣ କେନ୍ଦ୍ରରେ ପହଞ୍ଚି ପଞ୍ଜିକରଣ କରିବାକୁ ପ୍ରଶାସନ ସୂଚନା ଦେଇଛି। ତେବେ ସରକାରଙ୍କ ନୂଆ ନିୟମ ଅନୁଯାୟୀ କୋଭିସିଲ୍ଡ ଟିକା ପ୍ରଥମ ଡୋଜ୍ ନେବାର ୬ ସପ୍ତାହ ବା ୪୨ ଦିନ ପରେ ହିଁ ଦ୍ୱିତୀୟ ଡୋଜ୍ ଦିଆଯିବ। ଏହି ନିୟମକୁ ମେ'୧୨ ତାରିଖରୁ ଲାଗୁ କରାଯାଇଛି।


**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LIMITED, NUAPADA**
Phone: 9438200055, 9178795393, 9658244270
www.nuapada.nic.in (Website of the District)

District Manager, Odisha State Civil supplies Corporation Ltd., Nuapada invites tenders through ONLINE MODE ONLY for the works below.

| Sl. No. | Particulars | | Tender No. & Date |
|---|---|---|---|
| 1 | Name of the Work | (i) Selection and appointment of Level-II Transport Contractor under Departmental Storage Operation for transportation of Food Grains from Rice Receiving Centre-cum-Departmental Storage Centre (RRC-cum-DSCs) to Retail Centres of the tagged unit in Nuapada district. | 1800 Dated: 13.05.2021 |
| | | (ii) Selection and appointment of Handling Contractor under Departmental Storage Operation for handling of Food Grains at Rice Receiving Centre-cum-Departmental Storage Centre (RRC-cum-DSCs) | 1801 Dated: 13.05.2021 |
| 2 | Availability of bid document in the portal | From 15.05.2021 | |
| 3 | Last date/time for receipt of bids in the portal | 30.05.2021 upto 1.00 P.M. | |
| 4 | Date/Time of Opening of Technical Bid | | |
| | (A) Handling Contractor | On Dt.02.06.2021 at 11.00 A.M. | |
| | (B) level-II Transport Contractor | On Dt.04.06.2021 at 11.00 A.M. | |
| 5 | Date/Time of Opening of Price Bid | To be notified after Technical Bid evaluation | |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website **www.nuapada.nic.in**. Amendments/Corrigendum/Cancellation/retenders etc. if any shall be published only in the above websites.

**Sd./- CSO-cum-District Manager**
**OSCSC Ltd., Nuapada**



**ZILLA SWASTHYA SAMITI, NUAPADA**
**OFFICE OF THE CDM & PHO cum DMD, NUAPADA**
**DPMU, NATIONAL HEALTH MISSION**
E-mail: nhmnuapadanua@gmail.com; Phone: (06678)-223346

Notice No.: 2219/DPMU/NHM/2021 Date: 13.05.2021

**NOTICE - CONTRACTUAL APPOINTMENT**

No. E-91:- The Provisional Database of candidates applied for different post under NHM such as AYUSH MO (MHU & RBSK), Optometrist, Dental Technician, DPC (RNTCP) & Office Assistant with reference to the advertisement no. 4699/DPMU/NHM/2020 dated 23.12.2020 is prepared based on the documents submitted along with the application and uploaded in the district website www.nuapada.nic.in for information of the candidates. ***All eligible candidates for the post of AYUSH MO (MHU & RBSK), Optometrist, Dental Technician will be considered for further process. For the post of DPC (RNTCP) 10 candidates in order of their merit based on career assessment & for the post of Office Assistant 20 candidates in order of their merit based on career assessment will be called for further process.*** The candidates are advised to visit to the database and submit objections, if any on or before 26.05.2021 till 5 P.M. through Registered Post/Speed Post/ Courier Only and the envelope must be superscribed "Objection on Database for the Post of ______________". Objection received in any other mode and beyond 26.05.2021 will not be entertained. The database is purely provisional and subjet to change after further scrutiny. The documents which are not submitted along with the application will not be entertained. The compliance of the objections and final shortlisting will be uploaded in the district website by 7th of June 2021. So all caniddates are informed to visit the district website in regular interval.

**Sd./- CDM & PHO cum DMD, Nuapada**
OIPR-10055/11/0002/2122



**DISTRICT RURAL DEVELOPMENT AGENCY, SUBARNAPUR**
**TENDER CALL NOTICE**

No.CAD-274:- Sealed tenders are invited from reputed fimrs/agencies suppliers for supply Interactive Flat Panel Education Digital Board, Science Laboratory Table, Desk Bench & Play mounting including White Board & Green Board as per tender specifications (Vide Tender Call Notice No. 2505, 2507, 2509 & 2511 dated 11.05.2021) for High School Transformation under 5T initiative. The details tender documents can be obtained from the District website i.e. http://subarnapur.nic.in.

The authority reserves the right to accept or reject any or all tender without assigning any reason thereof.

**Sd./- Project Director**
**DRDA, Subarnapur**
OIPR-15013/11/0004/2122



**GOVERNMENT OF ODISHA**
**DISTRICT PROJECT OFFICE, SAMAGRA SIKSHYA, SUNDARGARH**
E-mail ID: - dpcsndgssa.opepa@nic.in
**"e"-Procurement Notice**
**Bid Identification No- DPC/SS/SNG/04 of 2020-21**
Letter No: -1400/Civil/ Date: -12/May/ 2021

| | | | |
|---|---|---|---|
| 1. | District Project Co-ordinator, Samagra Sikshya, Sundargarh on behalf of Governor of Odisha inviting percentage rate bid in Double cover system on ON-LINE mode from eligible contractors with valid licenses for "Improvement of Infrastructure (Civil +Electrical +PH +Renovation) in the Schools" as detailed in DTCN. | | |
| 2. | Nature of work | :- | Improvement of Infrastructure (Civil + Electrical + PH + Repair & Renovation) in the Schools. |
| 3. | No. of works | :- | 109 (One hundred Nine Nos). |
| 4. | Cost of tender paper | :- | Rs.10,000/- In 102 Projects & Rs.6,000/- In 7 Projects |
| 5. | Class of contractor | :- | "B" & "A" in 101 Projects / "C" & "B" in 6 Projects / "D" & "C" in 1 Project / "A" & "Special" in 1 project |
| 6. | Availability of bid document in the website | :- | From 10.00 hours of date - 17.05.2021 to 17.00 hours of date- 01.06.2021 |
| 7. | Date of opening of bid | :- | 11:00 A.M. on Dt. 02.06.2021 |
| 8. | The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum / corrigendum / cancellation of tender can also be seen in the said website only. | | |

**Sd./- Pramod Kumar Sarangi**
**District Project Co-ordinator,**
**Samagra Sikshya, Sundargarh**



**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O), E-mail: serifedodisha@gmail.com, Website: www.serifedodisha.in

Bid identification no:- VI-38(01)/SERIFED/2021-22/ 575/ DT.10.05.2021

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, from the registered contractors "C" and "B" experienced in execution of similar type of works for the 04 (Four) nos. of work at different place of odisha. The bid documents such as DTCN/ BOQ etc. can be seen/downloaded from the government website: **www.tendersodisha.gov.in** during the period **dt. 22.05.2021 to 17.00 hours up to dt. 05.06.2021.** Online bids will be **received till 17.00 hours dt. 05.06.2021** & will be opened **at 11.30 AM on Dt. 07.06.2021.** Any addendum / corrigendum / cancellation of tender can also be seen in the said website.

Sd/-
**MANAGING DIRECTOR**



**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O), E-mail: serifedodisha@gmail.com, Website: www.serifedodisha.in

Bid identification no:- VI-36(08)/SERIFED/2021-22/570/ DT.10.05.2021

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in double cover system in ONLINE MODE only, from the registered contractors ("B" & "A") experienced in execution of similar type of work for the work **"Firefighting Arrangement for Boyan Bhawan at Boyanika, Bhubaneswar".** The bid documents such as DTCN/BOQ etc. can be seen/downloaded from the government website : **www.tendersodisha.gov.in** during the period **dt. 18.05.2021 to 17.00 hours up to dt. 07.06.2021.** Online bids shall be **received till 17.00 hours dt. 07.06.2021** & shall be **opened at 11.30 AM on Dt. 08.06.2021.** Any addendum / corrigendum / cancellation of tender can also be seen in the said website.

Sd/-
**MANAGING DIRECTOR**



**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint venture)**
**Corporate Office; Burla-768017**

**NOTICE INVITING TENDER**

TP Western Odisha Distribution Limited invites tenders (2part bidding) from eligible vendors for the following packages:

1) **TPWODL/MN/O/SU/009– Rate Contract for Supply of Fire Extinguisher and Fire bucket.**

Interested bidders to submit Tender Participation Fee and Authorization Letter through email before **25th May 2021, 1500Hrs**, after which link from e-Tender system shall be shared.

For detailed tender documents of all tenders mentioned above, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd/- **Chief-Contracts and Stores**



**DISTRICT PROJECT OFFICE, SSA, SUNDARGARH**
No.1402/ TRB/ Date 12.05.2021
**SHORT TENDER CALL NOTICE**

Sealed quotations are invited from the reputed experienced offset printing firms having valid GSTN, PAN and DIC for printing of Multi Colour Poster on Corona Responsive Behaviour (CRB). The tender document should reach to the office of the udersigned through registered post or speed post only on or before Dt.20.05.2021 by 5 P.M. Tender document along with EMD Rs.10,000/- (Rupees ten thousand) only in shape of Demand Draft in favour of District Project Coordinator, Sarva Sikshya Abhiyan, Sundargarh should be submitted in the envelope duly mark on the top "Tender for printing of Multi Colour Poster on Corona Responsive Behaviour (CRB)" to the District Project Office, Sarva Sikshya Abhiyan, Infront of B.S. High School, Sundargarh, PIN- 770001. The details of the tender like, requirement, specification, term and condition etc. are available in district website www.sundergarh.nic.in. The tender will be opened on Dt.21.05.2021 at 10.00 A.M. in the Office Chamber of Collector-cum-Chairman, SS, Sundargarh in presence of all bidders or their authorized representatives. The authority reserves the right to amend, alter, modify or cancel any part or whole of the tender without assigning any reason thereof. In this regard further any clarification may contact to this office.

**Sd./- Collector-cum-Chairman**
**RTE-SS, Sundargarh**


See Career Appointment on every Wednesday & Saturday

ଯେଉଁ ଶକ୍ତି ସବୁ ସାଧନ କରିପାରିବ- ତାହା ଅଛି। କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି। ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ- ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା। -ଶ୍ରୀଅରବିନ୍ଦ

# ନୀତି ମଡେଲକୁ ସାବଧାନ



ଡାନି ରୋଡ୍ରିକ

ନବଉଦାରବାଦ ଶେଷ ହୋଇଯାଇଛି କିମ୍ବା ସମ୍ଭବତଃ ଏହା ଅଧିକ ସକ୍ରିୟ ରହିଛି। ତେବେ ସାମ୍ପ୍ରତିକ ସମୟରେ ବିଶେଷଜ୍ଞମାନେ ଏହାର ଉଭୟ ଦିଗରୁ ମଧ୍ୟ ଆଲୋଚନା କରୁଛନ୍ତି। କିନ୍ତୁ ଉଭୟ ଦିଗରେ ଆର୍ଥିକ ନୀତିରେ କିଛି ନୂଆ କରାଯାଉଛି ବୋଲି ଅସ୍ୱୀକାର କରିବା ଅତ୍ୟନ୍ତ କଷ୍ଟକର। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ସାମାଜିକ କାର୍ଯ୍ୟକ୍ରମ,ଭିତ୍ତିଭୂମି ଏବଂ ସବୁଜ ଅର୍ଥବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାରେ ଖର୍ଚ୍ଚ ଅତ୍ୟଧିକ ବୃଦ୍ଧି କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଆମେରିକାରେ ଘରୋଇ ଯୋଗାଣ ଚେନ୍‌ର ପୁନର୍ଗଠନ କରିବାକୁ ସରକାରୀ ସଂସାଧନ ଉପଯୋଗ ଏବଂ ମାନୁଫାକ୍ଚରିଙ୍ଗରେ ନିଯୁକ୍ତି ଫେରାଇ ଆଣିବା ଲାଗି ସେ ଚାହିଁଛନ୍ତି। ବିଶ୍ୱସ୍ତରରେ ସହଯୋଗଭିତ୍ତିରେ କର୍ପୋରେଟ ଟ୍ୟାକ୍ସ ବୃଦ୍ଧି କରିବା ପାଇଁ ତାଙ୍କ ଟ୍ରେଜେରି ସଚିବ ଜାନେଟ ୟେଲେନ ଜୋର୍ ଦେଉଛନ୍ତି। ମୂଲ୍ୟର ସ୍ଥିରତା ଉପରେ ଫେଡେରାଲ ରିଜର୍ଭର ମୁଖ୍ୟ ଜେରୋମ ପାୱେଲ ଏବେ ମୁଦ୍ରାସ୍ଫୀତି ଭୟ ଦୂର କରିବା ସହ ବିତ୍ତୀୟ ବୃଦ୍ଧି ଲାଗି ସମର୍ଥନର ହାତ ବଢ଼ାଇଛନ୍ତି। ଏ ସଂକ୍ରାନ୍ତରେ ସବୁ ପରିବର୍ତ୍ତିତ ନୀତି ୱାଶିଂଟନରେ ଥିବା ସମସ୍ତ ପାରମ୍ପରିକ ଜ୍ଞାନରୁ ଶୀଘ୍ର ଦୂରେଇ ଯାଉଥିବା ପ୍ରତିପାଦିତ ହୋଇଛି। ସେମାନେ କ'ଣ ଏକ ନୂଆ ଆର୍ଥିକ ନୀତି ନିର୍ଦ୍ଦେଶନର ପୂର୍ବ ସୂଚନା ଦେଉଛନ୍ତି କି? ଆମେରିକା ଓ ପାଶ୍ଚାତ୍ୟରେ ଆପଣାଯାଉଥିବା ଆର୍ଥିକ ନୀତିର ବ୍ୟାପକ ଯାଞ୍ଚ ହେବା ଦରକାର। ଏହି ଧାରଣାଗୁଡ଼ିକ ୧୯୮୦ରୁ ପ୍ରଭାବ ବିସ୍ତାର କରିଆସିଛି। ଭିନ୍ନ ଭିନ୍ନ ଭାବରେ ଏହାକୁ ୱାଶିଂଟନ କନସେନସସ୍, ମାର୍କେଟ ଫଣ୍ଡାମେଣ୍ଟାଲିଜମ କିମ୍ବା ନେଓଲିବରାଲିଜେଶନ ବୋଲି କୁହାଯାଇଛି। କିନ୍ତୁ ବାସ୍ତବରେ ଏହା ପଥଚ୍ୟୁତ ହୋଇଛି। କେନେଜିଆନିଜମ୍ ବିଫଳତା ଦୃଷ୍ଟିରୁ ଏବଂ ଅତ୍ୟଧିକ ସରକାରୀ ନିୟମ ଯୋଗୁ ଏଭଳି ଘଟିଛି। ନୀତିଗୁଡ଼ିକର ଆକାର ଢେର ବଢିଗଲା ଓ ନିୟନ୍ତ୍ରଣ ବାହାରକୁ ଚାଲିଗଲା ଏବଂ ଅଧିକ ବିତ୍ତୀୟକରଣ, ଅସମାନତା ଏବଂ ଅସ୍ଥିରତା ସମ୍ପନ୍ନ ଅର୍ଥବ୍ୟବସ୍ଥାଗୁଡ଼ିକ ସୃଷ୍ଟି ହେଲା। ଫଳରେ ଏବକାର ଜଳବାୟୁ ପରିବର୍ତ୍ତନ,ସାମାଜିକ ସମାବେଶନ ଏବଂ ବିଧ୍ୱଂସକାରୀ ପ୍ରଯୁକ୍ତି ଭଳି ପ୍ରମୁଖ ଆହ୍ୱାନଗୁଡ଼ିକ ସହ ଖାପଖୁଆଇ ଚାଲିବାକୁ ଏଗୁଡ଼ିକ ଅନାବଶ୍ୟକ ମନେହେଲେ।

ଆବଶ୍ୟକ ମଡେଲର ପରିବର୍ତ୍ତନ ଆରମ୍ଭ କରିବା ପାଇଁ ଅର୍ଥବ୍ୟବସ୍ଥାଗୁଡ଼ିକୁ କିପରି ଠିକ୍ ମାର୍ଗରେ ନିଆଯାଇପାରିବ ସେଥିପାଇଁ ସତର୍କତାର ସହ ଆମକୁ ଅର୍ଥନୀତି ଉପରେ ଶିକ୍ଷା ଦେବାକୁ ହେବ। ସାମଗ୍ରିକ ଆର୍ଥିକ ସମୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ବଜାର କ୍ଷମତାରୁ ଅଧିକ ଶକ୍ତିଶାଳୀ କରିବାକୁ ଅର୍ଥଶାସ୍ତ୍ରୀମାନେ ଚାହିଁଛନ୍ତି। ଆଡାମ ସ୍ମିଥ୍‌ଙ୍କ ଧାରଣା ଯେ, ସ୍ୱାର୍ଥୀ ବ୍ୟକ୍ତିମାନେ କେବଳ ସେମାନଙ୍କର ବ୍ୟକ୍ତିଗତ ବିକାଶ ଚାହୁଁଥିବାରୁ ସାମାଜିକ ବାଧା ସତ୍ତ୍ୱେ ବି ତାହା ନିଶ୍ଚିତ ଭାବେ ସାମଗ୍ରିକ ସମୃଦ୍ଧି ସୃଷ୍ଟି କରିବା ସହ ଆର୍ଥିକ ବ୍ୟବସାୟକୁ ଆଗକୁ ବଢାଇପାରିବ। କିନ୍ତୁ ଏହା ସମ୍ପୂର୍ଣ୍ଣ ବିପରୀତ ହୋଇଛି। ସମ୍ଭବତଃ ମାର୍କେଟର ପରିବର୍ତ୍ତନ କରିବାରେ ଅର୍ଥନୀତିଜ୍ଞମାନେ ପର୍ଯ୍ୟାପ୍ତ ସମୟ ଦେଉଥିବାର ଏହା ଏକ କାରଣ ହୋଇପାରେ। କିନ୍ତୁ ଅର୍ଥବ୍ୟବସ୍ଥା ମୁକ୍ତ ବଜାର ଉପରେ ଅଧିକ ଉତ୍ସାହୀ ନାହିଁ। କିଭଳି ମାର୍କେଟ ଅଧିକ ଅସମାନତା ସୃଷ୍ଟି କରୁ ତାହା ଉପରେ ଅଧିକାଂଶ ଅର୍ଥବ୍ୟବସ୍ଥାର ନିର୍ଦ୍ଦେଶ କେନ୍ଦ୍ରିତ ହୋଇଛି। ପ୍ରଭାବୀ ଧାରାରେ ସଂସାଧନର ଆବଣ୍ଟନ କରିବାରେ ସେଗୁଡ଼ିକ କିଭଳି ବିଫଳ ହୋଇଛନ୍ତି ତା'ଉପରେ ମଧ୍ୟ ଏହା ପ୍ରାଧାନ୍ୟ ଦେଉଛି। ସୁବ୍ୟବସ୍ଥିତ ଢଙ୍ଗରେ ସ୍ଥାୟୀ ସନ୍ତୁଳନ ସୃଷ୍ଟି କରୁଥିବା ଉତ୍ତମ ପ୍ରତିଯୋଗୀସମ୍ପନ୍ନ ବଜାରଗୁଡ଼ିକ ଅନେକ ସମ୍ଭାବନା ମଧ୍ୟରେ ଏକ ନିଆରା ବ୍ୟବସ୍ଥା ବୋଲି କୁହାଯାଇପାରେ। ସ୍ମିଥିଆନ ମଡେଲ ଏକମାତ୍ର ମଡେଲ ନୁହେଁ। ତଥାପି ଏଲାଇସେଜ ଫେରି (ବ୍ୟକ୍ତି ଓ ସମାଜର ଆର୍ଥିକ ବ୍ୟାପାରରେ ସରକାରଙ୍କ ସର୍ବନିମ୍ନ ହସ୍ତକ୍ଷେପ ନୀତି)ରୁ ଦୂରେଇ ରହିବା ପାଇଁ ଉପଯୋଗୀ ମାନଦଣ୍ଡ ଭାବେ ଏକ ସୁପରିଚାଳିତ, ପ୍ରତିଦ୍ୱନ୍ଦ୍ୱିତାମୂଳକ ମାର୍କେଟ ଲାଗୁ କରିବାକୁ ଅନେକ ଅର୍ଥନୀତିଜ୍ଞଙ୍କର ପ୍ରତିକ୍ରିୟା ଏକ ମାନଦଣ୍ଡ ଭାବେ କାର୍ଯ୍ୟ କରୁଛି। ଅର୍ଥନୀତି ଉପରେ ଶିକ୍ଷା ଦେବା ପାଇଁ ଏକ ନୂଆ ମଡେଲର କୋର୍ ପ୍ରୋଜେକ୍ଟ ଅନ୍‌ଲାଇନ ଟିଚିଙ୍ଗ ଟୁଲ୍ ଏବଂ ମୁକ୍ତରେ ସମସ୍ତଙ୍କ ପାଇଁ ଉପଲବ୍ଧ ଟେକ୍ସଟ ବୁକ୍ ଉପରେ ଆଧାରିତ। ଦୁଇଜଣ ବିଶିଷ୍ଟ ଅର୍ଥନୀତିଜ୍ଞ ସାମୁଏଲ ବୋୱେଲ୍ସ (ଶାନ୍ତା ଫେ ଇନଷ୍ଟିଚ୍ୟୁଟ) ଏବଂ ୱେଣ୍ଡି କାର୍ଲିନ (ୟୁନିଭର୍ସିଟି କଲେଜ ଲଣ୍ଡନ) ସ୍ପଷ୍ଟ ଭାବେ ଏହା ସପକ୍ଷରେ ରହିଛନ୍ତି। କିନ୍ତୁ ବିଶ୍ୱରେ ଅର୍ଥନୀତିଜ୍ଞଙ୍କର ଏକ ବୃହତ୍ ଗୋଷ୍ଠୀ ଏହାର ବିକାଶରେ ସହଭାଗୀ ହୋଇଛନ୍ତି। ଏହା ଇଂଲଣ୍ଡରେ ସଂଖ୍ୟାଧିକ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗରେ ଲାଗୁ ହୋଇସାରିଲାଣି। କୋର୍ ମାର୍ଗର ମୁଖ୍ୟ ଲାଭ ହେଉଛି ଏହା ଅସମାନତା ଏବଂ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟାଗୁଡ଼ିକୁ ନିୟନ୍ତ୍ରଣ କରିବ। ଏହା ଅର୍ଥବ୍ୟବସ୍ଥାର ସାଧାରଣ ମାନକକୁ ଏକ ଅଧିକ ବାସ୍ତବବାଦୀ ଏବଂ ଲାଭଜନକ ମାନଦଣ୍ଡରେ ପରିବର୍ତ୍ତନ କରିଦିଏ। ପ୍ରତିଯୋଗିତା ଏକ ଉତ୍ତମ ମଡେଲ ନୁହେଁ। ଶ୍ରମ ଓ କ୍ରେଡିଟ ମାର୍କେଟରେ ପ୍ରମୁଖ ଏଜେଣ୍ଟ ସମ୍ବନ୍ଧ ରୂପେ ଏହାର କ୍ଷମତା ସବୁବେଳେ ରହିଆସିଛି। ଇକୋନୋମିକ ରେଣ୍ଟ୍ ଅପରିହାର୍ଯ୍ୟ ଏବଂ ବହୁ ସମୟରେ ଏକ ଉତ୍ତମ କାର୍ଯ୍ୟଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ ପାଇଁ ଏହା ଆବଶ୍ୟକ।

ଏଭଳି ନୂଆ ମଡେଲ ଅର୍ଥବ୍ୟବସ୍ଥା ସମ୍ପର୍କରେ ଶିକ୍ଷାଦେବାକୁ ଏବଂ ଏଗୁଡ଼ିକୁ ଗଢିବାକୁ ସାମାଜିକ ସ୍ତରରେ ଉତ୍ତମ ସହମତି ସୃଷ୍ଟି କରିବ। କିନ୍ତୁ ଆମକୁ ସ୍ୱୀକାର କରିବାକୁ ପଡିବ ଯେ, ଏହି ସହମତି ଆର୍ଥିକ ନୀତିର ନୂଆ ମଡେଲ ସୃଷ୍ଟି କରିପାରିବ ନାହିଁ। ପୂର୍ବରୁ ଆମର ସମସ୍ତ ନୀତିମଡେଲଗୁଡ଼ିକ-ମର୍କାଣ୍ଟିଲିଷ୍ଟ,କ୍ଲାସିକାଲ ଲିବରାଲ,କେନେସିଆନ, ସୋସିଆଲ ଡେମୋକ୍ରାଟିକ, ଅର୍ଡୋଲିବରାଲ କିମ୍ବା ନେଓଲିବରାଲର ଗୁରୁତ୍ୱପୂର୍ଣ୍ଣ ବ୍ଲାଇଣ୍ଡ ସ୍ପଟ୍ (ପାରମ୍ପରିକ ଜ୍ଞାନ ଉପଯୋଗୀ ନ ହେଲେ ବି ତାହାକୁ ଏବେ ସୁଦ୍ଧା ବ୍ୟବସାୟିକ ରଣନୀତିରେ ପ୍ରୟୋଗ କରାଯାଉଛି) ଥିଲା। କାରଣ ଏଗୁଡ଼ିକୁ ବୈଶ୍ୱିକ ମଡେଲ ଭାବେ କଳ୍ପନା କରାଯାଉଥିଲା, ଯାହାକୁ ସବୁଠି ସବୁ ସମୟରେ ପ୍ରୟୋଗ କରାଯାଇପାରୁଥିଲା। ନିଶ୍ଚିତ ଭାବେ ପ୍ରତ୍ୟେକ ମଡେଲର ବ୍ଲାଇଣ୍ଡ ସ୍ପଟ୍ ଗୁଡ଼ିକ ଇକୋନୋମିକ ଗଭର୍ନାନ୍ସ ସମ୍ପର୍କରେ ଚିନ୍ତା କରି ଅଣାଯାଉଥିବା ନୂଆମାର୍ଗ ବା ପ୍ରକ୍ରିୟାକୁ ନିଷ୍ପ୍ରଭ କରିଦେଉଥିଲା। ଅଧିକ ମହତ୍ତ୍ୱାକାଂକ୍ଷୀ ହେବା କାରଣରୁ ଏହାର ପରିଣାମ ଅସଫଳ ହେଉଥିଲା ଏବଂ ଅର୍ଥବ୍ୟବସ୍ଥାରେ ସରକାରଙ୍କ ଭୂମିକା ସମ୍ପର୍କରେ ଅତ୍ୟଧିକ ଆଶାବାଦୀ ଓ ନିରାଶାବାଦୀ ମଧ୍ୟରେ ଏକ ପେଣ୍ଡୁଲମ ଝୁଲିବା ସଦୃଶ ହେଉଥିଲା। ଅର୍ଥବ୍ୟବସ୍ଥାର ନୀତି ସର୍ବଦା ନିର୍ଭରଶୀଳ। ଏଥିପାଇଁ ଏହା ନିର୍ଭର କରୁଥିବା ତଥା ଆଶା କରାଯାଉଥିବା ସମସ୍ତ ପରିଣାମ ପୂରଣ କରିବା ଲାଗି ଆର୍ଥିକ ଅନୁଧ୍ୟାନ କରିବାକୁ ପଡିବ ଓ ପ୍ରମାଣ ପ୍ରସ୍ତୁତ କରିବାକୁ ହେବ। ବିତ୍ତୀୟ ବୃଦ୍ଧି ଏବଂ ବିତ୍ତୀୟ ହ୍ରାସ ଲାଗି ସମୟ ରହିଛି ବୋଲି ଅର୍ଥ ବ୍ୟବସ୍ଥାଗୁଡ଼ିକ ଆମକୁ ଶିକ୍ଷା ଦିଏ। କେତେବେଳେ ସରକାର ଯୋଗାଣ ଚେନ୍‌ରେ ବାଧା ଦେବା ଉଚିତ, କେତେବେଳେ ମାର୍କେଟରୁ ଓହରିବା ଦରକାର,ଏ ସମ୍ପର୍କରେ ବି ଏହା ଶିକ୍ଷା ଦିଏ। ବେଳେବେଳେ ଟିକସ ଅତ୍ୟଧିକ ହେବା ଓ ବେଳେବେଳେ କମ୍ ହେବା ଉଚିତ। କେତେକ ଅଞ୍ଚଳରେ ମୁକ୍ତ ବାଣିଜ୍ୟ ରହିବା ଉଚିତ ତ ଅନ୍ୟ କେତେକ ଅଞ୍ଚଳରେ ଏହା ନିୟନ୍ତ୍ରିତ ହେବା ଦରକାର।

ଉତ୍ତମ ଅର୍ଥବ୍ୟବସ୍ଥାଗୁଡ଼ିକ ଉପରେ ଜାଣିବାକୁ ହେଲେ ଆମକୁ ବାସ୍ତବ ବୈଶ୍ୱିକ ପରିସ୍ଥିତି ଏବଂ ବିଭିନ୍ନ ପ୍ରକାର ସମ୍ଭାବ୍ୟ ବାଧା ମଧ୍ୟରେ ରହିଥିବା ସମ୍ପର୍କରେ ନକ୍ସା ପ୍ରସ୍ତୁତ କରିବାକୁ ପଡ଼ିବ। ଏବେ ଆମ ସମାଜ ସାମ୍ନା କରୁଥିବା ଅତ୍ୟଧିକ ଆହ୍ୱାନଗୁଡ଼ିକ ଆବଶ୍ୟକ କରୁଛି ନୂଆ ଆର୍ଥିକ ମାର୍ଗ ଏବଂ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ନୀତିର ପରୀକ୍ଷଣ। ବାଇଡେନ ପ୍ରଶାସନ ଏକ ସ୍ପଷ୍ଟ ଏବଂ ବହୁ ପ୍ରତୀକ୍ଷିତ ଆର୍ଥିକ ପରିବର୍ତ୍ତନ ଆରମ୍ଭ କରିଛି। ଯେଉଁମାନେ ନୂଆ ଆର୍ଥିକ ମଡେଲ ଆଶା କରୁଛନ୍ତି ଆମେରିକା କ'ଣ ଚାହୁଁଛି ସେ ସମ୍ପର୍କରେ ସେମାନେ ସତର୍କ ରହିବା ଉଚିତ। ଆର୍ଥିକ ନୀତି ଉପରେ ପୂର୍ବରୁ ରହିଆସିଥିବା ପୁରୁଣା ରୂଢ଼ିବାଦକୁ ଆଗକୁ ଆମେ ମଜଭୁତ କରିବା ଉଚିତ ନୁହେଁ। ବରଂ ଜରୁରୀ ଆବଶ୍ୟକତା ବା ଚାହିଦା ପରିବର୍ତ୍ତନ କରିବାକୁ କିଭଳି ନୀତି ଗ୍ରହଣ କରିବାକୁ ହେବ ସେ ସମ୍ପର୍କରେ ଶିକ୍ଷା କରିବା ଉଚିତ।

ପ୍ରଫେସର,ଇଣ୍ଟରନାଲ ପଲିଟିକାଲ ଇକୋନୋମି, ଜନ୍ ଏଫ୍ କେନେଡି ସ୍କୁଲ ଅଫ୍ ଗଭର୍ନମେଣ୍ଟ(ହାର୍ଭାର୍ଡ ୟୁନିଭର୍ସିଟି)

# ପଞ୍ଚ ଶକ୍ତିର ଆଧାର: ଇଦ୍



ଡ. ସତ୍ୟନାରାୟଣ ମିଶ୍ର

ମୁସଲମାନ ଧର୍ମର ବ୍ୟକ୍ତିମାନେ ପଞ୍ଚ ଶକ୍ତିର ଆଧାରରେ ସମର୍ପିତ ହୋଇଥାନ୍ତି ; ଯାହା ଇସ୍‌ଲାମ ଓ ମହମ୍ମଦଙ୍କ ଦ୍ୱାରା ଶୃଙ୍ଖଳାର ପରିଧି ମଧ୍ୟରେ ନିର୍ମଜିତ ହୋଇଥାଏ। ସେଗୁଡ଼ିକ ହେଲା ଶହାଦା, ସଲାତ ବା ନମାଜ, ଜକାତ, ସୋମ ବା ରୋଜା ଓ ହଜ। ଉକ୍ତ ପଞ୍ଚ ଶକ୍ତିର ପ୍ରୟୋଗରେ ମଣିଷ ମାର୍ଜିତ ହୋଇ ଜୀବନ ଧାରଣର ଏକ ଆଧାର ସୃଷ୍ଟି କରିଥାଏ ; ଯାହା ହେଉଛି ସଂଯମତା, ଇନ୍ଦ୍ରିୟ ଦମନ ଓ ଜୀବନର ବଞ୍ଚିବାର ଶୃଙ୍ଖଳିତ ମାଧ୍ୟମ ବା ବ୍ୟବସ୍ଥା। ଶହାଦା ହେଉଛି ବିଶ୍ୱାସ। ଇସ୍‌ଲାମ ଉପରେ, ମହମ୍ମଦଙ୍କ ଉପରେ, ଆଲ୍ଲାଙ୍କ ଉପରେ ତଥା ଏକେଶ୍ୱରବାଦ ଉପରେ ବିଶ୍ୱାସ। ସତ୍ୟ ଓ ପୀରଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ ହିଁ ହେଉଛି ପ୍ରଥମ ଶକ୍ତି, ଯାହା ବଞ୍ଚିବାର ଆଶାକୁ ଆଗକୁ ଆଗକୁ ଶୃଙ୍ଖଳିତ କରିଥାଏ କାରଣ ଏଠାରେ ସମର୍ପଣ ନିହିତ ଥାଏ। ଦ୍ୱିତୀୟ ହେଉଛି ସଲାତ ବା ନମାଜ ଯାହା ଦୈନନ୍ଦିନ ଜୀବନ ଶୈଳୀକୁ ସୁଗମ କରି ଏକ ମାର୍ଜିତ ମଣିଷ ପ୍ରତିଷ୍ଠା କରିଥାଏ। ଏଥିରେ ବ୍ୟକ୍ତି ଦିନକୁ ପାଞ୍ଚଥର ଈଶ୍ୱରଙ୍କୁ ପ୍ରାର୍ଥନା କରିଥାନ୍ତି। ଉକ୍ତ ପାଞ୍ଚଥର ପ୍ରାର୍ଥନାଗୁଡ଼ିକ ହେଉଛି ଫଜର ; ଯାହା ପ୍ରତ୍ୟୁଷରେ ପ୍ରାର୍ଥନା କରାଯାଇଥାଏ, ଦ୍ୱିତୀୟରେ ଜୁହର ଯାହା ମଧ୍ୟାହ୍ନରେ କରାଯାଇଥାଏ, ତୃତୀୟରେ ଅସ୍ର ଯାହା ଅପରାହ୍ନରେ କରାଯାଇଥାଏ, ଚତୁର୍ଥରେ ମଘରିବ ଯାହା ସୂର୍ଯ୍ୟାସ୍ତ ପରେ କରାଯାଇଥାଏ ଓ ପଞ୍ଚମରେ ଈଷା ଯାହା ସନ୍ଧ୍ୟା ବା ରାତ୍ରିର ପ୍ରଥମ ପ୍ରହରରେ କରାଯାଇଥାଏ। ତୃତୀୟ ଶକ୍ତି ହେଉଛି ଜକାତ, ଯାହା ଦାନ ଧର୍ମରେ ନିୟୋଜିତ କରିଥାଏ। ଦରିଦ୍ରଙ୍କୁ ଦାନ କରିବା ହେଉଛି ପ୍ରକୃତରେ ଭଗବାନଙ୍କୁ ପୂଜା କରିବା ସହ ସମାନ। ଜକାତରେ ନିର୍ଦ୍ଦେଶ ଅଛି ଯେ ଜଣେ ବ୍ୟକ୍ତିର ସମୁଦାୟ ରୋଜଗାରର ୨.୫% ସମାଜର ଦରିଦ୍ର ଓ ଆବଶ୍ୟକ ବ୍ୟକ୍ତିମାନଙ୍କ ନିମନ୍ତେ ଦାନ କରିବା ଉଚିତ। ଚତୁର୍ଥ ଶକ୍ତି ହେଉଛି ସୋମ ବା ରୋଜା ଯାହା ଉପବାସ କରିବାକୁ ନିର୍ଦ୍ଦେଶ ଦେଇଥାଏ। ମୁସଲମାନ ଧର୍ମାବଲମ୍ବୀମାନେ ରମଜାନ ମାସରେ ଏକ ମାସ ଧରି ଦିନରେ ସୂର୍ଯ୍ୟୋଦୟ ପରେ ଉପବାସ କରିଥାନ୍ତି, ଯାହା ସୂର୍ଯ୍ୟାସ୍ତରେ ପ୍ରତ୍ୟହ ଶେଷ ହୋଇଥାଏ। ଉକ୍ତ ସମୟରେ ସେମାନେ ସେମାନଙ୍କର ଆରାଧ୍ୟ ଈଶ୍ୱର ଆଲ୍ଲାଙ୍କୁ ଉପବାସ ମାଧ୍ୟମରେ ସମର୍ପଣ ହୋଇଥାନ୍ତି ଓ ପ୍ରୟାସ କରିଥାନ୍ତି ଯେ ଈଶ୍ୱର ହିଁ କେବଳ ଆବଶ୍ୟକ ଓ ଅନ୍ୟ ସବୁ ପାର୍ଥିବ ବସ୍ତୁ ତୁଚ୍ଛ। ପଞ୍ଚମ ଶକ୍ତି ହେଉଛି ହଜ ଯାହା ସୂଚନା ଦେଇଥାଏ ଯେ ଜୀବନରେ ଅନ୍ୟୂନ ଥରେ ମକ୍କାକୁ ତୀର୍ଥ ଭ୍ରମଣ କରିବା ଉଚିତ। ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟ କର୍ମମୟ ଜୀବନର ଭୋଗ ବିଳାସର ତୃପ୍ତିକୁ ପ୍ରତ୍ୟାଖ୍ୟାନ କରି ଧର୍ମର ଅନ୍ୱେଷଣରେ ଭ୍ରମଣ କରିବା ଓ ଅନ୍ୟମାନଙ୍କୁ ଆର୍ଥିକ ଅନୁଦାନ ସାହାଯ୍ୟ କରିବା, ଏଥିରେ ବ୍ୟକ୍ତିର ସାମାଜିକ ଶୃଙ୍ଖଳା ଓ ଅନ୍ୟମାନଙ୍କ ପ୍ରତି ପ୍ରତିବଦ୍ଧତାର ମହନୀୟ ଗୁଣ ନିହିତ ଥାଏ।

ତେଣୁ ଆତ୍ମ ଶୁଦ୍ଧିର ଶକ୍ତି ବୃଦ୍ଧି ନିମନ୍ତେ ମୁସଲମାନ ଧର୍ମାବଲମ୍ବୀମାନେ ଏକ ମାସ ଧରି ଯେଉଁ ଉପବାସ ବା ରୋଜା କରିଥାନ୍ତି ଯାହାକୁ ରମଜାନ କୁହାଯାଏ ତାହାର ଏକ ମାସର ପୂର୍ଣ୍ଣତାକୁ ଇଦ୍ କୁହାଯାଏ। ବିଶ୍ୱାସ କରାଯାଏ ଯେ ପ୍ରଫେଟ ମହମ୍ମଦ ପବିତ୍ର କୋରାନର ପ୍ରଥମ ସ୍ପର୍ଶ ବା ସ୍ୱ ଅନୁଭୂତି ଏହି ରମଜାନ ମାସରେ ପାଇଥିଲେ। ତେଣୁ ଇଦ୍ ହେଉଛି ଉକ୍ତ ଉପବାସର ମାସକୁ ଭଙ୍ଗ କରି ନିଜ ନିଜ ମଧ୍ୟରେ ଭାବ, ସ୍ନେହ, ଶ୍ରଦ୍ଧା ଆଦି ଗୁଣରେ ବିନିମୟ କରି ମଣିଷର ଜୀବନର ଆଭିମୁଖ୍ୟକୁ ପ୍ରତିପାଦନ କରିବା ଓ ଈଶ୍ୱରଙ୍କ ନିକଟରେ ସମର୍ପଣ ହେବା। ରମଜାନ ଆତ୍ମାକୁ ଶୁଦ୍ଧ କରିଥାଏ ଓ ମାନବୀୟ ପ୍ରେମରେ ମଣିଷ ଜୀବନ ନିର୍ବାହ କରିବାର ପନ୍ଥାକୁ ବିଚାର କରିଥାଏ। ତେଣୁ ଇଦ୍ ପର୍ବ ହେଉଛି ପଞ୍ଚ ଶକ୍ତିର ଆଧାର ନିଷ୍ଠାର ପବିତ୍ର ମାନବ ପ୍ରେମ ଓ ଭବିଷ୍ୟତ ଜୀବନ ନିର୍ବାହର ଏକ ଦୃଷ୍ଟାନ୍ତ ବା ଶକ୍ତି ; ଯାହା ପ୍ରେରଣା ଦେଇଥାଏ ଯେ ଜୀବନର ମାର୍ଗ ଦର୍ଶନର ପନ୍ଥା। ରମଜାନ ମାସର ଇଦ୍ ପର୍ବରେ ଯେଉଁ ପଞ୍ଚ ଶକ୍ତିର ଆଧାର ସୃଷ୍ଟି ହୋଇଥାଏ ତାହା ଥାଏ ଏକ ଯୋଗକର୍ମ ଓ ତାହା ପଞ୍ଚଭୂତ- ଆକାଶ, ବାୟୁ, ଅଗ୍ନି, ଜଳ ଓ ପୃଥିବୀ ସହ ଜଡିତ ଥାଏ। ପୁଣି ତାହା ପଞ୍ଚ ଇନ୍ଦ୍ରିୟ - କର୍ଣ୍ଣ, ଚର୍ମ, ଚକ୍ଷୁ, ଜିହ୍ୱା ଓ ନାସା ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଯେତେବେଳେ ମୁସଲମାନ ଧର୍ମାବଲମ୍ବୀ ମାନେ ରମଜାନ ମାସରେ ପାଞ୍ଚଥର ପ୍ରାର୍ଥନା କରିଥାନ୍ତି ତାହା ଥାଏ ଏକ ଯୋଗ କ୍ରିୟା ଓ ସେଗୁଡ଼ିକ ଶବ୍ଦ, ସ୍ପର୍ଶ, ଘ୍ରାଣ, ରୂପ ଓ ସ୍ୱାଦ ସହ ସନ୍ନିବେଷ୍ଟିତ ଥାଏ। ପାଞ୍ଚଟି ଅଙ୍ଗୁଳିରେ କ୍ଷିତି, ଅପ, ତେଜ, ମରୁତ ଓ ବ୍ୟୋମର ସ୍ଥିତି ରହିଥାଏ। ରମଜାନର ପୂର୍ଣ୍ଣତା ପ୍ରାପ୍ତିରେ ଇଦ୍‌ର ପାଳନ ହେଉଛି ନିଷ୍ଠା, ସେବା, ତ୍ୟାଗ, ଭ୍ରାତୃପ୍ରେମ, ମାନବିକତା ଇତ୍ୟାଦିର ପ୍ରେରଣା ଓ ନିଷ୍ଠାର କ୍ରିୟା। କ୍ରିୟା ଯେତେବେଳେ ପୂର୍ଣ୍ଣତା ପ୍ରାପ୍ତି ହୋଇଥାଏ ସେତେବେଳେ ଶକ୍ତିର ତେଜ ଦୃଶ୍ୟମାନ ହୋଇଥାଏ, ମାତ୍ର ଯେତେବେଳେ ଯୁକ୍ତାତ୍ମକ କର୍ମଗୁଡ଼ିକ ପ୍ରତିବନ୍ଧକକୁ ପରାସ୍ତ କରି ଲକ୍ଷ୍ୟ ଭେଦ କରି ମାନବ କଲ୍ୟାଣରେ ସହାୟକ ହୋଇଥାଏ, ସେତେବେଳେ ତାହା ଶକ୍ତିର ରୂପ ନେଇ ଏକ ଆଧାର ଶକ୍ତି ହୋଇଥାଏ ; ଯାହା ରମଜାନ ମାସର ପଞ୍ଚଶକ୍ତିରେ ସିକ୍ତ ହୋଇ ଇଦ୍ ପର୍ବରେ ତାହାର ପୂର୍ଣ୍ଣତା ହୋଇଥାଏ ଓ ଶାନ୍ତିର ମଳୟ ପବନରେ ମଣିଷ ନିଜକୁ ମାର୍ଜିତ କରିଥାଏ। ତେଣୁ ପଞ୍ଚଶକ୍ତିର ଆଧାରର ପରିସୀମାରେ ଇଦ୍ ହେଉଛି ଏକ ସମନ୍ୱୟ କ୍ଷେତ୍ର ପ୍ରସ୍ତୁତି ଓ ସମ୍ଭାବନାର ଅବସର।

ଅଭିଲେଖାଧିକାରୀ, ଜାତୀୟ ଅଭିଲେଖାଗାର,
ଭାରତ ସରକାର, ମଧୁସୂଦନ ନଗର,ଭୁବନେଶ୍ୱର
ମୋ -୯୯୩୭୩୪୫୯୦୦

## ଏଇ ଭାରତରେ

ଶିକ୍ଷକ ଓ ପିଲାମାନେ ଚାଷ କରି ସ୍କୁଲର ଭିତ୍ତିଭୂମି ମଜଭୁତ କରିବା କଥା ଶୁଣିଥିଲେ, କିନ୍ତୁ ସ୍କୁଲରେ ବର୍ଷାଜଳ ସଂରକ୍ଷଣ କରି ଏହାର ବହୁବିଧ ଉପଯୋଗ କରାଯିବା କଥା କେବେ ଜାଣିଥିଲେ କି। ଏମିତି କାର୍ଯ୍ୟ କରାଯାଉଛି ଗୁଜରାଟର ମରୁଡ଼ି ପ୍ରବଣ ଭଦୋଦରାରେ। ଭଦୋଦରା ଜିଲାପାଳ ଶାଳିନୀ ଅଗ୍ରୱାଲ ଜିଲାର ସ୍କୁଲଗୁଡ଼ିକରେ ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା କରି ସେ ଅଞ୍ଚଳରେ ଭୂତଳ ଜଳ ସ୍ତର ବୃଦ୍ଧି କରିବା ସହ ଜଳ ସଙ୍କଟ ଦୂର କରିବା ପାଇଁ ଜୋର୍‌ସୋର୍‌ରେ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଆଗାମୀ କିଛି ବର୍ଷ ମଧ୍ୟରେ ଏହାକୁ ଫିଲଟର କରାଯାଇ ପାନୀୟ ଜଳ ଭାବେ ବ୍ୟବହାର କରାଯିବାର ଯୋଜନା ରଖିଛନ୍ତି ଶାଳିନୀ। ସ୍କୁଲ ଛାତରୁ ପାଣି ସଂଗ୍ରହ ହେଉଛି। ଏବେ ୮% ବର୍ଷାଜଳ ସଂରକ୍ଷଣ କରାଯାଉଛି ଓ ଆଗକୁ ପରିମାଣ ବୃଦ୍ଧି କରାଯିବା ଲକ୍ଷ୍ୟ ରଖାଯାଇଛି। ଏବେ ୧୦୭୧ଟି ସ୍କୁଲକୁ ଏଥିପାଇଁ ଚୟନ କରାଯାଇ ସେଥିରୁ ୩୭ଟିରେ ବର୍ଷାଜଳ ସଂରକ୍ଷଣ ଭିତ୍ତିଭୂମି ପ୍ରତିଷ୍ଠା କରାଯାଇ ସାରିଲାଣି। ବର୍ଷାଜଳ ନିଧି ଯୋଜନା ମାଧ୍ୟମରେ ଏବେ ୯୬୩ ସ୍କୁଲରେ କାର୍ଯ୍ୟ ଜାରି ରହିଛି। ଏହାଦ୍ୱାରା ୧୦ କୋଟି ଲିଟର ପାଣି ସଂରକ୍ଷିତ ହେବା ସହ ୧.୮ ଲକ୍ଷ ପିଲା ଉପକୃତ ହୋଇପାରିବେ ବୋଲି କହନ୍ତି ଶାଳିନୀ। ପ୍ରତ୍ୟେକଟି ବର୍ଷାଜଳ ଅମଳ ପଦ୍ଧତି ପାଇଁ ୩.୫ ଲକ୍ଷ ଟଙ୍କା ବ୍ୟୟ ହେଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ମେ ୧୯୯୬

- କାକାସସ୍ ସାଧାରଣତନ୍ତ୍ରର ପାର୍ବତ୍ୟ ଅଞ୍ଚଳରେ ରୁଷ ସୈନ୍ୟମାନେ ୩୦ ଜଣ ଚେଚେନ୍ୟା ବିଦ୍ରୋହୀଙ୍କୁ ହତ୍ୟା କରିଛନ୍ତି।
- ନାଗାଲାଣ୍ଡର ସଂଘୀୟ ସରକାରର ସଭାପତି ଜାସେ ହୁରୈଙ୍କ ପରଲୋକ।
- ପାକ୍ ଅଧିକୃତ କାଶ୍ମୀର ରାଷ୍ଟ୍ରପତି ସର୍ଦ୍ଦାର ସିକନ୍ଦର ହୟାତ୍ ଖାନ ନିଜ ପଦରୁ ଇସ୍ତଫା ଦେଇଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | | | | 4 | |
| 4 | 1 | 8 | | 9 | 6 | | | |
| | | | | | | 2 | | 9 |
| | | 7 | | 4 | | | 1 | |
| | | | | 3 | | | 5 | |
| | | | 5 | | | | | |
| 5 | | 9 | | 1 | | 8 | | |
| 7 | | | | 5 | | | | |
| | | 4 | 8 | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 5 | 3 | 4 | 2 | 9 | 1 | 6 |
| 9 | 6 | 1 | 7 | 5 | 8 | 2 | 3 | 4 |
| 3 | 2 | 4 | 6 | 9 | 1 | 5 | 7 | 8 |
| 4 | 1 | 3 | 5 | 8 | 9 | 7 | 6 | 2 |
| 2 | 8 | 9 | 1 | 6 | 7 | 3 | 4 | 5 |
| 7 | 5 | 6 | 4 | 2 | 3 | 8 | 9 | 1 |
| 6 | 9 | 2 | 8 | 3 | 4 | 1 | 5 | 7 |
| 5 | 3 | 7 | 2 | 1 | 6 | 4 | 8 | 9 |
| 1 | 4 | 8 | 9 | 7 | 5 | 6 | 2 | 3 |

ଗତକାଲିର ଉତ୍ତର

# ବାଛିନେବ କଞ୍ଚା ରଖିବ ପାଚିଲା



ଡ. ବାସନ୍ତୀ ମହାନ୍ତି

ପଞ୍ଚସଖା ଯୁଗର କବି ଯଶୋବନ୍ତ ଦାସଙ୍କ ଲିଖିତ ଟୀକା ଗୋବିନ୍ଦଚନ୍ଦ୍ରର ଗୀତ ପଦେ କେନ୍ଦରାର କରୁଣ ସୁରରେ ଯୋଗୀମାନଙ୍କ ମୁହଁରୁ ଶୁଣିଲେ ହୃଦୟଟା ବେଦନା ବିଦ୍ଧ ହୋଇଯାଏ। ଗୀତଟି ସମସ୍ତଙ୍କର ଅବଗତ ଥିବ- ''ସେହି କାଳଯମ ବଡ଼ ଦାରୁଣରେ ନ ଜାଣଇ ସୁଖ ଦୁଃଖ, ବାଛିନେବ କଞ୍ଚା ରଖିବ ପାଚିଲା ଦେବଟି ଦାରୁଣ ଦୁଃଖ।'' ଯମ ବିଚାର କରେ ନାହିଁ ବୃଦ୍ଧ ବାଳୁତଙ୍କ ବୟସ। ସେ ଖୁବ୍ ନିଷ୍ଠୁର। ସେ କେତେବେଳେ କାହାକୁ କାଳ ଫାଶରେ ବାନ୍ଧିବ ତା'ର ଇୟତ୍ତା ନାହିଁ। ଆମେ ଏବେ ଏ କରୋନା କାଳୀନ ପୃଥିବୀରେ ତିଳ ତିଳ କରି ଦାରୁଣ ଯମର ନିଷ୍ଠୁରତାକୁ ଅନୁଭବ କରୁଛେ। ଆଖି ସାମ୍ନାରେ ଆମର ଆଖି ପିତୁଳାମାନଙ୍କୁ ଛଡ଼େଇ ନେଉଛି ଦାରୁଣ ଯମ। ଯେଉଁମାନେ ଜୀବନ କ'ଣ ଜାଣିନାହାନ୍ତି ଅଥବା ଏଇମାତ୍ର ବଞ୍ଚିବା ଆରମ୍ଭ କରିଛନ୍ତି, ଏ ଶୋକର ବିକଳ୍ପ ନାହିଁ। ଏବେ ମହାରାଷ୍ଟ୍ରର ୮୭ ବର୍ଷୀୟ ବୃଦ୍ଧ ନାରାୟଣ ରାଓ ଦାବାଡ଼କର କରୋନାରେ ମୃତ୍ୟୁବରଣ କରି ବହୁ ଚର୍ଚ୍ଚିତ ହୋଇଛନ୍ତି। ହସ୍ପିଟାଲରେ ବେଡ୍‌ଟିଏ ନ ପାଇ କରୋନା ଆକ୍ରାନ୍ତ ଯୁବକଟିଏ ମୃତ୍ୟୁ ସହ ଲଢୁଥିବା ବେଳେ ନାରାୟଣ ନିଜ ବେଡ୍ ଯୁବକଟିକୁ ପ୍ରଦାନ କରି ନିଜେ ଘରକୁ ଫେରିଛନ୍ତି ଓ ୩ ଦିନ ମଧ୍ୟରେ ମୃତ୍ୟୁବରଣ କରିଛନ୍ତି। ଡାକ୍ତରମାନଙ୍କୁ ସେ ଅନୁରୋଧ କରି କହିଥିଲେ, ମୋ ଅପେକ୍ଷା ଏହି ଯୁବକଟିର ଜୀବନ ମୂଲ୍ୟବାନ୍, ତାକୁ ବଞ୍ଚାନ୍ତୁ। ମୁଁ ଯଥେଷ୍ଟ ବଞ୍ଚିଲି। ମୋ ବଦଳରେ ସେ ବଞ୍ଚିରହୁ।

କରୋନାର ପ୍ରଥମ ଲହର ଆମକୁ ଆତଙ୍କଗ୍ରସ୍ତ କରିଦେଇଥିଲା ସତ, ତଥାପି ଏ ପରିବର୍ତ୍ତିତ ପରିସ୍ଥିତିକୁ ଆମେ ଯଥେଷ୍ଟ ଉପଭୋଗ କରିଥିଲୁ। ଲକ୍‌ଡାଉନ୍ ଶଟ୍‌ଡାଉନ୍, ଅନ୍‌ଲାଇନ୍ ପାଠପଢ଼ା, ୱାର୍କ ଫ୍ରମ୍ ହୋମ୍ ଆଦି ହେତୁ ଆମ ପରିବାରର ଲୋକ ଯିଏ ଯେଉଁଠି ଥିଲେ ଆସି ଏକାଠି ହେଲେ। ଟିଭି ପରଦାରେ ମହାଭାରତ ଓ ରାମାୟଣ ଆଦି ସହ ଅନ୍ୟ ପୁରୁଣା ସ୍ମୃତି ଧାରାବାହିକ ମାନ ପ୍ରଦର୍ଶନ ହେଲା। କର୍ମଜୀବୀ ମହିଳାମାନେ ଘରେ ରହିବାରୁ ନିତି ନୂଆ ନୂଆ ରାନ୍ଧଣା ପ୍ରସ୍ତୁତ କଲେ। ପିଲାମାନେ ଘରେ ରହି ପାଠ ପଢ଼ିଲେ। ବଡ଼ମାନେ ଘରେ ରହି କାମ କଲେ, ବାହାରେ କରୋନା ପ୍ରକୋପ ବଢୁଥିବାବେଳେ ଆମେ ପରିବାର ଭିତରେ ମହୋତ୍ସବର ଆନନ୍ଦ ନେଇଥିଲୁ। ସାମାଜିକ ଦୂରତା ସିନା ବଢ଼ିଥିଲା, ପାରିବାରିକ ବନ୍ଧନର ନିବିଡ଼ତା ଆମେ ଅନୁଭବ କରୁଥିଲୁ। ଫୋନ୍ କଲ ଭିଡିଓ କଲ୍ ୱେବିନାର ଆମକୁ ବାହ୍ୟ ଜଗତ ସହ ବାନ୍ଧି ରଖିଥିଲା। ଭାଟ ଭିକାରି ଓ ଯୋଜନ ଯୋଜନ ଦୂରରୁ ପାଦରେ ଚାଲିଚାଲି ଆସୁଥିବା ଶ୍ରମିକମାନଙ୍କ ପାଇଁ ବଦାନ୍ୟ ମଣିଷମାନେ ଅନ୍ନଛତ୍ରର ବ୍ୟବସ୍ଥା କଲେ। ଏପରିକି ବୁଲା ଗାଈଗୋରୁ, ଷଣ୍ଢ, କୁକୁର, ମାଙ୍କଡ଼, ଚଢ଼େଇ, ଚିରଗୁଣୀଙ୍କ ପ୍ରତି ମଧ୍ୟ ମଣିଷ ଦୟାର୍ଦ୍ର ହୋଇପଡ଼ିଥିଲା। କରୋନା ଭୂତାଣୁ ମାନବିକତାକୁ ଜାଗ୍ରତ କରିନେଲା, ଲକ୍‌ଡାଉନ୍ ଶଟ୍‌ଡାଉନ୍ ହେତୁ ବାୟୁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ କମିଗଲା। ସମସ୍ତେ ନିରୁପଦ୍ରବ ଲାଗୁଥିଲେ। ଥାଳି ବଜେଇ, ତାଳି ବଜେଇ, ଦୀପଜାଳି ଦେଶ ବନ୍ଦନା କରି ଆମେ କୋଭିଡ୍‌ର ମୁକାବିଲା କରୁଥିଲୁ, ସେହି ଭିତରେ କରୋନାକ୍ରାନ୍ତ ମୃତ୍ୟୁ ହେଉଥିଲା। ଶଟ୍‌ଡାଉନ୍, ଲକ୍‌ଡାଉନ୍‌ରେ ରହି ଅବସାଦଗ୍ରସ୍ତ ମଣିଷ ଆତ୍ମହତ୍ୟା ବି କରୁଥିଲା। ଏସବୁ ସତ୍ତ୍ୱେ ମଣିଷ ନିଜେ ନିଜର ସାନ୍ତ୍ୱନା ହେଇଯାଉଥିଲା ତ ଆଉ କେବେ ଅନ୍ୟ ପାଇଁ ବଞ୍ଚିବାର ପ୍ରେରଣା ହେଇଯାଉଥିଲା। ଥଟ୍ଟା ମଜା ଲଘୁ ପରିହାସ ମାଧ୍ୟମରେ ପରିସ୍ଥିତିର ଭୟାବହତାକୁ ହାଲୁକା କରିବାକୁ ଚେଷ୍ଟା କରୁଥିଲା। କାଳରାତ୍ରି ଭଲ କରି ପାହିବା ପୂର୍ବରୁ ଆମେ ଅବ୍ୟବସ୍ଥିତ ହୋଇଗଲୁ। ଆସନ୍ନ ବିଜୟ ଉଲ୍ଲାସରେ ଅତ୍ୟଧିକ ଉଲ୍ଲସିତ ହୋଇଗଲୁ। ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ, ସରକାରଙ୍କଠାରୁ ସଡ଼କଛାପ ପର୍ଯ୍ୟନ୍ତ ସମସ୍ତେ ଭୁଲିଗଲୁ ଆମ ଦାୟିତ୍ୱ। ପ୍ରତି ମୁହୂର୍ତ୍ତରେ ମୃତ୍ୟୁ ଆମକୁ ସତର୍କ ଘଣ୍ଟି ଦେଉଥିବା ସତ୍ତ୍ୱେ ଆମେ ଅହଂକାରରେ ଫାଟିପଡ଼ିଲୁ। କ୍ଷମତା ଅର୍ଥ ଯଶ ପତିଆରା ପାଇଁ ସବୁ କୋଭିଡ୍ କଟକଣାକୁ ଉଲ୍ଲଂଘନ କରାଗଲା। ମାଡ୍ରାସ୍ ହାଇକୋର୍ଟ ସିଧାସଳଖ ସରକାରଙ୍କୁ କହିଲା ହତ୍ୟାକାରୀ। କୁମ୍ଭମେଳାରେ ଶହଶହ ସାଧୁ କରୋନା ଆକ୍ରାନ୍ତ ଚିହ୍ନଟ ହେଲେ, ଭୂତାଣୁ ଅନାୟାସରେ ବ୍ୟାପିଗଲେ।

ଲକ୍‌ଡାଉନ୍ ହେଉ କି ଶଟ୍‌ଡାଉନ୍, ଏସବୁ ସିଧାସଳଖ ଖଟିଖିଆକୁ ହିଁ ଆକ୍ରାନ୍ତ କରେ। ଘରେ ଦୁଇବେଳା ଚୁଲି ଜଳିବାକୁ ହେଲେ ଏମାନଙ୍କୁ ଏରୁଣ୍ଡି ଡେଇଁ ବାହାରକୁ ଆସିବାକୁ ପଡ଼େ। ଗତ ଲକ୍‌ଡାଉନ୍ ବେଳେ ଆମେ ଦେଖିଥିଲୁ ଲକ୍ଷ ଲକ୍ଷ ଖଟିଖିଆ କିପରି ବାସ୍ତୁହରା ହୋଇ ରାସ୍ତାଘାଟ ଛାଇଗଲେ। ଦିନକର ସଞ୍ଚୟ ବି ସେମାନଙ୍କ ପାଖରେ ନ ଥାଏ। ସେମାନଙ୍କ ଜୀବନ ଜୀବିକା ପାଇଁ କିଛି ପରିମାଣରେ ପରିସ୍ଥିତିକୁ ସ୍ୱାଭାବିକ କରିବା ଆବଶ୍ୟକତା ଥିଲା। କରୋନା ଭୂତାଣୁର ମାରାତ୍ମକତା, ତା'ର ଦ୍ୱିତୀୟ ଲହର, ସେଥିପାଇଁ କି ପ୍ରକାର ସତର୍କତା ଅବଲମ୍ବନ କରିବାକୁ ହେବ, ଆମେ ସେ ସମ୍ପର୍କରେ ଯେତିକି ସଚେତନ ସେତିକି ଖଟିଖିଆମାନେ ନୁହନ୍ତି। ସେମାନଙ୍କ ଜୀବନ ଅର୍ଥ ତ ରୋଟିରେ ହିଁ ଥାଏ। ସେମାନଙ୍କୁ ଦୋଷ ଦେବାର ନାହିଁ। ପ୍ରଥମ ଲହରରେ ଯେତେବେଳେ କରୋନା ତା'ର ବିକଟାଳ ରୂପ ନେଉଥିଲା, ଆମେ ସେମାନଙ୍କୁ ଦୋଷ ଦେଉଥିଲୁ, ସରକାରଙ୍କ ଭୁଲ ନିଷ୍ପତ୍ତି ପାଇଁ ସେମାନେ ଅନେକ ପରିମାଣରେ ଭୂତାଣୁ ବାହକ ହୋଇ ପଡ଼ିଥିଲେ। ପ୍ରଥମ ଥର ଯେଉଁ ବିପତ୍ତି ଆସିଥିଲା, ତାହା ପ୍ରାକୃତିକ ଥିଲେ ବି ଅନେକଟା ଥିଲା ମନୁଷ୍ୟକୃତ, ସେତେବେଳେ ମଧ୍ୟ ପରସ୍ପର କାଦୁଅ ଫିଙ୍ଗାଫିଙ୍ଗି ହେଉଥିଲେ। ତଥାପି ଆମେ ସାମୂହିକ ଭାବେ ଲଢୁଥିଲୁ। ସେ ଲଢ଼ାଈକୁ ଆମେ ଖୁବ୍ ଉପଭୋଗ କରୁଥିଲୁ। ଅନେକ ସର୍ଜନଶୀଳ ପ୍ରତିଭା ଏହି କରୋନା କାଳରେ ସେମାନଙ୍କ ଉନ୍ନତ ସୃଷ୍ଟିମାନ କଲେ। କିନ୍ତୁ ଏବେ ଯେଉଁ ଦ୍ୱିତୀୟ ଲହର ଆସିଛି, ତାହା ପ୍ରଳୟର ବାର୍ତ୍ତା ନେଇ ଆସିଛି। ଏଇ ପ୍ରଳୟ ପାଇଁ କିଏ ଦାୟୀ, ତା'ର ଅନୁସନ୍ଧାନ କରିବା ବେଳ ଆଉ ନାହିଁ।

ଆମ ଦେଶରେ ଦୈନିକ ଚାରି ଲକ୍ଷରୁ ଅଧିକ ଲୋକ କରୋନା ପଜିଟିଭ୍ ବାହାରି ସାରିଲେଣି। ଗତ ଲହରରେ ଆମେରିକାର ସର୍ବାଧିକ ଦୁଇ ଲକ୍ଷ କୋଭିଡ୍ ପଜିଟିଭ୍ ଦେଖି ଆମେ ସ୍ତବ୍ଧ ହୋଇ ଯାଉଥିଲୁ। ପାଖରେ ଅତ୍ୟାଧୁନିକ ଜ୍ଞାନକୌଶଳ ଥିବା ସତ୍ତ୍ୱେ ସେମାନେ ଅସହାୟ ହୋଇପଡ଼ିଥିଲେ। ଏବେ ଆମ ଅବସ୍ଥା ଅସମ୍ଭାଳ। ରାଜ୍ୟରେ ଦୈନିକ ଦଶ ହଜାରରୁ ଊର୍ଦ୍ଧ୍ୱ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଏବେ ଆମେ ନିଜେ ନିଜକୁ ରକ୍ଷା ନ କଲେ କେହି ଆମକୁ ରକ୍ଷା କରିପାରିବେ ନାହିଁ। କରୋନା ଭୂତାଣୁର ପ୍ରଥମ ଲହର ଆସିଥିଲା ମଣିଷ ଭିତରେ ଥିବା ମାନବିକତାକୁ ଜାଗ୍ରତ କରିବା ପାଇଁ। ଏବେ ଦ୍ୱିତୀୟ ଲହର ସତେଯେମିତି ଆସିଛି ମଣିଷ ଜୀବନର କ୍ଷଣ ଭଙ୍ଗୁରତା ଚେତାଇ ଦେବା ପାଇଁ। ଗତ ଲହରରେ ଯେଉଁମାନଙ୍କର ଜୀବନ ଦୀପ ଲିଭିଲା ସେମାନଙ୍କ ମଧ୍ୟରେ ଅଧିକାଂଶ ଥିଲେ ବରିଷ୍ଠ ନାଗରିକ, ଯେଉଁମାନେ ଊଣା ଅଧିକେ ଜୀବନ ଜିଇ ସାରିଥିଲେ। କରୋନା କବଳିତ ନ ହୋଇଥିଲେ ଆଉ କିଛି ଦିନ ପରେ ସେମାନଙ୍କୁ ମୃତ୍ୟୁ ସମ୍ମାନର ସହ କୋଳେଇ ନେଇ ଥାଆନ୍ତା ଜାତସ୍ୟ ହି ଧ୍ରୁବ ମୃତ୍ୟୁ ନ୍ୟାୟରେ। କିନ୍ତୁ ଏବେ ଯେଉଁମାନେ କରୋନା କବଳରେ କବଳିତ ହେଉଛନ୍ତି, ସେ ଖବର ଶୁଣିବା ବେଳକୁ ଛାତି ଫାଟିଯାଉଛି। ଅଧିକାଂଶ ପଚିଶରୁ ପଚାଶ ଭିତରର ମଣିଷ। କେତେକ ଜୀବନ କ'ଣ ଜାଣିନାହାନ୍ତି ତ ଆଉ କେହି ଏଇମାତ୍ର ଜୀବନ ଆରମ୍ଭ କରିଛନ୍ତି, ମଧ୍ୟାହ୍ନ ସୁଦ୍ଧା ଅତିକ୍ରମ କରିନାହାନ୍ତି। ବୟସ୍କଙ୍କ ଆଖିରେ ବାଳୁତଙ୍କ ପାଇଁ ଲୁହ। ବସୁଧା ବିଦୀର୍ଣ୍ଣ ହୋଇଯିବାର ସ୍ଥିତି। ଆମର ସକଳ ଗର୍ବ ଦମ୍ଭ ଅହଂକାର ଧୂଳିରେ ଗଡୁଛି। ଆମେ ସେମାନଙ୍କ ପାଇଁ କିଛି କରିପାରୁନାହୁଁ। କରୋନା ଆମକୁ ଆହୁରି ଅସହାୟ କରିବା ଆଗରୁ ଆମେ ସମସ୍ତେ ନିଜ ସହ ନିଜ ପରିବାରକୁ ସୁରକ୍ଷା ବଳୟ ଭିତରେ ରଖିବା। ଆମ ନୟନର ମଣିମାନଙ୍କୁ ସଚେତନ କରିବା। ଅମାନିଆ ହେବାକୁ ଦେବାନାହିଁ, ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ପରିବାରକୁ ସୁରକ୍ଷା ଦେଲେ କେବଳ ଆମ ଦେଶ କାହିଁକି, ବିଶ୍ୱ ବି କରୋନାମୁକ୍ତ ହୋଇଯିବ। ଆଜିର ଏ ସଂକଟ କାଳରେ ଆମେ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରିବା, ଏ ଶୋକ ଏତିକିରେ ଅନ୍ତହେଉ। ବିଶ୍ୱ ସୁସ୍ଥ ହେଉ, ମାନବ ସଭ୍ୟତା ବଞ୍ଚିରହୁ।

୨୧୩ ସି-ବ୍ଲକ୍, ଏମେରାଲ୍ଡ ଆପାର୍ଟମେଣ୍ଟ,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୭୦୩୩୦୭୪

## ପାଠକ ଶ୍ରେଷ୍ଠ ବିଚାରକ

### ପଶୁଙ୍କ ସୁରକ୍ଷା ଆବଶ୍ୟକ

ମହାଶୟ,

ବର୍ତ୍ତମାନର କୋଭିଡ୍-୧୯ ଭୂତାଣୁ ସଂକ୍ରମଣ ପରେ ପରେ ଜଙ୍ଗଲ ଓ ଦେଶର ବିଭିନ୍ନ ପ୍ରାଣୀ ଉଦ୍ୟାନରେ ବିଚରଣ କରୁଥିବା ତଥା ଘରେ ଘରେ ପାଳିତ ପଶୁପକ୍ଷୀମାନେ ମଧ୍ୟ ସମ୍ଭାବିତ କରୋନା ଦ୍ୱାରା ସଂକ୍ରମିତ ହେବା ଆଶଙ୍କାକୁ ଅଣଦେଖା କରାଯାଇ ନ ପାରେ। ପଶୁପକ୍ଷୀଗୁଡ଼ିକ ବିଭିନ୍ନ ଭୂତାଣୁ ସଂକ୍ରମଣ ସହ ଉତ୍କଟ ସମସ୍ୟା ସୃଷ୍ଟି କରିବାରେ ଅନେକ ଦୃଷ୍ଟାନ୍ତ ରହିଛି। ଏଥିପାଇଁ ବହୁ ପଶୁପକ୍ଷୀଙ୍କୁ ସମୂହଭାବେ ନିର୍ମମ ହତ୍ୟା କରାଯାଇଥିବା ଭଳି ଦୁଃଖଦାୟକ ଘଟଣା ନଜିର ରହିଛି। ନିକଟରେ କୋଭିଡ୍ ଭୂତାଣୁରେ ଆକ୍ରାନ୍ତ ହୋଇ ହାଇଦ୍ରାବାଦର ଏକ ଚିଡ଼ିଆଖାନାରେ ସିଂହୀଙ୍କ ମୃତ୍ୟୁ ପରେ, ଦେଶର ଏକ ଜଙ୍ଗଲରେ ୮ଟି ବାଘ ଓ ସିଂହଙ୍କ ପାଖରେ ସମ୍ଭାବ୍ୟ ସଂକ୍ରମଣ ଦେଖାଯାଇଥିବା ସନ୍ଦେହ କରାଯାଇଥିଲା। ସମ୍ଭାବିତ ସଂକ୍ରମଣରୁ ଅଭୟାରଣ୍ୟ ଏବଂ ବିଭିନ୍ନ ଚିଡ଼ିଆଖାନାର ପଶୁଙ୍କ ଜୀବନ ବଞ୍ଚାଇବା ନିମିତ୍ତ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ।

-ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

## ଚିରନ୍ତନୀ

ଇଚ୍ଛଇ ମରଣ ମୋର
ଅହରହ ଏ ଜଗତେ ଯେହ୍ନୁ,
ତାହାରି ସେବାର ଲାଗି
ରକତ ନିଗାଡ଼ି ଦିଏଁ ଦେହୁଁ। -(ଆସ୍ତିକର ଆକୁତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ହୀରାକୁଦ ଟିକାକରଣ କେନ୍ଦ୍ର ନିକଟରେ ହେଲ୍ପ ଡେସ୍କ

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ଟିକାକେନ୍ଦ୍ର ନିକଟରେ ଲାୟନ୍ସ କ୍ଲବ ପକ୍ଷରୁ ହେଲ୍ପ ଡେସ୍କ ଖୋଲାଯାଇଛି। ଲୋକେ କିପରି ସାମାଜିକ ଦୂରତ୍ୱ ରକ୍ଷାକରି ଟିକା ନେବେ, ପଞ୍ଜୀକରଣ କିପରି କରାଯିବ ସେ ବିଷୟରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି। ଲାୟନ୍ସ କ୍ଲବର ୪ଟି କ୍ଲବ ଏହି ହେଲ୍ପ ଡେସ୍କରେ ସହଯୋଗ କରୁଛନ୍ତି। ଲାୟନ୍ସ କ୍ଲବ ସଭାପତି କାର୍ତ୍ତିକ କଲେତଙ୍କ ସଂଯୋଜନାରେ ଲକ୍ଷ୍ମୀ ମହାପାତ୍ର, ବିକାଶ ଅଗ୍ରୱାଲ, ଗୋପକୃଷ୍ଣ ଦାଶ, ସମରେନ୍ଦ୍ର ତ୍ରିପାଠୀ, ଉତ୍ତମ କାଞ୍ଜିଆ, ଅଶୋକ ପଟ୍ଟନାୟକ, ମହେଶ ଗର୍ଡିଆ, ମଞ୍ଜୁ ଓରାମ, ନିମାଇ ପ୍ରଧାନ, ଭାସ୍କର ରଣା ପ୍ରମୁଖ ସହଯୋଗ କରୁଛନ୍ତି।



**ସଂକ୍ଷେପରେ**

## ପୁଣି ୧୫ଦିନ କାର୍ଯ୍ୟ ବନ୍ଦ କଲା ଜିଲା ଓକିଲ ସଂଘ

**ସମ୍ବଲପୁର, ୧୩।୫ (ବ୍ୟୁରୋ):** ସମ୍ବଲପୁର ଜିଲାରେ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲା ଓକିଲ ସଂଘ ଦ୍ୱିତୀୟ ଥର ପାଇଁ ମେ ୧୪ରୁ ୨୮ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ କରିବ। ଗୁରୁବାର ସଂଘ ବୈଠକରେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଏ ନେଇ ଜିଲା ଜଜ୍‌ଙ୍କୁ ଅନୁରୋଧ କରାଯିବା ସହ ଜନସାଧାରଣଙ୍କୁ ଜଣାଇ ଦିଆଯାଇଛି। ଜିଲା ଓକିଲ ସଂଘ ସଭାପତି ପ୍ରମୋଦ ରଥ କହିଛନ୍ତି ଯେ, କରୋନା ସଂକ୍ରମଣ ଚିନ୍ତାଜନକ ରହିଛି। ଏହାର ମୁକାବିଲା ପାଇଁ ଜିଲା ପ୍ରଶାସନ ଓ ସରକାରଙ୍କୁ ସହଯୋଗ କରିବା ଜରୁରୀ। ସେଥିପାଇଁ ସଂଘ ଏଭଳି ନିଷ୍ପତ୍ତି ନେଇଛି। ପୂର୍ବରୁ ଏପ୍ରିଲ ୧୯ରେ ସଂଘ କାର୍ଯ୍ୟବନ୍ଦ ଘୋଷଣା କରିଥିଲା।

## ବୃଦ୍ଧଙ୍କ ଆତ୍ମହତ୍ୟା

**ବ୍ରଜରାଜନଗର,୧୩।୫(ଡି.ଏନ.ଏ.):** ବ୍ରଜରାଜନଗର ଥାନା ଗଣେଶନଗରର ନାଥ ବାରିକ (୬୨) ଗୁରୁବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ ମଧ୍ୟାହ୍ନ ପ୍ରାୟ ୧୨ଟାରେ ନାଥ ତାଙ୍କ ଘରୁ ବାହାରିଥିଲେ। କିଛି ସମୟ ପରେ ଗ୍ରାମପାଖ ପୋଖରୀ କୂଳରେ ଥିବା ବରଗଛରେ ତାଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି।

## ଯୋଗାଣ ଓ ପୋଲିସ କର୍ମଚାରୀଙ୍କ ମିଳିତ ଚଢ଼ାଉ



**ଦେବଗଡ,୧୩।୫(ଡି.ଏନ.ଏ.):** ଲକ୍‌ଡାଉନ ଓ ସଟଡାଉନ୍ ପରିପ୍ରେକ୍ଷୀରେ ଦେବଗଡ ଜିଲାରେ ବିଭିନ୍ନ ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀର ଅହେତୁକ ଦରବୃଦ୍ଧି ଘଟିଛି । କେତେକ ଅସାଧୁ ବ୍ୟବସାୟୀ ଏହାର ସୁଯୋଗ ନେଇ ଆଳୁ, ପିଆଜ ସମେତ ବିଭିନ୍ନ ସାମଗ୍ରୀର କଳାବଜାର କରୁଥିବା ସାଧାରଣରେ ଅଭିଯୋଗ ହେଉଛି । ଫଳରେ କଳାବଜାର ରୋକିବା ପାଇଁ ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଯୋଗାଣ ବିଭାଗ ଓ ଜିଲା ପୋଲିସ ପକ୍ଷରୁ ଗୁରୁବାର ଦେବଗଡ ପୌରାଞ୍ଚଳର ବିଭିନ୍ନ ଦୋକାନରେ ଚଢାଉ କରାଯାଇଥିଲା । ଦେବଗଡ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ବୀରେନ୍ଦ୍ର ସୋରେଙ୍ଗ ଓ ଏସ୍‌ଡିପିଓ ପ୍ରତ୍ୟୁଷ ମହାପାତ୍ରଙ୍କ ନେତୃତ୍ୱରେ ଦେବଗଡ ଥାନା ସବ୍ ଇନ୍ସପେକ୍ଟର ବୁଦ୍ଧରାୟ ମାଝୀଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ପୌରାଞ୍ଚଳର ମୁଖ୍ୟ ବଜାରରେ ଥିବା ହୋଲସେଲ ବ୍ୟବସାୟୀ ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକରେ ଷ୍ଟକ ଯାଞ୍ଚ କରିବା ସହ ବିଭିନ୍ନ ସାମଗ୍ରୀର ବଜାର ମୂଲ୍ୟ ତନଖି କରିଥିଲେ । ଏହି ଅବସରରେ ସେମାନେ ବ୍ୟବସାୟୀ ମାନଙ୍କୁ ଉଚିତ୍ ମୂଲ୍ୟରେ ସାମଗ୍ରୀ ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ । ଏହାଛଡା କୌଣସି ସାମଗ୍ରୀର କଳାବଜାର କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବାକୁ ପଡିବ ବୋଲି ଚେତାବନୀ ଦେଇଥିଲେ ।

## ରେଳ ମଣ୍ଡଳରେ ଗ୍ରୀଷ୍ମକାଳୀନ ସତର୍କତା ଆଲୋଚନାଚକ୍ର

**ସମ୍ବଲପୁର,୧୩।୫ (ବ୍ୟୁରୋ):** ପୂର୍ବତଟ ରେଳପଥ ସମ୍ବଲପୁର ରେଳ ମଣ୍ଡଳ ନିରାପତ୍ତା ବିଭାଗ ପକ୍ଷରୁ ଗ୍ରୀଷ୍ମକାଳୀନ ସତର୍କତା ଶୀର୍ଷକ ଆଲୋଚନା ଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭର୍ଚୁଆଲରେ ଆୟୋଜିତ ଆଲୋଚନାଚକ୍ରରେ ସମସ୍ତ ବିଭାଗୀୟ ଅଧିକାରୀ ଓ ଇଞ୍ଜିନିୟର, ସୁପରଭାଇଜର, କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଏଥିରେ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ମଣ୍ଡଳ ଯନ୍ତ୍ରୀ ଜୟନ୍ତ କୁମାର ଖମାରୀ କହିଥିଲେ ଯେ, ଗ୍ରୀଷ୍ମ ଋତୁରେ ତାପମାତ୍ରା ବୃଦ୍ଧି ପାଇଥାଏ। ଏହି ସମୟରେ ରେଳ ଚଳାଚଳରେ ଯେପରି କୌଣସି ଅସୁବିଧା ନ ହେବ ସେ ଦିଗରେ ସମ୍ପୃକ୍ତ କର୍ମଚାରୀମାନେ ଧ୍ୟାନ ଦେବା ଉଚିତ। ବରିଷ୍ଠ ଯନ୍ତ୍ରୀ ଅରୁଣ କୁମାର ମହାରଣା ପାୱାର ପଏଣ୍ଟ ଜରିଆରେ ବିଭିନ୍ନ ବିଷୟ ଉପସ୍ଥାପନ କରିଥିଲେ। ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ପୀତବାସ ସାହୁ ସଂଯୋଜନା କରିଥିଲେ।

# ଅବଧିର ଦେଢ଼ବର୍ଷ ବିତିଲା, ସରିଲାନି କାମ

**ସମ୍ବଲପୁର,୧୩।୫ (ବ୍ୟୁରୋ)**

**ଶାସନ-ପିଥମପୁର ରାସ୍ତା**
- ଉଠିଯାଇଛି ପିଚୁ, ପୋଲ ଅସମ୍ପୂର୍ଣ୍ଣ
- ପୁନଃ କାମ ନ କଲେ ଛଡ଼ାଯିବ ନାହିଁ: ନିର୍ବାହୀ ଯନ୍ତ୍ରୀ



ରାସ୍ତା ଓ ସେତୁ ଅସମ୍ପୂର୍ଣ୍ଣ ହୋଇପଡିଛି।

ପ୍ରତି ଗ୍ରାମକୁ ପକ୍କା ସଡ଼କ ନିର୍ମାଣ ପାଇଁ ସରକାର ଅନୁଦାନ ଦେଉଛନ୍ତି। ରାସ୍ତା ନିର୍ମାଣ ଅବଧି ମଧ୍ୟ ନିର୍ଦ୍ଧାରିତ ହେଉଛି। କିନ୍ତୁ ଅବଧିର ଦୀର୍ଘଦିନ ପରେ ବି କାମ ଶେଷ ହୋଇପାରୁ ନାହିଁ। ଅନ୍ୟପଟେ ନିମ୍ନମାନର କାମ ଯୋଗୁ ନିର୍ମାଣାଧୀନ ରାସ୍ତାର ଅନେକ ସ୍ଥାନରେ ପିଚୁ ଉଠିଯାଉଛି। ବିଜୁ ସେତୁ କାମ ମଧ୍ୟ ଅସମ୍ପୂର୍ଣ୍ଣ ହୋଇ ପଡିରହିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଜିଲାର ଧନକଉଡା ବ୍ଲକ ଶାସନ-ପିଥମପୁର ରାସ୍ତା ନିର୍ମାଣରେ।

ଏହି ରାସ୍ତା ଉପରେ ପିଥମପୁର ସମେତ ବିଶାଳଖିଣ୍ଡା, କଟପାଲି, ଶାସନ ଆଦି ୪ ଗ୍ରାମର ଲୋକେ ନିର୍ଭର କରନ୍ତି। ରାସ୍ତା ଅବସ୍ଥା ଶୋଚନୀୟ ଥିବାରୁ ପକ୍କା ରାସ୍ତା ପାଇଁ ଗ୍ରାମବାସୀ ଦାବି କରିଆସୁଥିଲେ। ୧୨୫ ମିଟର ଦୈର୍ଘ୍ୟ ଓ ୭. ୫ ମିଟର ପ୍ରସ୍ଥ ବିଶିଷ୍ଟ ରାସ୍ତା ପାଇଁ ୬ କୋଟି ୯ ଲକ୍ଷ ୯୭ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ବିଜୁ ସେତୁ ଯୋଜନାରେ ପିଥମପୁରଠାରୁ କାଲେଶ୍ୱର ଚିକ୍ରାକୁ ସଂଯୋଗ କରିବା ପାଇଁ ହରଡଯୋରରେ ଏକ ସେତୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କାମ ଆରମ୍ଭ ହେବା ପରେ ଅଞ୍ଚଳବାସୀ ବେଶ୍ ଉତ୍ସାହିତ ହୋଇଥିଲେ। ୨୦୧୮ ଅଗଷ୍ଟ ମାସରୁ କାମ ଆରମ୍ଭ ହୋଇଥିବା ବେଳେ ୨୦୧୯ ନଭେମ୍ବରରେ ସମ୍ପୂର୍ଣ୍ଣ କରିବାକୁ ସମୟସୀମା ରହିଥିଲା। ହେଲେ ଅବଧିକୁ ପ୍ରାୟ ଦେଢବର୍ଷ ବିତିଯାଇଥିଲେ ମଧ୍ୟ କାମ ଅଧାପନ୍ତରିଆ ପଡିରହିଛି। ନିମ୍ନମାନର କାମ ନେଇ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଫଳରେ ଅନେକଥର କାମ ବନ୍ଦ କରି ଦିଆଯାଇଛି। ପରେ ବିଭାଗୀୟ ଅଧିକାରୀ ଆସି କାମର ମାନ ଠିକ୍ ହେବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। କିଛିଦିନ ପରେ ପୁଣି ଠିକାଦାର ପୂର୍ବଭଳି କାମ କରୁଥିବା ଅଭିଯୋଗ ହେଉଛି। ଉଠିଯାଇଥିବା ପିଚୁ କାମ ପୁନଃ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ପର୍ଶୁରାମ ଦେହୁରି କହିଛନ୍ତି, ଉକ୍ତ ରାସ୍ତା କାମ ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ଏକ ଟିମ୍ ଯାଇ ଏହାର ଯାଞ୍ଚ କରିବ। ଖରାପ କାମକୁ ଆଉଥରେ କରାଯିବ। କାମ ମାନରେ ସାଲିସ କରାଯିବ ନାହିଁ। କାମ ନ କଲେ ଠିକାଦାରଙ୍କୁ ଛଡାଯିବ ନାହିଁ ବୋଲି କହିଥିଲେ।

# କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ସମ୍ବଲପୁର ଏମ୍‌ପି

**ଦେବଗଡ଼,୧୩।୫(ଡି.ଏନ୍.ଏ.)**

**ଦେବଗଡ଼ ଜିଲାରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ଡାକ୍ତରଖାନା ସ୍ଥାପନ ଦାବି**

ଦେବଗଡ଼ ଜିଲାରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ଘଟୁଥିବା ବେଳେ ଗତ କିଛିଦିନ ଧରି ଜିଲାରେ କରୋନା ସଂକ୍ରମିତଙ୍କ ମୃତ୍ୟୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ଚିକିତ୍ସା ପାଇଁ ଦେବଗଡ଼ ପଲିଟେକ୍ନିକ ବିଦ୍ୟାଳୟ କୋଠାକୁ ଅସ୍ଥାୟୀ କୋଭିଡ୍ ଡାକ୍ତରଖାନା କରାଯାଇ କରୋନା ଆକ୍ରାନ୍ତଙ୍କ ଚିକିତ୍ସା କରାଯାଉଥିବାବେଳେ ଗୁରୁତର ରୋଗୀଙ୍କୁ ପଡୋଶୀ ସମ୍ବଲପୁର, କେନ୍ଦୁଝର, ଅନୁଗୋଳ ଜିଲା ଡାକ୍ତରଖାନା ଉପରେ ନିଭରଶୀଳ ହେବାକୁ ପଡୁଛି। ଏଭଳି ସ୍ଥିତିରେ ରୋଗୀଙ୍କ ପରିବାର ଲୋକ ନାନା ଯନ୍ତ୍ରଣା ଭୋଗିବାକୁ ବାଧ୍ୟ ହେଉଛନ୍ତି।



ନୀତେଶ ଗଙ୍ଗଦେବ।

ଜିଲାରେ କରୋନା ମହାମାରୀର ଗୁରୁତର ସମସ୍ୟାକୁ ହୃଦୟଙ୍ଗମ କରି ଗୁରୁବାର ସମ୍ବଲପୁର ଲୋକସଭା ସଦସ୍ୟ ନୀତେଶ ଗଙ୍ଗଦେବ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ହର୍ଷ ବର୍ଦ୍ଧନଙ୍କୁ ଏକ ପତ୍ରଲେଖି ଅବଗତ କରାଇବା ସହ ଗଙ୍ଗଦେବଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦେବଗଡ଼ ବିଧାନସଭା କ୍ଷେତ୍ରରେ ତୁରନ୍ତ ୧୦୦ଶଯ୍ୟା ବିଶିଷ୍ଟ କୋଭିଡ୍ ଡାକ୍ତରଖାନା ସ୍ଥାପନ ପାଇଁ ଦାବି କରିଛନ୍ତି। ଗଙ୍ଗଦେବ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦେଇଥିବା ପତ୍ରର ଏକ କପି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦେଇଛନ୍ତି।

# ଆଲୋଚନାରେ ବିଭିନ୍ନ ବର୍ଗର ପ୍ରତିନିଧିଙ୍କ ଅଂଶଗ୍ରହଣ

**ଦେବଗଡ଼,୧୩।୫(ଡି.ଏନ.ଏ.)**

**କରୋନା ସଂକ୍ରମଣର ସଫଳ ମୁକାବିଲା ପାଇଁ ଜିଲାପାଳଙ୍କ ଭର୍ଚୁଆଲ ବୈଠକ**

ଦେବଗଡ଼ ଜିଲାପାଳ ସୁଧାଂଶୁ ମୋହନ ସାମଲ ଜିଲାରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣକୁ ମୁକାବିଲା କରିବା ନିମନ୍ତେ ଏକ ଭର୍ଚୁଆଲ ବୈଠକରେ ପୌରାଞ୍ଚଳର ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରିଥିଲେ। ସଂକ୍ରମିତ ଲୋକଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟସେବା ଉପରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ। କୋଭିଡ୍ ନିୟମ ଅନୁପାଳନ ନିମନ୍ତେ ପୌରାଞ୍ଚଳରୁ ଆରମ୍ଭ କରି ବ୍ଲକ ଓ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ କମିଟିମାନ ଗଠନ କରାଯାଇଥିବା ସୂଚନା ଦେଇଥିଲେ। ଆଶା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ସପ୍ତାହକୁ ୨ଥର ସର୍ଭେ କରୁଥିବା ବେଳେ ଦେବଗଡ଼ ଜିଲା କାର୍ଯ୍ୟାଳୟ, ପୌର ପରିଷଦ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଉଛି। ଜିଲା ସଦର ମହକୁମା କୋଭିଡ୍ ହସ୍‌ପିଟାଲରେ ଯଥେଷ୍ଟ ପରିମାଣର ଶଯ୍ୟା, ଅକ୍ସିଜେନ ସିଲିଣ୍ଡର ମହଜୁଦ ରହିଛି। ଏହି କୋଭିଡ୍ ହସ୍‌ପିଟାଲ ନିମନ୍ତେ ରାଜ୍ୟ ସରକାର ୬ ଗୋଟି ଭେଣ୍ଟିଲେଟର ସହିତ ୨୦ଟି ଜୁମ୍ବୋ ଅକ୍ସିଜେନ ସିଲିଣ୍ଡର ଯୋଗାଇ ଦେଇଥିବାବେଳେ ଏହାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିବା ମଧ୍ୟ କହିଥିଲେ। ଇତିମଧ୍ୟରେ କଟକ ଏବଂ ବ୍ରହ୍ମପୁର ମେଡିକାଲରୁ ଡାକ୍ତରମାନେ ଆସି କୋଭିଡ୍ ହସ୍‌ପିଟାଲରେ ଯୋଗଦେଇଥିବା ଜିଲାପାଳ ସାମଲ ପ୍ରକାଶ କରିଥିଲେ। ସେହିପରି ଟେଷ୍ଟିଂ ଏବଂ ଟିକାକରଣରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ କରି ଏହାକୁ ସୁସଙ୍ଗଠିତ ଭାବେ ଆୟୋଜନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବା ମଧ୍ୟ ସୂଚନା ଦେଇଥିଲେ। ଏହି ଭର୍ଚୁଆଲ ବୈଠକରେ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଦେବଗଡ଼ ପୌର ପରିଷଦର ନିର୍ବାହୀ ଅଧିକାରୀଣୀ ଆତସୀ ପରିଡା ଓ ଡେପୁଟି କଲେକ୍ଟର ଯଶୋବନ୍ତ ଦେହୁରୀଙ୍କ ସମେତ ଜିଲା ଓକିଲ ସଂଘର ସଦସ୍ୟ, ଗଣମାଧ୍ୟମର ପ୍ରତିନିଧି, ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ।

## ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଯୁବକ ଗୁରୁତର

**ଦେବଗଡ଼,୧୩।୫(ଡି.ଏନ.ଏ)**

ଦେବଗଡ ଥାନା ବଳମ ନିକଟ ୪୯ ନମ୍ବର ଜାତୀୟ ରାଜପଥରେ ବୁଧବାର ରାତିରେ ଏକ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ବଳମ ଗ୍ରାମର ଗୁରୁଚରଣ ପ୍ରଧାନ(୩୮)କୌଣସି କାମରେ ଏକ ବାଇକ ଯୋଗେ କଣ୍ଡେଲ ଅଭିମୁଖେ ଯାଉଥିବା ବେଳେ ବାରକୋଟ ପଟୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ(ଓଡି-୨୮-ଏ-୦୨୯୪)ତାଙ୍କୁ ସମ୍ମୁଖ ପଟୁ ଧକ୍କା ଦେଇଥିଲା । ଫଳରେ ବାଇକ ସହ ରାସ୍ତା ଉପରକୁ ଛିଟିକି ପଡି ଗୁରୁଚରଣଙ୍କ ଗୋଡ ଭାଙ୍ଗି ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆଦର୍ଶ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛି ।

## ସ୍ୱେଚ୍ଛାସେବୀ ଦେଖାଇଲେ ମାନବିକତା



କରୋନା ସଂକ୍ରମିତଙ୍କ ଅନ୍ତିମ ସତ୍କାରରେ ସାମିଲ ସ୍ୱେଚ୍ଛାସେବୀ।

**ଦେବଗଡ,୧୩।୫(ଡି.ଏନ.ଏ.)**

କରୋନା ସଂକ୍ରମଣ ଭୟରେ ମୃତକଙ୍କ ନିକଟକୁ ନିଜର ସମ୍ପର୍କୀୟ ଏବଂ ଜ୍ଞାତି ପରିଜନ ଯିବାକୁ ପଛଘୁଞ୍ଚା ଦେଉଛନ୍ତି । ତେବେ ଦେବଗଡ ଜିଲା ବାରକୋଟ ବ୍ଲକ ଅଞ୍ଚଳର ଜଣେ କରୋନା ସଂକ୍ରମିତଙ୍କ ଅନ୍ତିମ ସତ୍କାରରେ ସହଯୋଗ କରି ମାନବିକତା ଦେଖାଇଛନ୍ତି ସ୍ଥାନୀୟ ସ୍ୱେଚ୍ଛାସେବୀମାନେ । ମିଳିଥିବା ସୂଚନା ଅନୁଯାୟୀ,ବାରକୋଟ ବ୍ଲକ ଦଣ୍ଡାସିଂହା ଗ୍ରାମ ପଞ୍ଚାୟତର ଜଣେ ବ୍ୟକ୍ତିଙ୍କ ଗୁରୁବାର ସକାଳେ ଦେବଗଡ କୋଭିଡ କେୟାର ସେଣ୍ଟରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । କୋଭିଡ ଗାଇଡ୍ ଲାଇନ ଅନୁଯାୟୀ ପ୍ରଶାସନ ପକ୍ଷରୁ ଦେବଗଡ ପୌର ପରିଷଦ ସହାୟତାରେ ତାଙ୍କର ଅନ୍ତିମ ସଂସ୍କାର କରାଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ତେବେ ଏଥିରେ ସହାୟତା କରିବା ଲାଗି ମୃତକଙ୍କ ପୁଅ ଦେବଗଡର କେତେଜଣ ସ୍ୱେଚ୍ଛାସେବୀଙ୍କୁ ଫୋନ ମାଧ୍ୟମରେ ଅନୁରୋଧ କରିଥିଲେ। ଫୋନ କଲ୍ ପାଇ ସ୍ଥାନୀୟ ସ୍ୱେଚ୍ଛାସେବୀ ସୁଧୀର କୁମାର ବ୍ରହ୍ମାଙ୍କ ନେତୃତ୍ୱରେ ଦୟାଶଙ୍କର ଦ୍ୱିବେଦୀ, ଶିବା ମୁଖୀ ଓ ରଞ୍ଜିତ ମୁଖୀ ପ୍ରମୁଖ ପହଞ୍ଚି ପୌର ପରିଷଦ ସଫେଇ କର୍ମଚାରୀ ଦ୍ୱୟଙ୍କୁ ସହାୟତା କରିଥିଲେ ।

# ଝାରସୁଗୁଡ଼ା ଜିଲାରେ କାଳବୈଶାଖୀର ତାଣ୍ଡବ

**ଝାରସୁଗୁଡ଼ା ଅଫିସ,୧୩।୫**



ବନ୍ଧବାହାଲ-ଇବ୍‌ଥର୍ମାଲ ରାସ୍ତାରୁ ଜେସିବି ସାହାଯ୍ୟରେ ଗଛ ହଟାଯାଉଛି।

ଝାରସୁଗୁଡା ଜିଲାରେ ବୁଧବାର ରାତିରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ପ୍ରବଳ ଘଡଘଡି ସାଙ୍ଗକୁ ବର୍ଷା, ପବନ ଓ କୁଆପଥର ବୃଷ୍ଟି ହୋଇଥିଲା। ଏଥିରେ କେତେକ ଘରର ଆଜବେଷ୍ଟସ୍, ଖପର ଓ ଚାଳଛପର ଉଡିଯାଇଛି। ଫଳରେ ଲୋକେ ଖୋଲା ଆକାଶ ତଳେ ପଡିରହିଛନ୍ତି। ଅନେକ ସ୍ଥାନରେ ଗଛଡାଳ ପଡି ବିଦ୍ୟୁତ୍ ତାର ଛିଣ୍ଡିଯାଇଥିବାବେଳେ କେତେକ ଖୁଣ୍ଟ ଭାଙ୍ଗିଯାଇଛି । ଫଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇ ବହୁ ଅଞ୍ଚଳ ୨ଦିନ ହେଲା ଅନ୍ଧାରରେ ରହିଛି। ବିଦ୍ୟୁତ୍ ବିଭାଗ ତରଫରୁ ଏହାର ମରାମତି ଜାରି ରହିଛି । କୁଆପଥର ବୃଷ୍ଟି ଯୋଗୁ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ଲଖନପୁର ବ୍ଲକ୍ ବନ୍ଧବାହାଲ ଇବ୍‌ଥର୍ମାଲ ରାସ୍ତାରେ ଗଛପଡି ରାସ୍ତା ଅବରୋଧ ହେବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବନ୍ଧବାହାଲ ଫାଣ୍ଡି ଅଧିକାରୀ ଅଶୋକ ଦାସ ଓ ସ୍ଥାନୀୟ କେତେଜଣ ସ୍ୱେଚ୍ଛାସେବୀ ଯୁବକ ଜେସିବି ମେଶିନ ସାହାଯ୍ୟରେ ରାସ୍ତାରୁ ଗଛ ବାହାର କରିଥିଲେ। ଫଳରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ବନ୍ଧବାହାଲ ସବ୍‌ଷ୍ଟେଶନ ଅଧୀନ କିରାରମା ନିକଟରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯିବା ଫଳରେ ୩୩କେଭି ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଛି। ଫଳରେ ଲଖନପୁର ବ୍ଲକ୍‌ର ବହୁ ଅଞ୍ଚଳ ଅନ୍ଧାରରେ ରହିଛି। ଏହି ବ୍ଲକ୍‌ର ୩ନଂ. ଜୋନ ତିଳିଆ ପଞ୍ଚାୟତ ସିଆଁପାଲି ଗ୍ରାମର କେତେକ ଘରର ଛାତ ଉଡିଯାଇଥିବାରୁ ଲୋକେ ଖୋଲା ଆକାଶ ତଳେ ପଡି ରହିଛନ୍ତି। ବ୍ଲକ ଓ ଜିଲା ପ୍ରଶାସନ କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।

# ମୁକାବିଲା ପାଇଁ ପଦକ୍ଷେପ ନିଆଯାଉଛି : କମିଶନର

**ସମ୍ବଲପୁର,୧୩।୫(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମରେ କରୋନା ସଂକ୍ରମଣ ବୃଦ୍ଧି ପାଇଛି। ଏହାର ମୁକାବିଲା ପାଇଁ ଏସ୍‌ଏମ୍‌ସି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି ବୋଲି କମିଶନର ଅନିରୁଦ୍ଧ ପ୍ରଧାନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମହାନଗର ନିଗମର ବୁର୍ଲା ଓ କାଇଁଶିରରେ କୋଭିଡ୍ କେୟାର ସେଣ୍ଟର ଖୋଲା ଯାଇଛି। ଏହାସହ ଡିଏଚ୍‌ଏଚ୍ ଓ ବୁର୍ଲା ଭିମ୍‌ସାରରେ କୋଭିଡ୍ ମେଡିକାଲ ରହିଛି। ସମୁଦାୟ ୮୧୫ ଶଯ୍ୟା ବିଶିଷ୍ଟ ମେଡିକାଲ ରହିଛି। ଏବେ ୬୨୧ କାର୍ଯ୍ୟକ୍ଷମ ଅଛି। ସଂକ୍ରମଣକୁ ଦୃଷ୍ଟିରେ ରଖି ୨୨ ସ୍ଥାନକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି । ମୋଟ ସଂକ୍ରମଣ ସଂଖ୍ୟା ୪୨୦୦। ଏଥିମଧ୍ୟରୁ ୯୦ ପ୍ରତିଶତଙ୍କୁ ହୋମ ଆଇସୋଲେଶନରେ ଚିକିତ୍ସା କରାଯାଉଛି। ଡାକ୍ତରୀ ଟିମ୍ ପ୍ରତ୍ୟେକ ଘରକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ରିପୋର୍ଟ ସଂଗ୍ରହ କରୁଛନ୍ତି। ପରୀକ୍ଷା ପାଇଁ ଭ୍ରାମ୍ୟମାଣ ଭ୍ୟାନ ବ୍ୟବସ୍ଥା ରହିଛି। ଏହାସହ ଟିକାଦାନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି।

## ଚାଷୀଙ୍କ ଅଭିଯୋଗର ଯାଞ୍ଚ କଲା ସମବାୟ ବିଭାଗ

**ସମ୍ବଲପୁର,୧୩।୫(ବ୍ୟୁରୋ)**

ସମ୍ବଲପୁର ଜିଲା ଚାଉଁରପୁର ସମବାୟ ସମିତିର ପଞ୍ଜୀକୃତ ଚାଷୀମାନେ ଜମି ପରିମାଣ କମିଯାଇଥିବା ଅଭିଯୋଗ କରିଥିଲେ। ଏହା ଆଧାରରେ ସମିତିରେ ଗୁରୁବାର ଏଆର୍‌ସିଏସ୍ ହରିହର ସେଠ, ସୁଶୀଲ ମିଶ୍ର ପହଞ୍ଚି ଚାଷୀମାନେ ଦାଖଲ କରିଥିବା କାଗଜପତ୍ର ଯାଞ୍ଚ କରିଥିଲେ। ଚାଷୀମାନଙ୍କ ଅଭିଯୋଗ କ୍ରମେ ବିଗତ ବର୍ଷମାନଙ୍କରେ ଅଧିକ ଜମି ପଞ୍ଜୀକରଣ ହୋଇଥିଲା। ଚଳିତ ରବିରେ ମଧ୍ୟ ୬୮୪ ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି। ହେଲେ ସେମାନେ ଆବେଦନ କରିଥିବା ଜମି ପରିମାଣ କାଟି ଦିଆଯାଇଛି। ଫଳରେ ଧାନ ବିକ୍ରି କରିବା ନେଇ ସମସ୍ୟା ଦେଖାଦେଇଛି। ଏ ସମ୍ପର୍କରେ ଡିଆର୍‌ସିଏସ୍ ଲିଙ୍ଗରାଜ ନାଏକ କହିଛନ୍ତି, ଗତବର୍ଷ ଅପେକ୍ଷା ବର୍ତ୍ତମାନ ନିୟମ ଅନୁସାରେ ଚାଷୀ ଆବେଦନ କରିଥିବା ଜମି ରାଜସ୍ୱ ବିଭାଗ, ସମବାୟ ବିଭାଗ ଓ କୃଷି ବିଭାଗ ମିଳିତ ଭାବେ ସର୍ଭେ କରିବେ। ସର୍ଭେ ରିପୋର୍ଟ ଅନୁସାରେ ପଞ୍ଜୀକରଣ ହୋଇଥାଏ। ତେଣୁ କେତେଜଣ ଚାଷୀଙ୍କ ଜମି ପରିମାଣ କମିଯାଇଛି। ହେଲେ ଏଥିପାଇଁ କୌଣସି କର୍ମଚାରୀ ଦାୟୀ ନୁହନ୍ତି। ବ୍ୟବସ୍ଥା ଅନୁସାରେ ସେମାନେ କାମ କରୁଛନ୍ତି। କେତେଜଣ ବ୍ୟକ୍ତି ଚାଷୀମାନଙ୍କୁ ନେଇ ଅଯଥାରେ ଅଭିଯୋଗ କରୁଛନ୍ତି। ବ୍ୟକ୍ତିଗତ ଭାବେ ଚାଷୀମାନେ ନିଜ ସମସ୍ୟା ନେଇ ଅଭିଯୋଗ କଲେ ସମାଧାନ କରାଯିବ।

## ଏନ୍‌ଏସ୍‌ଏସ୍ ପକ୍ଷରୁ ଔଷଧ ବିତରଣ

**ସମ୍ବଲପୁର,୧୩।୫ (ବ୍ୟୁରୋ)**

ସମ୍ବଲପୁର ଜିଲା ଜୟନ୍ତପୁର ନିକଟସ୍ଥ ପଥରଗଡା ଗ୍ରାମରେ ଏନ୍‌ଏସ୍‌ଏସ୍ ପକ୍ଷରୁ ଗୁରୁବାର ହୋମିଓପାଥି ଔଷଧ ବିତରଣ କରାଯାଇଛି। କରୋନା ସାଙ୍ଗକୁ ଖରା ଓ ବର୍ଷା ଲାଗିରହିଛି। ଏହା ଦ୍ୱାରା ଲୋକଙ୍କ ସ୍ୱାସ୍ଥ୍ୟ ଖରାପ ହେବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ଏନ୍‌ଏସ୍‌ଏସ୍ ସଦସ୍ୟମାନେ ପ୍ରତିଷେଧକ ଔଷଧ ପ୍ରଦାନ କରିଛନ୍ତି। ସମ୍ବଲପୁର ମାଝିପାଲିସ୍ଥିତ ସରକାରୀ ହୋମିଓପାଥି କଲେଜର ଡା. ସୁଧାଂଶୁ ଶେଖର ସିଂ, ଜୟନ୍ତପୁର ସରପଞ୍ଚ ସୁରେନ୍ଦ୍ର ଭୋଇଙ୍କ ଉପସ୍ଥିତିରେ ୩୦ ଜଣଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ଜିଲା ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ଡ. ବିଶ୍ୱମୋହନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚାନ୍ଦା କରି ବନ୍ଧ ପୁନରୁଦ୍ଧାର

**ଝାରସୁଗୁଡ଼ା ଅଫିସ,୧୩।୫**



ଜଳାଶୟରୁ ମେଶିନ୍‌ରେ ପଙ୍କ ଉଦ୍ଧାର କରାଯାଉଛି।

**ପଡ଼ାବାସୀଙ୍କ ପାଇଁ ସରକାରୀ ଯୋଜନା ସାତସପନ**

ଗ୍ରାମାଞ୍ଚଳର ରାସ୍ତାଘାଟ ସାଙ୍ଗକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟଜଳ ଆଦି ମୌଳିକ ସୁବିଧା ଯୋଗାଇଦେବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା ପ୍ରଣୟନ ହେଉଛି। ଏହିସବୁ ଯୋଜନା କାର୍ଯ୍ୟକାରୀ ହେଲେ ଗ୍ରାମାଞ୍ଚଳର ବିକାଶ ହୋଇଥାଏ। ଗ୍ରାମର ବିକାଶ ହେଲେ ଦେଶର ବିକାଶ ହୋଇଥାଏ ବୋଲି କୁହାଯାଏ। ହେଲେ ଏହି ସରକାରୀ ଯୋଜନା ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ପଞ୍ଚଗାଁ ପଞ୍ଚାୟତ ରେଙ୍ଗାଲି ଗ୍ରାମ ସ୍କୁଲ୍ ପଡାବାସୀଙ୍କ ପାଇଁ ସାତସପନ ହୋଇଛି। ଶେଷରେ ସରକାର ଓ ପ୍ରଶାସନ ଉପରେ ଭରସା ନ କରି ପଡାବାସୀ ଚାନ୍ଦାକରି ଏକ ଜଳାଶୟର ପୁନରୁଦ୍ଧାର କରିଛନ୍ତି।

ଏହି ପଡାରେ ରହିଛି ଏକମାତ୍ର ଜଳାଶୟ ନୂଆବନ୍ଧ। ଏହି ବନ୍ଧ ଦୀର୍ଘବର୍ଷ ହେଲାଣି ପୋତି ହୋଇଯିବା ଫଳରେ ଜଳଧାରଣ କ୍ଷମତା ହ୍ରାସ ପାଇବାରେ ଲାଗିଛି। ବନ୍ଧରେ ଗ୍ରୀଷ୍ମଋତୁରେ ପାଣି ଶୁଖିଯାଉଛି। ଏଭଳି ସ୍ଥିତିରେ ପଡାବାସୀଙ୍କୁ ଗାଧୋଇବା ପାଇଁ ପାଣି ଟୋପାଏ ମିଳୁନାହିଁ । ଫଳରେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ପଡାବାସୀ ପଞ୍ଚାୟତ, ବ୍ଲକ୍ ପ୍ରଶାସନ, ଜିଲା ପ୍ରଶାସନ ଓ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ ଖାଲି ପ୍ରତିଶ୍ରୁତି ମିଳୁଛି ବୋଲି ପଡାବାସୀ ଅଭିଯୋଗ କରିଛନ୍ତି। ଏଭଳି ପରିସ୍ଥିତିରେ ପଡାବାସୀ ଚାନ୍ଦା ସଂଗ୍ରହ କରି ଗତ ମଙ୍ଗଳବାରଠାରୁ ଟ୍ରାକ୍ଟର ଓ ଜେସିବି ମେଶିନ ଲଗାଇ ଜଳାଶୟ ପୁନରୁଦ୍ଧାର କାମ ଆରମ୍ଭ କରିଛନ୍ତି। ପଡାବାସୀ କହିଛନ୍ତି, ପଡାର ଲୋକେ ଏତେ ସ୍ୱଚ୍ଛଳ ନ ହେଲେ ମଧ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରତି ପରିବାରରୁ ୫ରୁ ୬ଶହ ପର୍ଯ୍ୟନ୍ତ ଟଙ୍କା ଚାନ୍ଦା ଆକାରରେ ସଂଗ୍ରହ କରାଯାଇଛି। ଏପରି କି କେତେଜଣ ୫ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚାନ୍ଦା ଦେଇଛନ୍ତି। ଏପରି ସମୁଦାୟ ସାଢେ ୩୬ହଜାର ଟଙ୍କା ଆଦାୟ ହୋଇଛି। ହେଲେ ଏହି ଅର୍ଥ ୨ଦିନରେ ଶେଷ ହୋଇଯାଇଛି। କିଛି ଦିନ ବ୍ୟବଧାନରେ ଆଗକୁ ପୁଣି ଚାନ୍ଦା ସଂଗ୍ରହ ପାଇଁ ପଡାବାସୀ ଯୋଜନା ରଖିଛନ୍ତି। ଏହା ଯଦି ସମ୍ଭବ ନ ହୁଏ ଶେଷରେ ପଡାର ସମସ୍ତ ମହିଳା ଓ ପୁରୁଷ ମୁଣ୍ଡରେ ମାଟି ବୋହିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ପଡାବାସୀଙ୍କ ଏଭଳି ଉଦ୍ୟମ ସରକାରଙ୍କ ଯୋଜନାକୁ ଉପହାସ କରୁଥିବାବେଳେ ଅନ୍ୟ ଗ୍ରାମବାସୀଙ୍କ ପାଇଁ ଏହା ପ୍ରେରଣାର ଉତ୍ସ ହୋଇଛି ।

**ସଂକ୍ଷେପରେ**

## ନୀରବଙ୍କୁ କାରଣ ଦର୍ଶାଅ ନୋଟିସ

**ନୂଆଦିଲ୍ଲୀ,୧୩।୫ :** ୨୦୧୯ର ବହୁ ଚର୍ଚ୍ଚିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଋଣ ଠକେଇ ମାମଲର ମୁଖ୍ୟ କାର୍ପଟଦାର ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କୁ ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ନୋଟିସରେ ଉଲ୍ଲେଖ ରହିଛି ଯେ, ପିଏନ୍‌ବି ବ୍ୟାଙ୍କ ଋଣ ଠକେଇ ମାମଲାରେ କଣ ପାଇଁ ନୀରବଙ୍କ ସମ୍ପତ୍ତି ଜବତ ପଳାତକ ଅର୍ଥନୈତିକ ଅପରାଧି ଆଇନ ଅନୁସାରେ ଜବତ କରାଯାଇ ପାରିବ ନାହିଁ। ୧୧ ଜୁନ ୨୦୨୧ ପୂର୍ବରୁ କୋର୍ଟରେ ହାଜର ରହି ପକ୍ଷ ରଖିବାକୁ ବିଚାର ଭି.ସି. ବାରେଡ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଏହି ନିର୍ଦ୍ଦେଶାବଳୀକୁ ଯଦି ଅଭିଯୁକ୍ତ ଅବମାନନା କରି କୋର୍ଟରେ ଅନୁପସ୍ଥିତ ରୁହନ୍ତି ତେବେ ଏଫ୍‌ଇଓ ଆକ୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନିର୍ଦ୍ଦେଶ ରହିଛି।

## ଜିଏସ୍‌ଟି ବୈଠକ ପାଇଁ ଅମିତଙ୍କ ନିବେଦନ

**ନୂଆଦିଲ୍ଲୀ,୧୩।୫:** ଜରୁରୀକାଳୀନ ଭିତ୍ତିରେ ଜିଏସ୍‌ଟି ପରିଷଦ ବୈଠକ ପାଇଁ ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଅମିତ ମିତ୍ର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟଗୁଡିକୁ ଜିଏସ୍‌ଟି କ୍ଷତିପୂରଣ ଏବଂ ଅନ୍ୟ ପ୍ରସଙ୍ଗରେ ଆଲୋଚନା କରିବା ଲାଗି ସେ ଗୁରୁତ୍ୱାରୋପ କରିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ପ୍ରତି ୩ ମାସରେ ପରିଷଦର ବୈଠକ ହେବା କଥା। ମାତ୍ର ୬ ମାସ ହେବ ଏହା ହୋଇନାହିଁ। ନିୟମକୁ ୨ ଥର ଉଲ୍ଲଂଘନ କରାଗଲାଣି। ଭର୍ଚୁଆଲ ଭାବେ ମଧ ଏହି ବୈଠକ ଆୟୋଜନ ହୋଇନାହିଁ। ଏକ ସଂଘୀୟ ଅନୁଷ୍ଠାନର କାର୍ଯ୍ୟଧାରାକୁ ସରକାର ଅବମାନନା କରୁଛନ୍ତି। ପରିଷଦରେ ବିଭିନ୍ନ ରାଜ୍ୟ ପ୍ରତିନିଧିତ୍ୱ କରୁଛନ୍ତି। ଏଭଳି କରିବା ଦ୍ୱାରା ସରକାର ନିୟମିତ ଭାବେ ବିଶ୍ୱାସ ସହ ଖେଳ ଖେଳିବା ଭଳି କାର୍ଯ୍ୟ କରୁଛନ୍ତି। ଗତ ବର୍ଷ ଅକ୍ଟୋବରେ ବୈଠକ ହୋଇଥିଲା। ବୈଠକ ଭର୍ଚୁଆଲ ଭାବେ ହେଉ ପଛେ ସରକାର ଏହାକୁ ଧାନରେ ରଖନ୍ତୁ ବୋଲି ମିତ୍ର ମତ ପ୍ରକାଶ କରିଛନ୍ତି।

# ଅକ୍ଷୟ ତୃତୀୟା ସୁନାବଜାର ଫିକା

- କରୋନା ଯୋଗୁ ଷ୍ଟୋର ବନ୍ଦ
- ଅନ୍‌ଲାଇନରେ ସୁନା କ୍ରୟ ସୁବିଧା
- ୫ ବର୍ଷ ହେବ କାରବାର ପ୍ରଭାବିତ



**ଭୁବନେଶ୍ୱର,୧୩।୫**

ପବିତ୍ର ଅକ୍ଷୟ ତୃତୀୟା ସାରା ଓଡ଼ିଶାବାସୀଙ୍କ ପାଇଁ ଏକ ଆନନ୍ଦର ଦିନ ହୋଇଥାଏ। ଏହିଦିନ ବିଭିନ୍ନ ଶୁଭକାର୍ଯ୍ୟର ଶୁଭାରମ୍ଭ ସହ ଘର ଲାଗି କିଛି ସୁନା କିଣିବା ପାଇଁ ଲୋକଙ୍କ ମନରେ ଆଗ୍ରହ ଥାଏ। ମାତ୍ର ଗତ ୫ ବର୍ଷ ମଧ୍ୟରେ ଏହି ସମୟରେ ବାତ୍ୟା ଓ କରୋନା ମହାମାରୀ ଯୋଗୁ ସୁନାବଜାର କାରବାର ପ୍ରଭାବିତ ରହୁଥିବା ଦେଖାଯାଉଛି।

କୋଭିଡ୍‌-୧୯ ଯୋଗୁ ଗତ ବର୍ଷ ଅକ୍ଷୟ ତୃତୀୟାରେ ସୁନାବଜାର ମାନ୍ଦା ରହିଥିଲା। ବର୍ଷେ ପରେ ମଧ ଚଳିତ ବର୍ଷ ଅକ୍ଷୟ ତୃତୀୟାରେ ସୁନା ବଜାର କାରବାର ଫିକା ରହିବ ବୋଲି ଶିଳ୍ପସୂତ୍ରରୁ ସୂଚନା ମିଳିଛି। ଯାହା କିଛି କାରବାର ହେବ ତାହା ଅନ୍‌ଲାଇନ ଏବଂ ଡିଜିଟାଲ ପ୍ଲାଟ୍‌ଫର୍ମ ଜରିଆରେ ହେବ ବୋଲି ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକ ପକ୍ଷରୁ କୁହାଯାଇଛି। ସାରା ଦେଶ ଏପରି କି ଓଡ଼ିଶାରେ ମଧ କରୋନା ମହାମାରୀର ୨ୟ ଲହରର ପ୍ରଭାବ ଦ୍ରୁତଗତିରେ ବୃଦ୍ଧି ପାଉଛି। ଫଳରେ ଉଭୟ ଲକ୍‌ଡାଉନ ଓ ଶଟ୍‌ଡାଉନ ଭଳି ସ୍ଥିତି ଓଡ଼ିଶା ବଜାରରେ ଜାରି ରହିଛି। କୋଭିଡ୍ କଟକଣା ଯୋଗୁ ଓଡ଼ିଶାରେ ଅକ୍ଷୟ ତୃତୀୟାରେ ଜୁଏଲେରି ଷ୍ଟୋର ବନ୍ଦ ରହିଥିବା ଜଣାପଡିଛି।

ଜୁଏଲେରିଶିଳ୍ପର ଜଣେ ବ୍ୟବସାୟୀଙ୍କ କହିବା ଅନୁସାରେ, ଗତ ୫ ବର୍ଷ ହେବ ଓଡ଼ିଶା ଗହଣା ଶିଳ୍ପ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସହ କରୋନା ମହାମାରୀ ଭଳି ବିପଦର ସମ୍ମୁଖୀନ ହୋଇଛି। ଚଳିତ ବର୍ଷ ମଧ ଅକ୍ଷୟ ତୃତୀୟା ବଜାର ପ୍ରାୟତଃ ମାନ୍ଦା ରହିବା ସହ କାରବାର ବନ୍ଦ ଭଳି ସମସ୍ୟା ସୃଷ୍ଟି ହୋଇଛି।

ରାଜ୍ୟର ପ୍ରମୁଖ ଗହଣା ଶୋ'ରୁମ୍ ଅରୁନ୍ଧତୀ ପକ୍ଷରୁ ଅନ୍‌ଲାଇନ ଓ ଡିଜିଟାଲ ପ୍ଲାଟ୍‌ଫର୍ମ ଜରିଆରେ କାରବାର ହେବ ବୋଲି ସୂଚନା ମିଳିଛି। ଅକ୍ଷୟ ତୃତୀୟାରେ ଗ୍ରାହକମାନେ ବୁକିଂ କରିଥିବା ରେଗୁଲାର ସୁନା ଉପରେ ୩୯୯ ଟଙ୍କାର ମେକିଂ ସୁବିଧା ପାଇବେ। ସେହିଭଳି କରୋନା କଟକଣା ଉଠିଲା ପରେ ଯଦି ଦର ହ୍ରାସ ହୋଇଥାଏ ସେହି ଅନୁସାରେ ଗ୍ରାହକଙ୍କୁ ବୁକିଂ ସୁନାର ଦାମ ଦେବାକୁ ପଡିବ। ଅନ୍ୟପକ୍ଷରେ ଯଦି ଏହି ସମୟରେ ସୁନା ଦର ବୃଦ୍ଧି ପାଏ ତା' ହେଲେ ମେକିଂ ଚାର୍ଜର ସୁବିଧା ଗ୍ରାହକଙ୍କୁ ମିଳିବ ବୋଲି ଏହାର ଶାଖା ପରିଚାଳକ ନିରଞ୍ଜନ ବେହେରା କହିଛନ୍ତି। ସେହିପରି କଲ୍ୟାଣ, ମାଲ୍‌ବାର, ତନିସ୍କ, ଲାଲଚାନ୍ଦ ଏବଂ ଖିମଜୀ ଭଳି ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ କରୋନା ଯୋଗୁ ବନ୍ଦ ରହିବ ବୋଲି ସୂଚନା ମିଳିଛି। ବର୍ତ୍ତମାନ ଭୁବନେଶ୍ୱରରେ ସୁନା ଦର ୨୨ କ୍ୟାରେଟ ପ୍ରତି ୪୪, ୫୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ ଦର ୪୮, ୯୦୦ ଟଙ୍କା ରହିଛି। ହୀରା ଅଳଙ୍କାର ଡିଜାଇନ ଓ କଲେକ୍ସନ ଅନୁସାରେ ଦର ପ୍ରାୟ ୨୫ହଜାରରୁ ଆରମ୍ଭ ହୋଇ ୩.୫ ଲକ୍ଷ ରହିଥିବା ବେଳେ ରୁପା କେଜି ପ୍ରତି ୭୨,୨୦୦ ଟଙ୍କା ରହିଥିବା ସୂଚନା ମିଳିଛି।

# 'ଭାକ୍ସିନ ଉପରୁ ଜିଏସ୍‌ଟି ଛାଡ଼ ହେଉ'



ଏମ୍.କେ. ଷ୍ଟାଲିନ



ନରେନ୍ଦ୍ର ମୋଦି

**ନୂଆଦିଲ୍ଲୀ,୧୩।୫**

କୋଭିଡ୍ ଭାକ୍ସିନ ଏବଂ ଔଷଧ ଉପରେ ସାମଗ୍ରୀ ଓ ସେବା ଟିକସ ଛାଡ଼ କରାଯିବା ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗୁରୁବାର ନିବେଦନ କରିଛନ୍ତି। ଜିଏସ୍‌ଟି ପରିଷଦ ସହ ଏ ନେଇ ପରାମର୍ଶ କରି ଟିକସ ହାର ଚୂଡ଼ାନ୍ତ କରିବା ଉପରେ ଷ୍ଟାଲିନ୍ ଗୁରୁତ୍ୱାରୋପ କରିଛନ୍ତି। ଏହାବାଦ ସ୍ୱତନ୍ତ୍ର ଗ୍ରାଣ୍ଟ, ଶୀଘ୍ର ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ ଏବଂ ରାଜ୍ୟଗୁଡିକର ଋଣ ସୀମାକୁ ଅତିରିକ୍ତ ୧% ବଢ଼ାଇବା ବୋଲି ସେ ଦାବି ଉପସ୍ଥାପନ କରିଛନ୍ତି। ମୋଦିଙ୍କୁ ଏକ ଚିଠି ଲେଖି ଷ୍ଟାଲିନ୍ କହିଛନ୍ତି, କୋଭିଡ୍‌ ନିୟନ୍ତ୍ରଣ କରିବା ଲାଗି ରାଜ୍ୟଗୁଡିକ ନିଜ ଉଦ୍ୟମରେ କୋଭିଡ୍ ଟିକା ଆମଦାନୀ କରୁଛନ୍ତି। ଏହାକୁ ଧ୍ୟାନରେ ରଖି ଜିଏସ୍‌ଟି ପରିଷଦ ସହ ପରାମର୍ଶ କରି ଟିକସକୁ ଶୂନକୁ କମାଇବା ଏବଂ ଏହା ଉପରେ ସରକାର ବିଚାର କରନ୍ତୁ। କେନ୍ଦ୍ର ନିକଟରେ ବକେୟା ଜିଏସ୍‌ଟି କ୍ଷତିପୂରଣ ରାଶି ଶୀଘ୍ର ରାଜ୍ୟଗୁଡ଼ିକୁ ପ୍ରଦାନ କରିବା, ସବ୍‌ସିଡି ଦରରେ ପିଡିଏସ୍ ଚାଉଳ ଯୋଗାଣ ଲାଗି ଅର୍ଥ, ରାଜ୍ୟ ସହୁଥିବା ରାଜସ୍ୱ କ୍ଷତି ଭରଣା ଲାଗି ଆଡହକ୍ ଭିତ୍ତିକରେ ଅନୁଦାନ ଯୋଗାଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଷ୍ଟାଲିନ୍ ଚିଠିରେ ଗୁରୁତ୍ୱାରୋପ କରିଛନ୍ତି।

# ବିଗ୍‌ବଜାରର ଷ୍ଟୋର ଟୁ ଡୋର ସର୍ଭିସ

**ଭୁବନେଶ୍ୱର,୧୩।୫**

ବିଗ୍ ବଜାର ପକ୍ଷରୁ ଷ୍ଟୋର ଟୁ ଡୋର ସର୍ଭିସ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ସାରା ଦେଶରେ ନିଜର ସେବାକୁ ୨ ଘଣ୍ଟାରେ ଗ୍ରାହକଙ୍କ ଘର ପହଞ୍ଚାଇବାକୁ ଯୋଜନା ହାତକୁ ନେଇଛି। ବିଗ୍ ବଜାର ନିକଟରେ ରହୁଥିବା ଗ୍ରାହକ ଶପ୍ ଡଟ୍ ବିଗ୍ ବଜାର ଡଟ୍ କମ୍‌ରେ ଅନ୍‌ଲାଇନ ଶପିଂ କରିବା ସହ ସାମଗ୍ରୀ ଅର୍ଡର କରିପାରିବେ। ଏହାବାଦ ହ୍ୱାଟ୍ସଆପ୍ ଏବଂ ଟେଲିଫୋନ କଲ୍ କରି ଏହି ସୁବିଧା ଗ୍ରାହକ ନେଇପାରିବେ ବୋଲି ବିଗ୍ ବଜାର ପକ୍ଷରୁ ସୂଚନା ରହିଛି। ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଭଳି ସେବା ଆରମ୍ଭ କରାଯାଇଛି। ଇଣ୍ଡିଆ କା ଅସଲୀ ଦୁକାନ ଭାବେ ଏହା ୨୦୦୧ରେ ଗ୍ରାହକଙ୍କୁ ବିଭିନ୍ନ ସେବା ଯୋଗାଇ ଦେଉଛି। ଗ୍ରାହକଙ୍କୁ ଉନ୍ନତ କ୍ରୟ ଅଭିଜ୍ଞତା ଯୋଗାଣ ଦିଗରେ ଏହା ନିରନ୍ତର ଚେଷ୍ଟା ଜାରି ରଖିଛି। ବର୍ତ୍ତମାନ ୧୪୦ ସହରରେ ବିଗ୍ ବଜାର ଏହାର ଉପସ୍ଥିତି ଜାହିର

BIG BAZAAR
Making India Beautiful

କରିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଜଣେ ବରିଷ୍ଠ ଏକଜିକ୍ୟୁଟିଭ କହିଛନ୍ତି, ବର୍ତ୍ତମାନ ସମୟରେ ଲୋକଙ୍କୁ ଘରେ ରହି ସାମଗ୍ରୀ ଅର୍ଡର କରାଇବା ସେବା ଉପଲବ୍ଧ କରାଯାଉଛି। କୌଣସି ବିଷୟରେ କ୍ରୟ ସମ୍ପର୍କିତ ପ୍ରଶ୍ନ ସ୍ଥାନୀୟ ଷ୍ଟୋର ସହ ଗ୍ରାହକ ଆଲୋଚନା କରିପାରିବେ।

# ଯାନ କମ୍ପାନୀଙ୍କ ସର୍ଭିସ, ୱାରେଣ୍ଟି ସୀମା ବୃଦ୍ଧି

**ନୂଆଦିଲ୍ଲୀ,୧୩।୫**

କରୋନାର ଦ୍ୱିତୀୟ ଲହର ଯୋଗୁ ଲୋକମାନେ ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଏହାକୁ ଧାନରେ ରଖି ଦେଶର ଅଟୋମୋବାଇଲ କମ୍ପାନୀଗୁଡିକ ୱାରେଣ୍ଟି ଏବଂ ସର୍ଭିସ ଏକ୍ସଟେନଶନ ସମ୍ପର୍କରେ ଘୋଷଣା କରିଛନ୍ତି। ମାରୁତି ସୁଜୁକି ଏବଂ ଟାଟା ମୋଟର୍ସ ଏ ନେଇ ପୂର୍ବରୁ ଘୋଷଣା କରିସାରିଥିବା ବେଳେ ଏହା ବର୍ତ୍ତମାନ ଲାଗୁ ହୋଇଛି। ଏହି କ୍ରମରେ ରେନୋ ଇଣ୍ଡିଆ ଏବଂ ୟାମାହା ଯୋଡି ହୋଇଛନ୍ତି। ରେନୋ ଇଣ୍ଡିଆ ପକ୍ଷରୁ ଗୁରୁବାର କୁହାଯାଇଛି ଯେ, ଗ୍ରାହକଙ୍କ ଅସୁବିଧାକୁ ଧାନରେ ରଖି ୱାରେଣ୍ଟି ଏବଂ ଫ୍ରି ସର୍ଭିସ ସମୟ ସୀମାକୁ ବଢାଯାଇଛି। ଚଳିତ ବର୍ଷ ଏପ୍ରିଲ ପହିଲାରୁ ମେ ୩୧ ଯାଏ ରହିଥିବା ସମୟ ସୀମା ଉପରେ ଏହା ଲାଗୁ ହେବ। ଏହି ସମୟ ମଧରେ ଯଦି



କୌଣସି ଗ୍ରାହକ ସେବା ଲାଭ କରିବାରେ ସମସ୍ୟା ସାମ୍ନା କରିଥାନ୍ତି ତେବେ ଚଳିତ ବର୍ଷ ଜୁଲାଇ ୩୧ ଯାଏ ଏହାର ଲାଭ ଗ୍ରାହକ ଉଠାଇ ପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ଉପଭୋକ୍ତାମାନଙ୍କୁ କମ୍ପାନୀ ୨୪ ଘଣ୍ଟିଆ ରୋଡ ସାଇଡ ଆସିଷ୍ଟାନ୍ସ ସେବା ମଧ ପ୍ରଦାନ କରୁଛି। ଜରୁରୀକାଳୀନ ସମୟରେ ଏହା ଦ୍ୱାରା ଗ୍ରାହକ ଲାଭବାନ ହୋଇ ପାରିବେ।

ସେହିଭଳି ୟାମାହା ଏହାର କ୍ୱାଲିଟି କେୟାର ପଦକ୍ଷେପ ଅନ୍ତର୍ଗତ ସର୍ଭିସ ଏବଂ ୱାରେଣ୍ଟି ସମୟକୁ ଚଳିତ ବର୍ଷ ଜୁନ ୩୦ ଯାଏ ବଢାଇଛି। ବର୍ତ୍ତମାନର ଲକଡାଉନ ଭଳି ସମୟରେ ଫ୍ରି ସର୍ଭିସ ସୀମା ଶେଷ ହୋଇଥିବା ହୋଇଥିଲେ ଗ୍ରାହକ ଜୁନ ୩୦ ଯାଏ ଏହି ସେବାର ଲାଭ ଉଠାଇ ପାରିବେ। ସେହିଭଳି ନର୍ମାଲ ୱାରେଣ୍ଟି ଏବଂ ଆନୁଆଲ ମେଣ୍ଟେନାନ୍ସ କଣ୍ଟ୍ରାକ୍ଟ ଲକଡାଉନରେ ଶେଷ ହୋଇଥିଲେ ଗ୍ରାହକ ନିର୍ଦ୍ଦିଷ୍ଟ ସମୟ ମଧରେ ବର୍ଦ୍ଧିତ ୱାରେଣ୍ଟି ସୁବିଧା ନେଇ ପାରିବେ। ସାରା ଦେଶରେ ରହିଥିବା ୟାମାହା ଶୋ'ରୁମଗୁଡିକରୁ ଲୋକମାନେ ଏହି ସୁବିଧା ଯେଉଁଭଳି ନେଇ ପାରିବେ ସେ ନେଇ ଅବଗତ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ରାଜ୍ୟ ଖବର

## ୨ଲକ୍ଷ ଜରିମାନା, ୨୪ ବାଇକ୍ ଜବତ

**ବରଗଡ଼ ଅଫିସ୍,୧୩।୫**

ବରଗଡ଼ ଜିଲାରେ କୋଭିଡ୍ କଟକଣା ଉଲ୍ଲଂଘନ ଯୋଗୁ ବୁଧବାର ସକାଳ ୬ଟାରୁ ଗୁରୁବାର ସକାଳ ୬ଟା ପର୍ଯ୍ୟନ୍ତ ୨୪ଘଣ୍ଟା ମଧ୍ୟରେ ୨ଲକ୍ଷ ୧୦ହଜାର ୬୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ସେଥିମଧ୍ୟରେ ମାସ୍କ ପିନ୍ଧି ନ ଥିବା ଯୋଗୁ ୫୨ହଜାର ୨୦୦, ଲକ୍ ଡାଉନ କଟକଣା ଉଲ୍ଲଂଘନ ପାଇଁ ୧ଲକ୍ଷ ୮ହଜାର ୯୫୦, ସାମାଜିକ ଦ୍ୱରତ୍ୱ ରଖି ନ ଥିବା ଯୋଗୁ ୧୩ହଜାର ଟଙ୍କା ରହିଛି। ଏହାସହିତ ମୋଟର ଭେଇକିଲ୍ ଆକ୍ଟ ଉଲ୍ଲଂଘନ ଯୋଗୁ ୩୬ହଜାର ୫୦୦ ଟଙ୍କା ଜରିମାନା ଅସୁଲ ସହ ୨୪ଟି ବାଇକ୍ ଜବତ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଝଡ଼ବର୍ଷା: ଚାଷୀ ଚିନ୍ତିତ

**ବରଗଡ଼ ଅଫିସ୍,୧୩।୫**

ବରଗଡ଼ ଜିଲାରେ ଗୁରୁବାର ସନ୍ଧ୍ୟାରେ ପୁଣି କାଳବୈଶାଖୀ ଜନିତ ବର୍ଷା ପବନ ହୋଇଥିଲା । ଫଳରେ ବିଭିନ୍ନ ସ୍ଥାନରେ ଗଛଡ଼ାଳ ଭାଙ୍ଗି ପଡ଼ିଥିବାବେଳେ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା । ଜିଲାରେ ଧାନ ଅମଳ, ସଂଗ୍ରହ କାର୍ଯ୍ୟ ଜୋର୍ ଧରି ବସିଥିବାବେଳେ ଝଡ଼ବର୍ଷା ଯୋଗୁ ତାହା ପ୍ରଭାବିତ ହୋଇଛି। କ୍ଷେତ, ଖଳାରେ ରହିଥିବା ଧାନ ଭିଜିଯାଇଛି। ଗତ ୮ତାରିଖରୁ ଏଭଳି ଝଡ଼ବର୍ଷା ଲାଗି ରହିଛି। ଅତାବିରା ବ୍ଲକର ବିଭିନ୍ନ ଗ୍ରାମରେ କ୍ଷେତରେ ପଡ଼ିଥିବା ପେଟାଧାନ ଗଜା ହୋଇଛି। ଖଳାରେ ପଡ଼ିଥିବା ଧାନ ମଧ୍ୟ ଗଜା ହେବା ଆଶଙ୍କା ରହିଛି। ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି। ଅପରପକ୍ଷେ ଧାନବିକ୍ରି ପାଇଁ ଉଦ୍ଦିଷ୍ଟ ଟୋକନ ଅବଧିକୁ ଏଥର ମାତ୍ର ୧୫ଦିନ ରହିଛି । ଝଡ଼ବର୍ଷା ଲାଗି ରହୁଥିବାରୁ ସୀମିତ ସମୟ ମଧ୍ୟରେ ଧାନ ବିକ୍ରିକରିବା ଚାଷୀଙ୍କ ପାଇଁ କଷ୍ଟସାଧ୍ୟ ହୋଇ ପଡ଼ିଛି । ଗୋଟିଏ ପଟେ କରୋନା କାଳରେ ଧାନବିକ୍ରିରେ କଟକଣା ଏବଂ ଅନ୍ୟପଟେ କାଳବୈଶାଖୀ ଚାଷୀଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି। ଟୋକନ ଅବଧି ବୃଦ୍ଧି ପାଇଁ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିବାବେଳେ ବିଭିନ୍ନ ଚାଷୀ ସଙ୍ଗଠନ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଫେରାଦ ହୋଇଛନ୍ତି ।

# ଥାନାକୁ ନ ଆସି ମିଳିବ ପୋଲିସ ସେବା

**ଅମରପାଲି, ୧୩।୫ (ଡି.ଏନ.ଏ)**

**ବୀରମହାରାଜପୁର ଆଦର୍ଶ ଥାନା**
- ଅଭିଯୋଗ ପାଇଁ ଜାରି ହେଲା ଫୋନ ନମ୍ବର
- କରୋନା ପାଇଁ ଅଭିନବ ପଦକ୍ଷେପ

ଏଣିକି ଆଉ ଥାନାକୁ ନ ଆସି ବି ମିଳିପାରିବ ପୋଲିସ ସେବା। ଥାନା ପକ୍ଷରୁ ଜାରି ହୋଇଥିବା ନମ୍ବରରେ ଫୋନ କଲେ ଘରେ ପହଞ୍ଚି ଅଭିଯୋଗ ଗ୍ରହଣ କରିବା ସହିତ ସମସ୍ୟାର ସମାଧାନ କରାଯିବ। ଏଭଳି ପଦକ୍ଷେପ ଗ୍ରହଣ କରିଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ଆଦର୍ଶ ଥାନା। ପୋଲିସର ଏହି ପଦକ୍ଷେପକୁ ସର୍ବସାଧାରଣରେ ସ୍ୱାଗତ କରାଯାଇଛି। ଅପରପକ୍ଷରେ ଏବେ ଲକ୍‌ଡାଉନ ସମୟ। ଶନିବାର ଓ ରବିବାର ସାପ୍ତାହାନ୍ତ ସଟଡାଉନ ରହିଛି। ଅଭିଯୋଗକାରୀ ଥାନାକୁ ଆସିବାରେ ସମସ୍ୟା ରହିଛି। ଏହାଛଡା ଥାନାରେ ଅଯଥା ଗହଳି କମାଇବା ପାଇଁ ବୀରମହାରାଜପୁର ଆଦର୍ଶ ଥାନା ପକ୍ଷରୁ ନିଆଯାଇଛି ଏହି ପଦକ୍ଷେପ । ଜିଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ଉକ୍ତ ନିର୍ଦ୍ଦେଶକୁ ଠିକ ଭାବରେ ଲାଗୁ କରି ଲୋକଙ୍କୁ ଉତ୍ତମ ପୋଲିସ ସେବା ଯୋଗାଇ ଦିଆଯିବ ବୋଲି କହିଛନ୍ତି ଭାରପ୍ରାପ୍ତ ଥାନା ଅଧିକାରୀ ସୁଦର୍ଶନ ଦେହୁରୀ । ଲୋକଙ୍କ ସୁବିଧା ଦୃଷ୍ଟିରୁ ଥାନାର ମୁଖ୍ୟ ଫାଟକ ସମେତ ବୀରମହାରାଜପୁର ସହର ଓ ଅଞ୍ଚଳର ବିଭିନ୍ନ ଛକରେ ପୋଲିସ ଅଧିକାରୀଙ୍କ ଫୋନ ନମ୍ବର ଥିବା ବ୍ୟାନର ଲଗାଯାଇଛି। ଅଭିଯୋଗକାରୀ ଭାରପ୍ରାପ୍ତ ଥାନା ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ମୋବାଇଲ ନମ୍ବର ୯୪୩୮୯୧୬୫୮୨ ଓ ୯୪୩୮୪୪୪୨୨, ଏସଆଇ ବିଜୟ କୁମାର ବାରିକଙ୍କ ମୋବାଇଲ ନଂ. ୮୦୧୮୬୫୯୭୭୭ ଓ ଅନ୍ୟ ଅଧିକାରୀଙ୍କ ଫୋନ ନମ୍ବରରେ ଅଭିଯୋଗ କରି ପାରିବେ ବୋଲି ଥାନା ପକ୍ଷରୁ ସୂଚନା ଦିଆଯାଇଛି ।

## ରାଉତପଡ଼ା କଣ୍ଟେନମେଣ୍ଟ ଜୋନ

**ବରଗଡ଼ ଅଫିସ୍,୧୩।୫**

ବରଗଡ଼ ଜିଲା ଭଟଲି ବ୍ଲକ ମୁଲବାର ପଞ୍ଚାୟତ ଅଧୀନ ରାଉତପଡ଼ାକୁ ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଏହି ପଡ଼ାରେ ୨୨କରୋନା ପଜିଟିଭ ସକ୍ରିୟ ଥିବା ଦୃଷ୍ଟିରୁ ଏଭଳି ପଦକ୍ଷେପ ନିଆଯାଇଥିବା ଭଟଲି ତହସିଲଦାର ପ୍ରଶାନ୍ତ କୁମାର ମହାପାତ୍ର ସୂଚନା ଦେଇଛନ୍ତି । ଏହି କଟକଣା ଶୁକ୍ରବାରଠାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି। କଟକଣା ଲାଗୁ ହୋଇଥିବା ଯାଏ କେହି ରାଉତପଡ଼ାରୁ ବାହାରି ପାରିବେ ନାହିଁ କିମ୍ବା ବାହାରୁ ରାଉତପଡ଼ାକୁ ପଶି ପାରିବେ ନାହିଁ ବୋଲି ଏକ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି । ସ୍ୱାସ୍ଥ୍ୟ, ଅତ୍ୟାବଶ୍ୟକୀୟ ସାମଗ୍ରୀକୁ ଏଥିରୁ ବାଦ୍ ଦିଆଯାଇଛି ।

# ରିଲିଜ ହେଲା 'ରାଧେ'



ରାମ ସିର୍କା (ଡାହାଣରୁ ଦ୍ୱିତୀୟ)।

**କେନ୍ଦୁଝର, ୧୩।୫**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

**ଓଡ଼ିଆ କଳାକାର ରାମ ସିର୍କା ଆଶାବାଦୀ**

ବହୁ ପ୍ରତୀକ୍ଷିତ ସିନେମା ସଲମାନ ଖାନଙ୍କ ଅଭିନୀତ ଆକ୍ସନ ଧମାକା ମୁଭି 'ରାଧେ' ଗୁରୁବାର ମୁକ୍ତି ଲାଭ କରିଛି। ଏହି ସିନେମାରେ ଅଭିନୟ କରିଥିବା ମୟୂରଭଞ୍ଜ ଜିଲାର ରାମ ସିର୍କା ସିନେମା ଦେଖିବା ପରେ ବେଶ ଖୁସି ବ୍ୟକ୍ତ କରିଛନ୍ତି। ଯଦିଓ ପୂର୍ବରୁ ସଲମାନ ଖାନଙ୍କ ସହିତ ଦବଙ୍ଗରେ ଅଭିନୟ ସୁଯୋଗ ପାଇଥିଲେ। ତେବେ ଏହି ମୁଭିରେ ତାଙ୍କର କିଛି ଅଧିକ ଅଭିନୟ ଓ ଡାଏଲଗ ରହିଥିବାରୁ ସେ ବେଶ ଆଶାବାଦୀ ହୋଇ ପଡିଛନ୍ତି। ଏଥିପାଇଁ ସେ ନିର୍ଦ୍ଦେଶକ ପ୍ରଭୁଦେବାଙ୍କୁ ନିଜର ଗଭୀର କୃତଜ୍ଞତା ଜଣାଇଛନ୍ତି। ଏଥିରେ ମୁଖ୍ୟ ଖଳନାୟକ ଗନି ଭାଇ (ରଣଦୀପ ହୁଡା) ଥିବାବେଳେ ଆଉ ଜଣେ ଗ୍ୟାଙ୍ଗଷ୍ଟର ଭାବେ ଅଭିନୟ କରିଛନ୍ତି ସୁଧାଂଶୁ ପାଣ୍ଡେ। ତାଙ୍କର ଡାହାଣ ହାତ ଭାବେ ରାମ ସିର୍କା କାମ କରିଛନ୍ତି। ଆଜିକାର ସମୟରେ ଏକ ବଡ଼ ବ୍ୟାନରରେ କାମ କରିବାକୁ ସୁଯୋଗ ପାଇବା ବହୁତ କଷ୍ଟକର। ତଥାପି ଏହି ସିନେମାରେ ସୁଯୋଗ ପାଇବା ଆଗାମୀ ଦିନରେ ବଲିଉଡରେ କ୍ୟାରିୟର ପାଇଁ ସୁଗମ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଓଟିଟି ପ୍ଲାଟଫର୍ମର ଜୀ ୫ରେ ଫିଲ୍ମଟି ରିଲିଜ ହେଉ ହେଉ ସର୍ଭର କ୍ରାସ ହୋଇଥିବା ଜଣାପଡ଼ିଛି।

# ଇଫ୍‌କୋର ପ୍ରସ୍ତାବିତ ଅକ୍ସିଜେନ୍ ପ୍ଲାଣ୍ଟକୁ ମଞ୍ଜୁରୀ

**ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ**
- ୧୫ ଜୁନ୍ ସୁଦ୍ଧା କାର୍ଯ୍ୟକ୍ଷମ
- ୭ କୋଟି ଖର୍ଚ୍ଚ ହେବ
- ପ୍ରତ୍ୟହ ୭୦୦ରୁ ଊର୍ଦ୍ଧ୍ୱ ସିଲିଣ୍ଡର ଉତ୍ପାଦନ ହେବ

**ଜଗତ୍‌ସିଂହପୁର ଅଫିସ,୧୩।୫**

ପାରାଦୀପ ଇଫ୍‌କୋ ସାର କାରଖାନା ପକ୍ଷରୁ ନିର୍ମାଣ ହେବାକୁ ଥିବା ଅକ୍ସିଜେନ୍ ପ୍ଲାଣ୍ଟକୁ ଜିଲା ପ୍ରଶାସନ ପକ୍ଷରୁ ମଞ୍ଜୁରୀ ମିଳିଛି। ଜୁନ ୧୫ ସୁଦ୍ଧା ପ୍ଲାଣ୍ଟ କାର୍ଯ୍ୟକ୍ଷମ କରିବାକୁ ପାଇଁ ସ୍ଥିର କରାଯାଇଛି। ଗୁରୁବାର ଜିଲାସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଏହା କୁହାଯାଇଛି। ଭର୍ଚୁଆଲରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କୁହାଯାଇଛି, ଇଫ୍‌କୋ ପ୍ଲାଣ୍ଟ ପରିସରରେ ଘଣ୍ଟାପ୍ରତି ୧୫୦ ଏମ୍ କ୍ୟୁବ କ୍ଷମତା ବିଶିଷ୍ଟ ଅମ୍ଳଜାନ ପ୍ଲାଣ୍ଟ ପ୍ରତିଷ୍ଠା ହେବ। ଏଥିରେ



ଇଫ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ଜେ. ପଟେଲ, ଡିଜିଏମ୍ (ଟେକ୍‌ନିକାଲ) ପି. କେ. ମହାପାତ୍ର ଭର୍ଚୁଆଲ ମାଧମରେ ଯୋଗଦେଇଥିଲେ। ଅମ୍ଳଜାନ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆନୁଷଙ୍ଗିକ ଡ୍ରଗ୍ସ ଲାଇସେନ୍ସ, ଏକ୍ସପ୍ଲୋସିଭ୍ ଲାଇସେନ୍ସ, ଫ୍ୟାକ୍ଟ୍ରି ଆଣ୍ଡ ବଏଲର୍ ବିଭାଗ ଅନୁମତି ମିଳିସାରିଛି। ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ୭ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ହେବ। ଏହାହେଲେ ବିଭିନ୍ନ ହସ୍ପିଟାଲକୁ ଅକ୍ସିଜେନ୍ ଯୋଗାଣ କରାଯିବ। ପ୍ଲାଣ୍ଟରୁ ଦୈନିକ ୪୬.୭ ଲିଟର ବିଶିଷ୍ଟ ୫୨୦ ସିଲିଣ୍ଡର ଓ ୧୦ ଲିଟର କ୍ଷମତା ବିଶିଷ୍ଟ ୨୦୦ ସିଲିଣ୍ଡର ଉତ୍ପାଦନ ହୋଇପାରିବ। ବୈଠକରେ ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ କଙ୍କଣ ଘୋଷ ଆବାହକ ଥିଲେ। ଡ୍ରଗ୍ସ ଇନ୍ସପେକ୍ଟର, ଫ୍ୟାକ୍ଟ୍ରି ଆଣ୍ଡ ବଏଲର୍ ଆସିଷ୍ଟାଣ୍ଟ ଡାଇରେକ୍ଟର ଚନ୍ଦ୍ରକାନ୍ତ ଦଳାଇ, ଏଲ୍‌ଡିଏମ୍ ସତୀଶ ପାତ୍ର ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ କର୍ମକର୍ତ୍ତାଙ୍କ ସମେତ ଶିଳ୍ପ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

## କରୋନାରେ ଶିକ୍ଷକଙ୍କ ପରଲୋକ

**ନୂଆପଡ଼ା ଅଫିସ,୧୩।୫**

ନୂଆପଡା ଜିଲା କୋମନା ବ୍ଲକ ଠିକପାଲି ପଞ୍ଚାୟତ ସେମେଲପାଲି ଗାଁର ଜଣେ ଶିକ୍ଷକ ଦେବାର୍ଚ୍ଚନ ଶବର (୩୯)ଙ୍କ କରୋନାରେ ପରଲୋକ ଘଟିଛି। ସେ ପୂର୍ବରୁ ଉଚ୍ଚ ରକ୍ତଚାପ, କର୍କଟ ରୋଗରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଠିକ ନ ଥିବାରୁ ସେ ଗତ ୩ ତାରିଖରେ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ଟେଷ୍ଟ କରିଥିଲେ। ସେଠାରେ ନେଗେଟିଭ ଆସିଥିଲା। ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗୀର ଭୀମଭୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତି ୧୦.୪୫ରେ ତାଙ୍କ ମୃତ୍ୟୁ ହୋଇଥିଲା। ସେଠାରେ କରୋନା ଟେଷ୍ଟରୁ ପଜିଟିଭ ଆସିବାରୁ ମୃତଦେହ ଘରକୁ ଅଣା ନ ଯାଇ ସେଠରେ ଶତ୍କାର କରାଯାଇଥିଲା। ଦେବର୍ଚ୍ଚନ ଲଖନା କ୍ଲଷ୍ଟର ମୁରଲିବାହାଲି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଥିଲେ। ଘରେ ବିଧବା ସ୍ତ୍ରୀଙ୍କ ସହିତ ୩ ଝିଅ ଓ ପୁଅ ଅଛନ୍ତି। ମୃତ୍ୟୁ ଖବର ପ୍ରଚାରିତ ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# କରୋନା ମୃତ୍ୟୁ ଭାବି ଛୁଇଁଲେନି ମୃତଦେହ

**ବଲାଙ୍ଗୀର ଅଫିସ, ୧୩।୫**

କରୋନା ଦ୍ୱିତୀୟ ଲହର ଜନମାନସରେ ଭୟ ଓ ଆତଙ୍କ ଖେଳାଇ ଦେଇଛି । ଏତିକିବେଳେ କେହି ଯଦି ସଂକ୍ରମିତ ହେଲେ କି ମୃତ୍ୟୁବରଣ କଲେ ତେବେ ସେମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କୌଣସି ଲୋକ ଭୟରେ ସହାୟତା କରିବା ପାଇଁ ଆସୁନାହାନ୍ତି। ବଲାଙ୍ଗୀର ହାତୀଶାଳପଡା ଶ୍ରୀରାମନଗରଠାରେ ଗୁରୁବାର ସକାଳେ ବୃଦ୍ଧା ପଞ୍ଚଫୁଲ ବେହେରା(୭୫)ଙ୍କ ମୃତ୍ୟୁ ଘଟିଥିଲା। ପାଖପଡିଶା ତାଙ୍କ ମୃତଦେହ ଛୁଇଁ ନ ଥିଲେ। ଫଳରେ ତାଙ୍କ ପୁତ୍ର ଧ୍ରୁବ ବେହେରା ଅଡୁଆରେ ପଡିଥିଲେ । କିଭଳି ମାଙ୍କ ସତ୍କାର କରିବେ ଚିନ୍ତାରେ ପଡିଥିଲେ। ଏଭଳି ଖବର ପାଇବା ପରେ ସ୍ୱେଚ୍ଛାସେବୀ ସନ୍ତୋଷ ପଟ୍ଟନାୟକ, ଗୋବିନ୍ଦ ଶତପଥୀ, ସନ୍ଦୀପ ବାଗ, ଦେବରାଜ ମହାନନ୍ଦ, ଅବିନାଶ ପଣ୍ଡା, ପାର୍ଥ କରଣ, ଦେବରାଜ ନାଗ, ବାବୁଲା ବେହେରା ପିପିଇ କିଟ୍ ପିନ୍ଧି ତାଙ୍କ ଘରେ ପହଞ୍ଚିଥିଲେ। ମୃତଦେହକୁ ସେଠାରୁ ଆଣି ଟିଟିଲାଗଡ ରୋଡସ୍ଥିତ ଶ୍ମଶାନ ଘାଟରେ ସତ୍କାର କରିଥିଲେ। ପୁତ୍ର ଧ୍ରୁବ ବେହେରା ମୁଖାଗ୍ନି ଦେଇଥିଲେ।



ଦେଶରେ କରୋନା ସଂକ୍ରମଣ ସ୍ଥିତି ଅସମ୍ଭାଳ ହୋଇପଡ଼ିଥିବାବେଳେ ଜମ୍ମୁ-କଶ୍ମୀରର ଜଣେ ଯୁବକ କୋଭିଡ ଆକ୍ରାନ୍ତଙ୍କୁ ସାହାଯ୍ୟ କରିବାକୁ ନିଜ ନୌକାକୁ ଆମ୍ବୁଲାନ୍ସ କରିବା ବେଶ୍ ପ୍ରଶଂସା ସାଉଁଟିଛି। ତାରିକ ଅହମଦ ପତଲୁ ନାମକ ଜଣେ ଯୁବକ ଶ୍ରୀନଗରର ପ୍ରସିଦ୍ଧ ଡଲ୍ ହ୍ରଦରେ ଏକ ନୌକାକୁ ଆମ୍ବୁଲାନ୍ସରେ ପରିଣତ କରିଛନ୍ତି। ଏହା ମାଧ୍ୟମରେ ସେ କୋଭିଡ୍ ରୋଗୀଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବାରେ ସାହାଯ୍ୟ କରୁଛନ୍ତି। ନୌକାରେ ପିପିଇ କିଟ୍, ଷ୍ଟ୍ରେଚର ଓ ହ୍ୱିଲ ଚେୟାର ମଧ୍ୟ ରହିଛି। ଜରୁରିକାଳୀନ ସମୟରେ ଏହି ହ୍ରଦ ନିକଟବର୍ତ୍ତୀ ରହୁଥିବା ଲୋକଙ୍କୁ ତାରିକ ମାଗଣାରେ ହସ୍ପିଟାଲ ପହଞ୍ଚାଉଛନ୍ତି।

# ଯାତନାର ଯୁଦ୍ଧଭୂଇଁ 'ଗାଜା'

**ଦୀର୍ଘ ୧୦୦ ବର୍ଷର ଇତିହାସ ଭିତରେ ଯାତନା, ଯନ୍ତ୍ରଣାର ଯୁଦ୍ଧଭୂଇଁ ସାଜିଛି ଗାଜା। ଆଧିପତ୍ୟ ବିସ୍ତାର କରିବା ଉଦ୍ଦେଶ୍ୟରେ ଏଠାରେ ମୁହାଁମୁହିଁ ହୋଇଛି ଶାସକ-ଶୋଷିତ। ମୁଣ୍ଡ ଟେକିଛି ବିଦ୍ରୋହ। ଗଡ଼ିଛି ଲକ୍ଷାଧିକ ମୁଣ୍ଡ। ତଥାପି ବିବାଦୀୟ ଭୂଖଣ୍ଡକୁ ନେଇ ବାହାରିନି ନିଷ୍କର୍ଷ । ଓଲଟି ଇହୁଦୀ-ମୁସ୍‌ଲମାନ ସମ୍ପ୍ରଦାୟ ଭିତରେ ବଢ଼ିଛି ତିକ୍ତତା। ସବୁପରେ ଗୋଟିଏ କଥା ସତ୍ୟ, ଇସ୍ରାଏଲ ଏବଂ ପାଲେଷ୍ଟାଇନ୍ ମଧ୍ୟରେ ଦୀର୍ଘଦିନରୁ ଚାଲି ଆସିଥିବା ସଂଘର୍ଷରେ ପେଷି ହୋଇ ଶ୍ରୀହୀନ ପାଲଟିଯାଇଛି ଗାଜା।**



**ନୂଆଦିଲ୍ଲୀ:** ପୃଥିବୀର ଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ର ଇସ୍ରାଏଲର ଦକ୍ଷିଣ ପଶ୍ଚିମ ପ୍ରାନ୍ତରେ ଅବସ୍ଥିତ ବିବାଦୀୟ ଭୂଖଣ୍ଡ ଗାଜାଷ୍ଟ୍ରିପ୍। ଏହାର ଦୈର୍ଘ୍ୟ ୪୫ କିଲୋମିଟର ହୋଇଥିବାବେଳେ ପ୍ରସ୍ଥ ୬ ଏବଂ ସ୍ଥଳ ବିଶେଷରେ ୧୦ କିଲୋମିଟର। ଏହି ବଡ଼ ଭୂଖଣ୍ଡର ୩ ସୀମାରେଖା ଇସ୍ରାଏଲ ନିୟନ୍ତ୍ରଣରେ ରହିଥିବାବେଳେ ଦକ୍ଷିଣରେ ରହିଛି ଐତିହାସିକ ଦେଶ ମିଶର। ପଶ୍ଚିମରେ ଭୂମଧ୍ୟସାଗର ଜଳସୀମାକୁ ଲାଗି ରହିଥିଲେ ମଧ୍ୟ ଏହା ଇସ୍ରାଏଲ ନିୟନ୍ତ୍ରଣରେ।

ପୃଥିବୀର ଅନ୍ୟତମ ଜନବହୁଳ କ୍ଷେତ୍ର ହେଉଛି ଗାଜାଷ୍ଟ୍ରିପ୍। ଏଠାକାର ମୋଟ ଜନସଂଖ୍ୟା ୨୧ଲକ୍ଷରୁ ଅଧିକ। କେବଳ ଗାଜା ସହରର ଜନସଂଖ୍ୟା ୪ ଲକ୍ଷରୁ ଅଧିକ। ଏହାର ଦକ୍ଷିଣ ପ୍ରାନ୍ତରେ ଥିବା ରଫାହା ଏହି କ୍ଷେତ୍ରର ଦ୍ୱିତୀୟ ବୃହତ୍ତମ ସହର। ୧୯୪୮ରେ ଇସ୍ରାଏଲ ରାଷ୍ଟ୍ର ଗଠନ ସହିତ ଗାଜାର ମୂଳଦୁଆ ପଡ଼ିଥିଲା। ଇସ୍ରାଏଲ୍‌ରେ ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା ଏବଂ ଆରବ ସୀମାନ୍ତରେ ଅବସ୍ଥିତ ଥିବାରୁ ଆରବୀୟ ଓ ମୁସଲମାନଙ୍କ ରହିବା ଲାଗି ଗାଜାକୁ ପ୍ରସ୍ତୁତ କରାଗଲା। ଏହାପରେ ଗାଜା ପାଲଟିଗଲା ମୁସ୍‌ଲିମ୍ ବହୁଳ ଅଞ୍ଚଳ। ସେହିପରି ଇହୁଦୀମାନଙ୍କ ଆଶ୍ରୟସ୍ଥଳୀ ପାଲଟିଗଲା ଇସ୍ରାଏଲ।

ଗାଜାର ଇତିହାସ ଯେପରି ଘଟଣାବହୁଳ ସେତିକି ବିବାଦୀୟ ମଧ୍ୟ। ୧୦୪୮ରୁ ୧୯୬୭ ମସିହା ଯାଏ ଗାଜା ଉପରେ ଆଧିପତ୍ୟ ବିସ୍ତାର କରି ରଖିଥିଲା ମିଶର। ତେବେ ୧୯୬୭ରେ ହୋଇଥିବା ୬ ଦିନିଆ ଲଢ଼େଇରେ ଅପ୍ରତ୍ୟାଶିତ ଭାବେ ଆରବୀୟ ଦେଶକୁ ହରାଇଦେଇଥିଲା ଇସ୍ରାଏଲ। ଏହାପରେ ଇସ୍ରାଏଲ ଦଖଲକୁ ଆସିଥିଲା ଗାଜାଷ୍ଟ୍ରିପ୍। ଦୀର୍ଘ ୨୫ ବର୍ଷ ଧରି ଗାଜା ଇସ୍ରାଏଲ୍ କବ୍‌ଜାରେ ରହିବା ପରେ ୧୯୮୭ରେ ଭୀଷଣ ବିଦ୍ରୋହର ସୂତ୍ରପାତ ହୋଇଥିଲା। ବିବାଦର ସମାଧାନ ଏବଂ ଗୃହଯୁଦ୍ଧ ପରିସ୍ଥିତିରେ ଉନ୍ନତି ଆଣିବା ଲାଗି ୧୯୯୪ରେ ଏହି ଅଞ୍ଚଳ ପାଲେଷ୍ଟାଇନ୍‌କୁ ହସ୍ତାନ୍ତର କରି ଦିଆଯାଇଥିଲା। ୨୦୦୦ରେ ଗାଜାରୁ ବିଧିବଦ୍ଧ ଭାବେ ଇସ୍ରାଏଲୀ ସେନା ହଟିବା ଆରମ୍ଭ କରିଥିଲା। ୨୦୦୫ରେ ଆନୁଷ୍ଠାନିକ ଭାବେ ଗାଜାର ସମସ୍ତ ଦାୟିତ୍ୱ ବହନ କରିଥିଲା ପାଲେଷ୍ଟାଇନ୍। ତେବେ ଏହାସତ୍ତ୍ୱେ ଏହା ଉପରେ ଇସ୍ରାଏଲ ନଜର ରଖି ଆସୁଥିଲା। ୨୦୦୮ରେ ବିଦ୍ରୋହୀ ସଙ୍ଗଠନ ହମାସ ଗାଜାକୁ ନିଜ କବ୍‌ଜାକୁ ନେବା ପରେ ଇସ୍ରାଏଲ ସହ ବିବାଦ ଘନୀଭୂତ ହୋଇଛି।

ଗାଜା ପୃଥିବୀର ଅନ୍ୟତମ ଘନ ଜନବହୁଳ କ୍ଷେତ୍ର। ୨୦୨୦ରେ ଏଠାରେ ପ୍ରତି ବର୍ଗ କିଲୋମିଟରରେ ୫,୮୩୫ ଜଣ ରହି ଆସୁଛନ୍ତି। ୨୧ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ଅଞ୍ଚଳରେ ୫୩% ଯୁବବର୍ଗ। ଯୁଦ୍ଧଗ୍ରସ୍ତ ଗାଜା ଭୟଙ୍କର ଦାରିଦ୍ର୍ୟର ଶିକାର ହୋଇଛି। ଏଠାକାର ୨୧% ଲୋକ ଅତି ଗରିବ ଶ୍ରେଣୀର ଏବଂ ୪୦.୮% ବେରୋଜଗାରର ଶିକାର। ଯୁବପିଢ଼ିଙ୍କ ମଧ୍ୟରେ ୫୦% ବେକାର। ୫୦% ସରକାରୀ କର୍ମଚାରୀଙ୍କୁ ଠିକ୍ ସମୟରେ ଦରମା ଦେବା କର୍ତ୍ତୃପକ୍ଷଙ୍କ କ୍ଷମତା ବାହାରେ। ଗାଜାରେ ସ୍ୱାସ୍ଥ୍ୟ ଏବଂ ବିଦ୍ୟୁତ୍ ସେବା ସମସ୍ୟା ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ଏହି ଦୁଇକ୍ଷେତ୍ର ଲାଗି ଗାଜାବାସୀ ମିଶର ଏବଂ ଇସ୍ରାଏଲ ଉପରେ ନିର୍ଭରଶୀଳ। ଏଠାରେ ବାସ କରୁଥିବା ପାଖାପାଖି ୨୦% ଲୋକ ଚିକିତ୍ସା ଏବଂ ୨୫% ଜନତା ଔଷଧ ଲାଗି ମିଶର ଯାଇଥାଆନ୍ତି। ସେହିପରି ୮୦% ଜନତା ଖାଦ୍ୟ ପାଇଁ ଅନ୍ୟ ଦେଶ ଉପରେ ନିର୍ଭରଶୀଳ। ଗାଜାରେ ୬୯୪ ପ୍ରାଥମିକ ଏବଂ ମାଧ୍ୟମିକ ସ୍କୁଲ ରହିଛି, ଯେଉଁଠି ୪.୬୩ ଲକ୍ଷ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଅଧିକାଂଶ ବିଦ୍ୟାଳୟ ମିଳିତ ଜାତିସଂଘ ଦ୍ୱାରା ପରିଚାଳିତ। ତେବେ ଭାରତ ସହ ତୁଳନା କଲେ ଗାଜାର ଶିକ୍ଷା ବ୍ୟବସ୍ଥା ବେଶ ସମୃଦ୍ଧ। ଏଠାରେ ୯୩% ମହିଳା ଏବଂ ୯୮% ପୁରୁଷ ସାକ୍ଷର। ସଂଘର୍ଷ କ୍ଷେତ୍ର ପାଲଟିଯିବା ପରେ ଶସ୍ୟ ଉତ୍ପାଦନ ୭୫ ହଜାର ଟନ୍ ହ୍ରାସ ପାଇଛି। ସମୁଦ୍ରରୁ ମାଛ ମାରିବା ଉପରେ କଟକଣା ଅଞ୍ଚଳବାସୀଙ୍କ ଆର୍ଥିକ ସ୍ଥିତିକୁ ଆହୁରି ଦୟନୀୟ କରିଦେଇଛି। ଗାଜାଷ୍ଟ୍ରିପ୍‌ରେ ବାରମ୍ବାର ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହେବା ଏବଂ ଅନୁପ୍ରବେଶ ଆଶଙ୍କାରେ ନିକଟରେ ସୀମା ବନ୍ଦ କରି ଦେଇଛି ମିଶର, ଯାହା ସମସ୍ୟାକୁ ବହୁଗୁଣିତ କରିଦେଇଛି। ତେବେ ଇସ୍ରାଏଲରେ ସେମାନଙ୍କ ପ୍ରବେଶ ଉପରେ କଟକଣା ନାହିଁ। ପ୍ରକୃତି ବି ଗାଜା ଉପରେ କୋପ କରିଛି। ବିଶ୍ୱର ସ୍ୱଳ୍ପ ବୃଷ୍ଟି ଅଞ୍ଚଳ ଭିତରେ ଗାଜା ତାଲିକାଭୁକ୍ତ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତଥ୍ୟ ଅନୁଯାୟୀ ଏଠାରେ ବସବାସ କରୁଥିବା ଜନସଂଖ୍ୟାର ମାତ୍ର ୫.୫%କୁ ଶୁଦ୍ଧ ପାଣି ମିଳିଥାଏ। ନିକଟ ଭବିଷ୍ୟତରେ ଗାଜା ଭୟଙ୍କର ଜଳସଙ୍କଟର ସମ୍ମୁଖୀନ ହେବ ବୋଲି ବିଶେଷଜ୍ଞମାନେ ଚରମବାଣୀ ଶୁଣାଇ ସାରିବା ପରେ ଅଞ୍ଚଳବାସୀଙ୍କ ଜୀବନଜୀବିକା ଆହୁରି ପ୍ରଭାବିତ ହେବ ବୋଲି ଆଶଙ୍କା ସୃଷ୍ଟି ହୋଇଛି।



## ଜେରୁଜେଲମ୍ ପାଇଁ ବିବାଦ

ମଧ୍ୟପ୍ରାଚ୍ୟର ଗାଜାଷ୍ଟ୍ରିପ୍ ପାଇଁ ଜାରି ରହିଥିବା ସଂଘର୍ଷ ଦୀର୍ଘ ୧୦୦ ବର୍ଷର। ଗୋଟିଏ ପଟେ ଗାଜା, ପୂର୍ବ ଇସ୍ରାଏଲ, ଜେରୁଜେଲମ୍ ଉପରେ ପାଲେଷ୍ଟାଇନ୍ କର୍ତ୍ତୃତ୍ୱ ଜାହିର କରୁଛି। ଅନ୍ୟପଟେ ଇହୁଦୀ ରାଷ୍ଟ୍ର ଇସ୍ରାଏଲ କୌଣସି ପରିସ୍ଥିତିରେ ଜେରୁଜେଲମକୁ ଛାଡ଼ିବାକୁ ପ୍ରସ୍ତୁତ ନୁହେଁ। ଏହାକୁ ନେଇ ପୁଞ୍ଜିଭୂତ ଅସନ୍ତୋଷ ତୀବ୍ର ହେଉଥିବାବେଳେ ରମଜାନରୁ ଆରମ୍ଭ ହୋଇଛି ତାଜା ବିବାଦ। ନିକଟରେ ଜେରୁଜେଲମ୍‌ରେ ଇସ୍ରାଏଲ ପୋଲିସ ଏବଂ ପାଲେଷ୍ଟାଇନ୍ ନାଗରିକଙ୍କ ମଧ୍ୟରେ ବଡ଼ ଧରଣର ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଇତିମଧ୍ୟରେ ପୂର୍ବ ଇସ୍ରାଏଲ ଅଞ୍ଚଳରୁ କେତେକ ପାଲେଷ୍ଟାଇନ୍ ପରିବାରକୁ ହଟାଇବା ଆରମ୍ଭ କରାଯାଇଥିଲା। ଏହାକୁ ବିରୋଧ କରି ଜେରୁଜେଲମର ମସ୍‌ଜିଦ୍ ଅଲଅକ୍ସାରେ ରମଜାନ ଶେଷ ଜୁମାପରଠାରୁ ହିଂସା ତେଜିଛି। ହମାସ ଇସ୍ରାଏଲର ଜନବସତି ଉପରେ ସହସ୍ରାଧିକ ରକେଟ୍ ମାଡ଼ କରିବା ପରେ ପରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି।

# ଇସ୍ରାଏଲର ଢାଲ 'ଆଇରନ୍ ଡୋମ୍'



**ନୂଆଦିଲ୍ଲୀ:** ପୁଣି ଥରେ ଅଶାନ୍ତ ହୋଇଉଠିଛି ମଧ୍ୟପ୍ରାଚ୍ୟ। ବିବାଦୀୟ ଗାଜାଷ୍ଟ୍ରିପ୍ ପାଇଁ ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ୍ ମୁହାଁମୁହିଁ ହୋଇଥିବାବେଳେ ସୃଷ୍ଟି ହୋଇଛି ଯୁଦ୍ଧ ପରିସ୍ଥିତି। ଆତଙ୍କବାଦୀ ଘୋଷିତ ସଙ୍ଗଠନ ହମାସ ଗାଜାରୁ ଇସ୍ରାଏଲର ଜନବସତି ଅଞ୍ଚଳକୁ ୭୨ ଘଣ୍ଟା ଭିତରେ ୧୫୦୦ରୁ ଊର୍ଦ୍ଧ୍ୱ ରକେଟ ମାଡ଼ କରିବା ପରେ ଦୁଇ ପକ୍ଷ ମଧ୍ୟରେ ତୀବ୍ର ସଂଘର୍ଷ ଆରମ୍ଭ ହୋଇଛି। ତେବେ ନିଜର ଶକ୍ତିଶାଳୀ ପ୍ରତିରକ୍ଷା ପ୍ରଣାଳୀ 'ଆଇରନ ଡୋମ୍' ଦ୍ୱାରା ଜନବସତିକୁ ଅନେକାଂଶରେ ସୁରକ୍ଷିତ ରଖିପାରିଥିବା ଇସ୍ରାଏଲ ଦାବି କରିଛି।

ପାଲେଷ୍ଟାଇନ୍‌ରେ ସକ୍ରିୟ ଦୁଇ ଚରମପନ୍ଥୀ ଗୋଷ୍ଠୀ ବାରମ୍ବାର ଇସ୍ରାଏଲକୁ ଟାର୍ଗେଟ କରୁଛନ୍ତି। ତନ୍ମଧ୍ୟରେ ଆଗରେ ରହିଛି ଶକ୍ତିଶାଳୀ ରାଜନୈତିକ ବିଦ୍ରୋହୀ ସଙ୍ଗଠନ ହମାସ। ପାଲେଷ୍ଟାଇନ ଇସ୍‌ଲାମିକ୍ ଜେହାଦୀ (ପିଆଇଜେ) ମଧ୍ୟ ଆକ୍ରମଣାତ୍ମକ ମନୋଭାବ ପୋଷଣ କରୁଛି। ଏକଦା ହମାସ୍ ଏବଂ ପିଆଇଜେ ଇରାନ ସମେତ ଅନ୍ୟ ମୁସ୍‌ଲିମ୍ ରାଷ୍ଟ୍ର ସହାୟତାରେ ସାମୁଦ୍ରିକ ପଥରେ ମାରଣାସ୍ତ୍ର ତସ୍କରି କରୁଥିଲେ। ଗତ କିଛି ବର୍ଷ ମଧ୍ୟରେ ସ୍ୱଦେଶୀ ଜ୍ଞାନକୌଶଳ ବ୍ୟବହାର କରି ଏହି ଦୁଇ ସଙ୍ଗଠନ ହଜାର ହଜାର ରକେଟ୍ ପ୍ରସ୍ତୁତ କରିବାର ସାମର୍ଥ୍ୟ ହାସଲ କରିଛନ୍ତି। ଇସ୍ରାଏଲ ଗୋଇନ୍ଦା ବିଭାଗର ସୂଚନା ଅନୁଯାୟୀ, ହମାସ୍ ପାଖରେ ଜେ-୮୦, ଏମ୍ ୭୫, ଫଜ୍ର-୫, ସେକେଣ୍ଡ ଜେନେରେଶନ ଏମ୍-୭୫ ରକେଟ୍ ରହିଛି। ହମାସ୍ ପାଖରେ ୫୦୦୦ରୁ ୬୦୦୦ ଏଭଳି ରକେଟ ରହିଥିବା ଅନୁମାନ କରାଯାଉଛି। ଏଥିସହ ଇସ୍ରାଏଲରେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି କରିବା ଲାଗି ୪୦ ହଜାର ବିଦ୍ରୋହୀ ହମାସରେ ସାମିଲ ହୋଇଛନ୍ତି। ସେହିପରି ପିଆଇଜେ ପାଖରେ ୯ ହଜାର ବିଦ୍ରୋହୀ ସାଙ୍ଗକୁ ୮୦୦୦ରୁ ଅଧିକ କମ୍ ଦୂରଗାମୀ ରକେଟ୍ ରହିଥିବା ଅନୁମାନ କରାଯାଉଛି। ୨୦୧୪ରେ ଅନୁରୂପ ଭାବେ ହମାସ ସହ ମୁହାଁମୁହିଁ ହୋଇଥିଲା ଇସ୍ରାଏଲ୍। ସେହି ସମୟରେ ବିଦ୍ରୋହୀ ସଙ୍ଗଠନ ପକ୍ଷରୁ ମାତ୍ର ୫୦ ଦିନରେ ୪୦୦୦ ରକେଟ ମାଡ଼ କରାଯାଇଥିଲା। ଚଳିତ ଥର ପ୍ରଥମ ୫ ମିନିଟ୍‌ରେ ହମାସ ୧୩୭ ରକେଟ୍ ମାଡ଼ କରିଛି। ଏଥିରୁ ବିଦ୍ରୋହୀ ଗୋଷ୍ଠୀ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ ହୋଇଥିବା ସ୍ପଷ୍ଟ ହୋଇଛି। ଗତଥର ଅପେକ୍ଷା ଏବର ସ୍ଥିତି ଅଧିକ ଗମ୍ଭୀର ବୋଲି ଇସ୍ରାଏଲୀ ୱେବ୍‌ସାଇଟ୍ 'ଜେରୁଜେଲମ୍ ପୋଷ୍ଟ' ପକ୍ଷରୁ କୁହାଯାଇଛି।

ଅନ୍ୟପଟେ ହମାସ ରକେଟ୍‌ର ସୁରକ୍ଷା କବଚ ପାଲଟିଛି ଇସ୍ରାଏଲ ପ୍ରତିରକ୍ଷା ପ୍ରଣାଳୀ 'ଆଇରନ୍ ଡୋମ୍'। ରାଫଲ ଆଡଭାନ୍ସ ଡିଫେନ୍ସ ସିଷ୍ଟମ ଏବଂ ଇସ୍ରାଏଲ ଏରୋସ୍ପେସ୍ ଇଣ୍ଡଷ୍ଟ୍ରି ମିଳିତ ଭାବେ ଏହାର ବିକଶିତ କରିଛନ୍ତି। ଏଥିରେ ଆମେରିକା ବୈଷୟିକ ଜ୍ଞାନକୌଶଳର ସହାୟତା ଯୋଗାଇଛି। ୨୦୧୧ରେ ପ୍ରଥମ 'ଆଇରନ୍ ଡୋମ୍' କାର୍ଯ୍ୟକ୍ଷମ ହୋଇଥିଲା। ହମାସ୍ ମାଡ଼ କରୁଥିବା ରକେଟ୍‌ଗୁଡ଼ିକୁ ଏହି ପ୍ରତିରକ୍ଷା ପ୍ରଣାଳୀ ଆକାଶମାର୍ଗରେ ନଷ୍ଟ କରିଦେବାରେ ସକ୍ଷମ। କେବଳ ଏତିକି ନୁହେଁ, ଶତ୍ରୁଦେଶର ଫାଇଟର ଜେଟ୍, ଦୂରଗାମୀ ମିଶାଇଲ ଏବଂ ଡ୍ରୋନ୍‌କୁ ଲକ୍ଷ୍ୟଭେଦ କରିବାରେ ମଧ୍ୟ ସମର୍ଥ। ରାଡାର ସିଷ୍ଟମ ଉପରେ କାର୍ଯ୍ୟ କରୁଥିବା 'ଆଇରନ ଡୋମ୍'କୁ ଆବଶ୍ୟକ ସମୟରେ ସକ୍ରିୟ କରାଯାଇଥାଏ। ଏଥିରୁ ଟାର୍ଗେଟ କରାଯାଉଥିବା ଇଣ୍ଟରସେପ୍ଟର ପ୍ରତିପକ୍ଷ ଗୋଷ୍ଠୀର ରକେଟ୍, ମିଶାଇଲ୍‌କୁ କ୍ଷଣିକ ଭିତରେ ଧରାଶାୟୀ କରି ଦେଇଥାଏ। ଏହି ପ୍ରତିରକ୍ଷା ସିଷ୍ଟମ ୮୦ରୁ ୯୦% ଭରସାଯୋଗ୍ୟ ବୋଲି ଆମେରିକୀୟ ପ୍ରତିରକ୍ଷା ବିଶେଷଜ୍ଞମାନେ ମତ ଦେଇଛନ୍ତି।



# ୧୯ ବର୍ଷରେ ହୋଇଥିଲେ ପର୍ନଷ୍ଟାର

**ମୁମ୍ବାଇ:** ନିଜର ୪୦ତମ ଜନ୍ମଦିନ ପାଳନ କରିଛନ୍ତି ବେବି ଗର୍ଲ ସନ୍ନି ଲିଓନି। ୧୯୮୧ ମେ' ୧୩ରେ କାନାଡାରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପ୍ରକୃତ ନାମ କିରନଜିତ କୌର ବୋହ୍‌ରା। ପଞ୍ଜାବୀ ପରିବାରରେ ଜନ୍ମିତ ସନ୍ନି ୧୯ ବର୍ଷ ବୟସରେ ପର୍ନ ଇଣ୍ଡଷ୍ଟ୍ରିରେ ପାଦ ରଖିଥିଲେ। ବିଗ୍‌ବସ୍‌ରେ ଭାଗ ନେବା ପରେ ତାଙ୍କୁ 'ଜିସ୍ମ-୨' ଫିଲ୍ମର ଅଫର୍ ମିଳିଥିଲା। ଏଥିରେ ତାଙ୍କ କାମକୁ ବେଶ୍ ପ୍ରଶଂସା ମିଳିଥିଲା।

ପର୍ନଷ୍ଟାରରୁ ବଲିଉଡ୍ ଅଭିନେତ୍ରୀ ହେବାର ଯାତ୍ରା ସନ୍ନିଙ୍କ ପାଇଁ ସେତେ ସହଜ ନ ଥିଲା। ତାଙ୍କୁ ବହୁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏପରିକି ଲୋକେ ତାଙ୍କୁ ଘୃଣାପୂର୍ଣ୍ଣ ମେସେଜ ମଧ୍ୟ କରୁଥିଲେ। ସେ ହେଲେ ଏ ସବୁରୁ ନିଜକୁ ଦୂରେଇ ରଖି ବଲିଉଡ୍‌ରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ପର୍ନଷ୍ଟାର ହେବା ସମୟର କଥା ମନେ ପକାଇ ସେ କୁହନ୍ତି, ଯେତେବେଳେ ସେ ଏହି ଇଣ୍ଡଷ୍ଟ୍ରିରେ ଯୋଗଦେଇଥିଲେ, କାହାକୁ ପଚାରି ନ ଥିଲେ। ଏହା ତାଙ୍କ ପାଇଁ ବ୍ୟବସାୟ ଭଳି ଥିଲା। ଝିଅକୁ ପ୍ରଥମ ଥର ପାଇଁ ପେଣ୍ଟହାଉସ୍ କଭର ଅଫ୍ ଦ ଇଅରରେ ଦେଖି ଚକିତ ହୋଇଯାଇଥିଲେ ସନ୍ନିଙ୍କ ପିତାମାତା। ଧୀରେ ଧୀରେ ତାଙ୍କ ପାରିବାରିକ ସମ୍ପର୍କରେ ମଧ୍ୟ ସମସ୍ୟା ଉପୁଜିଥିଲା। ୨୦୧୧ରେ ଡାନିଏଲ ୱେବରଙ୍କ ହାତ ଧରିଥିଲେ ସନ୍ନି। ଏହା ପୂର୍ବରୁ ଉଭୟେ ଦୀର୍ଘଦିନ ଧରି ପରସ୍ପରକୁ ଡେଟ୍ କରିଥିଲେ। ଉଭୟଙ୍କ ତିନୋଟି ସନ୍ତାନ ରହିଛି। ହେଲେ ବିବାହ ପୂର୍ବରୁ ସନ୍ନି ମେଟ ଏରିକ୍ସନ, କାନାଡିଆନ୍ କମେଡିଆନ୍ ରସଲ ପିଟରଙ୍କୁ ଡେଟ୍ କରିଥିଲେ ମଧ୍ୟ ସେହି ସମ୍ପର୍କ ବେଶୀଦିନ ତିଷ୍ଠି ନ ଥିଲା।

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN
ଯୋଗାଇ ଦେଉଛି। ମାର୍କେଟ୍, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279 7656825022
Retamunda, Bhatigaon, Baragarh

# ୧୬ ସ୍ତ୍ରୀ, ୧୫୧ ସନ୍ତାନ

**ହରାରେ:** ବିଶ୍ୱରେ ଏମିତି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ନିଜର ଅଜବ ସଉକ ପାଇଁ ଚର୍ଚ୍ଚାରେ ଥାନ୍ତି। ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ୬୬ ବର୍ଷୀୟ ମିଶେକ ନ୍ୟାନଡୋର। ସେ ଜିମ୍ବାୱେରେ ରୁହନ୍ତି। ସେ ଏପର୍ଯ୍ୟନ୍ତ ୧୬ଟି ବିବାହ କରିଛନ୍ତି। ଖୁବ୍‌ଶୀଘ୍ର ସେ ୧୭ତମ ବିବାହ କରିବାକୁ ଯାଉଛନ୍ତି। ତାଙ୍କ ଜୀବନର ମୁଖ୍ୟ ଲକ୍ଷ୍ୟ ହେଉଛି ୧୦୦ ବିବାହ କରି ୧୦୦୦ ସନ୍ତାନ ଜନ୍ମ କରିବା। ଏବେ ତାଙ୍କର ୧୫୧ ସନ୍ତାନ ଅଛନ୍ତି। ଏତିକିରେ ସେ ଖୁସି ନାହାନ୍ତି। ମୃତ୍ୟୁ ପୂର୍ବରୁ ୧ ହଜାର ପିଲାଙ୍କ ପିତା ହେବା ପାଇଁ ସେ ଉଦ୍ୟମ ଚଳାଇଛନ୍ତି। ମିଶେକ କୌଣସି ଚାକିରି କରି ନାହାନ୍ତି। ତାଙ୍କ କାମ କେବଳ ନିଜ ସ୍ତ୍ରୀଙ୍କୁ ସନ୍ତୁଷ୍ଟ କରିବା। ମିଶେକ କହିଛନ୍ତି, ପ୍ରତି ରାତିରେ ସେ ୪ ଜଣ ସ୍ତ୍ରୀଙ୍କୁ ସମୟ ଦେଇଥାନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ତାଙ୍କ ସବୁ ସ୍ତ୍ରୀ ଗୋଟିଏ ଘରେ ରୁହନ୍ତି। ମିଶେକ ଶେଷଥର ପାଇଁ ୨୦୧୭ରେ ବିବାହ କରିଥିଲେ। ଏହାପରେ ସେ ଏଥିରୁ କିଛି ଦିନ ବ୍ରେକ ନେଇଥିଲେ। ଚଳିତବର୍ଷ ସେ ପୁଣି ବିବାହ କରିବାକୁ ଯାଉଛନ୍ତି।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଉପକୂଳ ଅଞ୍ଚଳ ସମେତ କେନ୍ଦୁଝର, ମୟୁରଭଞ୍ଜ, ଢେଙ୍କାନାଳ ଆଦି ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରା ୨ରୁ ୪ ଡିଗ୍ରୀ ବଢ଼ିପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ପବନ ହୋଇପାରେ। ଶୁକ୍ରବାର ଦିନର ସର୍ବାଧିକ ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ୨୩ ଡିଗ୍ରୀ ସେଲ୍‌ସିୟସ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜ୍ୟର ବିଭିନ୍ନ ସ୍ଥାନରେ ରେକର୍ଡ କରାଯାଇଥିବା ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୨୨.୫ |
| ଚାନ୍ଦବାଲି | ୨୭.୮ | ୨୦.୬ |
| କଟକ | ୩୨.୮ | ୨୫.୦ |
| ପାରାଦୀପ | ୩୦.୬ | ୨୫.୦ |
| ଭୁବନେଶ୍ୱର | ୩୫.୯ | ୨୭.୯ |
| ଗୋପାଳପୁର | ୩୨.୭ | ୨୭.୯ |
| ପୁରୀ | ୩୪.୦ | ୨୯.୦ |
| ଅନୁଗୋଳ | ୨୯.୧ | ୨୪.୦ |
| ବାରିପଦା | ୩୦.୫ | ୨୦.୪ |
| ଝାରସୁଗୁଡ଼ା | ୩୩.୦ | ୨୨.୫ |
| କେନ୍ଦୁଝର | ୨୯.୪ | ୧୯.୪ |
| ସମ୍ବଲପୁର | ୩୪.୨ | ୨୩.୨ |
| ସୁନ୍ଦରଗଡ଼ | ୩୪.୫ | ୨୨.୦ |
| ହୀରାକୁଦ | ୩୨.୯ | ୨୨.୧ |
| ତାଳଚେର | ୩୫.୨ | ୨୪.୩ |
| ଭବାନୀପାଟଣା | ୩୮.୫ | ୨୭.୯ |
| ବଲାଙ୍ଗୀର | ୩୬.୮ | – |
| କୋରାପୁଟ | ୩୩.୦ | ୨୧.୫ |
| ଫୁଲବାଣୀ | ୩୭.୫ | ୨୧.୦ |
| ଟିଟିଲାଗଡ଼ | ୩୮.୦ | ୨୮.୩ |
| ମାଲକାନଗିରି | ୩୭.୫ | ୧୮.୦ |
| ସୋନପୁର | ୩୪.୦ | ୨୪.୫ |
| ଦାରିଙ୍ଗିବାଡ଼ି | ୩୧.୦ | ୧୯.୦ |
| ନୟାଗଡ଼ | ୩୬.୦ | ୨୬.୦ |
| ବୌଦ୍ଧ | ୩୩.୫ | ୨୫.୦ |
| ଛତ୍ରପୁର | ୩୪.୦ | ୨୭.୪ |
| ପାରଳାଖେମୁଣ୍ଡି | ୩୬.୫ | ୨୫.୦ |
| ରାୟଗଡ଼ା | – | – |

ଡିଗ୍ରୀ ସେଲ୍‌ସିୟସ୍

ମନେ ପଡ଼ନ୍ତି

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଧ୍ରୁବ ଚରଣ ଶତପଥୀ
ଆବିର୍ଭାବ: ୦୫।୦୧।୧୯୩୭
ତିରୋଧାନ: ୧୩।୦୫।୨୦୧୩
(ଅକ୍ଷୟତୃତୀୟା)
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ନାତି: କାହ୍ନା, ମୁନା
ଧ-୧୭୨୬୦

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ପ୍ରତିମା ପ୍ରତିହାରୀ
ଆଗମନ : ୧୦-୦୯-୧୯୩୯
ପ୍ରତ୍ୟାବର୍ତ୍ତନ : ୦୪-୦୫-୨୦୨୧
(ବୈଶାଖ କୃଷ୍ଣପକ୍ଷ ଅଷ୍ଟମୀ ତିଥି)
ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଆମେ ଅନୁଭବ କରୁଛୁ ଓ କରୁଥିବୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିଥିବ । ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଗୁହାରୀ ।
ଶୋକସନ୍ତପ୍ତ ସ୍ୱାମୀ ଇଂ ବିଶ୍ୱମ୍ଭର ପ୍ରତିହାରୀ
ପୁଅ-ବୋହୂ, ଝିଅ-ଜ୍ୱାଇଁ ଓ ନାତି ନାତୁଣୀ ମାନେ
୧୩-୫-୨୧ ଦଶାହ କର୍ମ
୧୪-୫-୨୧ : ଏକାଦଶାହ କର୍ମ
ଧ-୨୦୭୦୮

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

୰ ଡା. ପ୍ରାଣକୃଷ୍ଣ ନାୟକ
ପ୍ଲଟ ନଂ-୧୦୫, ସହିଦ ନଗର, ଭୁବନେଶ୍ୱର-୦୭
ଆବିର୍ଭାବ : ୦୭.୦୪.୧୯୪୬
ତିରୋଧାନ : ୦୪.୦୫.୨୦୨୧
ଆପଣଙ୍କର ତିରୋଧାନରେ ଆମେ ସମସ୍ତେ ମର୍ମାହତ । ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମମାନଙ୍କର ପାଥେୟ ହେଉ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳୀ ଜଣାଉଛୁ ।
-: ଶୋକସନ୍ତପ୍ତ :-
ତୁମର ପତ୍ନୀ, ପୁତ୍ର-ପୁତ୍ରବଧୂ ମାନେ, ପୁତୁରା-ପୁତୁରାବଧୂ ମାନେ, ନାତି-ନାତୁଣୀ ଏବଂ ସମସ୍ତ ବନ୍ଧୁ,ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ।
ଧ-୫୯୯୯୨

# ଫ୍ଲାଏ ୱେଟ୍ ୱିନିଂ ହର୍ସ

**ଅମିତ ପଙ୍ଘାଲ ଭାରତର ପ୍ରଥମ ଫ୍ଲାଏ ୱେଟ୍ ବକ୍ସର ଭାବେ ଏକାଧିକ ବିଶ୍ୱସ୍ତରୀୟ ସଫଳତା ଅର୍ଜନ କରିଛନ୍ତି। ସେ ପ୍ରଥମ ଭାରତୀୟ ବକ୍ସର ଭାବେ ବିଶ୍ୱର ଏକ ନମ୍ବର ସ୍ଥାନ ହାସଲ କରିବା ସହ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକ ହାସଲ କରିଛନ୍ତି। ନିଜର ଫର୍ମ ଓ ଫିଟ୍‌ନେସ୍ ବଜାୟ ରଖିଲେ ସେ ଟୋକିଓ ଅଲିମ୍ପିକ୍ସରେ ପଦକ ହାସଲ କରିବେ ବୋଲି ମନେ ହୁଏ।**

ସମ୍ପ୍ରତି ଭାରତୀୟ ବକ୍ସିଂର ମଶାଲ ଧରିଛନ୍ତି ଅମିତ ପଙ୍ଘାଲ। ତାଙ୍କ ଆବିର୍ଭାବ ବିଶ୍ୱର ପ୍ରମୁଖ ଫ୍ଲାଇ ୱେଟ୍ ବକ୍ସରଙ୍କର ନିଦ ହଜାଇ ଦେଇଛି। ବକ୍ସିଂ ରାଷ୍ଟ୍ର କ୍ୟୁବା, କାଜାଖସ୍ତାନ୍, ଉଜବେକିସ୍ତାନ୍, ରୁଷିଆ, ଜାପାନ୍, ଦକ୍ଷିଣ କୋରିଆ ଭଳି ଦେଶଗୁଡ଼ିକ ପାଇଁ ପଙ୍ଘଲ ନଂ୧ ପ୍ରତିଦ୍ୱନ୍ଦ୍ୱୀ। ଆଗକୁ ଟୋକିଓ ଅଲିମ୍ପିକ୍ସ। ଏହି ଅଲିମ୍ପିକ୍ସରେ ଭାରତରୁ ପ୍ରତିନିଧିତ୍ୱ କରିବା ଲାଗି ପଙ୍ଘାଲ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ବକ୍ସର ଅମିତ ପଙ୍ଘାଲ ୧୯୯୫, ଅକ୍ଟୋବର ୧୬ରେ ହରିୟାଣାର ରୋହତକ୍ ଜିଲାର ମାୟନା ଗାଁରେ ଜନ୍ମ ଗ୍ରହଣ କରିଥିଲେ। ଗାଁରେ ତାଙ୍କ ବାପା ନିଜ କ୍ଷେତରେ ଚାଷବାସ କରି ଘର ଚଳାଉଥିଲେ। ତାଙ୍କ ନାମ ବିଜେନ୍ଦ୍ର ସିଂ ପଙ୍ଘାଲ। ଅମିତଙ୍କ ବଡ଼ଭାଇ ଅଜୟ ପଙ୍ଘଲ ମଧ୍ୟ ଜଣେ ସୌଖୀନସ୍ତରୀୟ ବକ୍ସର। ଏହି କାରଣରୁ ବକ୍ସର ହେବାକୁ ଚାହୁଁଥିଲେ ଦୁହେଁ। ଅମିତ ଆଜନ୍ମରୁ ଦୁର୍ଦ୍ଧର୍ଷ। ତାଙ୍କଠାରୁ ଅଧିକ ଉଚ୍ଚ ଓ ଓଜନର ବକ୍ସରମାନଙ୍କ ସହ ଲଢ଼ି ସେ ନିଜକୁ ତିଆରି କରିଛନ୍ତି। ଆଜି ସେ ଛବିଶ ବର୍ଷର ଯୁବକ, ଉଚ୍ଚତା ୫ ଫୁଟ୍ ୨ ଇଞ୍ଚ। ଓଜନ୍ ବିଭାଗ ଫ୍ଲାଏ ୱେଟ୍। ଭାରତର ପ୍ରଥମ ଫ୍ଲାଏ ୱେଟ୍ ବକ୍ସର ଅମିତ ସଂପ୍ରତି ବିଶ୍ୱର ଏକ ନମ୍ବର ବକ୍ସର ଏବଂ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକ ଜିତିବାରେ ପ୍ରଥମ ଭାରତୀୟ। ବିଶ୍ୱର ପ୍ରମୁଖ ଫ୍ଲାଏ ୱେଟ୍ (୫୨କିଗ୍ରା) ବକ୍ସରମାନଙ୍କ ତୁଳନାରେ ଅମିତଙ୍କ ଉଚ୍ଚତା କମ୍। କିନ୍ତୁ ସେ କ୍ଷିପ୍ର ଶରୀର ପରିଚାଳନା କରି ଲକ୍ଷ୍ୟଭେଦୀ ମୁଥ ମାରିବାକୁ ପ୍ରୟାସ କରନ୍ତି। ଏହା ତାଙ୍କ ନିଜ କୌଶଳ। ପ୍ରାଥମିକ ସ୍ତରରେ ହରିୟାଣା ଗୁରୁଗ୍ରାମସ୍ଥିତ ଗୁରୁ ଛୋଟୁରାମ ବକ୍ସିଂ ଏକାଡେମୀରେ ନାଁ ଲେଖାଇଥିଲେ ଏବଂ କୋଚ୍ ଅନିଲ ଧନକରଙ୍କ ନଜରରେ ରହି ବକ୍ସିଂର ଆଦ୍ୟଶିକ୍ଷା କରିଥିଲେ। ଅମିତ ଜୁନିୟର ବର୍ଗରେ ବେଶି ଦିନ ରହି ନ ଥିଲେ। ୨୦୧୭ ମସିହାରେ ତାଙ୍କ ବୟସ ମାତ୍ର ୨୧। ସେହିବର୍ଷ ସେ ସିନିୟରସ୍ତରକୁ ଆସି ପ୍ରଥମ ପଦାର୍ପଣରେ ଜାତୀୟ ଚାମ୍ପିୟନ୍ ହୋଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ୨୦୧୭ ଏସିଆନ୍ ଆମେଚର ବକ୍ସିଂ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତି ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ଉଜବେକିସ୍ତାନର ତାସକେଣ୍ଟରେ ଏହି ଚମ୍ପିୟନଶିପ୍ ଖେଳାଯାଇଥିଲା। ଏହାର କିଛି ମାସ ପରେ ୨୦୧୭ ବିଶ୍ୱ ଚାମ୍ପିୟନଶିପ୍ ଖେଳିଥିଲେ ଏବଂ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଥିଲେ। ଏହି ମ୍ୟାଚରେ ରିଓ ଅଲିମ୍ପିକ୍ସ ଗୋଲ୍ଡ ମେଡାଲିଷ୍ଟ ଉଜବେକିସ୍ତାନର ହାସାନ୍‌ବୟ ଦୁସ୍‌ମାତୋଭ୍‌ଙ୍କଠାରୁ ହାରିଯାଇଥିଲେ। ଏହି ଫାଇଟ୍ କିନ୍ତୁ ଅମିତଙ୍କୁ ନିଜ ଭୁଲ୍ ସୁଧାରିବାକୁ ସାହାଯ୍ୟ କରିଥିଲା। ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟରେ ଆୟୋଜିତ ହେଲା। ଏଠାରେ ଅମିତ ଭାରତର ପ୍ରତିନିଧିତ୍ୱ କରି ଯଥାକ୍ରମେ ଘାନାର ଅଲିମ୍ପିଆନ୍ ବକ୍ସର ସୁଲେମାନୁ ତେତେହ୍, ସ୍କଟଲାଣ୍ଡର ଅକୀଲ ଅହମ୍ମଦ୍ ଓ ଉଗାଣ୍ଡାର ଜୁମା ମିରୋଙ୍କୁ ପରାସ୍ତ କରି ଲାଇଟ୍ ଫ୍ଲାଏ ଫାଇନାଲକୁ ଉଠିଥିଲେ। ହେଲେ ଏହି ଚୂଡ଼ାନ୍ତ ମୁକାବିଲାରେ ଇଂଲଣ୍ଡର ଗଲାଇ ୟାଫାଇଙ୍କ ନିକଟରୁ ୩-୧ ବ୍ୟବଧାନରେ ପରାଜିତ ହୋଇ ସେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ସେହିପରି ୨୦୧୮ ଜାକାର୍ତ୍ତା ଏସିଆନ୍ ଗେମ୍ସରେ ଅମିତ ଫାଇନାଲ ଜିତି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ପ୍ରଥମ ତିନୋଟି ବାଉଟ୍ ଯଥାକ୍ରମେ ମଙ୍ଗୋଲିଆର ଖାର୍ଖୁଜନ୍ ଏଙ୍କାମନ୍ଦଖ୍, ନର୍ଥ କୋରିଆର କିମ୍ ଜାଙ୍ଗ୍ ର୍ୟାଙ୍ଗ୍ ଓ ଫିଲିପାଇନ୍ସର କାର୍ଲୋ ପାଲାମ୍‌ଙ୍କ ବିପକ୍ଷରେ ଖେଳି ବିଜୟୀ ହୋଇଥିଲେ। ଫାଇନାଲ ମ୍ୟାଚ ପୁରୁଣା ପ୍ରତିଦ୍ୱନ୍ଦ୍ୱୀ ହାସାନ୍‌ବୟ ଦୁସ୍‌ମାତୋଭ୍‌ଙ୍କ ସହ ହୋଇଥିଲା ଏବଂ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଅମିତ ୩-୨ରେ ବାଜି ମାରିଥିଲେ। ସେହି ୨୦୧୮ ମସିହାରେ ଭାରତ ସରକାରଙ୍କ ତରଫରୁ ତାଙ୍କୁ ଅର୍ଜୁନ ପୁରସ୍କାର ମିଳିଥିଲା। ୨୦୧୯, ମାର୍ଚ୍ଚରେ ଅମିତ ଲାଇଟ୍ ଫ୍ଲାଏରୁ ଫ୍ଲାଏ ୱେଟ୍‌କୁ(୫୨କିଗ୍ରା) ଉଠିଥିଲେ।

ୱେଟ୍ ପରିବର୍ତ୍ତନ ପରେ ଅମିତଙ୍କର ପ୍ରଥମ ସଫଳତା ଥିଲା ୨୦୧୯ ଏସିଆନ୍ ଚାମ୍ପିୟନଶିପ୍ ଗୋଲ୍ଡ। ଅମିତଙ୍କ ଭଳି ଦୁସ୍‌ମାତୋଭ୍ ମଧ୍ୟ ଫ୍ଲାଏ ୱେଟ୍‌କୁ ଆସିଥିଲେ। କ୍ୱାର୍ଟର ଫାଇନାଲରେ ଦୁହେଁ ପୁଣି ଥରେ ମୁହାଁମୁହିଁ ହେଲେ। ଅମିତ କିନ୍ତୁ ଏଥର ମଧ୍ୟ ଦୁସ୍‌ମାତୋଭ୍‌ଙ୍କୁ ଭାରି ପଡ଼ିଥିଲେ ଏବଂ ସେମିଫାଇନାଲକୁ ଉଠିଥିଲେ। ସେଥିରେ ଚାଇନାର ରିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ହୁ ଜିଆଙ୍ଗୁଆନ୍‌ଙ୍କୁ ପରାସ୍ତ କରି ଗୋଲ୍ଡ ମେଡାଲ ରାଉଣ୍ଡକୁ ଯାଇଥିଲେ। ଏହି ମ୍ୟାଚ୍‌ରେ ଦକ୍ଷିଣ କୋରିଆର କିମ୍ ଇନ୍-କ୍ୟୁଙ୍କୁ ଏକତରଫା ୫-୦ରେ ହରାଇ ଚାମ୍ପିୟନ୍ ହୋଇଥିଲେ। ୨୦୧୯ ମସିହା ଅମିତଙ୍କ ସମେତ ଭାରତ ପାଇଁ ଏକ ଉଲ୍ଲେଖନୀୟ ବର୍ଷ। ଉକ୍ତ ବର୍ଷ ମଧ୍ୟଭାଗରେ ରୁଷିଆର ୟେକ୍‌ତରିନ୍‌ବର୍ଗରେ ଆୟୋଜିତ ହେଲା ବିଶ୍ୱ ଚାମ୍ପିୟନଶିପ୍। ଏଠାରେ ଅମିତ ଫାଇନାଲ ହାରିଯାଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ତାଙ୍କ ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଥିଲେ ଉଜବେକିସ୍ତାନ୍‌ର ଅଲିମ୍ପିକ୍ ଚାମ୍ପିୟନ ଶାଖୋବିଦ୍ଦିନ୍ ଜୋଇରଭ୍। ଜୋଇରଭ୍‌ଙ୍କଠାରୁ ହାରିଥିଲେ ସୁଦ୍ଧା ଅମିତ ଇତିହାସ ରଚିଲେ। ପ୍ରଥମ ଭାରତୀୟ ଭାବେ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲ ଖେଳିବା ଥିଲା ଏକ ରେକର୍ଡ଼। ୨୦୨୦, ମାର୍ଚ୍ଚରେ ଜୋର୍ଡାନର ଅମାନ୍‌ଠାରେ ଅଲିମ୍ପିକ୍ ପାଇଁ ଏସିଆ-ଓସେନିଆ ଯୋଗ୍ୟତା ମ୍ୟାଚ୍ ଖେଳିଥିଲେ। କ୍ୱାର୍ଟର ଫାଇନାଲରେ କାନାଡାର କାର୍ଲୋ ପାଲାମ୍‌ଙ୍କୁ ୪-୧ ରେ ହରାଇ ସେମିଫାଇନାଲକୁ ଉଠିଥିଲେ ଏବଂ ଅଲିମ୍ପିକ୍ ଟିକେଟ୍ ହାସଲ କରିଥିଲେ।

୨୦୨୦, ଡିସେମ୍ବରରେ ଜର୍ମାନୀର କଲୋନରେ ଆୟୋଜିତ ବିଶ୍ୱ କପ୍ ଫାଇନାଲରେ ଅଗିସ୍ତୀ ତେରତେରିଆଁଙ୍କଠାରୁ ୱାକ୍ ଓଭର ପାଇ ଅମିତ ଟାଇଟଲ୍ ହାସଲ କରିଥିଲେ। ଅମିତ ଟୋକିଓ ଅଲିମ୍ପିକ୍ସରେ ପଦକ ଜିତିବେ ବୋଲି ଆଶାବାଦୀ ଅଛନ୍ତି। କୋଭିଡ୍-୧୯ ଆରମ୍ଭ ହେଲା ପରେ ବିଶ୍ୱରେ ଆତଙ୍କ ଜାରି ରହିଛି। ତେବେ ୨୦୨୦ରେ କଟକଣା ଟିକିଏ କୋହଳ ହେବାରୁ ପୋଲାଣ୍ଡର ଷ୍ଟ୍ରାନ୍‌ଝା ମେମୋରିଆଲ ଟୁର୍ନାମେଣ୍ଟରୁ ବକ୍ସିଂ ସିଜିନ୍ ଆରମ୍ଭ ହୋଇଥିଲା। ଏଠାରେ ଅମିତ ଚୂଡ଼ାନ୍ତ ପର୍ଯ୍ୟାୟକୁ ଉଠି ଗୋଲ୍ଡ ମେଡାଲ ଜିତିଥିଲେ। ଷ୍ଟ୍ରାନ୍‌ଝା ଟୁର୍ନାମେଣ୍ଟ ଥିଲା ଅମିତଙ୍କର ଶେଷ ଲାଇଟ୍ ଫ୍ଲାଏ ପ୍ରତିଦ୍ୱନ୍ଦ୍ୱିତା। ଫ୍ରାନ୍ସରେ ଭାଲେଣ୍ଟାଇନ୍ ଆନ୍ତର୍ଜାତିକ ଟୁର୍ନାମେଣ୍ଟ ଜିତି ଫ୍ଲାଏ ୱେଟ୍‌ରେ ନିଜ ଶ୍ରେଷ୍ଠତ୍ୱ ଜାହିର କରିଛନ୍ତି ଅମିତ। ଅମିତ ଆମେରିକାର ରେନେ ଆବ୍ରାହମ୍‌ଙ୍କୁ ପରାସ୍ତ କରିଥିଲେ।



ଅମିତ ପଙ୍ଘାଲ

**-ଅମିତଙ୍କ ୭ ସ୍ୱର୍ଣ୍ଣ -**

- ୨୦୧୦ ସବ୍ ଜୁନିୟର ନ୍ୟାଶନାଲ
- ୨୦୧୭ ସିନିୟର ନ୍ୟାଶନାଲ
- ୨୦୧୮, ୧୯ ଷ୍ଟ୍ରାନ୍‌ଝା କପ୍ ଆନ୍ତର୍ଜାତିକ ଟୁର୍ନାମେଣ୍ଟ
- ୨୦୧୮ ଜାକର୍ତ୍ତା ଏସିଆନ୍ ଗେମ୍ସ
- ୨୦୧୯ ଏସିଆନ୍ ବକ୍ସିଂ ଚାମ୍ପିୟନ୍‌ଶିପ୍
- ୨୦୨୦ କଲୋନ୍ ବିଶ୍ୱ କପ୍ ପ୍ରତିଯୋଗିତା
- ୨୦୨୧ ଆଲେକ୍ସିସ୍ ଭାଲେଣ୍ଟାଇନ୍(ଫ୍ରାନ୍ସ) କପ୍

**ସ୍ୱାଗତ ସମ୍ପଦ**
**ଶ୍ରୀ ଗୌର କୁଟୀର, ବଡ଼ବଜାର, ବାରିପଦା**

# ଟୋକିଓ ଅଲିମ୍ପିକ୍ସ


ନିର୍ମଳ କୁମାର ମିଶ୍ର

**ସାରା ବିଶ୍ୱରେ କୋଭିଡ୍-୧୯ ଭୟାବହତା ଜାରି ରହିଥିବା ବେଳେ ଟୋକିଓ ଅଲିମ୍ପିକ୍ସ ଆୟୋଜନ କରିବାକୁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଓ ଜାପାନ ସରକାର ବଦ୍ଧପରିକର ଅଛନ୍ତି। ଅଲିମ୍ପିକ୍ସ ଆୟୋଜନ ନେଇ ଜାପାନରେ ବିରୋଧ ପ୍ରଦର୍ଶନ ହେଉଛି। ସବୁ ପ୍ରକାର ଚ୍ୟାଲେଞ୍ଜକୁ ସାମ୍ନା କରି ଏହି ମେଗା ଇଭେଣ୍ଟ ସଫଳତାର ସହ ଆୟୋଜନ ହେବ ବୋଲି ଆଶା କରାଯାଉଛି।**

ଅଲିମ୍ପିକ୍ସ। ବିଶ୍ୱର ସର୍ବଶ୍ରେଷ୍ଠ କ୍ରୀଡ଼ା ପ୍ରତିଯୋଗିତା। ଏହାର ୩୨ତମ ସଂସ୍କରଣ ଜାପାନର ଟୋକିଓ ନଗରୀରେ ୨୦୨୦ରେ ଅନୁଷ୍ଠିତ ହେବାକୁ ଥିଲା। ମାତ୍ର କୋଭିଡ୍-୧୯ର ପ୍ରକୋପ ଯୋଗୁ ଗୋଟିଏ ପରେ ଗୋଟିଏ ଦେଶ ଏହି ମେଗା ପ୍ରତିଯୋଗିତାରୁ ଓହରି ଯିବା ଯୋଗୁ ସ୍ଥଗିତ ରହିଥିଲା। ୨୦୨୦ରେ ଜୁଲାଇ ୨୪ତାରିଖରୁ ୯ଅଗଷ୍ଟ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିଲା।



ମାତ୍ର କୋଭିଡ୍-୧୯ର କହର ସତ୍ତ୍ୱେ ଏହି ମେଗା ପ୍ରତିଯୋଗିତା ପାଇଁ ବିଗୁଲ ବାଜିଛି। ଇତିମଧ୍ୟରେ ଆରମ୍ଭ ହୋଇଛି ୧୦୦ଦିନିଆ କାଉଣ୍ଟଡାଉନ। ଆଉ କେତୋଟି ସପ୍ତାହ ପରେ ଆରମ୍ଭ ହେବ ଏହି କ୍ରୀଡ଼ା ମହାକୁମ୍ଭ। ଚଳିତ ବର୍ଷ ଜୁଲାଇ ୨୮ତାରିଖରୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଜାପାନରେ ଅନୁଷ୍ଠିତ ହେବ ଏହି ମେଗା ଇଭେଣ୍ଟ। କୋଭିଡ୍-୧୯ର ପ୍ରଭାବ ସତ୍ତ୍ୱେ ଓସାକାର ମୁଖ୍ୟ ପାର୍କରେ ମସାଲ ରାଲି ଅନୁଷ୍ଠିତ ହୋଇଯାଇଛି। କୋଭିଡ୍-୧୯ ମହାମାରୀର ପ୍ରକୋପକୁ ଦୃଷ୍ଟିରେ ରଖି ଓସାକା ଏବଂ ଟୋକିଓ ନଗରୀରେ ଜରୁରିକାଳୀନ ପରିସ୍ଥିତି ଜାରି ହୋଇଛି। ମସାଲ ରାଲି ଦିନ ଓସାକା ନଗରୀରେ ସଂକ୍ରମଣ ସଂଖ୍ୟା ପ୍ରାୟ ୧୧ଶହ ରହିଥିଲା। ଦେଶରେ ସଂକ୍ରମଣ ବଢିଚାଲିଛି। ଖୁବ୍ କମ୍ ଲୋକ ଟିକାକରଣରେ ସାମିଲ ହୋଇଛନ୍ତି। ୮୦ ଶତକଡା ଜାପାନୀ ଅଲିମ୍ପିକ୍ସକୁ ବାତିଲ କରିବା ପାଇଁ ମତାମତ ଦେଇଛନ୍ତି। ଅଲିମ୍ପିକ୍ସ ସମ୍ବନ୍ଧୀୟ ସମସ୍ତ ରାଲିକୁ ବାତିଲ କରାଯାଇଛି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଏବଂ ଆୟୋଜକଙ୍କ ଚିନ୍ତା ବଢିଯାଇଛି। ଜାପାନରେ ଏପର୍ଯ୍ୟନ୍ତ ମୃତ୍ୟୁସଂଖ୍ୟା ୧୦ ହଜାରରୁ ଅଧିକ ରହିଛି। ଏହି ଇଣ୍ଟରନାଶନାଲ ମଲଟିସ୍ପୋର୍ଟସ୍ ଇଭେଣ୍ଟରେ ୨୧୩ଟି ଦେଶରୁ ୧୫ହଜାର ୪ଶହ ଆଥଲେଟିକ୍ ଜାପାନ ଆସିବେ। ଏଥି ସହିତ ୧୦ହଜାର ମିଡିଆ ପ୍ରଫେଶନାଲ, ଅଫିସିଆଲ ଏବଂ ଜଜ୍‌ମାନେ ଜାପାନ ଆସିବାର କାର୍ଯ୍ୟକ୍ରମ ରହିଛି। ଯଦିଓ କରୋନା ପଜିଟିଭଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି, ରେଷ୍ଟୁରାଣ୍ଟ ଏବଂ ମଲଗୁଡ଼ିକୁ କମ୍ ସମୟ ଖୋଲିବାକୁ ଅନୁମତି ଦିଆଯାଇଛି। ସ୍ଥାନୀୟ ଦର୍ଶକମାନଙ୍କୁ କେବଳ ପ୍ରତିଯୋଗିତା ଦେଖିବାକୁ ଅନୁମତି ଦିଆଯିବ। ଏହି ସମୟରେ ବିଦେଶୀ ନାଗରିକମାନଙ୍କୁ ଜାପାନରେ ପ୍ରବେଶ ପାଇଁ ବାରଣ କରାଯାଇଛି। ପୋଲିସ, ଅଫିସିଆଲମାନଙ୍କୁ ଏବେଠାରୁ ଟ୍ରେନିଂ ଦିଆଯିବା ଆରମ୍ଭ ହୋଇଛି। ୩୩ଟି କ୍ରୀଡ଼ାର ୩୩୯ଟି ଇଭେଣ୍ଟ ଏବଂ ୫ଟି ଶୃଙ୍ଖଳାରେ ପ୍ରତିଯୋଗିତା ହେବ। ଜାପାନ ଓ ରାଜଧାନୀ ଟୋକିଓରେ କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଛି। ଜପାନର ମାତ୍ର ୧ ପ୍ରତିଶତ ଲୋକଙ୍କର ଟିକାକରଣ ହୋଇଛି। ବିଭିନ୍ନ ଦୃଷ୍ଟିକୋଣରୁ ଏହି ମେଗା ଇଭେଣ୍ଟ ଆୟୋଜନ ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି ହୋଇପାରି ନାହିଁ ବୋଲି ଜାପାନ ନାଗରିକ ହୃଦୟଙ୍ଗମ କରିଛନ୍ତି। ତେଣୁ ଅଲିମ୍ପିକ୍ସ ଆୟୋଜନ ନେଇ ଜାପାନବାସୀ ବହୁ ସଂଖ୍ୟାରେ ବିରୋଧ ପ୍ରଦର୍ଶନ କରିଛନ୍ତି ଓ ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରିଛନ୍ତି। ବର୍ତ୍ତମାନ ପାଇଁ ଏହି ମେଗା ଇଭେଣ୍ଟ ଆୟୋଜନ ନ ହେଉ ବୋଲି ଲୋକ ଚାହାନ୍ତି। ତେବେ ସରକାର ଅଲିମ୍ପିକ୍ସ ଆୟୋଜନ ନେଇ ବଦ୍ଧପରିକର ଅଛନ୍ତି।

ସୂଚନାଯୋଗ୍ୟ ଯେ ଅଲିମ୍ପିକ୍ସ ଇତିହାସରେ ଏହି ମେଗା ଇଭେଣ୍ଟକୁ ବାତିଲ କରା ନ ଯାଇ କେବଳ ଘୁଞ୍ଚାଇ ଦିଆଯାଇଛି। ଏସିଆ ମହାଦେଶର ପ୍ରଥମ ନଗରୀ ରୂପେ ଟୋକିଓ ଦ୍ୱିତୀୟ ଥର ପାଇଁ ସମର ଅଲିମ୍ପିକ୍ସ ଆୟୋଜିତ କରିବ। ଆର୍ଜେଣ୍ଟିନାରେ ଅନୁଷ୍ଠିତ ଆଇଓସିର ୧୨୫ତମ ବୈଠକରେ ଏହି ନିଷ୍ପତ୍ତି ଗୃହୀତ ହୋଇଥିଲା। ୧୯୬୪ରେ ଏହି ପ୍ରତିଯୋଗିତା ଜାପାନରେ ଅନୁଷ୍ଠିତ ହୋଇଥିବା ବେଳେ ୧୯୭୨ ଏବଂ ୧୯୯୮ରେ ମଧ ୱିଣ୍ଟର ଅଲିମ୍ପିକ୍ସ ଜାପାନରେ ଅତି ସଫଳତାର ସହିତ ଅନୁଷ୍ଠିତ ହୋଇଛି। ଏସିଆ ମହାଦେଶର ସାଉଥ୍ କୋରିଆ (ସିଓଲ୍) ଏବଂ ଚାଇନା (ବେଜିଂ) ଅଲିମ୍ପିକ୍ସ ଆୟୋଜନ କରିଥିଲେ। ଏହାକୁ ଆୟୋଜିତ କରିବା ପାଇଁ ବିଡିଂ ପ୍ରୋସେସରେ ଟୋକିଓ, ଇସ୍ତାନବୁଲ, ମାଡ୍ରିଡ୍ ଏବଂ ରୋମ ରହିଥିଲେ। ମେଜରିଟି ତଥା ବହୁମତ ପାଇଁ ୪୯ଟି ଭୋଟ ଆବଶ୍ୟକ ହେଉଥିବା ବେଳେ ଜାପାନ ୬୦ଟି ଭୋଟ ପାଇ ସ୍ପେନକୁ ହରାଇ ଏହି ମେଗା ଇଭେଣ୍ଟ ଆୟୋଜନ ପାଇଁ ଅନୁମତି ପାଇଥିଲା। କରାଟେ, ସ୍ପୋର୍ଟ୍ସ କ୍ଲାଇମ୍ବିଂ, ସର୍ଫିଙ୍ଗ୍, ସ୍କେଟ୍ କ୍ଲାଇମ୍ବିଂ, ବେସ୍‌ବଲ୍ ଏବଂ ସଫ୍ଟବଲ ପରି ନୂତନ ଇଭେଣ୍ଟ ସବୁ ଏହି ୩୨ତମ ସଂସ୍କରଣରେ ସାମିଲ କରାଯାଇଛି। ବିଭିନ୍ନ ଦେଶରେ ଅନୁଷ୍ଠିତ ହେଉଥିବା କ୍ୱାଲିଫାୟର ମ୍ୟାଚଗୁଡ଼ିକ କୋଭିଡର ଭୟାବହତା ଦୃଷ୍ଟିରୁ ବନ୍ଦ ହୋଇଯାଇଥିବା ବେଳେ ଏହା ବର୍ତ୍ତମାନ ଆରମ୍ଭ କରାଯାଇଛି। ଭାରତ ପକ୍ଷରୁ ମଧ ବିଭିନ୍ନ ଇଭେଣ୍ଟ ପାଇଁ କ୍ୱାଲିଫାଇଙ୍ଗ ମ୍ୟାଚଗୁଡ଼ିକ ଆରମ୍ଭ କରାଯାଇଛି। ଏହି ମେଗା ପ୍ରତିଯୋଗିତାର ଆରମ୍ଭ ପାଇଁ ଜାପାନ ପାଖରେ କମ୍ ସମୟ ଥିବା ବେଳେ ଏହାକୁ ସଫଳ କରିବା ପାଇଁ ପ୍ରତ୍ୟେକ ଜାପାନୀ ବେଶ୍ ଉତ୍ସାହିତ ବୋଲି ଆଇଓସି ଅଧକ୍ଷ ଥୋମାସ୍ ବାକ୍ କହିଛନ୍ତି। ଅନ୍ୟପକ୍ଷରେ ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଡୋପିଂ ଟେଷ୍ଟ ବାଧ୍ୟତାମୂଳକ ହୋଇଥିବା ବେଳେ କୋଭିଡ୍-୧୯ ଯୋଗୁ ୱାଡା (ୱାଲର୍ଡ ଆଣ୍ଟିଡୋପିଂ ଏଜେନ୍ସି) ଖେଳାଳିମାନଙ୍କ ବ୍ଲଡ ଏବଂ ୟୁରିନ୍ ଟେଷ୍ଟ ପାଇଁ ମନା କରିବା ସମସ୍ୟା ସୃଷ୍ଟି କରିଛି। ଅନ୍ୟପକ୍ଷରେ ସାଉଥ୍ କୋରିଆ ଜାପାନ ଜାତୀୟ ପତାକାରେ ଥିବା 'ଉଦୟ ସୂର୍ଯ୍ୟ' ଚିହ୍ନକୁ ଅଲିମ୍ପିକ୍ସରେ ବ୍ୟବହାର କରିବା ପାଇଁ ମଧ ଆପତ୍ତି ଉଠାଇଛି। ଏପରି କି ବିଡିଂ ପ୍ରୋସେସ୍‌ରେ ମଧ ଜାପାନର ବିଭିନ୍ନ ନାମୀଦାମୀ କମ୍ପାନୀର ସିଇଓ ମାନେ ଅଲିମ୍ପିକ୍ସ କମିଟିର ସଦସ୍ୟମାନଙ୍କୁ ବ୍ୟାପକ ଲାଞ୍ଚ ଦେଇଥିବାର ଅଭିଯୋଗ କରି ଏହି ମେଗା ଇଭେଣ୍ଟକୁ ଆୟୋଜନ କରିବା ପାଇଁ ଅଧିକାର ପାଇଛନ୍ତି ବୋଲି କଥା ଉଠିବା ଏବେ ମଧ ସମସ୍ୟା ସୃଷ୍ଟି କରିଛି।

**ଅଲିମ୍ପିକ୍ସ: ୩୨ତମ ସଂସ୍କରଣ**

ଆୟୋଜକ ସହର: ଟୋକିଓ, ଜାପାନ
ଆରମ୍ଭ: ୨୩ ଜୁଲାଇ ୨୦୨୧
ଶେଷ: ୮ ଅଗଷ୍ଟ ୨୦୨୧
ଆଥଲେଟ୍ ସଂଖ୍ୟା: ୧୧, ୦୯୧
ଇଭେଣ୍ଟ: ୩୩୯ (୩୩ କ୍ରୀଡ଼ା)
ଅଂଶଗ୍ରହଣକାରୀ ଦେଶ: ୨୦୫
ଷ୍ଟାଡ଼ିୟମ: ଜାପାନ ନ୍ୟାଶନାଲ ଷ୍ଟାଡ଼ିୟମ
ପୂର୍ବ ସଂସ୍କରଣ: ରିଓ ଅଲିମ୍ପିକ୍ସ (୨୦୧୬)

୨୩ ଜୁଲାଇରେ ଏହାର ଉଦ୍‌ଘାଟନୀ ଉତ୍ସବ ଏବଂ ଅଗଷ୍ଟ ୮ ତାରିଖରେ ଏହା ଉଦ୍‌ଯାପନୀ ଉତ୍ସବ ଜାପାନ ନାଶନାଲ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଷ୍ଟାଡିୟମର ଦର୍ଶକ ଧାରଣ କ୍ଷମତା ୬୮ହଜାର ରହିଛି। ବିଦେଶୀମାନଙ୍କୁ ଏହି ସମୟରେ ପ୍ରତିଯୋଗିତା ଦେଖିବାରୁ ବଞ୍ଚିତ କରାଯାଇଥିବାରୁ ବ୍ୟାପକ କ୍ଷତି ହେବାର ଟୋକିଓ ଅର୍ଗାନାଇଜିଙ୍ଗ୍ କମିଟି ମତବ୍ୟକ୍ତ କରିଛି। ସୂଚନାଯୋଗ୍ୟ ଯେ ପ୍ରତି ୪ବର୍ଷରେ ଅନୁଷ୍ଠିତ ହେଉଥିବା ଏହି ମେଗା ପ୍ରତିଯୋଗିତା ୨୦୧୬ରେ ବ୍ରାଜିଲର ରିଓ ନଗରୀରେ ଅନୁଷ୍ଠିତ ହୋଇଥିବା ବେଳେ ୨୦୨୪ରେ ଏହା ପ୍ୟାରିସ୍‌ରେ ଅନୁଷ୍ଠିତ ହେବ।

ରିଓ ଅଲିମ୍ପିକ୍ସରେ ମୋଟ ୩୦୬ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ୮୭ଟି ଦେଶର ପ୍ରତିଯୋଗୀ ମେଡାଲ ପାଇଥିଲା ବେଳେ ୫୯ଟି ଦେଶ ଗୋଲଡ୍ ମେଡାଲ ପାଇଥିଲେ। ୟୁଏସ୍‌ଏ ୪୬ଟି ଗୋଲଡ୍, ୩୭ଟି ସିଲଭର ଏବଂ ୩୮ଟି ବ୍ରୋଞ୍ଜ ପଦକ ସହ ୧୨୧ଟି ପଦକ ହାସଲ କରି ଶୀର୍ଷସ୍ଥାନ ଅଧିକାର କରିଥିଲା। ଭାରତ ମାତ୍ର ୨ଟି ପଦକ ହାସଲ କରି ପଦକ ତାଲିକାରେ ୬୭ ତମ ସ୍ଥାନରେ ରହିଥିଲା। ମହିଳା ଆଥଲେଟ୍‌ମାନେ ଭାରତର ସମ୍ମାନ ରଖିଥିଲେ। ପି.ଭି. ସିନ୍ଧୁ ବ୍ୟାଡ୍‌ମିଣ୍ଟନରେ ସିଲଭର ମେଡାଲ ଜିତିଥିବା ବେଳେ ରେସ୍‌ଲିଂରେ ସାକ୍ଷୀ ମଲ୍ଲିକ ବ୍ରୋଞ୍ଜ ପଦକ ପାଇ ଭାରତର ସମ୍ମାନ ରକ୍ଷା କରିଥିବା ବେଳେ ୧୧୭ଜଣ ପ୍ରତିଯୋଗୀ ଭାରତ ପକ୍ଷରୁ ବିଭିନ୍ନ ଇଭେଣ୍ଟରେ ଭାଗ ନେଇଥିଲେ। ୧୯୯୨ରେ ବାର୍ସିଲୋନା ଅଲିମ୍ପିକ୍ସରେ ଭାରତ ପଦକ ଶୂନ୍ୟ ହୋଇ ଫେରିଥିବା ବେଳେ ଚଳିତ ଟୋକିଓ ଅଲିମ୍ପିକ୍ସରେ ପଦକ ସଂଖ୍ୟା ବଢିବାର ଯଥେଷ୍ଟ ସମ୍ଭାବନା ରହିଛି।

# ସାହସୀ ମହିଳା ସୁଇମର

**ରକ୍ତ କର୍କଟରେ ପୀଡ଼ିତ ହୋଇଥିଲେ ମଧ ଜାପାନର ମହିଳା ସନ୍ତରଣକାରୀ ରିକାକୋ ଇକ୍କି ହାର ମାନିନାହାନ୍ତି। ୧୦ ମାସ ହସ୍ପିଟାଲରେ ରହି ଚିକିତ୍ସିତ ହେବା ପରେ ସେ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛନ୍ତି...**


ରିକାକୋ ଇକ୍କି

ଜାପାନ ମହିଳା ସନ୍ତରଣକାରୀ ରିକାକୋ ଇକ୍କି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଲେକ୍ସିମିଆ ଅର୍ଥାତ ରକ୍ତ କର୍କଟ ରୋଗରେ ପୀଡିତ ହୋଇଥିଲେ ମଧ ସେ ହାର ନ ମାନି ନାହାନ୍ତି। ରକ୍ତ କର୍କଟ ରୋଗରେ ପୀଡ଼ିତ ହେବାର ଦୁଇ ବର୍ଷ ପରେ ସେ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛନ୍ତି। ଏହା ଏକ ଛୋଟ କିମ୍ବା ସାଧାରଣ କଥା ନୁହେଁ ବୋଲି କୁହାଯାଇପାରେ। ଗୋଟିଏ ବର୍ଷ ସେ ହସ୍ପିଟାଲରେ ରହିଥିଲେ। ସାହସ, ସଂଘର୍ଷ ଓ ଅଧ୍ୟବସାୟ ବଳରେ ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି ରିକାକୋ। ତାଙ୍କର ଏହି ସାହସିକ ଯାତ୍ରା ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣାର କାହାଣୀ ବିନିଯାଇଛି। ନିଜର ଲକ୍ଷ୍ୟ ପୂରଣ କରିବାକୁ ହେଲେ କୌଣସି ସମସ୍ୟା ଆଗରେ ହାର ନ ମାନିବାକୁ ସେ ପରୋକ୍ଷରେ ନିଜର ସଂଘର୍ଷ ମାଧ୍ୟମରେ ସୂଚାଇଛନ୍ତି।

କର୍କଟ ରୋଗରେ ପୀଡ଼ିତ ହେବାର ପାଖାପାଖି ୨ ବର୍ଷ ପରେ ସେ ଟୋକିଓ ଅଲିମ୍ପିକ୍ସରେ ୪x୧୦୦ ମିଟର ମିଡଲେ ରିଲେ ସନ୍ତରଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛନ୍ତି। ୨୦ ବର୍ଷୀୟା ରିକାକୋ ଜାପାନ ଅଲିମ୍ପିକ ଟ୍ରାଏଲ୍ସରେ ୧୦୦ମି. ବଟରଫ୍ଲାଏରେ ୫୭.୭୭ ସେକେଣ୍ଡ ସମୟ ନେଇ ବିଜୟୀ ହୋଇଥିଲେ ଓ ଅଲିମ୍ପିକ୍ସ ପାଇଁ ନିଜର ସ୍ଥାନ ପକ୍କା କରିଥିଲେ। ୧୦ ମାସ ହସ୍ପିଟାଲରେ ରହିବା ପରେ ଗତବର୍ଷ ମାର୍ଚ୍ଚରେ ସେ ପୁଣିଥରେ ଟ୍ରେନିଂ ଆରମ୍ଭ କରିଥିଲେ। ପ୍ରତ୍ୟାବର୍ତ୍ତନ ପରେ ସେ ଟୋକିଓ ଓପନରେ ନିଜର ପ୍ରଥମ ବିଜୟ ହାସଲ କରିଥିଲେ। ସେ ୪x୧୦୦ ମିଟର ମିଡଲେ ରିଲେ ପାଇଁ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି। ଫଳରେ ସେ ଅଲିମ୍ପିକ୍ସର ପ୍ରଥମ ଦିବସରେ ଏହି ଇଭେଣ୍ଟର ହିଟ୍‌ରେ ଅଂଶଗ୍ରହଣ କରିବେ।

ଯଦି ସ୍ଥିତି ଅନୁକୂଳ ହୁଏ ଜୁଲାଇ ୨୩ରେ ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବ ଆୟୋଜନ ହେବ। ରିକାକୋ ଏଥିରେ ୩ଟି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହେବେ। ସେ ଫ୍ଲାଗ୍ ବିୟରର, ଓଥ୍ ଟେକର ଓ କଲଡ୍ରୋନ ଲାଇଟର ଦାୟିତ୍ୱ ନିର୍ବାହ କରିବେ। କର୍କଟ ରୋଗରେ ପୀଡିତ ହେବା ପୂର୍ବରୁ ସେ ଅଲିମ୍ପିକ୍ ପଦକ ପାଇଁ ଫେଭରାଇଟ ବିବେଚିତ ହେଉଥିଲେ। ସେ ୨୦୧୮ ପାନ ପାସିଫିକ୍ ଚାମ୍ପିୟନଶିପ୍‌ରେ ୧୦୦ମି. ଫ୍ଲାଏରେ ବାଜି ମାରିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ରିକାକୋ ମାତ୍ର ୧୬ ବର୍ଷରେ ୧୦୦ ମି. ବଟରଫ୍ଲାଏରେ ଅଂଶଗ୍ରହଣ କରି ପଞ୍ଚମ ସ୍ଥାନରେ ରହିଥିଲେ। ୨୦୧୮ ଏସିଆନ୍ ଗେମ୍ସରେ ସେ ୬ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ପାୱାର ଭାରତୀୟ ମହିଳା କ୍ରିକେଟ ମୁଖ୍ୟ କୋଚ୍

**ନୂଆଦିଲ୍ଲୀ, ୧୩।୫(ପି.ଟି.)**

ପୂର୍ବତନ ଟିମ୍ ଇଣ୍ଡିଆ ସ୍ପିନର ରମେଶ ପାୱାର ଭାରତୀୟ ମହିଳା କ୍ରିକେଟ ଦଳର ମୁଖ୍ୟ କୋଚ୍ ପଦକୁ ଫେରିଛନ୍ତି। ସେ ଡବ୍ଲ୍ୟୁଭି ରମଣଙ୍କ ସ୍ଥାନ ନେଇଛନ୍ତି। ରମେଶ ପୂର୍ବରୁ ମହିଳା ଦଳର ମୁଖ୍ୟ କୋଚ୍ ଥିଲେ। ମାତ୍ର ଏକଦିବସୀୟ ଅଧିନାୟିକା ମିଥାଲି ରାଜଙ୍କ ସହ ମନାନ୍ତର ଯୋଗୁ ବହିଷ୍କୃତ ହୋଇଥିଲେ। ୨ ବର୍ଷରୁ ଊର୍ଦ୍ଧ୍ୱ ବ୍ୟବଧାନ ପରେ ସେ ପୁଣି ଏହି ଗୁରୁଦାୟିତ୍ୱ ପାଇଛନ୍ତି। ମଦନ ଲାଲଙ୍କ ନେତୃତ୍ୱାଧୀନ କ୍ରିକେଟ ପରାମର୍ଶଦାତା କମିଟି (ସିଏସି) ରମଣଙ୍କ ସହ ୮ ପ୍ରାର୍ଥୀଙ୍କ ସାକ୍ଷାତକାର ନେବାପରେ ୪୨ ବର୍ଷୀୟ ପାୱାରଙ୍କୁ ନିଯୁକ୍ତି ଦେଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ପଦ ପାଇଁ ବିଜ୍ଞାପନ ଦେଇଥିଲା। ମୋଟ ୩୫ ଜଣ ଆବେଦନ କରିଥିଲେ। ସମସ୍ତ ଔପଚାରିକତା ପୂରଣ ପରେ ପାୱାରଙ୍କୁ ମୁଖ୍ୟ କୋଚ୍‌ଭାବେ ନିଯୁକ୍ତି ଦିଆଯାଇଥିବା ବିସିସିଆଇ ପକ୍ଷରୁ ଏକ ବିବୃତିରେ ପ୍ରକାଶ କରାଯାଇଛି। ପୂର୍ବତନ ଉଇକେଟ କିପର ଅଜୟ ରାତ୍ରା ଏବଂ ପୂର୍ବତନ ଚୟନ କମିଟି ମୁଖ୍ୟ ହେମଲତା କାଲାଙ୍କ ସମେତ ୪ ମହିଳା ଏହି ଦୌଡ଼ରେ ଥିଲେ।

ତାଙ୍କୁ ଏହି ପଦ ପାଇଁ ଉପଯୁକ୍ତ ମନେ କରାଯାଇଥିବାରୁ ସିଏସି ଓ ବିସିସିଆଇକୁ ଧନ୍ୟବାଦ ଜଣାଇଛନ୍ତି ପାୱାର। ସେ ଏହି ଗୁରୁଦାୟିତ୍ୱ ପାଇଁ ପ୍ରସ୍ତୁତ ଥିବା ଟୁଇଟ୍ କରି ଜଣାଇଛନ୍ତି। ଦଳ ପାଇଁ ସ୍ପଷ୍ଟ ଦୃଷ୍ଟିକୋଣ ଯୋଗୁ ରମେଶଙ୍କୁ ଚୟନ କରାଯାଇଥିବା ମଦନ ଲାଲ କହିଛନ୍ତି। ‘‘ସେ କୋଚିଂ ଦେବାର ଅଭିଜ୍ଞତା ରଖିଛନ୍ତି। ଦଳ ପାଇଁ ତାଙ୍କର ଦୃଷ୍ଟିକୋଣ ଆମକୁ ସବୁଠାରୁ ଅଧିକ ପ୍ରଭାବିତ କରିଛି। ଦଳକୁ ଭିନ୍ନଏକ ସ୍ତରକୁ ନେଇଯିବା ପାଇଁ ତାଙ୍କର ସ୍ୱତନ୍ତ୍ର ଯୋଜନା ରହିଛି। କ୍ରିକେଟର ସମସ୍ତ ଦିଗ ପ୍ରତି ତାଙ୍କ ନଜର ରହିଛି। ଏବେ ସେ ତାହାକୁ କାର୍ଯ୍ୟରେ ପରିଣତ କରିବାର ସମୟ’’ ବୋଲି ମଦନ ଲାଲ ପ୍ରକାଶ କରିଛନ୍ତି। ଏବେ ମିଥାଲିଙ୍କ ସହ ରମେଶ କିପରି କାର୍ଯ୍ୟ କରୁଛନ୍ତି ତାହା ଦେଖିବାକୁ ଉତ୍ସୁକତା ରହିବ। ହରମନପ୍ରୀତ କୌରଙ୍କୁ ଟି୨୦ ଅଧିନାୟିକା କରାଯିବା ଏବଂ ବହୁ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ କପ୍ ସେମିଫାଇନାଲରୁ ବାଦ୍ ପଡ଼ିବା ପରେ ପାୱାର ତାଙ୍କ କ୍ୟାରିୟର ନଷ୍ଟ କରିଦେବାକୁ ଚେଷ୍ଟା କରୁଛନ୍ତି ବୋଲି ମିଥାଲି ଅଭିଯୋଗ ଆଣିଥିଲେ। ଏ ସମ୍ପର୍କରେ ସେ ଏକ ପତ୍ର ମଧ୍ୟ ବିସିସିଆଇକୁ ଦେଇଥିଲେ। ଅନ୍ୟପକ୍ଷରେ ପାୱାର ଏହାକୁ ଖଣ୍ଡନ କରିବା ସହ ମିଥାଲି ଖରାପ ମିଜାଜ ସହ ଦଳରେ ବିଭେଦ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ବୋଲି କହିଥିଲେ। ମହିଳା କ୍ରିକେଟ ଦଳରୁ ଦୂରେଇ ରହିବା ପରେ ପାୱାର ନିଜକୁ ଦକ୍ଷ କୋଚ୍ ଭାବେ ପ୍ରମାଣିତ କରିଥିଲେ। ଟି୨୦ ପ୍ରତିଯୋଗିତାରେ ମୁମ୍ବାଇ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବାବେଳେ ପାୱାରଙ୍କ ପ୍ରଶିକ୍ଷଣରେ ଦଳ ବିଜୟ ହଜାରେ ଟ୍ରଫିରେ ଚମକ ସୃଷ୍ଟି କରିଥିଲା। ଏହା ବ୍ୟତୀତ ସେ ଜାତୀୟ କ୍ରିକେଟ ଏକାଡେମୀରେ ବୋଲିଂ କୋଚ୍ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ।

ମିଥାଲିଙ୍କ ସହ ତାଙ୍କ ମତଭେଦ ସମ୍ପର୍କରେ ପାୱାରଙ୍କୁ ସାକ୍ଷାତକାର ଅବସରରେ ପ୍ରଶ୍ନ କରାଯାଇଥିଲା। ମାତ୍ର ଏଥିରେ ତାଙ୍କର କିଛି ଦୋଷ ନାହିଁ। ସେ ପିଲାମାନଙ୍କ ସହ କାର୍ଯ୍ୟ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି କହିଥିବା ମଦନ ଲାଲ ପ୍ରକାଶ କରିଛନ୍ତି। ୪ ମହିଳା ପ୍ରାର୍ଥୀଙ୍କ ଆଭିମୁଖ୍ୟରେ ସେ ଖୁବ୍ ପ୍ରଭାବିତ ବୋଲି କହିଛନ୍ତି ମଦନ। ସେମାନେ କ୍ରିକେଟ ସହିତ ସମ୍ପୂର୍ଣ୍ଣଭାବେ ଜଡ଼ିତ ହୋଇରହିଛନ୍ତି। ଫଳରେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସେ କହିଛନ୍ତି। ପାୱାର ଭାରତ ପକ୍ଷରୁ ୨ ଟେଷ୍ଟ ଏବଂ ୩୧ଟି ଦିନିକିଆ ଖେଳିଛନ୍ତି। ୨୦୧୮ ଜୁଲାଇରୁ ନଭେମ୍ବର ପର୍ଯ୍ୟନ୍ତ ସେ ଭାରତୀୟ ମହିଳା ଦଳ ଦାୟିତ୍ୱରେ ଥିଲେ। ତାଙ୍କ ପ୍ରଶିକ୍ଷଣରେ ଭାରତ ସେହିବର୍ଷ ଟି୨୦ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିଥିଲା। ଏହା ବ୍ୟତୀତ କ୍ରମାଗତ ୧୪ଟି ଟି୨୦ ମ୍ୟାଚ ଜିତିବାରେ ମଧ୍ୟ ରେକର୍ଡ କରିଥିଲା। ୨୦୧୮ ଡିସେମ୍ବରରେ ପାୱାରଙ୍କ ସ୍ଥାନ ନେଇଥିବା ରମଣଙ୍କ ଅବସ୍ଥା ମଧ୍ୟ ଅନୁରୂପ। ତାଙ୍କ ପ୍ରଶିକ୍ଷଣରେ ଭାରତ ଗତବର୍ଷ ଟି୨୦ ବିଶ୍ୱକପ ଫାଇନାଲ ଖେଳିଥିଲା। ତେବେ ଗତ ମାର୍ଚ୍ଚରେ ଦକ୍ଷିଣ ଆଫ୍ରିକାଠାରୁ ଦିନିକିଆ ଓ ଟି୨୦ ସିରିଜରେ ଦଳର ଶୋଚନୀୟ ପ୍ରଦର୍ଶନ ତାଙ୍କ ପାଇଁ ମହଙ୍ଗା ପଡ଼ିଲା। ଟିନ୍ ଏଜ୍ ବିଗ୍ ହିଟର ଶେଫାଳୀ ବର୍ମା ଏବଂ ସିନିୟର ପେସ୍ ବୋଲର ଶିଖା ପାଣ୍ଡେଙ୍କୁ ଦଳରୁ ବାଦ୍‌ଦେବା ନିଷ୍ପତ୍ତିକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। କୋଚ୍ ପଦକୁ ଫେରିଥିବାରୁ ପାୱାରଙ୍କୁ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି ରମଣ। ଆସନ୍ତା ବର୍ଷ ନ୍ୟୁଜିଲାଣ୍ଡରେ ହେବାକୁଥିବା ଦିନିକିଆ ବିଶ୍ୱକପ ପାଇଁ ଦଳକୁ ପ୍ରସ୍ତୁତ କରିବା ପାୱାରଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ। ତେବେ ତାଙ୍କ ପ୍ରଶିକ୍ଷଣରେ ଦଳ ପ୍ରଥମେ ୟୁକେରେ ସମ୍ପୂର୍ଣ୍ଣ ସିରିଜ ଖେଳିବ। ୭ ବର୍ଷ ବ୍ୟବଧାନରେ ଭାରତ ପ୍ରଥମଥର ପାଇଁ ଟେଷ୍ଟ ମ୍ୟାଚ ଖେଳିବ। ଜୁନ୍ ୧୬ରୁ ଏହା ଆରମ୍ଭ ହେବା କାର୍ଯ୍ୟସୂଚୀ ରହିଛି। ବିଶ୍ୱକପ ପୂର୍ବରୁ ଭାରତୀୟ ଦଳ ଅଷ୍ଟ୍ରେଲିଆ ଯିବାର ମଧ୍ୟ କାର୍ଯ୍ୟସୂଚୀ ଅଛି।


ଟି୨୦ ଅଧିନାୟିକା ହରମନ୍‌ପ୍ରୀତ୍ କୌରଙ୍କ ସହ ରମେଶ ପାୱାର।

# ଶୀର୍ଷସ୍ଥାନରେ ଭାରତ ସ୍ଥିର

**ଦୁବାଇ, ୧୩।୫(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଗୁରୁବାର ତା’ର ବାର୍ଷିକ ଅପ୍‌ଡେଟ୍ ଜାରି କରିଛି। ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ଟିମ୍ ର୍ୟାଙ୍କିଙ୍ଗ୍‌ରେ ଭାରତ ତା’ର ଶୀର୍ଷ ସ୍ଥାନ ବଜାୟ ରଖିବାକୁ ସକ୍ଷମ ହୋଇଛି। ଦଳୀୟ ର୍ୟାଙ୍କିଙ୍ଗ୍‌ରେ ଭାରତ ଗୋଟିଏ ପଏଣ୍ଟ ଅଧିକ ହାସଲ କରିଛି। ୧୨୧ ରେଟିଂ ପଏଣ୍ଟ ହାସଲ କରି ଭାରତ ୨୧ ନମ୍ବର ସ୍ଥାନରେ ରହିଛି। ଭାରତ ୨୪ଟି ମ୍ୟାଚ୍‌ରୁ ୨୯୧୪ ପଏଣ୍ଟ ହାସଲ କରିଛି।

ସେହିପରି ଭାରତକୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରେ ଭେଟିବାକୁ ଥିବା ନ୍ୟୁଜିଲାଣ୍ଡ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ନ୍ୟୁଜିଲାଣ୍ଡ ଭାରତର ଅତି ନିକଟରେ ରହିଛି। ନ୍ୟୁଜିଲାଣ୍ଡ ୧୨୦ ରେଟିଂ ପଏଣ୍ଟ ହାସଲ କରିଛି। ୧୮ଟି ଟେଷ୍ଟ ଖେଳି ନ୍ୟୁଜିଲାଣ୍ଡ ୨୧୬୬ ପଏଣ୍ଟ ପାଇଛି ଓ ଦୁଇ ପଏଣ୍ଟ ଅଧିକ ହାସଲ କରିଛି। ଗତବର୍ଷ ଭାରତ ୨-୧ରେ ଅଷ୍ଟ୍ରେଲିଆକୁ ଓ ଇଂଲଣ୍ଡକୁ ୩-୧ରେ ହରାଇଥିଲା। ଅନ୍ୟପଟେ ନ୍ୟୁଜିଲାଣ୍ଡ ୱେଷ୍ଟଇଣ୍ଡିଜ ଓ ପାକିସ୍ତାନକୁ ୨-୦ ବ୍ୟବଧାନରେ ଟେଷ୍ଟ ସିରିଜରେ ହରାଇଥିଲା।




ଆଇସିସିର ଏହି ସଦ୍ୟ ବାର୍ଷିକ ଅପ୍‌ଡେଟ୍‌ରେ ୨୦୧୭-୧୮ର ଫଳାଫଳକୁ ବାଦ୍ ଦିଆଯାଇଛି। ୨୦୨୦ ମେ’ ୨୦ ପରେ ଖେଳାଯାଇଥିବା ମ୍ୟାଚ୍‌ଗୁଡିକ ପାଇଁ ଶତ ପ୍ରତିଶତ ମୂଲ୍ୟାଙ୍କନ ହୋଇଛି। ତେବେ ଏହାର ପୂର୍ବ ଦୁଇବର୍ଷରେ ଖେଳାଯାଇଥିବା ମ୍ୟାଚ୍ ଗୁଡିକ ପାଇଁ ୫୦ ପ୍ରତିଶତ ମୂଲ୍ୟାଙ୍କନ କରାଯାଇଛି। ଇଂଲଣ୍ଡ ୧୦୯ ରେଟିଂ ପଏଣ୍ଟ ପାଇ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ୧୦୮ ରେଟିଂ ସହ ଅଷ୍ଟ୍ରେଲିଆ ଚତୁର୍ଥ ସ୍ଥାନରେ ରହିଛି। ୨୦୧୭-୧୮ରେ ଇଂଲଣ୍ଡ ଅଷ୍ଟ୍ରେଲିଆଠାରୁ ୦-୪ରେ ପରାସ୍ତ ହୋଇଥିଲା। ତେବେ ୨୦୧୭-୧୮ ସେସନକୁ ବାଦ୍ ଦେବା ଫଳରେ ଇଂଲଣ୍ଡ ର୍ୟାଙ୍କିଙ୍ଗ୍‌ରେ ଉନ୍ନତି କରିଛି। ପାକିସ୍ତାନ ୯୪ ରେଟିଂ ସହ ପଞ୍ଚମ, ୮୪ ରେଟିଂ ସହ ୱେଷ୍ଟଇଣ୍ଡିଜ ଷଷ୍ଠ ସ୍ଥାନରେ ରହିଛି। ଗତବର୍ଷ ୱେଷ୍ଟଇଣ୍ଡିଜ୍ ୨-୦ରେ ବାଂଲାଦେଶକୁ ହରାଇଥିବା ବେଳେ ଶ୍ରୀଲଙ୍କା ବିପକ୍ଷରେ ଟେଷ୍ଟ ସିରିଜ ଅମୀମାଂସିତ ରଖିଥିଲା। ଏଥିସହ ୨୦୧୩ ପରେ ୱେଷ୍ଟଇଣ୍ଡିଜ ର୍ୟାଙ୍କିଙ୍ଗ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଦକ୍ଷିଣ ଆଫ୍ରିକା (୮୦) ଓ ଶ୍ରୀଲଙ୍କା (୭୮) ଯଥାକ୍ରମେ ସପ୍ତମ ଓ ଅଷ୍ଟମ ସ୍ଥାନରେ ରହିଛନ୍ତି।

# କୌଶିକ, ରବିନ୍ଦରଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା

**ନୂଆଦିଲ୍ଲୀ, ୧୩।୫ (ପି.ଟି.)**

କୋଭିଡ୍-୧୯ ସଂକ୍ରମଣ କାରଣରୁ କିଛିଦିନ ତଳେ ପୂର୍ବତନ ହକି ଖେଳାଳି ଏମ୍. କୌଶିକ ଓ ରବିନ୍ଦର ପାଲ ସିଂଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି। ଏ ନେଇ ଗୁରୁବାର କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଘୋଷଣା କରିଛନ୍ତି। ୧୯୮୦ ଅଲିମ୍ପିକରେ ଭାରତ ହକିରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। କୌଶିକ ଓ ରବିନ୍ଦର ଏହି ବିଜୟୀ ଭାରତୀୟ ଦଳର ସଦସ୍ୟ ରହିଥିଲେ।

ହକିର ଦୁଇ କିମ୍ବଦନ୍ତୀ ଖେଳାଳିଙ୍କୁ ଆମେ ହରାଇଛୁ ଓ ହକି ପ୍ରତି ଏମାନଙ୍କର ଅବଦାନ ଅତୁଳନୀୟ। ସବୁଦିନ ପାଇଁ ଏମାନେ ସ୍ମରଣୀୟ ହୋଇ ରହିବେ ବୋଲି ରିଜିଜୁ ଟୁଇଟ କରି ଉଲ୍ଲେଖ କରିଛନ୍ତି। ସହାୟତା ସ୍ୱରୂପ ଏହି ଶୋକସନ୍ତପ୍ତ ଦୁଇ ପରିବାରକୁ କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି ବୋଲି ସେ ଉଲ୍ଲେଖ କରିଛନ୍ତି।

କ୍ୟାରିୟରରେ ସଫଳତା ହାସଲ କରିବା ପରେ କୌଶିକ ଭାରତୀୟ ସିନିୟର ପୁରୁଷ ଓ ମହିଳା ଦଳରେ କୋଚ୍ ରହିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଭାରତୀୟ ପୁରୁଷ ଓ ମହିଳା ଦଳ ଏସିଆନ୍ ଗେମ୍ସରେ ପଦକ ହାସଲ କରିଥିଲା। ୧୯୯୮ରେ ତାଙ୍କୁ ଅର୍ଜୁନ ପୁରସ୍କାର ଓ ୨୦୦୨ରେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ରବିନ୍ଦର ୧୯୮୦ ମସ୍କୋ ଓ ୧୯୮୪ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ସେ ୧୯୮୦ ଓ ୧୯୮୩ରେ କରାଚିରେ ଅନୁଷ୍ଠିତ ଚାମ୍ପିୟନ୍ସ ଟ୍ରଫିରେ ଅଂଶଗ୍ରହଣ କରିଥିଲେ। ସେ ମଧ୍ୟ ୧୯୭୯ ଜୁନିୟର ବିଶ୍ୱକପ୍‌ରେ ଦେଶ ପାଇଁ ପ୍ରତିନିଧିତ୍ୱ କରିଥିଲେ।


ଏମ୍. କୌଶିକ


ରବିନ୍ଦର ପାଲ ସିଂ

# ଇର୍ଫାନଙ୍କ ସମେତ ୫ ଆଥଲେଟ ପଜିଟିଭ

**ନୂଆଦିଲ୍ଲୀ, ୧୩।୫ (ପି.ଟି.)**

ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ୫ଜଣ ଆଗଧାଡ଼ି ଆଥ୍‌ଲେଟ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଲିମ୍ପିକ ଯୋଗ୍ୟତା ହାସଲ କରିଥିବା ରେସ୍ ୱାକର କେ.ଟି. ଇର୍ଫାନ ଅନ୍ୟତମ। ସମସ୍ତଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଖବର ଅନୁସାରେ ଜଣେ ରେସ୍ ୱାକର ମଧ୍ୟ କରୋନା ସଂକ୍ରମିତ ହୋଇଛନ୍ତି। ହେଲେ ଏନେଇ ବିଧିବଦ୍ଧ ଘୋଷଣା କରାଯାଇ ନାହିଁ। ସାଇ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ୪ ପୁରୁଷ, ଜଣେ ମହିଳା ଖେଳାଳି ଓ ୪ ସପୋର୍ଟ ଷ୍ଟାଫ୍ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ମହିଳା ଖେଳାଳି ଜଣକ ନିଜ ଘରୁ ଫେରିଥିଲେ। ଖେଳାଳିମାନଙ୍କର ଗତ ୬ ତାରିଖରେ ଟେଷ୍ଟ ହୋଇଥିଲା। ୭ ତାରିଖରେ ଫଳାଫଳ ପ୍ରକାଶ ପାଇଥିଲା। ସେମାନେ ସେମାନଙ୍କ ପ୍ରଥମ କରୋନା ଟିକା ଏପ୍ରିଲ ୨୯ରେ ନେଇଥିଲେ। ଜଣେ ପୁରୁଷ ଓ ମହିଳା ଖେଳାଳି ଟିକା ନେଇ ନ ଥିଲେ। ସେମାନଙ୍କର ୧୦ ତାରିଖରେ ଟେଷ୍ଟ ହୋଇଛି। ଫଳାଫଳ ଶୁକ୍ରବାର ପ୍ରକାଶ ପାଇବ। କରୋନା ପଜିଟିଭଙ୍କ ମଧ୍ୟରେ କେହି ମହିଳା ରେସ୍ ୱାକର ନାହାନ୍ତି। ୩୧ ବର୍ଷୀୟ ଇର୍ଫାନ ୨୦୧୯ ପ୍ରାରମ୍ଭରେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଜାପାନର ନୋମିଠାରେ ଅନୁଷ୍ଠିତ ଏସିଆନ ରେସ୍ ୱାକିଂ ଚାମ୍ପିୟନଶିପ୍‌ରେ ୨୦ କିମି ଇଭେଣ୍ଟରେ ଚତୁର୍ଥ ହୋଇଥିଲେ। ଗତ ମାସରେ ଏଠାରେ ଭାରତୀୟ ଆଥ୍‌ଲେଟ୍‌ମାନେ ଟ୍ରେନିଂ ନେଉଥିବାବେଳେ ଅଲିମ୍ପିକ ଯୋଗ୍ୟତା ହାସଲ କରିଥିବା ପ୍ରିୟଙ୍କା ଗୋସ୍ୱାମୀ, ଏସିଆନ ଗେମ୍ସ ୧୫୦୦ମିଟର ସ୍ୱର୍ଣ୍ଣ ବିଜେତା ଜିନ୍‌ସନ ଜନସନ, ଲଙ୍ଗ ଡିଷ୍ଟାନ୍ସ ରନର ପାରୁଲ ଚୌଧାରୀ, ଷ୍ଟିପଲ ଚେଜର ଚିନ୍ତା ଯାଦବ ଏବଂ ଅନ୍ୟ ଜଣେ ରେସ୍ ୱାକର ଏକନାଥ ଏହି ମାରାତ୍ମକ ଭୂତାଣୁର ଶିକାର ହୋଇଥିଲେ। ସେ ସମୟରେ ଋଷିଆନ ରେସ୍ ୱାକର ଆଲେକ୍‌ଜାଣ୍ଡର ଆର୍ଟସିବାସେଭ୍ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ସେତେବେଳେ ଜନସନଙ୍କ ସହ ଅଧିକ ମିଳାମିଶା କରୁଥିଲେ ମଧ୍ୟ ଜନସନଙ୍କର ନେଗେଟିଭ ଆସିଥିଲା। ଏହି ସାଇ ସେଣ୍ଟର ଉଭୟ ମହିଳା ଓ ପୁରୁଷ ହକି ଦଳ ଏବଂ ଦୌଡ଼କୁଦ ଆଥ୍‌ଲେଟମାନଙ୍କ ଟ୍ରେନିଂ ସ୍ଥଳ।




# ଚାମ୍ପିୟନଶିପ୍ ଫାଇନାଲ ପୋର୍ଟୋକୁ ସ୍ଥାନାନ୍ତର

**ଲଣ୍ଡନ, ୧୩।୫ (ପି.ଟି.)**

ଚେଲ୍‌ସି ବନାମ ମାଞ୍ଚେଷ୍ଟର ସିଟି ଚାମ୍ପିୟନ୍ସ ଲିଗ୍ ଫୁଟ୍‌ବଲ ଫାଇନାଲ ଇସ୍ତାନବୁଲ୍‌ରୁ ପୋର୍ଟୋ ସ୍ଥାନାନ୍ତର କରାଯାଇଛି। ଷ୍ଟାଡିୟମରେ ମ୍ୟାଚ ଦେଖିବା ଲାଗି ଦୁଇ ଦଳର ୧୨,୦୦୦ ସମର୍ଥକଙ୍କୁ ଅନୁମତି ମିଳିବ। ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ (ୟୁଫା) ତରଫରୁ ଗୁରୁବାର ଏ ବିଷୟ ସ୍ପଷ୍ଟ କରାଯାଇଛି। କୋଭିଡ୍ ଯୋଗୁ ତୁର୍କୀକୁ ବିମାନ ଯାତାୟାତ କଟକଣା ଜାରି କରିଛି ଇଂଲଣ୍ଡ। ଫାଇନାଲ ମ୍ୟାଚ ମେ’ ୨୯ରେ ଖେଳାଯିବ। ପୋର୍ଟୋସ୍ଥିତ ଇଷ୍ଟଡିଓ ଡୁ ଡ୍ରାଗାଓ ଷ୍ଟାଡିୟମର ମୋଟ ଆସନ କ୍ଷମତା ୫୦,୦୦୦ ରହିଛି। ପ୍ରଥମ ବିକଳ୍ପ ସ୍ଥାନ ଭାବେ ଲଣ୍ଡନସ୍ଥିତ ୱେମ୍ବଲି ଷ୍ଟାଡିୟମରେ ଏହି ମ୍ୟାଚ କରିବା ଲାଗି ବିଚାର କରାଯାଇଥିଲା। ମାତ୍ର ମ୍ୟାଚର ଅତିଥି ଓ ବ୍ରଡ୍‌କାଷ୍ଟରଙ୍କ ଲାଗି କ୍ୱାରାଣ୍ଟାଇନ ବ୍ୟବସ୍ଥା କରିବା ଲାଗି ବ୍ରିଟିଶ ସରକାର ଅକ୍ଷମତା ପ୍ରକାଶ କରିଥିଲେ। ଆସନ୍ତା ସପ୍ତାହ ଆରମ୍ଭରୁ ପର୍ତ୍ତୁଗାଲ ସମେତ ୧୨ଟି ଦେଶରୁ କୌଣସି ଲୋକ ଫେରିଲେ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିବ ନାହିଁ ବୋଲି ଇଂଲଣ୍ଡ କହିଛି। ୟୁଫା ସୂଚନା ଅନୁସାରେ ଗୁରୁବାର ଉଭୟ ଚେଲ୍‌ସି ଓ ମାଞ୍ଚେଷ୍ଟର ସିଟି ସମର୍ଥକଙ୍କ ପାଇଁ ୬,୦୦୦ ଟିକେଟ ବିକ୍ରି ପାଇଁ ଛଡ଼ାଯାଇଛି। କୋଭିଡ୍ ପାଇଁ ସମର୍ଥକମାନେ ପ୍ରାୟ ଏକ ବର୍ଷ ହେବ ସେମାନଙ୍କ ପ୍ରିୟ ଦଳର ଖେଳ ଷ୍ଟାଡିୟମରେ ବସି ଉପଭୋଗ କରିପାରି ନାହାନ୍ତି। ତେଣୁ ଟିକେଟର ଚାହିଦା ରହିବ ବୋଲି ୟୁଫା ସଭାପତି ଆଲେକ୍‌ସାଣ୍ଡର ସେଫିରିନ୍ ପ୍ରକାଶ କରିଛନ୍ତି। ଗତବର୍ଷ ମଧ୍ୟ ଫାଇନାଲ ଇସ୍ତାନବୁଲ୍‌ରୁ ପର୍ତ୍ତୁଗାଲ ସ୍ଥାନାନ୍ତରିତ ହୋଇଥିଲା। ଏହା ବିନା ଦର୍ଶକରେ ଲିସ୍‌ବନରେ ଖେଳାଯାଇଥିଲା। ବେୟର୍ନ ମ୍ୟୁନିକ୍ ଟାଇଟଲ ବିଜୟୀ ହୋଇଥିଲା।

# ପଦାର୍ପଣ କରିବେ ଶେଫାଳୀ, ରାଧା

**ନୂଆଦିଲ୍ଲୀ, ୧୩।୫(ପି.ଟି.)**

ଭାରତୀୟ ମହିଳା ବ୍ୟାଟିଂ ସେନ୍‌ସେସନ ଶେଫାଳୀ ବର୍ମା ଓମ୍ୟାନ ବିଗ୍‌ବାସ ଲିଗ୍ (ଡବ୍ଲ୍ୟୁବିବିଏଲ)ରେ ପଦାର୍ପଣ କରିବେ। ଦୁଇଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିବା ସିଡ୍‌ନୀ ସିକ୍ସର ତରଫରୁ ସେ ଚଳିତବର୍ଷ ଶେଷ ଆଡକୁ ଏହି ହାଇପ୍ରୋଫାଇଲ ଲିଗ୍‌ରେ ପ୍ରଥମଥର ପାଇଁ ଖେଳିବେ। ସେହିପରି ମହିଳା ସ୍ପିନର ରାଧା ଯାଦବ ସିଡ୍‌ନୀ ତରଫରୁ ଏହି ଲିଗ୍‌ରେ ପଦାର୍ପଣ କରିବେ।

**ମହିଳା ବିଗ୍‌ବାସ ଲିଗ୍**

୧୭ ବର୍ଷୀୟା ଶେଫାଳୀଙ୍କ ସହ ସିଡ୍‌ନୀର ଚୁକ୍ତି ହୋଇସାରିଛି। ଡବ୍ଲ୍ୟୁବିବିଏଲ୍‌ର କାର୍ଯ୍ୟସୂଚୀ ପ୍ରକାଶିତ ହେଲେ ଏ ନେଇ ଘୋଷଣା କରାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ରାଧା ମଧ୍ୟ ସିଡ୍‌ନୀ ସିକ୍ସର ସହ ଆଲୋଚନା ଜାରି ରଖିଛନ୍ତି। ଶେଫାଳୀ ଏବେ ନାବାଳିକା ଥିବାରୁ ତାଙ୍କ ପିତା ଏକ ଅନୁମତି ପତ୍ରରେ ସ୍ୱାକ୍ଷର କରିବାର ଆବଶ୍ୟକତା ରହିଛି। ପୂର୍ବରୁ ଭାରତୀୟ ମହିଳା ଟି୨୦ ଅଧିନାୟିକା ହରମନପ୍ରୀତ କୌର (ସିଡ୍‌ନୀ ଥଣ୍ଡର), ଓପନର ସ୍ମୃତି ମାନ୍ଧନା (ବ୍ରିସ୍‌ବେନ ହିଟ୍) ଓ ଅଲରାଉଣ୍ଡର ବେଦା କ୍ରିଷ୍ଣମୂର୍ତ୍ତି (ହୋବାର୍ଟ ହରିକେନ୍ସ) ଡବ୍ଲ୍ୟୁବିବିଏଲ୍‌ରେ ଅଂଶଗ୍ରହଣ କରିସାରିଛନ୍ତି।

ବିଶ୍ୱର ୧ ନମ୍ବର ଟି୨୦ ବ୍ୟାଟର ଶେଫାଳୀ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଦ୍ୱାରା ଆୟୋଜିତ ‘ଦି ହଣ୍ଡ୍ରେଡ୍’ ତଥା ୧୦୦ ବଲ ଘରୋଇ ଟୁର୍ନାମେଣ୍ଟରେ ବର୍ମିଂହାମ ଫୋନିକ୍ସ ତରଫରୁ ଖେଳିବାର ସମ୍ଭାବନା ରହିଛି। ତେବେ କୋଭିଡ୍-୧୯ ମହାମାରୀ କାରଣରୁ ଏହି ଟୁର୍ନାମେଣ୍ଟ ସ୍ଥଗିତ ରହିଥିଲା। ଏହା ବର୍ତ୍ତମାନ ଜୁଲାଇ ୨୧ରୁ ଆରମ୍ଭ ହେବ। ‘ଦି ହଣ୍ଡ୍ରେଡ୍’ ଶେଫାଳୀଙ୍କ କ୍ୟାରିୟରର ପ୍ରଥମ ବିଦେଶୀ ଟୁର୍ନାମେଣ୍ଟ ସାବ୍ୟସ୍ତ ହେବ। ଶେଫାଳୀ ୨୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସେ ୧୪୮. ୩୧ ଷ୍ଟ୍ରାଇକ୍ ରେଟ୍‌ରେ ୬୧୭ ରନ ସଂଗ୍ରହ କରିଛନ୍ତି।


ରାଧା ଯାଦବ


ଶେଫାଳୀ ବର୍ମା

## ଅଷ୍ଟ୍ରେଲୀୟ ଆଇପିଏଲ୍ ଖେଳାଳି ରବିବାର ସ୍ୱଦେଶ ଫେରିବେ

**ମାଲେ, ୧୩।୫:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୪ତମ ସଂସ୍କରଣରେ ସାମିଲ ରହିଥିବା କେତେଜଣ ଅଷ୍ଟ୍ରେଲିଆ ଖେଳାଳି, କୋଚ୍ ଓ ଭାଷ୍ୟକାର ରବିବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ। ଏମାନେ ଏବେ ମାଳଦ୍ୱୀପରେ ଅଛନ୍ତି। ଅବଶ୍ୟ ଏ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ସରକାର ଏ ନେଇ ସ୍ପଷ୍ଟ କରିନାହାନ୍ତି। ଖେଳାଳିମାନେ ଏବେ ମଧ୍ୟ ସରକାରଙ୍କଠାରୁ କୌଣସି ପ୍ରତିଶ୍ରୁତି ପାଇନାହାନ୍ତି। କୋଭିଡ୍-୧୯ କାରଣରୁ ଆଇପିଏଲ୍ ବାତିଲ ହେବା ପରେ ୧୪ଜଣ ଖେଳାଳିଙ୍କ ସମେତ ୩୮ଜଣ ଅଷ୍ଟ୍ରେଲୀୟ ମେ’ ୬ ତାରିଖରେ ମାଳଦ୍ୱୀପ ଯାତ୍ରା କରିଥିଲେ। ମେ’ ୧୫ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ସରକାର ଭାରତରୁ ସବୁ ବିମାନଯାତ୍ରାକୁ ବାତିଲ କରିଥିଲେ। ତେଣୁ ଖେଳାଳିମାନଙ୍କୁ ମାଳଦୀପ ଯିବାକୁ ହୋଇଥିଲା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ୪୦ ଲିଟର ରନ୍ଧା ମଦ ଜବତ

ଜୁନାଗଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅଧୀନ ପରିଆଗାଁରେ ବେଆଇନ ଦେଶୀ ହାତ ରନ୍ଧା ମଦ ତିଆରି ହେଉଥିବା ଖବର ପାଇ ଗୁରୁବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ସମୟରେ ଗ୍ରାମର ପରମେଶ୍ୱର ମାଝିଙ୍କଠାରୁ ୨୫ ଲିଟର ଓ କଲୋନୀପଡାର ବଳରାମ ପ୍ରଧାନୀଙ୍କଠାରୁ ୧୫ ଲିଟର ମୋଟ ୪୦ ଲିଟର ଦେଶୀ ହାତରନ୍ଧା ମଦ ଜବତ କରାଯାଇଥିଲା। ଜିଲାପାଳ ଡ଼.ପରାଗ ହର୍ଷଦ ଗାଭାଳି ଓ ଜିଲା ଅବକାରୀ ଅଧୀକ୍ଷକ ତମ୍ବଧର ଖଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଚଢ଼ାଉରେ ଜିଲା ଭ୍ରାମ୍ୟମାଣ ଗୋଷ୍ଠୀ ନିରୀକ୍ଷକ ସୁଶାନ୍ତ ପ୍ରଧାନ, ଉପ ନିରୀକ୍ଷକ ଦିଲୀପ କୁମାର ରଥ, ଜୁନାଗଡ଼ ଅବକାରୀ ଉପନିରୀକ୍ଷୀକା ହୀରାତୀ ଥାଟିଙ୍କ ସହ ଉପନିରୀକ୍ଷକ ସଚଳା ପାଣି, ଯୋଗେଶ୍ୱରୀ ନାଏକ, ଅଶୋକ ସାହୁ ସମେତ ସିପାହୀମାନେ ସାମିଲ ଥିଲେ।

### ସଂକ୍ଷେପରେ

## ବିନା ସୂଚନା ଫଳକରେ ରାସ୍ତା କାମ

**ଶ୍ରମିକ ବଦଳରେ ମେଶିନ ନିୟୋଜିତ**

**ବାଉଁଶୁଣୀ,୧୩।୫(ଡି.ଏନ.ଏ):** ବୌଦ୍ଧ ବ୍ଲକ ମୁଣ୍ଡିପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପଲସପାଟ ଗ୍ରାମଠାରୁ କୁଲୁତାଖଲି ଗ୍ରାମକୁ ସଂଯୋଗ ହେଉଥିବା ରାସ୍ତା କାମ ବର୍ତ୍ତମାନ ଚାଲିଛି । କେଉଁ ଅନୁଦାନରେ କେତେ ଟଙ୍କାର କାମ ଓ କାହା ଦ୍ୱାରା ହେଉଛି ସେ ସମ୍ପର୍କରେ କୌଣସି ସୂଚନା ଫଳକ ନ ଥିବା ଯୋଗୁ ଲୋକେ କାମ ସମ୍ପର୍କରେ କୌଣସି ତଥ୍ୟ ପାଉ ନ ଥିବା ଅଭିଯୋଗ ହେଉଛି । ଅପରପକ୍ଷରେ ଶ୍ରମିକ ନିୟୋଜିତ କରା ନ ଯାଇ ଜେସିବି ଦ୍ୱାରା ମାଟି ଖୋଳି ରାସ୍ତାରେ ପକା ଯାଉଥିବା ଦେଖିବାକୁ ମିଳିଛି । ସେହିପରି ନିକଟସ୍ଥ ଏକ ପୋଖରୀରୁ ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ମାଟି ଆଣି ରାସ୍ତା କାମ ହେଉଛି । ଲକ୍‌ଡାଉନ ସମୟରେ ଶ୍ରମିକମାନେ କାମ ନ ପାଇ ଘରେ ବସିଥିବା ବେଳେ ମେଶିନ ଦ୍ୱାରା କାମ କରାଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ପୋଖରୀରୁ ମାଟି ଉଠାଇ ରାସ୍ତାରେ ପକାଇ ଦୁଇଟି କାମର ବିଲ୍ କରିଦେବାର ମସୁଧା ଚାଲିଥିବା ସ୍ଥାନୀୟ ଲୋକେ ଆଶଙ୍କା କରୁଛନ୍ତି । ଏ ସମ୍ପର୍କରେ ମୁଣ୍ଡିପଦର ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁଙ୍କୁ ପଚାରିବାରେ, ସୂଚନା ଫଳକ ହୋଇଯାଇଛି ଲାଗିଯିବ । ଉକ୍ତ ରାସ୍ତା ଶୋଚାନୀୟ ହୋଇ ପଡିଥିଲା । ଲୋକଙ୍କ ଗମନାଗମନ ସୁବିଧା ଦୃଷ୍ଟିରୁ ପଞ୍ଚଦଶ ଅର୍ଥ କମିଶନ ଅନୁଦାନରେ ଏହା କରାଯାଉଥିବା ସରପଞ୍ଚ ସାହୁ ପ୍ରକାଶ କରିଥିଲେ ।

## ଆଜିଠୁ ରବିଚାଷ ପାଇଁ ଇନ୍ଦ୍ରାବତୀରୁ ଜଳସେଚନ ବନ୍ଦ

**ଭବାନୀପାଟଣା, ୧୩।୫ (ଡି.ଏନ.ଏ.):** ଇନ୍ଦ୍ରାବତୀ ପ୍ରକଳ୍ପ ମଙ୍ଗଳପୁରସ୍ଥିତ ହାତୀ ବ୍ୟାରେଜ୍‌ରୁ ରବି ଋତୁ ପାଇଁ ଜଳ ସେଚନ ଜାନୁଆରୀ ୬ରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୪ ତାରିଖରେ ଜଳ ସେଚନ ବନ୍ଦ କରାଯିବ ବୋଲି ବିଭାଗ ସୂତ୍ରରୁ ସୂଚନା ମିଳିଛି। ଚଳିତ ମାସ ୬ ତାରିଖରୁ ଜଳସେଚନ ବନ୍ଦ କରାଯିବା ଲକ୍ଷ୍ୟ ରଖାଯାଇଥିଲା। କେତେକ ଅଞ୍ଚଳର ଚାଷୀଙ୍କ ଅନୁରୋଧ ପରେ ସମୟ ସୀମା ବଢ଼ାଯାଇ ଆସନ୍ତା ୧୪ ତାରିଖରେ ଜଳ ସେଚନ ବନ୍ଦ ରହିବା ନେଇ ସୂଚନା ମିଳିଛି। ଇନ୍ଦ୍ରାବତୀ ଜଳ ସେଚନ ପ୍ରକଳ୍ପରୁ ରବି ଚାଷ ପାଇଁ କଳାହାଣ୍ଡି ଜିଲାର ୫ଟି ବ୍ଲକର ୫୨, ୫୫୪.୨୩୪ ହେକ୍ଟର ଜମିରେ ଜଳସେଚନ ଆରମ୍ଭ କରାଯାଇଥିଲା। ଜିଲାର ଜୟପାଟଣା, କଲମପୁର, କୋକସରା, ଧର୍ମଗଡ, ଜୁନାଗଡ ବ୍ଲକର ୩୨୦ ଗାଁର ଚାଷ ଜମି ପାଇଁ ଜଳ ସେଚନ କରାଯାଇଥିଲା। ଇନ୍ଦ୍ରାବତୀ ଜଳ ଭଣ୍ଡାରର ଜଳ ଧାରଣ କ୍ଷମତା ୬୩୭.୯୧ ମିଟର ଅର୍ଥାତ ୭୯.୭୩ ପ୍ରତିଶତ ରହି ଜଳ ସେଚନ ଆରମ୍ଭ କରାଯାଇ ଥିବାବେଳେ ଆଜିସୁଦ୍ଧା ଜଳସ୍ତର ୬.୬୯ ମିଟର ତଳକୁ ଖସି ୬୩୧.୨୨ରେ ଅର୍ଥାତ ୨୯.୮୮ ପ୍ରତିଶତରେ ଥିବା ରେକର୍ଡ କରାଯାଇଛି। ଜଳ ସେଚନ ଅବଧି ୪ ମାସ ରଖାଯାଇ ଥିବା ବେଳେ ଜାନୁୟାରୀ ୬ରେ ସେଚନ ବନ୍ଦ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଚାଷୀଙ୍କ ଅନୁରୋଧ ପରେ ପ୍ରଶାସନ ମେ ୧୪ରେ ଜଳସେଚନ ବନ୍ଦ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ପାତ୍ର ପ୍ରକାଶ କରିଛନ୍ତି।

## କୋଭିଡ୍ କେୟାର କେନ୍ଦ୍ରରେ ପ୍ରସ୍ତୁତ ଖାଦ୍ୟ ନିରୀକ୍ଷଣ

**ଖଡିଆଳ, ୧୩।୫ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବାଦିଠାରେ ଥିବା କୋଭିଡ୍ କେୟାର କେନ୍ଦ୍ରରେ ଆକ୍ରାନ୍ତଙ୍କ ପାଇଁ ପ୍ରସ୍ତୁତ ଖାଦ୍ୟକୁ ନିରୀକ୍ଷଣ କରିଛନ୍ତି ଜିଲା ସ୍ୱତନ୍ତ୍ର ଦାୟିତ୍ୱ ଅଧିକାରୀ ସୁଶ୍ରୀ ସୁପ୍ରିୟା। କୋଭିଡ୍ କେୟାର କେନ୍ଦ୍ର ଆକ୍ରାନ୍ତ ବ୍ୟକ୍ତି ଏବଂ ଚିକିତ୍ସରେ ନିୟୋଜିତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଇଁ ଏଠାରେ ରନ୍ଧା ଖାଦ୍ୟ ପ୍ରସ୍ତୁତ ହେଉଛି। ଖାଦ୍ୟ ଉନ୍ନତମାନର ହେବା ନେଇ ସ୍ୱତନ୍ତ୍ର ଦାୟିତ୍ୱ ଅଧିକାରୀ ରହିଛନ୍ତି। ଖାଦ୍ୟ ପ୍ରସ୍ତୁତ କେନ୍ଦ୍ରକୁ ଅଚାନକ ପରିଦର୍ଶନ କରି ଖାଦ୍ୟର ମାନ ନିରୀକ୍ଷଣ କରିଛନ୍ତି। ଦୁଇ ବେଳା ଖାଦ୍ୟ ଏବଂ ସକାଳ ଜଳଖିଆ ସନ୍ଧ୍ୟା ସମୟ ଚା ଓ ବିସ୍କୁଟ ଦିଆଯାଉଥିବା ଖଡିଆଳ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି ।

# ବୃଦ୍ଧଙ୍କ ମୃତଦେହ ଛୁଇଁଲେନି

**କେସିଙ୍ଗା/ତୁଣ୍ଡଲା, ୧୩।୫ (ଡି.ଏନ.ଏ.)**

- ବିଡିଓଙ୍କ ହସ୍ତକ୍ଷେପ ପରେ ଶବ ସତ୍କାର
- ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଘୋଷଣା ପାଇଁ ଜିଲାପାଳଙ୍କୁ ଜଣାଇଲେ

କରୋନା ସଂକ୍ରମଣ ଭୟରେ ଅନେକ ସ୍ଥାନରେ ଲୋକେ ମାନବିକତା ଭୁଲି ଯାଉଥିବା ଦେଖିବାକୁ ମିଳୁଛି। ଏପରିକି କେତେଜଣ ମୃତଦେହ ଛୁଉଁନାହାନ୍ତି। କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ସାହାଜପାଟି ଗ୍ରାମରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ଜଣେ ଦୟାନିଧି ଚୌଧୁରୀ (୬୦)ଙ୍କ ବୁଧବାର ରାତିରେ କରୋନାରେ ମୃତ୍ୟୁ ଘଟିଥିଲା। ଫଳରେ ଦୀର୍ଘ ସମୟ ଧରି ମୃତଦେହ ପଡିରହିଥିଲା। ଶେଷରେ କେସିଙ୍ଗା ବ୍ଲକ ସ୍ୱର୍ଗଦ୍ୱାର ସେବା ସଙ୍ଗଠନ ଦ୍ୱାରା ଗୁରୁବାର ସକାଳେ ବ୍ଲକ ପ୍ରଶାସନଙ୍କ ଉପସ୍ଥିତିରେ ଶବଦାହ କରାଯାଇଛି।

ଗ୍ରାମର ଦୟାନିଧି ଚୌଧୁରୀ ଗତ ପ୍ରାୟ ୧୦ ଦିନ ତଳେ କରୋନା ପରୀକ୍ଷା କରିବା ପରେ ପଜିଟିଭ୍ ବାହାରିଥିଲା। ଏହା ପରେ ସେ ଘରେ ଚିକିତ୍ସିତ ହେଉଥିବା ବେଳେ ବୁଧବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।



ମୃତଦେହ ସତ୍କାର କରାଯାଉଛି।

ତାଙ୍କର ଏକ ମାତ୍ର ପୁଅ ପାଖରେ ବସି ରହିଥିଲେ। ତାଙ୍କର ନିଜ ସମ୍ପର୍କୀୟମାନେ ମଧ୍ୟ ପାଖ ମାଡି ନ ଥିଲେ। ଶେଷରେ ତାଙ୍କ ପୁଅ ପ୍ରଦୀପ ଚୌଧୁରୀ କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଓଦୁଙ୍କୁ ରାତ୍ରି ସାଢ଼େ ୧ଟାରେ ଫୋନ କରି ଶବ ସତ୍କାର ପାଇଁ ସାହାଯ୍ୟ ମାଗିଥିଲେ। ବିଡିଓ ସ୍ୱର୍ଗଦ୍ୱାର ସେବା ସଙ୍ଗଠନ ମୁଖ୍ୟ ମନୋଜ କୁମାର ପଟ୍ଟନାୟକଙ୍କୁ ଫୋନ କରି ଶବ ସତ୍କାରରେ ସହଯୋଗ କରିବା ପାଇଁ କହିଥିଲେ। ସ୍ୱର୍ଗଦ୍ୱାର ସେବା ସଙ୍ଗଠନ ସାମାଜିକ କର୍ମୀ ମନୋଜ କୁମାର ପଟ୍ଟନାୟକ ତାଙ୍କର ସହଯୋଗୀ ସଜ୍ଜନ କୁମାର ଅଗ୍ରୱାଲ, ସରୋଜ ସାହୁ, ମିତ୍ରସେନ ଭୋଇ, ମନୋଜ କୁମାର ଷଡଙ୍ଗୀ ମୃତକଙ୍କ ଘରେ ପହଞ୍ଚିଥିଲେ। କେସିଙ୍ଗା ତହସିଲଦାର ଜ୍ୟୋତିର୍ମୟ କର, ପଲମ ଫାଣ୍ଡି ଅଧିକାରୀ ଅସିତ କୁମାର ପଣ୍ଡା, ବିଡିଓ ପ୍ରଫୁଲ୍ଲ କୁମାର ଓଦୁଙ୍କ ଉପସ୍ଥିତିରେ ଶ୍ମଶାନକୁ ନେଇ ଶବ ସତ୍କାର କରିଥିଲେ। ବୃଦ୍ଧଙ୍କ ମୃତଦେହ ଦୀର୍ଘ ସମୟ ଧରି ପଡିରହିବା, ଆତ୍ମୀୟଜନ ନ ଛୁଇଁବା ଓ ଏଥିପାଇଁ ପ୍ରଶାସନ ନାକେଦମ ହେବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପଟେ କେସିଙ୍ଗା ବିଡିଓ ଓ ତହସିଲଦାର ଦୁହେଁ ସ୍ୱର୍ଗଦ୍ୱାର ସେବା ସଙ୍ଗଠନ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଛନ୍ତି। ଅନ୍ୟପକ୍ଷେ ଏହି ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଘୋଷଣା ପାଇଁ କଳାହାଣ୍ଡି ଜିଲାପାଳଙ୍କୁ ବିଡିଓ ଜଣାଇଛନ୍ତି ।

## କେସିଙ୍ଗା ବ୍ଲକ: କରୋନାରେ ୫ ମୃତ

**କେସିଙ୍ଗା, ୧୩।୫ (ଡି.ଏନ.ଏ.)**

- ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି
- ସ୍ୱାସ୍ଥ୍ୟ ସେବିକାଙ୍କ ଘର ଘର ବୁଲି କରୁଛନ୍ତି ପରୀକ୍ଷା

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ୨୬ଟି ପଞ୍ଚାୟତ ଓ ସହରରେ ଦିନକୁ ଦିନ କରୋନା ସଂକ୍ରମଣ ବଢ଼ି ଚାଲିଛି। ବ୍ଲକର ବେଲଖଣ୍ଡି ଗ୍ରାମପଞ୍ଚାୟତର ସାହାଜପାଟି ଗ୍ରାମର ୪ ଦିନ ମଧ୍ୟରେ ୩ଜଣଙ୍କ ମୃତ୍ୟୁ ଘଟିଲାଣି। ସେହିପରି ବ୍ଲକର ବାଲସି ଗ୍ରାମପଞ୍ଚାୟତରେ ଗତ ମାସ ୨୯ ତାରିଖରେ ଜଣେ ଘର ମିସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ବାଲସି ଗ୍ରାମର ଆଶାକର୍ମୀ ଚମ୍ପା ଶିଖା (୩୮)ଙ୍କ ଗତ ମାସ ୩୦ ତାରିଖରେ କମଠନା କୋଭିଡ୍ ହସ୍ପିଟାଲରେ ମୃତ୍ୟୁ ଘଟିଛି। କରୋନା ରୋଗୀମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଲୋକଙ୍କ ମନରେ ଭୟ ସୃଷ୍ଟି ହେଉଛି। ବାଲସି ଗ୍ରାମର ଜଣେ ବ୍ୟବସାୟୀଙ୍କଠାରୁ କରୋନା ଗତ ମାସ ୧୧ ତାରିଖରେ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଗ୍ରାମରେ ୧୪୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଭବାନୀପାଟଣାରୁ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ଗ୍ରାମରେ ପହଞ୍ଚି ସ୍ଥିତ ଯାଞ୍ଚ କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗର କୁଞ୍ଜବିହାରୀ ସାହୁ ମେଡିକାଲ ଟିମର ଏମଓଙ୍କ ନେତୃତ୍ୱରେ ଜିତେନ୍ଦ୍ର କୁମାର ଦାଶ, ଭଗବାନ ଗହୀର, ହେଲଥ ସୁପରଭାଇଜର, କ୍ଷୀତିସୁତା ହାତୀ ସ୍ୱାସ୍ଥ୍ୟ ସେବିକାଙ୍କ ଦ୍ୱାରା ବାଲସି ତଥା ରେଙ୍ଗାଲି, ମଶାଣିବନ୍ଧ, କୋକୋଡମାଲ, କଛାରପଦର, କଲୋନୀପଡା, ଧୁଙ୍ଗିଆମୁଣ୍ଡା, ବୁଢ଼ିପଦର ଗ୍ରାମର ଲୋକଙ୍କୁ କରୋନା ବିଷୟରେ ଘର ଘରକୁ ଯାଇ ପରାମର୍ଶ ଦେଉଛନ୍ତି। ମାସ୍କ ସବୁବେଳେ ବ୍ୟବହାର କରିବା, ଗହଳିକୁ ଯିବା ନାହିଁ, ଦୂରତ୍ୱ ରଖିବା ଆଦି ବିଷୟରେ ଲୋକଙ୍କୁ ସଚେତନତା କରୁଛନ୍ତି। ଗ୍ରାମରେ ୧୪୨ଜଣ କରୋନାରେ ଆକ୍ରାନ୍ତ ହୋଇ ଘରେ ରହି ଚିକିତ୍ସିତ ହେଉଥିଲେ। ଏଥି ମଧ୍ୟରୁ ୧୨୭ଜଣ ସୁସ୍ଥ ହୋଇଥିବା ବେଳେ ବର୍ତ୍ତମାନ ୧୫ ଆକ୍ରାନ୍ତ ରହିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଭ୍ରାମ୍ୟମାଣ ମେଡିକାଲ ଅଫିସର କୁଞ୍ଜବିହାରୀ ସାହୁଙ୍କୁ ପଚାରିବାରୁ ଆମ ମେଡିକାଲ ଟିମ ସବୁବେଳେ ସଜାଗ ରହିଛି। ଆମକୁ ଖବର ଆସିଲେ ଗ୍ରାମରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଦେଉ ବୋଲି କହିଥିଲେ।

# ସଂରକ୍ଷିତ ହୋଇପାରେ ବିକାଶ କୋଭିଡ୍ ବ୍ଲକ

**ବରଗଡ଼ ଅଫିସ୍,୧୩।୫**

ବରଗଡ଼ ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର କୋଭିଡ୍ ବ୍ଲକକୁ ସମ୍ପୂର୍ଣ୍ଣ ଭାବେ ସଂରକ୍ଷିତ କରିବାକୁ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି। ସରକାରଙ୍କ ଏଭଳି ନିଷ୍ପତ୍ତି ଉପରେ ବିକାଶ ହସ୍ପିଟାଲ କର୍ତ୍ତୃପକ୍ଷ ସହମତି ପ୍ରକାଶ କରିଛନ୍ତି। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ସରକାରଙ୍କ ନିଷ୍ପତ୍ତିରେ ସନ୍ତୋଷ ପ୍ରକାଶ କରିବା ସହିତ ହସ୍ପିଟାଲ କର୍ତ୍ତୃପକ୍ଷ ଏ ଦିଗରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅତିଶୀଘ୍ର ସରକାରଙ୍କ ସହିତ ଚୂଡ଼ାନ୍ତ ବୁଝାମୁଣା (ଏମ୍‌ଓୟୁ) ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଏହାହେଲେ ସମାଜର ପ୍ରତିବର୍ଗର ଲୋକଙ୍କ ପାଖରେ ହସ୍ପିଟାଲରେ ଉପଲବ୍ଧ କୋଭିଡ୍ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ଅତ୍ୟାଧୁନିକ ସେବା ପହଞ୍ଚି ପାରିବ ।

ବରଗଡ଼ ଜିଲା ପ୍ରଶାସନ କିଛିଦିନ ତଳେ ଉକ୍ତ ହସ୍ପିଟାଲର ୧୫ ଆଇସିୟୁ ଶଯ୍ୟା ସଂରକ୍ଷିତ କରିଥିଲା। ସରକାରଙ୍କ ସହିତ ଚୂଡ଼ାନ୍ତ ବୁଝାମଣା ହେଲେ ହସ୍ପିଟାଲର ୧୫୦ କୋଭିଡ୍ ଶଯ୍ୟା ମଧ୍ୟରୁ ୮୦ ଆଇସିୟୁ ଶଯ୍ୟା ଏବଂ ୭୦ଟି ଏଚ୍‌ଡିୟୁ ଶଯ୍ୟା ପ୍ରଶାସନ ପାଇଁ ସଂରକ୍ଷିତ ରହିବ। ଆଇଓସିଏଲ ଦ୍ୱାରା ବ୍ୟବସ୍ଥା କରାଯାଇଥିବା ୭୦ ଭେଣ୍ଟିଲେଟରଯୁକ୍ତ ଶଯ୍ୟା ବ୍ୟବସ୍ଥା ଏହି କୋଭିଡ୍ ଚିକିତ୍ସା ପାଇଁ ବିଶେଷ ସହାୟକ ହେବ। ବିଭିନ୍ନ ପ୍ରକାର କୋଭିଡ୍ ସମ୍ପର୍କୀତ ପରୀକ୍ଷା ନିରୀକ୍ଷା ମଧ୍ୟ ହସ୍ପିଟାଲରେ ହୋଇ ପାରିବ। ରୋଗୀମାନଙ୍କ ଚିକିତ୍ସା ବିକାଶ ହସ୍ପିଟାଲର ଡାକ୍ତର ଏବଂ ନର୍ସିଂ ଷ୍ଟାଫ ସରକାରୀ ଗାଇଡଲାଇନ ଅନୁଯାୟୀ କରିବେ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ବିକାଶରେ ଅଣକୋଭିଡ୍ ରୋଗୀଙ୍କ ଚିକିତ୍ସା ଜାରି ରହିବ। ଏହାର ଜରୁରୀକାଳୀନ ବିଭାଗ, ଟ୍ରୋମା କେୟାର ସେଣ୍ଟର, କାର୍ଡ଼ିଓଲୋଜି, ନ୍ୟୁରୋଲୋଜି, ୟୁରୋଲୋଜି, ନେଫ୍ରୋଲୋଜି, କ୍ୟାନ୍‌ସର, ଶିଶୁ ବିଭାଗ ତଥା ଅଣ କୋଭିଡ୍ ଆଇସିୟୁ ଯଥାରୀତି ଚାଲିବ। ହସ୍ପିଟାଲରେ ବିଭିନ୍ନ ପ୍ରକାର ରକ୍ତପରୀକ୍ଷା ଏବଂ ଅନ୍ୟାନ୍ୟ ରେଡ଼ିଓଲୋଜିକାଲ ଇନଭେଷ୍ଟିଗେଶନ ଚାଲିବ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ଠିକା ବନ କର୍ମଚାରୀଙ୍କୁ ମିଳିନି ଦୁଇମାସର ପାରିଶ୍ରମିକ

**ଲୋଇସିଂହା,୧୩।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ବନାଖଣ୍ଡ ଅଧୀନରେ କାର୍ଯ୍ୟରତ ଡିଇଓ ଓ ପାରା ଫରେଷ୍ଟ ଷ୍ଟାଫ ଠିକା ସଂସ୍ଥାଠାରୁ ଗତ ମାର୍ଚ୍ଚ ମାସରୁ ପାରିଶ୍ରମିକ ପାଇ ନାହାନ୍ତି। ଏନେଇ ସେମାନେ ବନଖଣ୍ଡ ଅଧିକାରୀ ସମୀର ଶତପଥୀଙ୍କ ଜରିଆରେ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛନ୍ତି। କର୍ମଚାରୀଙ୍କ ପାରିଶ୍ରମିକ ଠିକା ସଂସ୍ଥାକୁ ବନଖଣ୍ଡ ଅଧିକାରୀଙ୍କ ଚିଠିସଂଖ୍ୟା ୨୪୯୭/ତା ୭।୫।୨୧ରିଖରେ ପୈଠ କରାଯାଇଛି । ହେଲେ ଗତମାର୍ଚ୍ଚ ମାସରୁ ଶତାଧିକ କର୍ମଚାରୀ ସେମାନଙ୍କ ମାସିକ ପାରିଶ୍ରମିକ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାବଦ ଏପ୍ରିଲ ୨୦୨୦ରୁ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ସେମାନଙ୍କ ଇପିଏଫ ଓ ଇଏସଆଇ ଟଙ୍କା ମଧ୍ୟ ଠିକା ସଂସ୍ଥା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଖୁବଶୀଘ୍ର ନ୍ୟାୟ ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ସେମାନେ ଜିଲା ଶ୍ରମ ଅଧିକାରୀଙ୍କୁ ନିବେଦନ କରିଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.03-SBP-TRD-OT-2021-22, ତା.10.05.2021ରିଖ

**କାର୍ଯ୍ୟର ନାମ:** 26 ମାସ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ / TRD / ସମ୍ବଲପୁରଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ବ୍ୟବହାର ପାଇଁ ଚୁକ୍ତି ଭିତ୍ତିରେ ଗୋଟିଏ ନନ୍-ଏସି ଗାଡ଼ି (ଟାଟା ସୁମୋ / ମହିନ୍ଦ୍ରା ବୋଲେରୋ / ସ୍କୋର୍ପିଓ କିମ୍ବା ଅନୁରୂପ) ଭଡ଼ା ସୂତ୍ରରେ ନେବା।

**ଆନୁମାନିକ ମୂଲ୍ୟ (ଟଙ୍କାରେ):** 9,44,408.35, ଶେଷ ହେବା ଅବଧି : 26 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.01.06.2021 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ।ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-91/M/21-22



**ZILLA SWASTHYA SAMITI, NUAPADA**
**OFFICE OF THE CDM & PHO cum DMD, NUAPADA**
**DPMU, NATIONAL HEALTH MISSION**
E-mail: nhmnuapadanua@gmail.com; Phone: (06678)-223346

Notice No.: 2219/DPMU/NHM/2021 Date: 13.05.2021

**NOTICE - CONTRACTUAL APPOINTMENT**

No. E-91:- The Provisional Database of candidates applied for different post under NHM such as AYUSH MO (MHU & RBSK), Optometrist, Dental Technician, DPC (RNTCP) & Office Assistant with reference to the advertisement no. 4699/DPMU/NHM/2020 dated 23.12.2020 is prepared based on the documents submitted along with the application and uploaded in the district website www.nuapada.nic.in for information of the candidates. ***All eligible candidates for the post of AYUSH MO (MHU & RBSK), Optometrist, Dental Technician will be considered for further process. For the post of DPC (RNTCP) 10 candidates in order of their merit based on career assessment & for the post of Office Assistant 20 candidates in order of their merit based on career assessment will be called for further process.*** The candidates are advised to visit to the database and submit objections, if any on or before 26.05.2021 till 5 P.M. through Registered Post/Speed Post/ Courier Only and the envelope must be superscribed "Objection on Database for the Post of ______________". Objection received in any other mode and beyond 26.05.2021 will not be entertained. The database is purely provisional and subjet to change after further scrutiny. The documents which are not submitted along with the application will not be entertained. The compliance of the objections and final shortlisting will be uploaded in the district website by 7th of June 2021. So all caniddates are informed to visit the district website in regular interval.

**Sd./- CDM & PHO cum DMD, Nuapada**
OIPR-10055/11/0002/2122



**DISTRICT RURAL DEVELOPMENT AGENCY, SUBARNAPUR**
**TENDER CALL NOTICE**

No.CAD-274:- Sealed tenders are invited from reputed fimrs/agencies suppliers for supply Interactive Flat Panel Education Digital Board, Science Laboratory Table, Desk Bench & Play mounting including White Board & Green Board as per tender specifications (Vide Tender Call Notice No. 2505, 2507, 2509 & 2511 dated 11.05.2021) for High School Transformation under 5T initiative. The details tender documents can be obtained from the District website i.e. http://subarnapur.nic.in.

The authority reserves the right to accept or reject any or all tender without assigning any reason thereof.

**Sd./- Project Director**
**DRDA, Subarnapur**
OIPR-15013/11/0004/2122



**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O), E-mail: serifedodisha@gmail.com, Website: www.serifedodisha.in

Bid identification no:- VI-38(01)/SERIFED/2021-22/ 575/ DT.10.05.2021

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, from the registered contractors "C" and "B" experienced in execution of similar type of works for the 04 (Four) nos. of work at different place of odisha. The bid documents such as DTCN/ BOQ etc. can be seen/downloaded from the government website: **www.tendersodisha.gov.in** during the period **dt. 22.05.2021 to 17.00 hours up to dt. 05.06.2021.** Online bids will be **received till 17.00 hours dt. 05.06.2021** & will be opened **at 11.30 AM on Dt. 07.06.2021.** Any addendum / corrigendum / cancellation of tender can also be seen in the said website.

Sd/-
MANAGING DIRECTOR



**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O), E-mail: serifedodisha@gmail.com, Website: www.serifedodisha.in

Bid identification no:- VI-36(08)/SERIFED/2021-22/570/ DT.10.05.2021

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in double cover system in ONLINE MODE only, from the registered contractors ("B" & "A") experienced in execution of similar type of work for the work **"Firefighting Arrangement for Boyan Bhawan at Boyanika, Bhubaneswar".** The bid documents such as DTCN/BOQ etc. can be seen/downloaded from the government website : **www.tendersodisha.gov.in** during the period **dt. 18.05.2021 to 17.00 hours up to dt. 07.06.2021.** Online bids shall be **received till 17.00 hours dt. 07.06.2021** & shall be **opened at 11.30 AM on Dt. 08.06.2021.** Any addendum / corrigendum / cancellation of tender can also be seen in the said website.

Sd/-
MANAGING DIRECTOR



**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint venture)**
**Corporate Office; Burla-768017**

**NOTICE INVITING TENDER**

TP Western Odisha Distribution Limited invites tenders (2part bidding) from eligible vendors for the following packages:

1) **TPWODL/MN/O/SU/009– Rate Contract for Supply of Fire Extinguisher and Fire bucket.**

Interested bidders to submit Tender Participation Fee and Authorization Letter through email before **25th May 2021, 1500Hrs**, after which link from e-Tender system shall be shared.

For detailed tender documents of all tenders mentioned above, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd/- **Chief-Contracts and Stores**



**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LIMITED, NUAPADA**
**Phone: 9438200055, 9178795393, 9658244270**
**www.nuapada.nic.in (Website of the District)**

District Manager, Odisha State Civil supplies Corporation Ltd., Nuapada invites tenders through ONLINE MODE ONLY for the works below.

| Sl. No. | Particulars | | Tender No. & Date |
|---|---|---|---|
| 1 | Name of the Work | (i) Selection and appointment of Level-II Transport Contractor under Departmental Storage Operation for transportation of Food Grains from Rice Receiving Centre-cum-Departmental Storage Centre (RRC-cum-DSCs) to Retail Centres of the tagged unit in Nuapada district. | 1800 Dated: 13.05.2021 |
| | | (ii) Selection and appointment of Handling Contractor under Departmental Storage Operation for handling of Food Grains at Rice Receiving Centre-cum-Departmental Storage Centre (RRC-cum-DSCs) | 1801 Dated: 13.05.2021 |
| 2 | Availability of bid document in the portal | From 15.05.2021 | |
| 3 | Last date/time for receipt of bids in the portal | 30.05.2021 upto 1.00 P.M. | |
| 4 | Date/Time of Opening of Technical Bid | | |
| | (A) Handling Contractor | On Dt.02.06.2021 at 11.00 A.M. | |
| | (B) level-II Transport Contractor | On Dt.04.06.2021 at 11.00 A.M. | |
| 5 | Date/Time of Opening of Price Bid | To be notified after Technical Bid evaluation | |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website **www.nuapada.nic.in**. Amendments/Corrigendum/Cancellation/retenders etc. if any shall be published only in the above websites.

**Sd./- CSO-cum-District Manager**
**OSCSC Ltd., Nuapada**



**GOVERNMENT OF ODISHA**
**DISTRICT PROJECT OFFICE, SAMAGRA SIKSHYA, SUNDARGARH**
**E-mail ID: - dpcsndgssa.opepa@nic.in**
**"e"-Procurement Notice**
**Bid Identification No- DPC/SS/SNG/04 of 2020-21**
Letter No: -1400/Civil/ Date: -12/May/ 2021

| | | | |
|---|---|---|---|
| 1. | District Project Co-ordinator, Samagra Sikshya, Sundargarh on behalf of Governor of Odisha inviting percentage rate bid in Double cover system on ON-LINE mode from eligible contractors with valid licenses for "Improvement of Infrastructure (Civil +Electrical +PH +Renovation) in the Schools" as detailed in DTCN. | | |
| 2. | Nature of work | :- | Improvement of Infrastructure (Civil + Electrical + PH + Repair & Renovation) in the Schools. |
| 3. | No. of works | :- | 109 (One hundred Nine Nos). |
| 4. | Cost of tender paper | :- | Rs.10,000/- In 102 Projects & Rs.6,000/- In 7 Projects |
| 5. | Class of contractor | :- | "B" & "A" in 101 Projects / "C" & "B" in 6 Projects / "D" & "C" in 1 Project / "A" & "Special" in 1 project |
| 6. | Availability of bid document in the website | :- | From 10.00 hours of date - 17.05.2021 to 17.00 hours of date- 01.06.2021 |
| 7. | Date of opening of bid | :- | 11:00 A.M. on Dt. 02.06.2021 |
| 8. | The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum / corrigendum / cancellation of tender can also be seen in the said website only. | | |

**Sd./- Pramod Kumar Sarangi**
**District Project Co-ordinator,**
**Samagra Sikshya, Sundargarh**



**DISTRICT PROJECT OFFICE, SSA, SUNDARGARH**
No.1402/ TRB/ Date 12.05.2021

**SHORT TENDER CALL NOTICE**

Sealed quotations are invited from the reputed experienced offset printing firms having valid GSTN, PAN and DIC for printing of Multi Colour Poster on Corona Responsive Behaviour (CRB). The tender document should reach to the office of the udersigned through registered post or speed post only on or before Dt.20.05.2021 by 5 P.M. Tender document along with EMD Rs.10,000/- (Rupees ten thousand) only in shape of Demand Draft in favour of District Project Coordinator, Sarva Sikshya Abhiyan, Sundargarh should be submitted in the envelope duly mark on the top "Tender for printing of Multi Colour Poster on Corona Responsive Behaviour (CRB)" to the District Project Office, Sarva Sikshya Abhiyan, Infront of B.S. High School, Sundargarh, PIN- 770001. The details of the tender like, requirement, specification, term and condition etc. are available in district website www.sundergarh.nic.in. The tender will be opened on Dt.21.05.2021 at 10.00 A.M. in the Office Chamber of Collector-cum-Chairman, SS, Sundargarh in presence of all bidders or their authorized representatives. The authority reserves the right to amend, alter, modify or cancel any part or whole of the tender without assigning any reason thereof. In this regard further any clarification may contact to this office.

**Sd./- Collector-cum-Chairman**
**RTE-SS, Sundargarh**


See Career Appointment on every Wednesday & Saturday

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୪ ମେ, ୨୦୨୧

**୩ ବ୍ଲକରୁ ବ୍ୟାପକ ମଦ ଜବତ, ୨ ଗିରଫ**

ଖଡିଆଳ,(ଡି.ଏନ.ଏ.): ନୂଆପଡା ଜିଲା ଅବକାରୀ ବିଭାଗ ପକ୍ଷରୁ ୩ଟି ବ୍ଲକରେ ଚଢ଼ାଉ କରାଯାଇଛି। ୩ଟି ସ୍ଥାନରୁ ବିପୁଳ ପରିମାଣରେ ମଦ ଜବତ ହୋଇଥିବା ବେଳେ ୨ଜଣ ଗିରଫ ହୋଇଛନ୍ତି। ସିନାପାଲି ବ୍ଲକରେ ବ୍ୟାପକ ପରିମାଣରେ ମଦ ଜବତ କରିଥିବା ବେଳେ ଜଣେ ଗିରଫ ହୋଇଛନ୍ତି। ଖଡିଆଳ ବ୍ଲକ ଦୁଅଝର ସାଲେପଡାର ମାନିର୍ମ ମେହେରଙ୍କୁ ଗିରଫ କରାଯାଇ ୯ ଲିଟର ଜବତ ହୋଇଛି। ସେହିପରି ମହେଶ ପ୍ରସାଦ ଗୁପ୍ତାଠାରୁ ୬ ଲିଟର ମଦ ଜବତ ହୋଇଛି। ଗିରଫ ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ବିଭାଗ ଗୁଣଧର ମହାରଣାଙ୍କ ନେତୃତ୍ୱରେ ଏଏସଆଇ ରାମଚନ୍ଦ୍ର ଯାନୀ, ସରୋଜ କଟା, ପୁରୋହିତ ବନଛୋର, ରିତାଞ୍ଜଳି ଶବର ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ ।



## ସଂକ୍ଷେପରେ

### ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ଭାଇ**

ରିଷିଡା, ୧୩।୫ (ଡି.ଏନ.ଏ.): କଳାହାଣ୍ଡି ଜିଲା ରିଷିଡା ପୋଲିସ ଫାଣ୍ଡି ଅଧୀନ ରିଷିଡା-ପୌରକେଲା ରାସ୍ତାର ବରାମୁଣ୍ଡା ବ୍ରିଜ ତଳୁ ଗୁରୁବାର ଜଣେ ଯୁବକର ମୃତଦେହ ଜବତ ହୋଇଛି। ମୃତକ ହେଲେ ପୌରକେଲା ପଞ୍ଚାୟତ ତେରେକେଲା ଗ୍ରାମର ଶ୍ରୀକର ଧରୁଆ। ଗତ ବୁଧବାର ସନ୍ଧ୍ୟାରେ ପୌରକେଲା ଯାଇ ସେ ଆଉ ଘରକୁ ଫେରି ନ ଥିଲେ। ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ କେହି ତାଙ୍କୁ ହତ୍ୟାକରି ବ୍ରିଜ ତଳକୁ ପିଙ୍ଗି ଦେଇଥିବା ତାଙ୍କ ଭାଇ ବେଣୁ ଧରୁଆ ପୋଲିସରେ ଏତଲା ଦେଇଛନ୍ତି। ମ.ରାମପୁର ଥାନାଧିକାରୀ ସତ୍ୟନାରାୟଣ ପଧାନ, ରିଷିଡା ଫାଣ୍ଡି ଅଧିକାରୀ କ୍ଷୀସିନ୍ଧୁ ମାଝି, ସାଇଣ୍ଟିଫିକ୍ ଟିମ ତଦନ୍ତ ଆରମ୍ଭ କରିଛନ୍ତି। ଶ୍ରୀକର ଜଣେ ପ୍ରାକ୍ଟିସନର୍ ଥିଲେ। ଏଥିସହିତ ସେ ଗୌଡ ସମାଜର ଦେବତା କୁନ୍ଦାଦେଓ ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ଥିଲେ। ଏହାର ନିରପେକ୍ଷ ତଦନ୍ତ ପାଇଁ ଦାବି ହେଉଛି। ମ.ରାମପୁର ଥାନାରେ ଦଫା ୩୦୨, ୩୪ରେ ଏକ ମାମଲା (ନଂ. ୯୦/୨୧) ରୁଜୁ ହୋଇଛି ।

### ମହାମାରୀ କରୋନା ନେଇ କର୍ମୀଙ୍କୁ ସଚେତନ କଲେ ମନ୍ତ୍ରୀ

ଟିଟିଲାଗଡ଼, ୧୩।୫(ଡି.ଏନ.ଏ.): ମହାମାରୀ କରୋନା ସମୟରେ କିଭଳି ନିଜକୁ ରକ୍ଷା କରିବା ସହ ଅନ୍ୟମାନଙ୍କୁ ସୁରକ୍ଷିତ ରଖାଯାଇ ପାରିବ ସେ ନେଇ ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ଟିଟିଲାଗଡ ଏବଂ ସଇଁତଲା ବ୍ଲକର ବିଜେଡି କର୍ମୀଙ୍କ ସହ ଭର୍ଚୁଆଲି ଆଲୋଚନା କରିଥିଲେ। ବୈଠକରେ ଡା. ପ୍ରମୋଦ ବାରିକଙ୍କ ସହ ଚନ୍ଦ୍ରବଦନ ପୁରୋହିତ, ଯୁବ ବିଜେଡି ନେତା ନରେଶ ଅଗ୍ରୱାଲ, ସଇଁତଲା ବ୍ଲକ ସରପଞ୍ଚ ସଂଘ ସଭାପତି ହିମାଞ୍ଚଳ ବୁଡେକ, ବ୍ଲକ ବିଜେଡି ସଭାପତି ଦିଲୀପ ରାଜପାଲିଆ, ଟୁନୁ ରାଜପାଲିଆ, ଦଳର ଜିଲା ସାଧାରଣ ସମ୍ପାଦକ ଡୋଲାମଣୀ ଥପା ପ୍ରମୁଖ ଯୋଗଦେଇଥିଲେ।

### ଯୁବ ମଞ୍ଚ କଳାକାରଙ୍କ ପରଲୋକ




ଦେଓଗାଁ, ୧୩।୫(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ବାସିନ୍ଦା ତଥା ଯୁବ ମଞ୍ଚ କଳାକାର ରଞ୍ଜନ ସାହୁ(୩୫)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। କିଛିମାସ ପୂର୍ବରୁ ତାଙ୍କ ପିତା ପ୍ରମୋଦ ସାହୁଙ୍କ ପରଲୋକ ଘଟିଥିଲା । ରଞ୍ଜନ ଚନ୍ଦ୍ରପୁର ରାମଜୀ କଳା ପରିଷଦ ତରଫରୁ ରାବଣ, ମାରିଚ, ମନ୍ଥରା ଆଦି ଚରିତ୍ରରେ ନିଖୁଣ ଅଭିନୟ କରୁଥିଲେ । ଏଥିସହ ଜଣେ ସାମାଜିକ କର୍ମୀଭାବେ ପରିଚିତ ଥିଲେ । ନିକଟସ୍ଥ ସୋନଗଡ ନଦୀରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡଭାଇ ଶଙ୍କର ସାହୁ ମୁଖାଗ୍ନି ଦେଇଥିଲେ । ରଞ୍ଜନଙ୍କ ବିୟୋଗରେ ବ୍ଲକ ଅଧକ୍ଷା ରୀନା ମେହେର, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ଉମା ଶଙ୍କର ସିଂ, ଯୁବ ବିଜେଡି ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଯୁବନେତା ବିଶ୍ୱଜିତ ପାତ୍ର, ବ୍ଲକ କଳାକାର ସଂଘ ଉପସଭାପତି ସୁଦାମ ବିଶି, ଶରତ କୁମାର ପୁଟେଲ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି ।

### ନିଶାନପୁର ସରପଞ୍ଚଙ୍କ କରୋନାରେ ପରଲୋକ

ନର୍ଲା, ୧୩।୫ (ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ନିଶାନପୁର ପଞ୍ଚାୟତ ସରପଞ୍ଚ କ୍ଷମରାଜ ରଣାଙ୍କ କରୋନାରେ ପରଲୋକ ଘଟିଛି। ଏହି ଖବର ପରେ ନର୍ଲା ଅଞ୍ଚଳ ତଥା ନିଶାନପୁର ପଞ୍ଚାୟତରେ ଶୋକର ଛାୟାଖେଳିଯାଇଛି। ସ୍ୱର୍ଗତ ରଣା ନର୍ଲା ଅଞ୍ଚଳର ବରିଷ୍ଠ ତଥା ବିଜ୍ଞ ରାଜନୀତିଜ୍ଞଥିଲେ। ସେ ୪ ଥର ନିଶାନପୁର ପଞ୍ଚାୟତ ସରପଞ୍ଚ ରହି ପାନୀୟ ଜଳ ସମସ୍ୟା ଦୂର କରିବା ଏବଂ ହାଇସ୍କୁଲ ପ୍ରତିଷ୍ଠାତା ଦିଗରେ କାର୍ଯ୍ୟ କରିଛନ୍ତି। ତାଙ୍କ ବିୟୋଗରେ ବିଶିଷ୍ଟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି। ସୂଚନା ଯେ, ଗତ କିଛି ଦିନ ମଧ୍ୟରେ ନର୍ଲାର ପୂର୍ବତନ ସଭ୍ୟ କାର୍ତ୍ତିକ ଗୌଡିଆ ଏବଂ ପୂର୍ବତନ ଶିକ୍ଷକ ରୋହିତ ଅଗ୍ରୱାଲଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା ।

# ଦୁର୍ଦ୍ଦିନରେ ୩୯୦ ବୁଣାକାର ପରିବାର

ଦେଓଗାଁ, ୧୩।୫(ଡି.ଏନ.ଏ.)

**କରୋନା ଉଜାଡ଼ିଲା ବେଉସା**
- ବୁଣା ସାମଗ୍ରୀ ବିକ୍ରି କରିପାରୁ ନାହାନ୍ତି
- ଋଣ ଟଙ୍କା ଫେରାଇବା ଚିନ୍ତା ଘାରିଲା

ମହାମାରୀ କରୋନା ସମାଜର ସବୁବର୍ଗର ଲୋକଙ୍କ ଜୀବନ ଜୀବିକାକୁ ଗୁରୁତର ଭାବେ ପ୍ରଭାବିତ କରିଛି। ଏଥିରୁ ବାଦ୍ ପଡିନାହାନ୍ତି ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବୁଣାକାର ପରିବାର । ବ୍ଲକ ଅନ୍ତର୍ଗତ ଜରାସିଂହାର ତନ୍ତୁବାୟ ସହଯୋଗ ସମିତି, ବଡ ଡୁଙ୍ଗୁରିପାଲି ପାଟଖଣ୍ଡା ତନ୍ତୁବାୟ ସହଯୋଗ ସମିତି, କୁଲୁଆବାହାଲ ପଲ୍ଲିଶ୍ରୀ, ମୁରସିଂ ତନ୍ତୁବାୟ ସହଯୋଗ ସମିତି, ଅର୍ଡାର ପାଟଖଣ୍ଡା, ସିଆଲଯୋର ଓ ଫପସିର ବନଦୁର୍ଗା ତନ୍ତୁବାୟ ସହଯୋଗ ସମିତି ଅଧୀନ ୩୯୦ବୁଣାକାର ପରିବାର ଏବେ ଘୋର ଦୁର୍ଦ୍ଦିନ ମଧ୍ୟରେ କାଳାତିପାତ କରୁଛନ୍ତି। କରୋନା କଟକଣା ଯୋଗୁ କପଡା ଦୋକାନମାନଙ୍କର ସ୍ଥିତି ଦୋହଲି ପଡିଛି। ଫଳରେ ଏହି ବୁଣାକାର ପରିବାର ଘରେ ବୁଣି ରଖିଥିବା ସମ୍ବଲପୁରୀ ଶାଢ଼ି, ଲୁଙ୍ଗି, ଗାମୁଛା ଆଦିକୁ କୌଣସି ଦୋକାନୀ ନେଉନାହାନ୍ତି। ପୂର୍ବରୁ ଯେଉଁ ଗାମୁଛା


ମଙ୍ଗାଶାଳରେ ଜରାସିଂହାର ଜଣେ ବୁଣାକାର।

୩୫୦ଟଙ୍କାରେ ବିକ୍ରି କରୁଥିଲେ ଏବେ ତାକୁ ୨୫୦ଟଙ୍କାରେ ବିକ୍ରି କଲେ ମଧ୍ୟ ନେବାକୁ କେହିନାହାନ୍ତି। ଶାଢ଼ି, ଲୁଙ୍ଗିର ଚାହିଦା ମଧ୍ୟ କମିଯାଇଛି। କରୋନା କଟକଣା ପୂର୍ବରୁ ଏଠାକାର ବୁଣାକାରମାନେ ବରଗଡ, ବରପାଲି ଆଦି ଅଞ୍ଚଳରୁ ଉଧାରରେ ସୂତା କିଣି ବୁଣାବୁଣି କରିଥିଲେ। ଏବେ ପ୍ରସ୍ତୁତ ସାମଗ୍ରୀ ବିକ୍ରି ହୋଇ ନ ପାରିବାରୁ ଉଧାର ଟଙ୍କା କିପରି ଶୁଝିବା ସେହି ଚିନ୍ତାରେ ଅଛନ୍ତି । ଏହି ପରିସ୍ଥିତିରେ ଏହି କୁଟୀର ଶିଳ୍ପକୁ ଉଜ୍ଜୀବିତ ରଖିବା ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଜରାସିଂହା ତନ୍ତୁବାୟ ସହଯୋଗ ସମିତିର ପୂର୍ବତନ ସଭାପତି ମାର୍କଣ୍ଡ ମେହେର, ବୁଣାକାର ଶଶିଭୂଷଣ ମେହେର, ରାମ ମେହେର, ଗଣେଶ ମେହେର, ଚନ୍ଦ୍ରକେତୁ ମେହେର, ଧ୍ରୁବଲେଶ୍ୱର ମେହେର, କାର୍ତ୍ତିକ ମେହେର, ସଞ୍ଜୀବ ମେହେର, ବାଞ୍ଛାନିଧି ମେହେର, ନେତ୍ରାନନ୍ଦ ମେହେର, ମହାଦେବ ମେହେର ପ୍ରମୁଖ ଦାବି କରିଛନ୍ତି ।

# ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ

ସୋନପୁର, ୧୩।୫(ନି.ପ୍ର.)

**କଳାପଥର ଡାକ ପିଅନ ହତ୍ୟା ମାମଲା**

ସୋନପୁର ଥାନା କଳାପଥର ଗାଁର ଡାକ ପିଅନ ଶତ୍ରୁଘ୍ନ ଷାଣ୍ଢ(୫୫)ଙ୍କୁ ୨୦୧୯ ମାର୍ଚ୍ଚ ୧୯ ତାରିଖରେ ହତ୍ୟା କରାଯାଇଥିଲା। ହତ୍ୟା ପରେ ହତ୍ୟାକାରୀ ଶତ୍ରୁଘ୍ନଙ୍କ ମୃତଦେହକୁ ନିକଟସ୍ଥ ଜଙ୍ଗଲରେ ପକାଇ ଫେରାର ହୋଇଯାଇଥିଲେ। ଏହି ଘଟଣାକୁ ୨ବର୍ଷ ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି ପୋଲିସ। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ହୋଇଥିବାରୁ ଅତ୍ୟନ୍ତ ସତର୍କତାର ସହ ସମସ୍ତ ପ୍ରମାଣ, ହତ୍ୟାକାରୀଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଥିବା ପୋଲିସ ପୂର୍ବରୁ ସୂଚନା ଦେଇଥିଲା। ହେଲେ ହତ୍ୟାକାରୀ ଧରା ନ ପଡିବା ପୋଲିସର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଘଟଣା ଦିନ ଭୋର ୪ଟାରେ ଡାକ ପିଅନ ଶତ୍ରୁଘ୍ନ ନିକଟସ୍ଥ ବନ୍ଧକୁ ଶୌଚ ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ବନ୍ଧ ନିକଟ ଜଙ୍ଗଲରୁ ତାଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜବତ କରାଯାଇଥିଲା। ତାଙ୍କ ବାପାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ମୃତକଙ୍କ ପୁଅ ଗୁରୁଦେବ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୋନପୁର ପୋଲିସ ସନ୍ଧାନୀ କୁକୁର ଓ ଫରେନ୍‌ସିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପାରିପାର୍ଶ୍ୱିକ ଅବସ୍ଥା ଓ ଗ୍ରାମବାସୀଙ୍କ କହିବା ଅନୁସାରେ ହତ୍ୟାକାଣ୍ଡରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ଥିବା ଏବଂ ସମ୍ପତି ଲୋଭରୁ ଏହି ହତ୍ୟାକାଣ୍ଡ ଘଟିଥିବା ସେତେବେଳେ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ସୋନପୁର ଆଇଆଇସି ପୁଷ୍ପେନ୍ଦୁ ସାଗର କୁହନ୍ତି, ମାମଲାର ତଦନ୍ତ ଚାଲିଛି । ବିଳମ୍ବ ହେଲେ ମଧ୍ୟ ଅଭିଯୁକ୍ତଙ୍କୁ ନିଶ୍ଚିତ ଗିରଫ କରାଯିବ।

# ଲୁଚାଉଛନ୍ତି ରୋଗ, ନିଜେ ଖାଉଛନ୍ତି ଔଷଧ

ବଲାଙ୍ଗୀର ଅଫିସ, ୧୩।୫

- ବଲାଙ୍ଗୀର ଜିଲାରେ କରୋନାର ସାଂଘାତିକ ସ୍ଥିତି
- ଅକ୍ସିଜେନ୍ କମିବା ପରେ ଆସୁଛନ୍ତି ହସ୍ପିଟାଲ

ବଲାଙ୍ଗୀର ଜିଲାରେ କରୋନା ଦ୍ୱିତୀୟ ଲହର ସାଂଘାତିକ ଅବସ୍ଥା ସୃଷ୍ଟି କରିଛି। ଜିଲା ପ୍ରଶାସନ ତଥ୍ୟ ଅନୁଯାୟୀ ଜିଲାରେ ପ୍ରତିଦିନ ପ୍ରାୟ ୧୭ଶହ ଆଣ୍ଟିଜେନ୍ ଓ ପ୍ରାୟ ୩ଶହ ଆରଟିପିସିଆର ଟେଷ୍ଟ କରାଯାଉଛି। ତେବେ ଜିଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏବେ ଏକ ନୂଆ ସମସ୍ୟା ମୁଣ୍ଡ ଟେକିଲାଣି। ମିଳିଥିବା ତଥ୍ୟ ଅନୁଯାୟୀ ଏବେ ଅନେକ ଗାଁରେ ବହୁ ସଂଖ୍ୟକ ଲୋକଙ୍କୁ ଜ୍ୱର, ସର୍ଦ୍ଦି, କାଶ ସମସ୍ୟା ଦେଖାଯାଉଛି । ଏଭଳି ବ୍ୟକ୍ତିମାନେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପରିବର୍ତ୍ତେ ନିଜେ ନିଜର ଡାକ୍ତର ସାଜି ମନଇଚ୍ଛା ଔଷଧ ଖାଉଛନ୍ତି। ଏଥିରେ ସ୍ଥାନୀୟ ଔଷଧ ଦୋକାନୀ ଓ କ୍ୱାକ୍‌ଙ୍କ ବଡ ଭୂମିକା ଦୃଷ୍ଟିଗୋଚର ହୋଇଛି। ଗ୍ରାମାଞ୍ଚଳରେ କରୋନା ପଜିଟିଭ ଚିହ୍ନଟ ହେଲେ ଲୋକେ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ଏଭଳିକି ସାମାଜିକ ବାସନ୍ଦ ଭଳି ବ୍ୟବହାର କରୁଛନ୍ତି । ଯେଉଁମାନେ ପଜିଟିଭ ଚିହ୍ନଟ ହୋଇଛନ୍ତି ସେମାନଙ୍କୁ ସହଯୋଗ କରିବା ପରିବର୍ତ୍ତେ ଘୃଣା କରାଯାଉଛି। ଫଳରେ ଅଧିକାଂଶ ଲୋକ ଜ୍ୱର, ସର୍ଦ୍ଦି, କାଶ ଓ ଅନ୍ୟ ଲକ୍ଷଣ ଥିଲେ ମଧ୍ୟ ସ୍ଥାନୀୟ ଔଷଧ ଦୋକାନୀ, କ୍ୱାକ୍‌ଙ୍କଠାରୁ ଔଷଧ ଖାଇଦେଉଛନ୍ତି। ଅନ୍ୟପକ୍ଷେ ପଜିଟିଭ ଚିହ୍ନଟ ହୋଇ ନ ଥାଇ କରୋନା ସଂକ୍ରମିତଙ୍କୁ ଦିଆଯାଉଥିବା ଔଷଧ ଖାଇ ଦେଉଥିବାରୁ ଆଗକୁ ସାଂଘାତିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ଭୟ ଦେଖାଦେଲାଣି।

ଗ୍ରାମାଞ୍ଚଳରେ କରୋନା ଟେଷ୍ଟର ସୁବିଧା ନାହିଁ। ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ମୋବାଇଲ ଟେଷ୍ଟିଂ ଟିମ୍ ଗଠନ କରାଯାଇଥିଲେ ମଧ୍ୟ ଏମାନେ ଗ୍ରାମାଞ୍ଚଳର ଲକ୍ଷଣ ଥିବା ଲୋକଙ୍କ ପାଖରେ ସମୟରେ ପହଞ୍ଚି ପାରୁନାହାନ୍ତି। ଯେଉଁ ସ୍ଥାନରେ ପହଞ୍ଚୁଛନ୍ତି ସେଠାରେ ଲୋକେ ସାମାଜିକ ବାସନ୍ଦ ଭୟରେ ଟେଷ୍ଟିଂ କରିବାକୁ ରାଜି ହେଉ ନ ଥିବା ପରିସ୍ଥିତି ସୃଷ୍ଟି ହୋଇଛି । ଏଭଳି ସ୍ଥିତିରେ ଗ୍ରାମାଞ୍ଚଳରେ ଦ୍ରୁତଗତିରେ ସଂକ୍ରମଣ ବଢୁଛି, ଠିକଣା ସମୟରେ ସଂକ୍ରମିତଙ୍କ ଚିକିତ୍ସା କରାଯାଇ ପାରୁନାହିଁ। ଅନେକ ରୋଗୀ ଅକ୍ସିଜେନ୍ କମିବା ସମସ୍ୟା ଦେଖାଦେବା ପରେ ଯାଇ ହସ୍ପିଟାଲ ଆସୁଛନ୍ତି । ଫଳରେ ସେମାନଙ୍କ ଚିକିତ୍ସା ଜଟିଳ ହେଉଛି ଓ ଅନେକ ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି। ସିଡିଏମ୍‌ଓ ଡା. ଭୀମ ସାହୁଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ରୋଗ ଲୁଚାଇବା ଓ ଡାକ୍ତରଙ୍କ ପରାମର୍ଶ ନନେଇ ନିଜେ ଔଷଧ ଖାଇବା ଆଦୌ ଠିକ୍ ନୁହେଁ । ଏଦିଗରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଲୋକଙ୍କୁ ସଚେତନ କରାଯିବା ସତ୍ତ୍ୱେ ଏଭଳି ପଦକ୍ଷେପ ନେବା ଦୁର୍ଭାଗ୍ୟଜନକ । ଏବେ ଜିଲାରେ ପ୍ରତିଦିନ ୨ ହଜାର କରୋନା ଟେଷ୍ଟ କରାଯାଉଛି। ଜିଲାର ଲୋକେ ମୋବାଇଲ ଟେଷ୍ଟିଂ ଟିମ୍ ଓ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶରେ ହିଁ ଔଷଧ ସେବନ କରିବାକୁ ସେ କହିଛନ୍ତି।

### ସଫେଇ କର୍ମଚାରୀଙ୍କୁ ଏନ୍ ୯୫ ମାସ୍କ ବଣ୍ଟନ

ବଲାଙ୍ଗୀର ଅଫିସ, ୧୩।୫

କରୋନା ସମୟରେ ଏବେ ଏନ୍ ୯୫ ଓ ଡବଲ୍ ମାସ୍କ ପରିଧାନ କରିବାକୁ ପରାମର୍ଶ ଦିଆଯାଉଛି। ଏହାକୁ ଆଖି ଆଗରେ ରଖି ନଅଗାଁର ସ୍ୱେଚ୍ଛାସେବୀ ସଙ୍ଗଠନ ପଲ୍ଲୀ ଆଲୋକ ପାଠାଗାର ପକ୍ଷରୁ ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କୁ ୪୦୦ ଏନ୍୯୫ ଏବଂ ୬୦୦ଟି ସର୍ଜିକାଲ ମାସ୍କ ପ୍ରଦାନ କରାଯାଇଛି । ଅନୁଷ୍ଠାନ ସମ୍ପାଦକ ପ୍ରଶାନ୍ତ ନାୟକ, କାର୍ଯ୍ୟକ୍ରମ ସଂଯୋଜକ ହୀରାଲାଲ ମିଶ୍ର, ଭାଗିରଥି ସାହୁ ପ୍ରମୁଖ ମାସ୍କ ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ପ୍ରୋତ୍ସାହନ ରାଶିର ଅଧାଟଙ୍କା ନେଇଯାଉଛନ୍ତି ଠିକାଦାର

ଲାଠୋର, ୧୩।୫(ଡି.ଏନ.ଏ.)

ଚାରିମାସ ମଧ୍ୟରେ ଆବାସ ଯୋଜନା ବାସଗୃହ ସମ୍ପୂର୍ଣ୍ଣ କରୁଥିବା ହିତାଧିକାରୀଙ୍କୁ ସରକାର ପ୍ରୋତ୍ସାହନ ରାଶି ବାବଦକୁ ୨୦ହଜାର ଟଙ୍କା ପ୍ରଦାନ କରୁଛନ୍ତି। ହେଲେ ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ପତ୍ରାପାଲି ଗ୍ରାମରେ ହିତାଧିକାରୀଙ୍କଠାରୁ ଠିକାଦାର ପ୍ରୋତ୍ସାହନ ରାଶିର ଅଧାଟଙ୍କା ନେଇ ଯାଉଥିବା ଭଳି ଅଭିଯୋଗ ଆସିଛି। ପତ୍ରାପାଲିର ୧୧ଜଣ ହିତାଧିକାରୀ ଚାରି ମାସ ମଧ୍ୟରେ ଆବାସ ଯୋଜନାରେ ପାଇଥିବା ବାସଗୃହ ସମ୍ପୂର୍ଣ୍ଣ କରି ୨୦ହଜାର ଲେଖାଏ ପ୍ରୋତ୍ସାହନ ରାଶି ପାଇବାକୁ ଯୋଗ୍ୟ ହୋଇଥିଲେ। ହେଲେ ସେମାନଙ୍କ ବାସଗୃହ ନିର୍ମାଣ କରିଥିବା ଠିକାଦାର ପ୍ରୋତ୍ସାହନ ବାବଦ ଅର୍ଥର ଅଧାଟଙ୍କା ନେଇ ଯାଇଥିବା ମକଶିର ଜାଲ, ଧ୍ରୁବଲେ କେତକୀ, ଲୋକନାଥ କେତକୀ, ଟଙ୍କ ଶଗଡିଆ, ସାଧୁ ଶଗଡିଆ, ସନ୍ତୋଷ ବନଛୋର, ଘାସିରାମ ବନଛୋର ପ୍ରମୁଖ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଠିକାଦାର କୌଣସି ହିତାଧିକାରୀଙ୍କଠାରୁ ଟଙ୍କା ନେଇ ନ ଥିବା କହିଛନ୍ତି। ଟଙ୍କପାଣି ପଞ୍ଚାୟତ ସରପଞ୍ଚ ଉତ୍ତର କୁମାର ଭୋଇ ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ପୋଲାମ ଗ୍ରାମ କଣ୍ଟେନମେଣ୍ଟ ଜୋନ


ଗାଁ ମୁଣ୍ଡରେ ବାଉଁଶ ବନ୍ଧାଯାଇଛି ।

ବାଉଁଶୁଣୀ, ୧୩।୫ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ପୋଲାମ ଗ୍ରାମରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ି ଚାଲିଛି। ଏହି ସଂକ୍ରମଣ ଆଖପାଖ ଗ୍ରାମକୁ ଯେପରି ନ ବ୍ୟାପେ ସେଥିପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସରପଞ୍ଚ ମିତ୍ରଭାନୁ ପ୍ରଧାନ ଗୁରୁବାରଠାରୁ ୧୮ ତାରିଖ ପର୍ଯ୍ୟନ୍ତ ପୋଲାମ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ଏଥିପାଇଁ ଗାଁ ମୁଣ୍ଡରେ ବାଉଁଶ ବନ୍ଧାଯାଇ ସିଲ୍ କରାଯାଇଛି। ଏହି ସମୟରେ ସ୍ୱାସ୍ଥ୍ୟସେବା ପାଇଁ ଜନସାଧାରଣ କେବଳ ବାହାରକୁ ବାହାରି ପାରିବେ। ୧୮ ତାରିଖ ପର୍ଯ୍ୟନ୍ତ ବାହାର ଗାଁର ଲୋକ ପୋଲାମ ଗ୍ରାମକୁ ଓ ପୋଲାମ ଗ୍ରାମରୁ ଅନ୍ୟ ଗ୍ରାମକୁ ନ ଯିବା ପାଇଁ ଡାକବାଜି ଯନ୍ତ୍ର ଜରିଆରେ ଘୋଷଣା କରାଯାଇଛି। ଏହାକୁ ଅବମାନନା କଲେ କୋଭିଡ– ୧୯ ଆଇନ୍ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ସତର୍କ କରି ଦିଆଯାଇଛି।

# ନାବାଳିକା ବିବାହ ବନ୍ଦ କଲା ପ୍ରଶାସନ

ଲୋଇସିଂହା, ୧୩।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲପୁର ବ୍ଲକ ଡୁଡୁକା ଗ୍ରାମର ଜଣେ ନାବାଳିକାଙ୍କ ବିବାହ ବରଗଡ ଜିଲା ସମଲେଇପଦର ଗ୍ରାମରେ ଆସନ୍ତା ୨୫ତାରିଖରେ ହେବାକୁ ସ୍ଥିର ହୋଇଥିଲା। ଚାଇଲ୍ଡ ଲାଇନ ଓ ପ୍ରଶାସନ ଏହାକୁ ବନ୍ଦ କରିଛି। ଗୁରୁବାର ବାଲ୍ୟ ବିବାହ ନିଷେଧ ଅଧିକାରୀ ଜ୍ୟୋତିମୟୀ ନାଏକଙ୍କ ନେତୃତ୍ୱରେ ମହିଳା ପର୍ଯ୍ୟବେକ୍ଷିକା ସୁଦେଷ୍ଣା ମେହେର,ପଦ୍ମିନୀ ପାତ୍ର ଚାଇଲ୍ଡ ଲାଇନ ସଦସ୍ୟ ପରେଶ ସୁନା, ରଶ୍ମିମୟା ନାଗ, ସ୍ଥାନୀୟ ସରପଞ୍ଚ ମନ୍ଦୋଦରୀ ବିଶ୍ୱାଳ, ୱାର୍ଡସଭ୍ୟ କମଳ ବିଶ୍ୱାଳ, ଅଙ୍ଗନବାଡ଼ି କର୍ମୀ ଯାଜ୍ଞସିନୀ ଅଦାବରିଆ, ପୁଷ୍ପାଞ୍ଜଳି ପୁଟେଲ, ଆଶାକର୍ମୀ ଶ୍ରୀୟାକାନ୍ତୀ ବାରିକ, ନିଳାବତୀ ପଟେଲ ଓ ସ୍ଥାନୀୟ ପୋଲିସକୁ ନେଇ ଗଠିତ ଟିମ୍ ନାବାଳିକାଙ୍କ ଘରକୁ ଯାଇଥିଲେ। ନାବାଳିକା ବିବାହର ଆଇନଗତ ଦିଗ କୁପରିଣାମ ବିଷୟରେ ଉକ୍ତ ଟିମ ସେମାନଙ୍କୁ ବୁଝାଇଥିଲେ । ଏହାପରେ ପରିବାର୍ଗ ୧୮ବର୍ଷ ନପୂରିବା ଯାଏ ଝିଅକୁ ବାହା ନଦେବାକୁ ସହମତି ପ୍ରକାଶ କରିଥିବା ଚାଇଲ୍ଡଲାଇନ ସଦସ୍ୟ ସୂଚନା ଦେଇଛନ୍ତି।

# ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର

କୋକସରା, ୧୩।୫ (ଡି.ଏନ.ଏ.)

କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ କୋଭିଡ୍ ସମ୍ମୁଖ ଯୋଦ୍ଧା ମାନ୍ୟତା ଦାବିରେ ଗୁରୁବାର ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ପୁରୁଷୋତ୍ତମ ଧରୁଆଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କୋଭିଡ୍ କାର୍ଯ୍ୟରେ ନିୟୋଜିତ ପୂର୍ବରୁ ସମ୍ମୁଖ ଯୋଦ୍ଧା ମାନ୍ୟତା ପ୍ରଦାନ କରିବା, କୋଭିଡ୍ କାର୍ଯ୍ୟ କରୁଥିବା ସମୟରେ ଯେଉଁ ଶିକ୍ଷକଶିକ୍ଷୟିତ୍ରୀ ମୃତ୍ୟୁବରଣ କଲେ ସେମାନଙ୍କ ପରିବାରକୁ ୫୦ ଲକ୍ଷ ସହାୟତା ରାଶି ସହ ପରିବାରର ଜଣଙ୍କୁ ସରକାରୀ ଚାକିରୀ ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ସମୟରେ କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଭୁରିଶ୍ରବା ଜାଲ, ଶିକ୍ଷକ ବୈକୁଣ୍ଠ ଜାଲ, ସୁବାସ ଚନ୍ଦ୍ର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# କରୋନାରୁ ମୁକ୍ତି ପାଇଁ ଦେବଦେବୀଙ୍କ ଶରଣ ପଶିଲେ

କୋକସରା, ୧୩।୫ (ଡି.ଏନ.ଏ.)

କରୋନା ସଂକ୍ରମଣ ଭୟରେ ଲୋକେ ଘରୁ ବାହାରୁନାହାନ୍ତି। ଘରେ ଘରେ ଜ୍ୱର, ଥଣ୍ଡା ପୀଡିତ ହେଲେ ବାସନ୍ଦ ଭୟରେ କେହି କୋଭିଡ୍ ପରୀକ୍ଷା ପାଇଁ ମଧ୍ୟ ଯାଉନାହାନ୍ତି। ଗାଁର କବିରାଜ କିମ୍ବା କ୍ୱାକ ଭରସାରେ ଚିକିତ୍ସିତ ହେଉଛନ୍ତି। ଏଭଳି ସମୟରେ କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ବୋବରିଆ ଗ୍ରାମରେ କରୋନା ମହାମାରୀକୁ ପ୍ରତିହତ ପାଇଁ ଗ୍ରାମ ଦେବଦେବୀଙ୍କ ଉପରେ ଗ୍ରାମବାସୀ ଶରଣ ପଶିଛନ୍ତି। ଗତ ୩ ଦିନ ହେବ ଗ୍ରାମବାସୀ ଜାଗର ଜାଳି ମାନସିକ କରିଛନ୍ତି। ଗ୍ରାମର ମା’ ଠାକୁରାଣୀ, ଲଙ୍କେଶ୍ୱରୀ,


କରୋନାରୁ ମୁକ୍ତି ପାଇଁ ଦେବଦେବୀଙ୍କ ପୂଜା କରାଯାଉଛି।

ମା’ ପରଦେଶୀଆଣି, ବାବା କାଳେଶ୍ୱରଙ୍କ ନିକଟରେ ଗ୍ରାମବାସୀ ଶରଣ ପଶିଛନ୍ତି। ଗ୍ରାମବାସୀଙ୍କ ବିଶ୍ୱାସ ରହିଛି କରୋନାରୁ ଦେବଦେବୀ ହିଁ ରକ୍ଷା କରିପାରିବେ। ଗ୍ରାମର ଗୌନ୍ତିଆ ରୋହିତ ମାଝିଙ୍କ ତତ୍ତ୍ୱାବଧାନରେ ଦେବୀଙ୍କ ପୂଜକ ପୁରନ୍ଦର ପୂଝାରୀ, ଶିରା ସୁରେନ୍ଦ୍ର ମାଝିଙ୍କ ସମେତ ଗ୍ରାମବାସୀ ଦେବଦେବୀଙ୍କ ଶରଣାପନ୍ନ ହୋଇଛନ୍ତି ।

# କାଳବୈଶାଖୀ ବର୍ଷାରେ ରାସ୍ତା ଜଳାର୍ଣ୍ଣବ

ରିଷିଡା, ୧୩।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାରେ ଗୁରୁବାର ଅପରାହ୍ଣରେ କାଳବୈଶାଖୀ ବର୍ଷା ହୋଇଯାଇଛି। ବର୍ଷାରେ ରାସ୍ତାଗୁଡିକ ଜଳାର୍ଣ୍ଣବ ହୋଇଯାଇଛି। ଡ୍ରେନଗୁଡିକ ପୋତି ହୋଇଯାଇଥିବା ଯୋଗୁ ଡ୍ରେନଗୁଡିକର ପାଣି ରାସ୍ତାରେ ଛୁଟିଥିଲା। ରାସ୍ତାରେ ଆବର୍ଜନା, ପଲିଥିନଗୁଡିକ ପଡିରହିଛି।


ରିଷିଡାରେ ବର୍ଷାରେ ନର୍ଦ୍ଦମା ଜଳ ପ୍ରବାହିତ ହେଉଛି ।

# କାଳବୈଶାଖୀ: ମଉଳୁଛି ଚାଷୀଙ୍କ ଆଶା

ଦେଓଗାଁ, ୧୩।୫(ଡି.ଏନ.ଏ.)

**ଦେଓଗାଁ ବ୍ଲକ**
- କ୍ଷେତରେ ଲୋଟିଲା ପାଚିଲା ଧାନ
- ପନିପରିବା ଚାଷ ବି ଉଜୁଡିଲା

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଗୁରୁବାର କାଳବୈଶାଖୀଜନିତ ପବନ ବର୍ଷା ଚାଷୀକୂଳକୁ ଚିନ୍ତାରେ ପକାଇଛି। ମଙ୍ଗଳବାର ବର୍ଷା ପବନରେ ରବିଧାନ ଓ ପନିପରିବା ଫସଲ ନଷ୍ଟ ହୋଇଥିବାବେଳେ ଗୁରୁବାରର ଝଡବର୍ଷା ଅଶେଷ କ୍ଷତି ପହଞ୍ଚାଇଛି। ବ୍ଲକ ଅନ୍ତର୍ଗତ ଦେଓଗାଁ, ଅର୍ଜୁନପୁର, ଗୌରଗୋଠ, ଆମ୍ବଦହନ, ରତାଖଣ୍ଡି ଅଞ୍ଚଳରେ ଶତାଧିକ ଚାଷୀଙ୍କ ଅମଳକ୍ଷମ ଧାନ ଚାଷ କ୍ଷତଗ୍ରସ୍ତ ହୋଇଛି । ଧାନଗଛ କିଆରିରେ ଲୋଟି କାନ୍ଦିଭିଜି ନଷ୍ଟ ହୋଇଛି। ଯେଉଁ ଚାଷୀ ଧାନ କାଟି ପେଟା ଆକାରରେ ରଖିଥିଲେ ସେମାନଙ୍କ ଧାନ ଗଜା ହେବା ସହ


ଗୌରଗୋଠରେ ଜଣେ ଚାଷୀ କ୍ଷତି ହୋଇଥିବା ଧାନକୁ ଦେଖାଉଛନ୍ତି ।

ବେରଙ୍ଗ ହୋଇଯାଇଛି । ଧାରକରଜ କରି ଉଠିଆ କରିଥିବା ଫସଲ ନଷ୍ଟ ହୋଇଯିବା ଦ୍ୱାରା ଏବେ ଋଣ ପରିଶୋଧ ଚିନ୍ତାରେ ଥିବା ଗାଁର ବାଲ୍ମିକ ରଣା, ଲଗ୍ନା ରଣା, ହଳଧର ରଣା, ପୁରନ୍ଦର ଭୋଇ, ନୀଳମଣି ଭୋଇ, ଜୀବର୍ଦ୍ଧନ ଭୋଇ, ଧୁର୍ମନ ରଣା, ଭରତ ରଣା, ଅଭି ରଣା, ମୟ ରଣା, ବଦ୍ରି ରଣା, ତପିର ରଣା, ଆଲୋକ ଭୋଇ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି । ସେହିପରି କୁହିମୁଣ୍ଡା, ରେଙ୍ଗାଲି, ଫଟାମୁଣ୍ଡା, ଉଡାର ତଥା ଆଖପାଖ ଅଞ୍ଚଳରେ ହୋଇଥିବା ପନିପରିବା ଚାଷ ଅଦିନିଆ ଝଡବର୍ଷାରେ ନଷ୍ଟ ହୋଇଯାଇଛି। ଏ ନେଇ ଦେଓଗାଁ ବ୍ଲକ କୃଷି ଅଧିକାରୀ ବିପିନ ବିହାରୀ ଉଦ୍‌ଗାତାଙ୍କୁ ପଚାରିବାରୁ ବର୍ଷା ଓ କାଳବୈଶାଖୀ ଯୋଗୁଁ ରବିଚାଷ ନଷ୍ଟ ହୋଇଥିବା ଖବର ମିଳିଛି। କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ ପରେ କେତେ ନଷ୍ଟ ହୋଇଛି ଜଣାପଡିବ ବୋଲି କହିଛନ୍ତି।